NITIDIN

# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

THURSDAY
12 FEBRUARY 2026
ଗୁରୁବାର
୧୨ ଫେବୃଆରୀ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 267 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୧ • ସଂଖ୍ୟା ୨୬୭ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର

ପୃଷ୍ଠା ୩ ଏକାତ୍ମମାନବବାଦ ଗରିବଙ୍କ ଉତ୍ଥାନ ପାଇଁ ସର୍ବଶ୍ରେଷ୍ଠ ମଡେଲ୍
ପୃଷ୍ଠା ୪ ଚୀନ୍-ତାଇୱାନ୍ ଯୁଦ୍ଧ ଆଶଙ୍କା ବଢ଼ିଲା
ପୃଷ୍ଠା ୮ ଟି-୨୦ ବିଶ୍ୱକପ: ଆଜି ନାମିୟାକୁ ଭେଟିବ ଭାରତ

# ଆଜି ଭାରତ ବନ୍ଦ

**ଭୁବନେଶ୍ୱର, ୧୧।୨/ଏନ୍ଏନ୍ଏସ୍:**



ଆସନ୍ତାକାଲି ଅର୍ଥାତ ଗୁରୁବାର ୧୨ ଘଣ୍ଟିଆ ଭାରତ ବନ୍ଦ। ବନ୍ଦ ହେବ ଦୋକାନ ବଜାର, ଗଡ଼ିବନି ଗାଡ଼ି ! କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ବିରୋଧୀ ନୀତି ପ୍ରତିବାଦରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନର ମିଳିତ ମଞ୍ଚ ପକ୍ଷରୁ ଗୁରୁବାର ୧୨ଘଣ୍ଟିଆ ଧର୍ମଘଟ ଓ ହରତାଳ ଡାକରା ଦିଆଯାଇଛି। ଏହି ୧୨ଘଣ୍ଟିଆ ଧର୍ମଘଟକୁ ଓଡ଼ିଶାରେ ଶ୍ରମିକ ସଂଗଠନଗୁଡ଼ିକର ରାଜ୍ୟ ଶାଖା ସମେତ ବିଜେଡି, କଂଗ୍ରେସ ଓ ବାମଦଳଗୁଡ଼ିକ ସମର୍ଥନ ଦେଉଥିବାରୁ ରାଜ୍ୟବ୍ୟାପୀ ଏହି 'ବନ୍ଦ'ର ପ୍ରଭାବ ଅନୁଭୂତ ହେବାର ଆଶଙ୍କା ରହିଛି। ଭାରତ ବନ୍ଦର ପ୍ରଭାବ ଅନେକ ରାଜ୍ୟକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି। ଯେପରିକି ବ୍ୟାଙ୍କ, ପରିବହନ ସେବା ଓ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ କାର୍ଯ୍ୟ ବାଧାପ୍ରାପ୍ତ ହେବା ଆଶଙ୍କା କରାଯାଉଛି। କେବଳ ଏତିକି ନୁହେଁ, ବନ୍ଦ ପାଳନରେ ୩୦ କୋଟିରୁ ଅଧିକ ଶ୍ରମିକ ସାମିଲ ହେବେ ବୋଲି ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଦାବି କରାଯାଉଛି। ତେଣୁ ସାରା ଦେଶରେ ତାଲା ପଡ଼ିବା ସହ ଅଖଚକ ବନ୍ଦ ହେବା ଏକ ପ୍ରକାର ସ୍ପଷ୍ଟ ବୋଲି କୁହାଯାଉଛି। କେନ୍ଦ୍ର ସରକାରଙ୍କ ▶▶ ୫

# ଏଣିକି 'ଜନ ଗଣ ମନ' ପୂର୍ବରୁ 'ବନ୍ଦେ ମାତରମ୍'

**ନୂଆଦିଲ୍ଲୀ, ୧୧।୨/ଏଜେନ୍ସି:**



**ନୂତନ ନିର୍ଦ୍ଦେଶାବଳୀ ଜାରି କଲା କେନ୍ଦ୍ର**
**ଗାନ କରିବାକୁ ହେବ ସମସ୍ତ ୬ଟି ଛନ୍ଦ**
**ଗାଇବାବେଳେ ଛିଡ଼ା ହେବା ବାଧ୍ୟତାମୂଳକ**
**ଜାତୀୟ ସଙ୍ଗୀତ ପରେ ସ୍କୁଲ୍‌ରେ ଆରମ୍ଭ ହେବ ପାଠପଢ଼ା**
**ନୂଆ ନିୟମରୁ ସିନେମା ହଲ୍ ମୁକ୍ତ**

କେନ୍ଦ୍ର ସରକାର ଜାତୀୟ ଗୀତ 'ବନ୍ଦେ ମାତରମ୍' ସମ୍ପର୍କରେ ନୂତନ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ଗୃହ ମନ୍ତ୍ରଣାଳୟ ନିଜ ଆଦେଶରେ ଉଲ୍ଲେଖ କରିଛି ଯେ 'ବନ୍ଦେ ମାତରମ୍' ଏବେ ସମସ୍ତ ସରକାରୀ କାର୍ଯ୍ୟକ୍ରମ, ସ୍କୁଲ ଏବଂ ଅନ୍ୟାନ୍ୟ ଆନୁଷ୍ଠାନିକ କାର୍ଯ୍ୟକ୍ରମ ଅବସରରେ ପରିବେଷଣ କରାଯିବ। ସେହିପରି ଜାତୀୟ ସଂଗୀତ 'ଜନ ଗଣ ମନ' ପରି ଜାତୀୟ ଗୀତ 'ବନ୍ଦେ ମାତରମ୍' ଗାନ କରାଯିବା ସମୟରେ ମଧ୍ୟ ଛିଡ଼ା ରହିବାକୁ ବାଧ୍ୟତାମୂଳକ କରାଯାଇଛି। ସରକାରଙ୍କ ନୂତନ ନିୟମ ଅନୁଯାୟୀ, ବନ୍ଦେ ମାତରମ୍‌ରେ ଥିବା ସମସ୍ତ ୬ଟି ଯାକ ପଦ୍ୟାଂଶକୁ ଏକାଥରକେ ବା ସାମୂହିକ ଭାବେ ଗାନ କରାଯିବ। କୌଣସି ପରିସ୍ଥିତିରେ ମଧ୍ୟରେ ଏହାକୁ ଅଧା ଗାନ କରାଯିବ ନାହିଁ। ବନ୍ଦେ ମାତରମ୍ ଗାନ ପାଇଁ ମୋଟ ସମୟ ଅବଧି ୩ ମିନିଟ୍ ୧୦ ସେକେଣ୍ଡ (୧୯୦ ସେକେଣ୍ଡ) ଧାର୍ଯ୍ୟ କରାଯାଇଛି। ଆଜି ପର୍ଯ୍ୟନ୍ତ, ମୂଳ ଗୀତର କେବଳ ପ୍ରଥମ ଦୁଇଟି ପଦ ହିଁ ପ୍ରାୟତଃ ଗାନ କରାଯାଇଆସୁଥିଲା। ଯଦିଓ ଏହି ନିର୍ଦ୍ଦେଶ ସରକାରଙ୍କ ପକ୍ଷରୁ ଗତ ଜାନୁଆରୀ ୨୮ ତାରିଖରେ ହିଁ ଜାରି କରାଯାଇଥିଲା, କିନ୍ତୁ ଗଣମାଧ୍ୟମ ଫେବୃଆରୀ ୧୧ ତାରିଖରେ ଏହା ରିପୋର୍ଟ କରିଛି।

ସମ୍ବାଦ ସରବରାହ ସଂସ୍ଥା ପିଟିଆଇ ଅନୁଯାୟୀ, ଗୃହ ମନ୍ତ୍ରଣାଳୟ ପକ୍ଷରୁ ଜାରି ଆଦେଶନାମାରେ ସ୍ପଷ୍ଟ ଭାବରେ ଉଲ୍ଲେଖ ଅଛି ଯେ ଯଦି ଜାତୀୟ ଗୀତ 'ବନ୍ଦେ ମାତରମ୍' ଏବଂ ଜାତୀୟ ସଙ୍ଗୀତ 'ଜନ ଗଣ ମନ' ଏକାଠି ଗାନ କରିବାକୁ ହୁଏ ତେବେ ସର୍ବପ୍ରଥମେ 'ବନ୍ଦେ ମାତରମ୍' ଏବଂ ଏହା ପରେ 'ଜନ ଗଣ ମନ' ଗାନ କରାଯିବ। ଉଭୟ ଜାତୀୟ ସଂଗୀତ ଏବଂ ଜାତୀୟ ଗୀତ ଗାନ ସମୟରେ ଯେଉଁମାନେ ଗାଉଛନ୍ତି କିମ୍ବା ଶୁଣୁଛନ୍ତି ସେମାନଙ୍କୁ ସତର୍କତା ପାଳନ ପୂର୍ବକ ନିଜ ଆସନରୁ ଉଠି ଛିଡ଼ା ହେବାକୁ ପଡ଼ିବ। ସେହିପରି ସ୍କୁଲଗୁଡ଼ିକରେ ମଧ୍ୟ ପ୍ରଥମେ ବନ୍ଦେ ମାତରମ୍ ଏବଂ ଏହା ପରେ ଜାତୀୟ ସଂଗୀତ ଗାନ କରାଯିବ। ଏହା ପରେ ହିଁ ▶▶ ୫

# ଦୁର୍ଘଟଣା ନେଲା ୬ ଜୀବନ

**ରାଜସ୍ଥାନ, ୧୧।୨/ଏଜେନ୍ସି:**

ରାଜସ୍ଥାନ ଦୌସାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଜାତୀୟ ରାଜପଥ-୨୧ରେ ଏକ କାର୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୬ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ରାଜପଥରେ କାର୍‌ଟି ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହୋଇଯାଇଥିଲା। ପରେ ଏକ ଟ୍ରକ୍ ସହ ଧକ୍କା ହୋଇଥିଲା। ମୃତକମାନେ ହେଲେ ଅଙ୍କିତ, ସମୟ ସିଂହ, ଲୋକେଶ, ନବୀନ, ଦିଲଖୁଶ ଏବଂ ମନୀଷ। ମଙ୍ଗଳବାର ବିଳମ୍ବିତ ରାତିରେ କୈଲାଇ ବସଷ୍ଟାଣ୍ଡ ନିକଟରେ ଏହି ସଡ଼କ ଦୁର୍ଘଟଣା ଘଟିଛି। ସମସ୍ତ ଯୁବକ ସିକନ୍ଦରା ଥାନା ଅଞ୍ଚଳର କାଲାଖୋରର ବାସିନ୍ଦା ବୋଲି ଜଣାପଡ଼ିଛି। ସମସ୍ତେ ଏକ ବିବାହ ଉତ୍ସବରେ ଯୋଗ ଦେଇ ଫେରୁଥିଲେ। ଦୁର୍ଘଟଣାରେ ଯୁବକମାନେ ବସିଥିବା କାର୍‌ଟି ସମ୍ପୂର୍ଣ୍ଣ ଖଣ୍ଡ ଖଣ୍ଡ ହୋଇଯାଇଥିଲା। ବହୁ ଚେଷ୍ଟା ▶▶ ୫

**ସ୍କୁଲ୍ ପରିସରରେ ଆଖିବୁଜା ଗୁଳିମାଡ଼**

# ୨୨ ଛାତ୍ରଛାତ୍ରୀଙ୍କ ସମେତ ୩୪ ମୃତ

**ବ୍ୟାଙ୍କକ୍, ୧୧।୨/ଏଜେନ୍ସି:**



ଥାଇଲ୍ୟାଣ୍ଡର ସୋଙ୍ଗଖଲାର ଦକ୍ଷିଣ ପ୍ରଦେଶରେ ଥିବା ଏକ ସ୍କୁଲରେ ଏକ ବଡ଼ ଧରଣର ଗୁଳିକାଣ୍ଡ ଘଟିଛି। ରିପୋର୍ଟ ଅନୁସାରେ ଜଣେ ବନ୍ଧୁକଧାରୀ ଯୁବକ ସ୍କୁଲ୍ ପରିସରରେ ପ୍ରବେଶ କରିବା ସହ ଆଖିବୁଜା ଗୁଳିମାଡ଼ କରିଛି। ଯେଉଁଥିରେ ପ୍ରାୟ ୨୨ ସ୍କୁଲ ଛାତ୍ରଛାତ୍ରୀମାନଙ୍କ ସହ ମୋଟ୍ ୩୪ଜଣଙ୍କ ମୃତ୍ୟୁ ହୋଇଛି ଏବଂ କିଛି ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ସ୍କୁଲର ପ୍ରିନ୍ସପାଲ୍ ଏବଂ କିଛି ଶିକ୍ଷକ ତଥା କର୍ମଚାରୀମାନେ ମଧ୍ୟ ସାମିଲ ଅଛନ୍ତି। ଏମାନେ ସମସ୍ତେ ବନ୍ଧୁକଧାରୀ ଏହି ୧୮ ବର୍ଷୀୟ ଅଭିଯୁକ୍ତ ଯୁବକକୁ କାବୁ କରିବାକୁ ଚେଷ୍ଟା କରିବା ସମୟରେ ଗୁଳିମାଡ଼ର ଶିକାର ହୋଇଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି।

ଅନ୍ୟପକ୍ଷେ ପୁଲିସ୍ ରିପୋର୍ଟ ଅନୁସାରେ ଅଭିଯୁକ୍ତ ଯୁବକଜଣକ ୧୮ ବର୍ଷୀୟ ଯୁବକ ହଠାତ୍ ସ୍କୁଲ ପରିସରରେ ଏକ 'ଏମ୍-୪' ବନ୍ଧୁକରୁ ଆଖିବୁଜା ଗୁଳିମାଡ଼ କରିଥିଲା। କେହି କିଛି ବୁଝିବା ପୂର୍ବରୁ ହିଁ ଅନେକ ଲୋକ ଗୁଳିର ଶିକାର ହୋଇଥିଲେ ଏବଂ ଘଟଣାସ୍ଥଳରେ ହିଁ ଟଳିପଡ଼ିଥିଲେ। ତେବେ ଘଟଣା ସମ୍ପର୍କରେ ସୂଚନା ମିଳିବା ମାତ୍ରେ ସଶସ୍ତ୍ର ପୁଲିସ୍ ଟିମ୍ ପୁରା ଅଞ୍ଚଳକୁ ସିଲ୍ କରିବା ସହ ଅଭିଯୁକ୍ତକୁ ଆତ୍ମସମର୍ପଣ କରିବାକୁ ବାରମ୍ବାର କହିଚାଲିଛି। ଅନ୍ୟପକ୍ଷେ ରିପୋର୍ଟ ଲେଖାହେବା ସୁଦ୍ଧା ଯୁବକଜଣକ ବନ୍ଧୁକ ମୁନରେ ସ୍କୁଲର ଅନେକ ପିଲା ଏବଂ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ବନ୍ଧକ କରି ରଖିଛି। ଏବେବି ସ୍କୁଲ ବିଲ୍ଡିଂ ଭିତରେ ଅନେକ ଛାତ୍ରଛାତ୍ରୀ ତଥା ଶିକ୍ଷକ/ଶିକ୍ଷୟିତ୍ରୀ ଫସିରହିଛନ୍ତି। ଯାହାଫଳରେ ପୁଲିସ୍ ଏବେ ଅଭିଯୁକ୍ତଯୁବକ ସହ ଅନ୍ୟାନ୍ୟ ସର୍ତ୍ତ ଆଧାରରେ ନେଗୋସିଏଟ୍ କରିବାକୁ ମଧ୍ୟ ଚେଷ୍ଟା କରୁଥିବାର ସୂଚନା ମିଳିଛି।

ପ୍ରାଥମିକ ତଦନ୍ତରୁ ଯୁବକଜଣକ ହୋମ୍ ୱାର୍କ ନକରି ସ୍କୁଲ୍‌କୁ ଆସିଥିବା ତା' ଭଉଣୀକୁ ମାରିଥିବା ଶିକ୍ଷକ ଉପରେ ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ସ୍କୁଲ୍‌କୁ ବନ୍ଧୁକ ନେଇ ଆସିଥିଲା ବୋଲି ଜଣାପଡିଛି। ଅଭିଯୁକ୍ତର ଭଉଣୀ ମଧ୍ୟ ଏହି ସ୍କୁଲରେ ପଢୁଥିବା ବେଳେ କିଛି ଦିନ ପୂର୍ବରୁ ତାଙ୍କୁ ଜଣେ ଶିକ୍ଷକ ପାଠପଢ଼ାକୁ ନେଇ ମାରିଥିଲେ। ଯୁବକର ଭଉଣୀ ସମେତ ପୁରା ପରିବାର ଘଟଣାସ୍ଥଳରେ ଉପସ୍ଥିତ ରହି ଯୁବକକୁ ଆତ୍ମସମର୍ପଣ କରିବାକୁ ଏବଂ ସମସ୍ତଙ୍କୁ ମୁକ୍ତ କରିବାକୁ ଅନୁରୋଧ ଜାରି ରଖିଛନ୍ତି। ଆହତଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲ ରେଫର କରାଯାଇଛି। ଏହି ଘଟଣା ସମଗ୍ର ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି।




ଜାତୀୟ ଗୀତ 'ବନ୍ଦେ ମାତରମ୍' ଗାନକୁ ବାଧ୍ୟତାମୂଳକ କରାଯିବା ପରେ ମାଷ୍ଟରକ୍ୟାଣ୍ଟିନ ଛକରେ 'ବନ୍ଦେ ମାତରମ୍' ସଦସ୍ୟଙ୍କ ପ୍ରଥପ୍ରାପ୍ତ ପ୍ରଦର୍ଶନ

# ଫାଣ୍ଡିରେ ବିଷ ପିଇଲେ ଚାଷୀ

**କଟକ, ୧୧।୨/ଏନ୍ଏନ୍ଏସ୍:**

ନ୍ୟାୟ ପାଇଁ ପୁଲିସ ନିକଟକୁ ଦୌଡ଼ି ଦୌଡ଼ି ନିରାଶ ହେବା ପରେ ଜଣେ ଚାଷୀ ଫାଣ୍ଡିରେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଘଟଣାଟି ଘଟିଛି କଟକ ଜିଲ୍ଲା ଜଗତପୁର ଥାନା ଅନ୍ତର୍ଗତ ପାଗା ଫାଣ୍ଡିରେ। ଗୁରୁତର ଅବସ୍ଥାରେ ତାଙ୍କୁ ଏକ ଘରୋଇ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି।ପାଗା ପାଣ୍ଡି ଅନ୍ତର୍ଗତ ଗୋପିନାଥପୁର ଚାହାପଡ଼ା ଗ୍ରାମର ଚକ୍ରଧର ପାତ୍ର ବିଲରେ ଧାନ ଅମଳ କରି ନିଜ ଖଳାରେ ୧୨ଟି ବସ୍ତାରେ ଧାନ ବାନ୍ଧି ରଖିଥିଲେ। ତେବେ ଖଳା ବାଡିରୁ ଗତ ୧୨ ତାରିଖରେ ୧୨ ବସ୍ତା ଧାନ ଚୋରି ଯାଇଥିବା ନେଇ ସେ ଫାଣ୍ଡିରେ ଅଭିଯୋଗ କରିଥିଲେ। ବାରମ୍ବାର ଚକ୍ରଧର ଫାଣ୍ଡିର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ପାଗା ଫାଣ୍ଡି ଅଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ▶▶ ୫

**କନ୍‌ଷ୍ଟେବଲ ପରୀକ୍ଷାର୍ଥୀଙ୍କ ମୃତ୍ୟୁ ମାମଲା**

# ୧୦ ଲକ୍ଷ କ୍ଷତିପୂରଣ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୧।୨/ଏନ୍ଏନ୍ଏସ୍:**

୨୦୧୭ ଜାନୁଆରୀ ୨୨ ତାରିଖରେ ୯ମ ବ୍ୟାଟାଲିଅନ୍‌ରେ କନ୍‌ଷ୍ଟେବଲ ପଦବୀ ପାଇଁ ନିଯୁକ୍ତି ପରୀକ୍ଷା ସମୟରେ ଜଣେ ପ୍ରାର୍ଥୀଙ୍କ ମୃତ୍ୟୁ ଘଟଣାରେ ଓଡ଼ିଶା ମାନବାଧିକାର ଆୟୋଗ (ଓଏଚ୍ଆର୍ସ) ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆଦେଶ ଚଳିତ ବର୍ଷ ଜାନୁଆରୀ ୨୭ ତାରିଖରେ ଓଏଚ୍ଆର୍ସିର ସଦସ୍ୟ ଅସୀମ ଅମିତାଭ ଦାଶଙ୍କ ଏକକ ବେଞ୍ଚ ଦ୍ୱାରା ଜାରି ହୋଇଛି। ଢେଙ୍କାନାଳ ଜିଲ୍ଲାର ମେରାମୁଣ୍ଡାଳୀର ମୁରଲୀଧର ସାହୁଙ୍କ ଅଭିଯୋଗ ଆଧାରରେ ମାମଲାଟିର ଶୁଣାଣି ହୋଇଥିଲା। ଅଭିଯୋଗ ଅନୁଯାୟୀ ମୁରଲୀଧର ସାହୁଙ୍କ ପୁଅ ହରେକୃଷ୍ଣ ସାହୁ ୨୦୧୭ ଜାନୁଆରୀ ୨୨ରେ ପୁଲିସ ନିଯୁକ୍ତି ପରୀକ୍ଷାରେ ଯୋଗଦେଇଥିଲେ। ୧୬୦୦ ମିଟର ଦୌଡ଼ ପରୀକ୍ଷା ସମାପ୍ତ କରିବା ସମୟରେ ସେ ଅଚେତ ହୋଇ ପଡ଼ିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ତା'ପର ଦିନ ତାଙ୍କର ମୃତ୍ୟୁ ଘଟିଥିଲା। ଆୟୋଗ ପକ୍ଷରୁ ଡିଜିପିଙ୍କ ସହ ସମସ୍ତ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନୋଟିସ ଜାରି କରାଯାଇଥିଲା। ପୁଲିସ ପକ୍ଷରୁ ଦାଖଲ ହୋଇଥିବା ରିପୋର୍ଟରେ କୌଣସି ଅବହେଳା ନଥିବା ସହ ଏପରି ମୃତ୍ୟୁ ଘଟଣାରେ କ୍ଷତିପୂରଣ ପ୍ରଦାନ ପାଇଁ କୌଣସି ବ୍ୟବସ୍ଥା ନଥିବା ▶▶ ୫

# ହାଇୱା ଧକ୍କାରେ ଦୁଇ ଯୁବକ ମୃତ

**କଳମପୁର, ୧୧।୨/ଏନ୍ଏନ୍ଏସ୍:**

ଜୟପାଟଣା ମୋଟେରର ମୁଖ୍ୟ ରାସ୍ତାର ଦୁଲକିବନ୍ଧ ନିକଟରେ ଏକ ହାଇୱା ଧକ୍କାରେ ଦୁଇ ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। କଳମପୁର ଥାନା ଅନ୍ତର୍ଗତ ଭେଜିଗୁଡା ଗାଁର ଶକ୍ତି ମାଝୀ, ବିପିନ ମାଝୀ ଏବଂ ବାସୁଦେବ ମାଝୀ ନାମକ ୩ ଯୁବକ ଏକ ବାଇକ୍ ଯୋଗେ ଜୟପାଟଣା ମୋଟେରେ ମୁଖ୍ୟ ରାସ୍ତା ଦେଇ ନିଜ ଗାଁକୁ ଫେରୁଥିଲେ। ଏତିକିବେଳେ ବିପରୀତ ଦିଗରୁ ଆସୁଥିବା ଏକ ହାଇୱା ସହ ଧକ୍କା ହେଇଥିଲା। ହାଇୱାଟି ବାଇକ୍ ଉପରେ ଚଢିଯାଇଥିଲା। ଫଳରେ ଘଟଣାସ୍ଥଳରେ ଶକ୍ତି ଏବଂ ବିପିନଙ୍କ ମୃତ୍ୟୁ ଘଟିଥିଲା। ବାସୁଦେବଙ୍କୁ ଗୁରୁତର ଅବସ୍ଥାରେ ▶▶ ୫

**ଆଇଏଏସ୍‌ସ୍ତରରେ ଅଦଳବଦଳ**

# ରଶ୍ମିତା ପଣ୍ଡା ଏମ୍ଏସ୍ଏମ୍ଇ ସଚିବ

**ଭୁବନେଶ୍ୱର, ୧୧।୨/ଏନ୍ଏନ୍ଏସ୍:**

ସପ୍ତାହକ ବ୍ୟବଧାନରେ ରାଜ୍ୟ ସରକାର ପୁଣିଥରେ ଆଇଏଏସ୍ ଅଫିସରସ୍ତରରେ ଅଦଳବଦଳ କରିଛନ୍ତି। ଦୁଇଟି ବିଭାଗରେ ନୂଆ ସଚିବଙ୍କୁ ନିଯୁକ୍ତି ଦେବା ସହ ଆବୋଲି ସୁନୀଲ ନରୱଣେଙ୍କୁ ଇପିକଲ ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ ହୋଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ସଚିବ ୨୦୦୮ ବ୍ୟାଚ୍ ଆଇଏଏସ୍ ଭୂପେନ୍ଦ୍ର ସିଂ ପୁନିଆଙ୍କୁ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି । ସେ ଦାୟିତ୍ୱ ଗ୍ରହଣ କରିବା ପରେ କୃଷି ସଚିବ ସଚିନ ରାମଚନ୍ଦ୍ର ଯାଦବଙ୍କର କ୍ରୀଡ଼ା ବିଭାଗରୁ ଅତିରିକ୍ତ ଦାୟିତ୍ୱ ସମାପ୍ତ ହେବ। ସେହିପରି ୨୦୧୦ ବ୍ୟାଚ୍ ଆଇଏଏସ୍ ରଶ୍ମିତା ପଣ୍ଡାଙ୍କୁ ଏମ୍ଏସ୍ଏମ୍ଇ ବିଭାଗର କମିଶନର ତଥା ସଚିବ ଭାବେ ନିଯୁକ୍ତି ମିଳିଛି। ଗତ ସପ୍ତାହରେ ତାଙ୍କୁ ଭୁବନେଶ୍ୱର ଉନ୍ନୟନ ପ୍ରାଧିକରଣ(ବିଡିଏ) ଉପାଧ୍ୟକ୍ଷ ଭାବେ ବଦଳି କରାଯାଇଥିଲା। ମାତ୍ର ଏହି ନିର୍ଦ୍ଦେଶକୁ ବାତିଲ କରି ତାଙ୍କୁ ଆଜି ଏମ୍ଏସ୍ଏମ୍ଇ ବିଭାଗର ସଚିବ ଭାବେ ବଦଳି କରାଯାଇଛି। ତାଙ୍କୁ ଷ୍ଟାର୍ଟଅପ୍ ଓଡ଼ିଶାର ଅଧ୍ୟକ୍ଷା ତଥା ସିଇଓ ସହ ଓରସାକ୍ ସିଇଓ ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ ହୋଇଛି। ୨୦୦୯ ବ୍ୟାଚ୍ ଆଇଏଏସ୍ ଡି ପ୍ରଶାନ୍ତ କୁମାର ରେଡ୍ଡୀଙ୍କଠୁ ଏମ୍ଏସ୍ଏମ୍ଇ ବିଭାଗର ସଚିବ ଦାୟିତ୍ୱ କାଢ଼ି ନିଆଯାଇଛି। ତାଙ୍କୁ ଇଡ଼କୋ ପରିଚାଳନା ନିର୍ଦ୍ଦେଶକ ଭାବେ ପୂର୍ଣ୍ଣକାଳୀନ ଦାୟିତ୍ୱ ତୁଲାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ସେ ଏମ୍ଏସ୍ଏମ୍ଇ ସଚିବ ସହ ଅତିରିକ୍ତ ଭାବେ ଇଡକୋ ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ତୁଲାଉଥିଲେ।

ସେହିପରି ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଅତିରିକ୍ତ ସଚିବ ୨୦୧୨ ବ୍ୟାଚ୍ ଆଇଏଏସ୍ ସୁରେନ୍ଦ୍ର କୁମାର ମୀନାଙ୍କୁ ସେଣ୍ଟର ଫର ମଡର୍ଣ୍ଣାଇଜେସନ୍ ଗଭର୍ଣ୍ଣମେଣ୍ଟ ଇନିସିଏଟିଭ(ସିଏମଜିଆଇ), ପ୍ରଶାସନିକ ଓ ଶାସନ ସଂସ୍କାର କମିଟିର ଆବାହକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ରାଜ୍ୟ ଶିଳ୍ପ ନିର୍ଦ୍ଦେଶକ ୨୦୧୫ ବ୍ୟାଚ୍ ଆଇଏଏସ୍ ଆବୋଲି ସୁନୀଲ ନରୱଣେଙ୍କୁ ଇପିକଲ ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ ହୋଇଛି। ସେ ପୂର୍ବଭଳି ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ ଓ ଓଡ଼ିଶା ଅର୍ଥ ନିଗମର ର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇବେ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି ।

**ସଂଶୋଧିତ ହେଲା ସରକାରଙ୍କ ଥଇଥାନ ପ୍ୟାକେଜ୍**

# ମାଓବାଦୀଙ୍କ ଉପରେ ଟଙ୍କା ବର୍ଷା

**ଭୁବନେଶ୍ୱର, ୧୧।୨/ଏନ୍ଏନ୍ଏସ୍:**



**ଓଡ଼ିଶାରେ ସରେଣ୍ଡର କରିପାରିବେ ଅନ୍ୟ ରାଜ୍ୟର ନକ୍ସଲ**
**ନୂଆ ନୀତିରେ ମୁଣ୍ଡଜାମିନ ପୁରସ୍କାର ରାଶି ବୃଦ୍ଧି**
**ପଲିଟବ୍ୟୁରୋ ସଭ୍ୟଙ୍କ ପାଇଁ ସର୍ବାଧିକ ୧.୧୦ କୋଟି**
**ରାଜ୍ୟ କମିଟି ସଦସ୍ୟ ହୋଇଥିଲେ ୫୫ ଲକ୍ଷ**
**ଆତ୍ମ ସମର୍ପଣର ୬୦ ଦିନ ସୁଦ୍ଧା ମିଳିବ ଥଇଥାନ**



ଅନ୍ୟ ରାଜ୍ୟର ନକ୍ସଲ, ଓଡ଼ିଶାରେ କରିପାରିବେ ସରେଣ୍ଡର। ନକ୍ସଲମୁକ୍ତ ଦେଶ ପାଇଁ ରାଜ୍ୟ ସରକାର ପ୍ରସ୍ତୁତ କରିଛନ୍ତି ନୂଆ ରୋଡ୍ ମ୍ୟାପ୍। ୨ ମାସରେ ଦ୍ୱିତୀୟ ଥର ପାଇଁ ସଂଶୋଧିତ ହୋଇଛି ମାଓବାଦୀଙ୍କ ଥଇଥାନ ପ୍ୟାକେଜ୍। ଏଥିରେ କିଛି ନୂଆ ବ୍ୟବସ୍ଥା କରାଯିବା ସହ ନକ୍ସଲଙ୍କୁ ମୁଖ୍ୟସ୍ରୋତକୁ ଫେରି ଆସିବା ପାଇଁ ବ୍ୟବସ୍ଥା କରାଯାଉଛି। ଓଡ଼ିଶା ବାହାରେ ସକ୍ରିୟ ଥିବା ନକ୍ସଲ ଓଡ଼ିଶାରେ ସରେଣ୍ଡର କରିପାରିବେ। ଓଡ଼ିଶା ସରକାରଙ୍କ ନକ୍ସଲ ସରେଣ୍ଡର୍ ପ୍ୟାକେଜ୍ ସେମାନଙ୍କୁ ମିଳିବ। ରାଜ୍ୟ ଗୃହ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ଜାରି ହୋଇଛି।

ଥଇଥାନ ପ୍ୟାକେଜ ବା ପୁନର୍ବାସ ନୀତିରେ ନୂଆ ନିୟମ ଅନୁସାରେ ସବୁ ପ୍ରକାର ସୁବିଧା ସୁଯୋଗ ଦିଆଯିବ। ଆତ୍ମ ସମର୍ପଣର ୬୦ ଦିନ ସୁଦ୍ଧା ମିଳିବ ଥଇଥାନ। ତା'ସହ ମୁଣ୍ଡ ଜାମିନ ପୁରସ୍କାର ରାଶିକୁ ଅଧିକ ଆକର୍ଷଣୀୟ କରାଯାଇଛି। ଫଳରେ ଅଧିକରୁ ଅଧିକ ନକ୍ସଲ ହିଂସା ଛାଡ଼ି ମୁଖ୍ୟସ୍ରୋତକୁ ଫେରିବେ। ଏବେ ନକ୍ସଲ ସରେଣ୍ଡର କଲେ ଯଦି ସେ, କେନ୍ଦ୍ରୀୟ କମିଟି ବା ପଲିଟବ୍ୟୁରୋ ସଭ୍ୟ ହେଇଥିଲେ ସର୍ବାଧିକ ୧ କୋଟି ୧୦ ଲକ୍ଷ ଟଙ୍କା ମିଳୁଛି। ତା' ସହ ରାଜ୍ୟ କମିଟି ସଦସ୍ୟ ହେଇଥିଲେ ୫୫ ଲକ୍ଷ, ଆଞ୍ଚଳିକ କମିଟି ସଭ୍ୟ ହୋଇଥିଲେ ମିଳିବ ୩୩ ଲକ୍ଷ ଟଙ୍କା। ୫ ଲକ୍ଷରୁ ଅଧିକ ପୁରସ୍କାର ଥିବା ନକ୍ସଲଙ୍କୁ ଅତିରିକ୍ତ ୧୦ ଲକ୍ଷ ଫିକ୍ସଡ୍ ଡିପୋଜିଟ୍ ମିଳିବ। ଗୃହ ବିଭାଗ ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତିରେ ଥଇଥାନ ପ୍ୟାକେଜ ବା ପୁନର୍ବାସ ନୀତିରେ ସର୍ବଭାରତୀୟସ୍ତରର କ୍ୟାଡରଙ୍କ ପାଇଁ ନୂଆ ନିୟମ ଯୋଡ଼ାଯାଇଛି । ନୂତନ ନିୟମ ଅନୁସାରେ ଯଦି କୌଣସି ନକ୍ସଲ ଓଡ଼ିଶାର ବାସିନ୍ଦା ନୁହଁନ୍ତି କିନ୍ତୁ ଓଡ଼ିଶାରେ ସକ୍ରିୟ ଅଛନ୍ତି, ସେମାନେ ମଧ୍ୟ ଏହି ଯୋଜନାରେ ସମସ୍ତ ସୁବିଧା ପାଇପାରିବେ। ନୂଆ ନୀତିରେ ମୁଣ୍ଡଜାମିନ ପୁରସ୍କାର ରାଶିକୁ ଅତ୍ୟଧିକ ବୃଦ୍ଧି କରାଯାଇଛି। କେନ୍ଦ୍ରୀୟ କମିଟି ସଭ୍ୟ ବା ପଲିଟବ୍ୟୁରୋ ସଭ୍ୟଙ୍କ ପାଇଁ ସର୍ବାଧିକ ୧.୧୦ କୋଟି ଟଙ୍କା, ରାଜ୍ୟ କମିଟି ସଭ୍ୟଙ୍କ ପାଇଁ ୫୫ ଲକ୍ଷ ଟଙ୍କା ଓ ଆଞ୍ଚଳିକ କମିଟି ସଭ୍ୟଙ୍କ ପାଇଁ ୩୩ ଲକ୍ଷ ଟଙ୍କାର ପୁରସ୍କାର ରାଶି ଧାର୍ଯ୍ୟ ହୋଇଛି । ଏହାବ୍ୟତୀତ ୫ ଲକ୍ଷ ଟଙ୍କାରୁ ଅଧିକ ପୁରସ୍କାର ଥିବା ▶▶ ୫

# କିନ୍ନର ହତ୍ୟା ଅଭିଯୁକ୍ତକୁ ଏନ୍‌କାଉଣ୍ଟର୍

**କୋଣାର୍କ, ୧୧।୨/ଏନ୍ଏନ୍ଏସ୍:**



ସାଲେପୁର ଅଞ୍ଚଳର ସୋନା କିନ୍ନର (ଦିନେଶ ରାଉତ)ଙ୍କ ହତ୍ୟା ଅଭିଯୁକ୍ତକୁ ପୁଲିସ୍ ଏନ୍‌କାଉଣ୍ଟର କରିଛି। ସେ ହେଉଛନ୍ତି କୋଣାର୍କ ଥାନା ଅଧୀନ ଅଚ୍ୟୁତପୁର ପଞ୍ଚାୟତ ଅନ୍ତର୍ଗତ ନିଜିରୂପାସ ଗ୍ରାମର କୁଖ୍ୟାତ ଅପରାଧୀ କ୍ରୀଷ୍ଣା କାଣ୍ଡି(୨୫)। ପିପିଲି-ଉଉରା ବାଇପାସ୍ ମୁଖ୍ୟ ରାସ୍ତା ନାୟରା ପେଟ୍ରୋଲ ଟାଙ୍କି ନିକଟରେ ଏହି ଏନ୍‌କାଉଣ୍ଟର କରାଯାଇଛି। ପ୍ରକାଶ ଯେ ପିପିଲି ବାଇପାସ୍‌ରେ ଗତ ୧ ତାରିଖରେ ସୋନା ▶▶ ୫

**ଛାତ୍ରୀଙ୍କ ସହିତ ଶାରୀରିକ ସମ୍ପର୍କ**

# ବନ୍ଧା ହେଲେ ରସିକିଆ ଶିକ୍ଷକ

**ସୁନ୍ଦରଗଡ଼, ୧୧।୨/ଏନ୍ଏନ୍ଏସ୍:**

ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କ ସହିତ ଜୋର୍ ଜବରଦସ୍ତି ଶାରୀରିକ ସମ୍ପର୍କ ରଖିବା ଓ ଏ କଥା ପ୍ରଘଟ କଲେ ମାରି ଦେବାକୁ ଧମକ ଦେବା ଅଭିଯୋଗରେ ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡ଼ା ଥାନା ହଳଦୀକୁଦର ହାଇସ୍କୁଲର ସାହିତ୍ୟ ଶିକ୍ଷକ ତାପସ କୁମାର ବଢ଼େଇଙ୍କୁ ପୁଲିସ ଗିରଫ କରିଛି।

ଛାତ୍ରୀ ଜଣଙ୍କ ଲହୁଣୀପଡ଼ା ଥାନାରେ ଦେଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି ଯେ ତାଙ୍କ ଆଧାର କାର୍ଡ ସଂଶୋଧନ କରିବା ବାହାନାରେ ସାହିତ୍ୟ ଶିକ୍ଷକ ଶ୍ରୀ ବଢ଼େଇ ତାଙ୍କୁ ଗତ ବର୍ଷ ଏପ୍ରିଲ ମାସରେ ବାଇକରେ ବଣାଇର ଏକ ଜନ ସେବା କେନ୍ଦ୍ରକୁ ନେଇଥିଲେ। ସେଠାରୁ ଫେରିବା ବେଳେ ଶ୍ରୀ ବଢ଼େଇ ତାଙ୍କୁ ସୁଆରପାଲି ନେଇ ଥିଲେ। ସୁପାରପାଲିରେ ସେ ଘର ଭଡ଼ା ନେଇ ରହନ୍ତି। ସେହି ଘରେ ଶ୍ରୀ ବଢ଼େଇ ▶▶ ୫

**ମହିଳାଙ୍କ ଝୁଲନ୍ତା ଶବ ଉଦ୍ଧାର ଘଟଣା**

# ସୁପରିକଳ୍ପିତ ହତ୍ୟା ଅଭିଯୋଗ

**ବୁଗୁଡ଼ା,୧୧।୨/ଏନ୍ଏନ୍ଏସ୍:** ବୁଗୁଡ଼ା ଥାନା ଅନ୍ତର୍ଗତ ଗୋଲିଆ ଗ୍ରାମର ତେଲୁଗୁ ସାହିରେ ଏକ ବନ୍ଦଘରୁ ଲାଛମୀ ଗୋରା ନାମ୍ନୀ ଜନୈକା ମହିଳାଙ୍କ ଝୁଲନ୍ତା ଶବ ଉଦ୍ଧାର ଘଟଣାକୁ ନେଇ ଏବେ ତାଙ୍କ ସ୍ୱାମୀ କେ.ରାଜଗୋପାଳ ଗୋରାଙ୍କ ପକ୍ଷରୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ ହୋଇଛି । ଘଟଣାକୁ ନେଇ ଗାଁରେ ଚାପା ଉତ୍ତେଜନା ସୃଷ୍ଟି ହେବା ସହ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଏନେଇ ପୂର୍ବରୁ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ବେଳେ ଏବେ ଅଭିଯୋଗ ପରେ ତାହା ଭିନ୍ନ ମୋଡ଼ ନେଇଛି । ଘଟଣାର ପ୍ରକାଶ ଯେ, ଗତ ଫେବୃଆରୀ ୫ ତାରିଖ ଦିନ ଅପରାହ୍ନ ସାଢେ ଚାରିଟା ବେଳେ ଲାଛମୀଙ୍କ ବଡ଼ ଝିଅ ସ୍କୁଲରୁ ଫେରି ଭିତର ପଟୁ ବନ୍ଦ ଥିବା ଘର କବାଟ ବାଡେଇଥିଲା । କେହି କବାଟ ନଖୋଲିବାରୁ ସେ ବାରିପଟ ଝରକାରେ ଦେଇ ଘର ଭିତରକୁ ପ୍ରବେଶ କରିଥିଲା । ସେଠାରେ ସେ ତା'ର ମାଆଙ୍କ ମୃତ ଶରୀର ଫ୍ୟାନରୁ ଏକ ଲୁଗା ସାହାଯ୍ୟରେ ଝୁଲିଥିବା ଦେଖିବାକୁ ପାଇଥିଲା । ଏ ନେଇ ପ୍ରଥମେ ସାହିବାସିଙ୍କ ଏବଂ ପରେ ପୋଲିସ ଖବର ପାଇ ସେଠାରେ ପହଞ୍ଚିଥିଲା । ଘଟଣା ସ୍ଥଳର ପାରିପାର୍ଶ୍ୱିକ ସ୍ଥିତି ଏପରି ଥିଲା ଯେ ଝୁଲନ୍ତା ମୃତା ମହିଳାଙ୍କ ଆଣ୍ଠୁ ତଳକୁ ଲାଗିଥିବା ବେଳେ ଶରୀରର ଅଙ୍ଗପ୍ରତ୍ୟଙ୍ଗରେ ରକ୍ତ ଲାଗିବା ସହ ଓଠ ଓ ମୁହଁରେ ଆଘାତ ଲାଗିଥିଲା । ଅନ୍ୟପକ୍ଷରେ ଘରେ ମହିଳାଙ୍କ ଅନ୍ତର୍ବସ୍ତ୍ର ଏଣେତେଣେ ପଡ଼ିଥିବା ଦୃଷ୍ଟିଗୋଚର ହୋଇଥିଲା । ପରେ ପୁଲିସ ଶବକୁ ଉଦ୍ଧାର କରି ବୁଗୁଡ଼ା ମେଡିକାଲକୁ ଆଣିଥିଲା । ଏନେଇ କେସ୍ ନଂ-୭/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ତେବେ ମୃତା ମହିଳାଙ୍କ ସ୍ୱାମୀ କିଛି ସନ୍ଦିଗ୍ଧ ଯୁବକଙ୍କ ନାମ ଉଲ୍ଲେଖ କରି ଏହା କେତେକ ଯୌନପିପାସୁଙ୍କ ଦ୍ୱାରା ରଚିତ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଗତ ଫେବୃୟାରୀ ୯ ତାରିଖ ଦିନ ବୁଗୁଡାରେ ଅନୁଷ୍ଠିତ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅଭିଯୋଗ କରିବା ପରେ ଘଟଣାଟି ଭିନ୍ନ ମୋଡ ନେଉଥିବା ଜଣାଯାଇଛି ।

## ବରିଷ୍ଠ ନାଗରିକଙ୍କ ପାଇଁ ଯୋଗ, ଆଧାତ୍ମିକ କାର୍ଯ୍ୟକ୍ରମ



**ଫୁଲବାଣୀ,୧୧।୨/ଏନ୍ଏନ୍ଏସ୍:** ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ଠାରେ ବରିଷ୍ଠ ନାଗରିକମାନଙ୍କ ପାଇଁ ଯୋଗ ଏବଂ ଆଧାତ୍ମିକତା ଉପରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କେନ୍ଦ୍ର ଓ ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ଏବଂ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଫୁଲବାଣୀ ମେଡିକାଲ କଲେଜର ଅଧ୍ୟକ୍ଷ ଡ଼ା.ନରେନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟଗତ ସଚେତନତା ଉପରେ ଆଲୋକପାତ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ସନ୍ତୋଷ କୁମାର ପାଢ଼ୀ ଯୋଗଦେଇ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ଯୋଗ ନିହାତି ଆବଶ୍ୟକ ବୋଲି ମତ ଦେଇଥିଲେ । ବ୍ରହ୍ମାକୁମାରୀ ଭଉଣୀ ସବିତା, ମମତା ଓ ଭାଇ ବୀରେନ୍ଦ୍ର ମାନସିକ ଶାନ୍ତି ଏବଂ ଶାରୀରିକ ସୁସ୍ଥତା ଉପରେ ଦିଗଦର୍ଶନ ଦେଇଥିଲେ । ଫୁଲବାଣୀ ଉପଜିଲ୍ଲାପାଳ ଭିକାରୀ ସାହୁ, ବିଏସଏଫର ବରିଷ୍ଠ ଅଧିକାରୀମାନେ ସୁସ୍ଥ ଜୀବନ ଶୈଳୀ ପାଇଁ ପରାମର୍ଶ ଦେଇଥିଲେ । ବରିଷ୍ଠ ନାଗରିକ ସଙ୍ଘର କର୍ମକର୍ତ୍ତା ସର୍ବେଶ୍ୱର ମିଶ୍ର, ପଦ୍ମ ଚରଣ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଡ ବିଶ୍ୱଜିତ ମାଝୀ ଏବଂ ଡ ଏସ.ଆର ସ୍ୱାଇଁ ଫିଜିଓଥେରାପିର ସୁବିଧା ଉପରେ ଆଲୋକପାତ କରିଥିବା ବେଳେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପି.ପଦ୍ମା ଧନ୍ୟବାଦ ଅର୍ପଣ କରିଥିଲେ ।

## ୬୭ ପରୀକ୍ଷା କେନ୍ଦ୍ରରେ ୧୧,୧୧୭ ମାଟ୍ରିକ୍ ପରୀକ୍ଷାର୍ଥୀ

**ଫୁଲବାଣୀ,୧୧।୨/ଏନ୍ଏନ୍ଏସ୍:** ଆସନ୍ତା ୧୯ ତାରିଖରୁ ଆରମ୍ଭ ହେବ ମାଟ୍ରିକ ପରୀକ୍ଷା । ଏଥିପାଇଁ କନ୍ଧମାଳ ଜିଲ୍ଲା ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ଜିଲ୍ଲା ଶିକ୍ଷା ବିଭାଗର ସୂଚନା ଅନୁଯାୟୀ, ଚଳିତ ବର୍ଷ କନ୍ଧମାଳ ଜିଲ୍ଲାର ୨୧୪ ଉଚ୍ଚ ବିଦ୍ୟାଳୟର ସମୁଦାୟ ୧୧,୭୧୭ ଛାତ୍ରଛାତ୍ରୀ ପରୀକ୍ଷା ଦେବେ । ଏମାନଙ୍କ ମଧ୍ୟରେ ୧୦,୯୪୨ ଜଣ ରେଗୁଲାର ମାଟ୍ରିକ ପରୀକ୍ଷାର୍ଥୀ ରହିଥିବା ବେଳେ ୧୫୫ ଜଣ ମଧ୍ୟମା ଓ ୫୭୫ ଜଣ ମୁକ୍ତ ବିଦ୍ୟାଳୟ ଛାତ୍ରଛାତ୍ରୀ ଅଛନ୍ତି । ଏହା ବ୍ୟତୀତ ୩୯ ଜଣ ଏକ୍ସ ରେଗୁଲାର ଓ ୬ ଜଣ ପତ୍ର ବିନିମୟ ପାଠ୍ୟକ୍ରମର ପରୀକ୍ଷାର୍ଥୀ ରହିଛନ୍ତି । ଜିଲ୍ଲାରେ ସମୁଦାୟ ୬୭ଟି ପରୀକ୍ଷା କେନ୍ଦ୍ର ଖୋଲା ଯାଉଛି । ପ୍ରଶ୍ନପତ୍ର ସୁରକ୍ଷିତ ରଖିବା ପାଇଁ ୧୬ଟି ନୋଡାଲ ସେଣ୍ଟର ବ୍ୟବସ୍ଥା କରାଯାଇଛି । ବାଲିଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟ, ଜି.ଉଦୟଗିରି ହବାକ ହାଇସ୍କୁଲ, କେ.ନୂଆଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ, ସାରଙ୍ଗଡ ସରକାରୀ ଉଚ୍ଚ ବିଦ୍ୟାଳୟ, ଖଜୁରୀପଡା ସରକାରୀ ଉଚ୍ଚ ବିଦ୍ୟାଳୟ, ଫିରିଙ୍ଗିଆ ସରକାରୀ ଉଚ୍ଚ ବିଦ୍ୟାଳୟ, ଫୁଲବାଣୀ ଏଜେଓ ହାଇସ୍କୁଲ, ରାଇକିଆ ସେଣ୍ଟ କ୍ୟାଥେରିନ ବାଳିକା ଉଚ୍ଚ ବିଦ୍ୟାଳୟ ଓ ଟିକାବାଲି ସରକାରୀ ଉଚ୍ଚ ବିଦ୍ୟାଳୟକୁ ନୋଡାଲ ସେଣ୍ଟର ଭାବେ ଚିହ୍ନଟ କରାଯାଇଥିବା ବେଳେ ଚକାପାଦ, ଦାରିଙ୍ଗବାଡି, ବ୍ରାହ୍ମଣୀ ଗାଁ, କୋଟଗଡ, ଗୋଛାପଡା, ବେଲଘର ଓ ତୁମୁଡିବନ୍ଧ ଥାନାରେ ପ୍ରଶ୍ନପତ୍ର ରଖିବା ବ୍ୟବସ୍ଥା କରାଯାଇଛି । ପରୀକ୍ଷା ତଦାରଖ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନେତୃତ୍ୱରେ ଦୁଇଟି ସ୍କ୍ୱାଡ ଗଠନ ହୋଇଥିବା ବେଳେ ମାଧ୍ୟମିକ ଶିକ୍ଷା ପରିଷଦର ଗୋଟିଏ ସ୍କ୍ୱାଡ ପରୀକ୍ଷା ପରିଚାଳନା ଉପରେ ନଜର ରଖିବେ । ଚଳିତ ବର୍ଷର ମାଟ୍ରିକ ପରୀକ୍ଷାକୁ ଶାନ୍ତି ଶୃଙ୍ଖଳାର ସହ ପରିଚାଳିତ କରିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିବା ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି । ଆସନ୍ତା ୧୩ ତାରିଖରେ ଏଥିପାଇଁ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଚୂଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି ।

## ପ୍ରାକ୍ତନ ଅଧ୍ୟାପକଙ୍କ ଶୋକସଭା

**ବୁଗୁଡ଼ା,୧୧।୨/ଏନ୍ଏନ୍ଏସ୍:** ସ୍ଥାନୀୟ ପିପୁଲ୍ସ କଲେଜର ପ୍ରାକ୍ତନ ଅଧ୍ୟାପକ ନିତ୍ୟାନନ୍ଦ ମହାନ୍ତିଙ୍କ ବିୟୋଗରେ ପିପୁଲ୍ସ କଲେଜ ପକ୍ଷରୁ ସ୍ୱପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ଡ.ପୁରୁଷୋତ୍ତମ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ହରିକୃଷ୍ଣ ନାୟକଙ୍କ ସମେତ କଲେଜର ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ସ୍ୱର୍ଗତ ଅଧ୍ୟାପକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା । ଚାକିରି ଜୀବନର ପ୍ରାରମ୍ଭରୁ ଦୀର୍ଘ ବର୍ଷ କାଳ ପିପୁଲ୍ସ କଲେଜରେ ରାଜନୀତି ବିଜ୍ଞାନର ଅଧ୍ୟାପକ ଭାବେ ଅଧ୍ୟାପନା ଦାୟିତ୍ୱ ନିର୍ବାହ ସହ ତେନ୍ତୁଲିଆ ଦେବସ୍ଥାନ କଲେଜକୁ ବଦଳି ହୋଇ ସେଠାରେ ଅବସର ଗ୍ରହଣ କରିଥିବା ସ୍ୱର୍ଗତ ଅଧ୍ୟାପକ ନିତ୍ୟାନନ୍ଦ ମହାନ୍ତିଙ୍କ କର୍ମସିଦ୍ଧତା, ସମୟାନୁବର୍ତ୍ତିତା, ମିଷ୍ଟଭାଷିତା ଓ ଛାତ୍ରବତ୍ସଳତା ସମ୍ପର୍କେ ସ୍ମୃତିଚାରଣ କରାଯାଇଥିଲା ।

# ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥିରେ ସମର୍ପଣ ଦିବସ



**ବ୍ରହ୍ମପୁର,୧୧।୨/ଏନ୍ଏନ୍ଏସ୍:** ମହାନ ଚିନ୍ତାନାୟକ ତଥା ଏକାତ୍ମମାନବ ଦର୍ଶନର ପ୍ରଣେତା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥି ଅବସରରେ ବିଜେପି ପକ୍ଷରୁ ସମଗ୍ର ଦେଶରେ ସମର୍ପଣ ଦିବସ ଭାବେ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲା ବିଜେପି ସଭାପତି ସରୋଜ ସାବତଙ୍କ ସଭାପତିତ୍ୱରେ ହିଲପାଟଣା ସ୍ଥିତ ଜିଲ୍ଲା କାର୍ଯ୍ୟାଳୟଠାରେ ଦଳ ପକ୍ଷରୁ ସମର୍ପଣ ଦିବସ ପାଳିତ ହୋଇଛି । ଅତିଥି ଭାବେ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଉପସ୍ଥିତ ଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ଜେନା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଭାରତୀୟ ଜନତା ପାର୍ଟିର ସମସ୍ତ କାର୍ଯ୍ୟକର୍ତ୍ତାମାନଙ୍କ ପଥ ପ୍ରଦର୍ଶକ ହିସାବରେ ରହିଆସିଛନ୍ତି । ରାଜନୀତି କେବଳ କ୍ଷମତା ଦଖଲ କରିବା ନୁହେଁ ବରଂ ସାମାଜିକ ସେବାର ଏକ ମାଧ୍ୟମ ଏବଂ ସମାଜର ବିକାଶ କେବଳ ଶେଷ ଧାଡ଼ିର ମଣିଷର ଉତଥାନ ଦ୍ୱାରା ମାପ କରାଯିବା ଉଚିତ ବୋଲି ମନ୍ତ୍ରୀ ଶ୍ରୀ ଜେନା କହିଥିଲେ । କାର୍ଯ୍ୟକ୍ରମର ସଂଯୋଜକ ଭାବେ ବିଜେପି ରାଷ୍ଟ୍ରୀୟ ପରିଷଦ ସଭ୍ୟ କାହ୍ନୁ ଚରଣ ପତି, ଜିଲ୍ଲା ଉପସଭାପତି ପ୍ରବୀର ପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ପଦ୍ମଚରଣ ସାହୁ ଦାୟିତ୍ୱରେ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦଳର ବରିଷ୍ଠ ନେତା କୁଞ୍ଜବିହାରୀ ପାଣିଗ୍ରାହୀ, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ପାର୍ଥ ଦଳେଇ, ସୁରେଶ ପାଢ଼ୀ, ନାରାୟଣ ପଣ୍ଡା, ସୁନିଲ କୁମାର ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ଗୌରୀ ଶଙ୍କର ସାମନ୍ତରା, ସିଦ୍ଧାନ୍ତ ଗଙ୍ଗଦେବ, ଜିଲ୍ଲା ଉପସଭାପତି ପ୍ରଭାତ କିରଣ ଷଡ଼ଙ୍ଗୀ, ମୀନା ଦ୍ୟାନସାମନ୍ତରା, ଜିଲ୍ଲା ସମ୍ପାଦକ ଦୁର୍ଯ୍ୟୋଧନ ରେଡ୍ଡୀ, ବସନ୍ତ ବେହେରା, ସମ୍ପାଦିକା ତଥା କର୍ପୋରେଟର ସବିତା ସାହୁ, ବନିତା ସାହୁ, ସ୍ମିତାଲି ସ୍ମୃତି ସ୍ନିଗ୍ଧା ପାତ୍ର, ଅମୂଲ୍ୟ ଚୌଧୁରୀ, ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ତୁତୁନ୍ ପାତ୍ର, ଓବିସି ମୋର୍ଚ୍ଚା ସମ୍ପାଦକ ପ୍ରଶାନ୍ତ ନାୟକ, ଗୋପିନାଥ ପଣ୍ଡା, ରବିନ୍ଦ୍ର ସାହୁ, ରାମ ପ୍ରସାଦ ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

**କେସି ଗାର୍ଲସ ହାଇସ୍କୁଲ୍ ପରିସରରୁ ଗଛକଟା ଅଭିଯୋଗ**

## କାର୍ଯ୍ୟାନୁଷ୍ଠାନ ଦାବିକଲେ ପରିବେଶପ୍ରେମୀ



**ବ୍ରହ୍ମପୁର,୧୧।୨/ଏନ୍ଏନ୍ଏସ୍:** ଗୋସାଇଁନୂଆଗାଁ ସ୍ଥିତ କେସି ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଦୀର୍ଘ ବର୍ଷ ଧରି ଥିବା ଦୁଇଟି ନିମ୍ବ ଗଛକୁ କଟାଯିବାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ପରିବେଶପ୍ରେମୀ । ଶିକ୍ଷାନୁଷ୍ଠାନର ଭାରପ୍ରାପ୍ତ ପ୍ରଧାନ ଓ ଶିକ୍ଷୟିତ୍ରୀ ଗଛରେ ସାପ ଥିବାରୁ ଗଛକଟା ଗଲା ବୋଲି ଦେଇଥିବା ବୟାନ ସମ୍ପୂର୍ଣ୍ଣ ମିଛ ବୋଲି ବୃକ୍ଷପ୍ରେମୀନେ କହିଛନ୍ତି । ଏନେଇ ବିଦ୍ୟାଳୟ ପରିଦର୍ଶନ କରିବା ସହ କଟାଯାଇଥିବା ଗଛର ଫୋଟ ନେଇ ତାର ପ୍ରତିବାଦ କରିଥିଲେ । ସଂସ୍କାରବାଦୀର ସଭାପତି ସମାଜସେବୀ ତ୍ରିନାଥ ମହାରଣାଙ୍କ ନେତୃତ୍ୱରେ ବହୁ ପରିବେଶପ୍ରେମୀ ଆଞ୍ଚଳିକ ବନ ବିଭାଗର ଡ଼ିଏଫ୍ଓ ଓ ସହକାରୀ ସିଏଫଓ ସସ୍ମିତା ବିଶ୍ୱାଳଙ୍କୁ ସାକ୍ଷାତ କରିଥିଲେ । ଦୀର୍ଘ ସମୟ ଧରି ଆଲୋଚନା କରି ଦାବିପତ୍ର ପ୍ରଦାନ କରିଥିଲେ । ଦାବିପତ୍ର ପ୍ରଦାନ ବେଳେ ଓଡ଼ିଆ ଭାଷା ଆନ୍ଦୋଳନର ସଂଗଠନିକ ସମ୍ପାଦକ ଲଳିତ ମୋହନ ସାହୁ, ମୋହନ ଚରଣ ସାହୁ, ହିମାଂଶୁ କୁମାର ପଟନାୟକ, ପଙ୍କଜ କୁମାର ନାୟକ, ସିମାଞ୍ଚଳ ପତି, ରବିନାରାୟଣ ସାବତ ପ୍ରମୁଖ ଗଛକଟା ଯାଇଥିବାର ଫୋଟ ଚିତ୍ର ପ୍ରଦାନ କରିଥିଲେ । ଘଟଣାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ଉଭୟ ଅଧିକାରୀ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି । ସପ୍ତାହକ ମଧ୍ୟରେ ଗଛକଟାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନ ନେଲେ ବନ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସମାଜସେବୀ ଶ୍ରୀ ମହାରଣା ଚେତାବନୀ ଦେଇଛନ୍ତି ।

## ଇ-ପାଠାଗାରର ୮ମ ପ୍ରତିଷ୍ଠା ଦିବସ



**ଫୁଲବାଣୀ,୧୧।୨/ଏନ୍ଏନ୍ଏସ୍:** ଜିଲ୍ଲା ଇ-ପାଠାଗାର ଓ ସିଭିଲ ସର୍ଭିସ୍ କୋଚିଂ ସେଣ୍ଟରର ୮ମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ, ସ୍ୱତନ୍ତ୍ର ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରାମେନ୍ଦ୍ର ପ୍ରସାଦ ଓ ସମ୍ମାନିତ ଅତିଥି ଜିଲ୍ଲା ନଗର ଉନ୍ନୟନ ଅଧିକାରୀ ପ୍ରବୀଣ କୁମାର ବାଣୁଆ, ଫୁଲବାଣୀ ଉପ-ଜିଲ୍ଲାପାଳ ଭିକାରୀ ସାହୁ, ବିଡ଼ିଓ ଖଜୁରୀପଡ଼ା ଶୁଭ ଦତ୍ତାତ୍ରେୟା ବାହିନୀପତି, ଅଧ୍ୟକ୍ଷ ପଲିଟେକନିକ୍ ମହାବିଦ୍ୟାଳୟ ନିହାର ରଞ୍ଜନ ପଟ୍ଟନାୟକ, ବରିଷ୍ଠ ଆଇନଜୀବି ବିଜୟ କୃଷ୍ଣ ପଟ୍ଟନାୟକ , ସ୍ୱାତୀ ସମ୍ପାଦକ ଇଂ ହରି ଶଙ୍କର ରାଉତ, ଅଧ୍ୟାପିକା ଜ୍ୟୋତିର୍ମୟୀ କହଁର ଓ ଆଇ. ଟି. ଡି. ଏ. ପ୍ରକଳ୍ପ ପ୍ରଶାସକ ତଥା ଇ - ପାଠାଗାର ମୁଖ୍ୟ ସଂଯୋଜକ ଗଦାଧର ପାତ୍ର ଯୋଗ ଦେଇଥିଲେ । ପ୍ରଥମେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ନବନିଯୁକ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶ୍ରୀନିବାସ ଷଡ଼ଙ୍ଗୀ କିପରି ଏହି ଅନୁଷ୍ଠାନରୁ ସେ ଓ.ଏ.ଏସର ସ୍ୱପ୍ନ ଦେଖି ଓ ସଠିକ୍ ଉପଯୋଗ କରି ତାକୁ ସଫଳତା ପାଇପାରିଛନ୍ତି କହିଥିଲେ । ବନ ବିଭାଗ ସେବାରେ ନିଯୁକ୍ତ ସୁଶ୍ରୀ ସୁମନ, ନବନିଯୁକ୍ତ ଇଂ ଅନିନ୍ଦ୍ୟ ସୁନ୍ଦର , ଷ୍ଟାଟିଷ୍ଟିକାଲ ଆସିଷ୍ଟାଣ୍ଟ ଦୀପକ ପାଢି ଚାକିରିରେ ସଫଳତା ସହ ପାଠାଗାର କିପରି ପ୍ରେରଣା ଦେଇଛି କହିଥିଲେ । ଆନୁଷ୍ଠାନିକ ରୂପେ ଅତିଥିଗଣ ପ୍ରଦୀପ ପ୍ରଜ୍ୱଳନ ସହ ଇ - ପାଠାଗାର ପ୍ରତିଷ୍ଠାତା ସ୍ୱର୍ଗତ ବିରେନ୍ଦ୍ର ଦାସଙ୍କ ଫଟୋ ଚିତ୍ରରେ ସ୍ମୃତିଚାରଣ କରିଥିଲେ । ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଶ୍ରୀ ପାତ୍ର ବାର୍ଷିକ ବିବରଣୀ ସହ ଆଗାମୀ ଦିନରେ ଇ-ପାଠାଗାର ଉନ୍ନତିକରଣ ଓ ସୁବିଧାକରଣ ନିମନ୍ତେ ଥିବା ପଦକ୍ଷେପ କହିଥିଲେ । ପାଠାଗାରକୁ ଉପଯୋଗ କରି ଏଯାବତ୍ ୧୫୫ରୁ ଊର୍ଦ୍ଧ୍ୱ ଚାକିରି ରେ ସଫଳତାକୁ ବ୍ୟକ୍ତ କରିଥିଲେ । ଇ-ପାଠାଗାରକୁ ଅଧିକ ବହି ଓ ସୁବିଧା ଯୋଗାଇବା ସହ ନିଜ ସଫଳତାରମନ୍ତ୍ର ଦେବା ସହ ଆଗାମୀ ଦିନରେ ଜେଲ ପାଠାଗାର ସହ ଇ- ପାଠାଗାରକୁ ସଂଲଗ୍ନ କରି ଅଧିକ ଉପଯୋଗୀ କରାଯିବ ବୋଲି କହିଥିଲେ । ଅତିରିକ୍ତ ଏସ୍‌ପି ନିଜ ପ୍ରସ୍ତୁତି ଖସଡ଼ା ସହ ବିଫଳତାକୁ ନଡରି ଅଧ୍ୟବସାୟ କରିବାର ଉପାୟ କହିଥିଲେ । ଇ - ପାଠାଗାରକୁ ଉପଯୋଗ କରି ଚାକିରିରେ ସଫଳତା ପାଇଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ ସହ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ଗ୍ରନ୍ଥାଗାରିକ ଶିବ ସୁନ୍ଦର ସାହୁ ଓ ସହଗ୍ରନ୍ଥାଗାରିକ ପ୍ରଭାତ କୁମାର ଦାସ ମଞ୍ଚ ଚାଳନା କରିଥିଲେ ଧନ୍ୟବାଦ ଅର୍ପଣ କରିଥିଲେ ।

**ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ସ୍ୱଦେଶୀ ସଂକଳ୍ପ**

## ବ୍ଲକ୍‌ସ୍ତରୀୟ କୃତି ବିଦ୍ୟାର୍ଥୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

**ଆସିକା,୧୧।୨/ଏନ୍ଏନ୍ଏସ୍:** ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ଲିଖିତ ଭାରତର ଜାତୀୟ ସଙ୍ଗୀତ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଆସିକା ବ୍ଲକ ପ୍ରଶାସନ ପକ୍ଷରୁ ବୁଧବାର ଆତ୍ମନିର୍ଭରଶୀଳ ଓ ସ୍ୱଦେଶୀ ସଂକଳ୍ପର ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗତ ଜାନୁୟାରୀ ମାସ ୧୨ ତାରିଖରେ ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ ୧୩ଟି କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଅନୁଷ୍ଠିତ ସ୍ଲୋଗାନ୍ ଓ ରଚନା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ବିଦ୍ୟାର୍ଥୀଙ୍କ ସମେତ ପ୍ରାୟ ୮୭ ଜଣ ଛାତ୍ରଛାତ୍ରୀଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା । ଆସିକା ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବ୍ଲକସ୍ତରୀୟ କୃତି ବିଦ୍ୟାର୍ଥୀଙ୍କ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ବେହେରା, ଆସିକା ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ବିଭୁନନ୍ଦନ ପଣ୍ଡା, ତହସିଲଦାର ସଙ୍ଗୀତା ସେଣ, ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ଶାନ୍ତିକରସୁଧା ପଟ୍ଟନାୟକ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ରାଜଶ୍ରୀ ସାହୁ, ଶିକ୍ଷକ ରାମନାଥ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ । ଆମର ଜାତୀୟ ଗୀତ ଭାବେ ସ୍ୱୀକୃତ ବନ୍ଦେ ମାତରମ୍ ପ୍ରତ୍ୟେକ ଭାରତୀୟଙ୍କ ହୃଦୟର ସ୍ପନ୍ଦନ ବୋଲି ପ୍ରକାଶ କରିଥିଲେ । ସ୍ଲୋଗାନ୍ ପ୍ରତିଯୋଗିତାରେ ପ୍ରଥମ ମଣ୍ଡାପଡା ସ୍ଥିତ ମା ରତ୍ନମାଳୀ ହାଇସ୍କୁଲର ବିଦ୍ୟାର୍ଥୀ ରୁଦ୍ର ପ୍ରଧାନ, ଦ୍ୱିତୀୟ ହୋଇଥିବା ଜଗଦଳପୁର ହାଇସ୍କୁଲ ଗୁଣ୍ଡୁପଡାର ବିଦ୍ୟାର୍ଥୀ ସୋନାଲି ବାଡତ୍ୟା, ତୃତୀୟ ହୋଇଥିବା ଟେକନିକାଲ୍ ହାଇସ୍କୁଲର ବିଦ୍ୟାର୍ଥୀ ଶୁଭଲକ୍ଷ୍ମୀ ସାହୁ ଏବଂ ରଚନା ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ଜଗଦଳପୁର ହାଇସ୍କୁଲ ଗୁଣ୍ଡୁପଡାର ବିଦ୍ୟାର୍ଥୀ ଡି.ଅର୍ଚ୍ଚନା ପାତ୍ର, ଦ୍ୱିତୀୟ ହୋଇଥିବା ଟେକନିକାଲ ହାଇସ୍କୁଲର ବିଦ୍ୟାର୍ଥୀ ଦୀପକ ଶବର, ତୃତୀୟ ହୋଇଥିବା ମା ରତ୍ନମାଳୀ ହାଇସ୍କୁଲର ବିଦ୍ୟାର୍ଥୀ ସୌମ୍ୟରଂଜନ ବିଶ୍ୱାଳ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ଟେକନିକାଲ୍ ହାଇସ୍କୁଲର ବିଦ୍ୟାର୍ଥୀ ଅଜିକେଲ୍ ଗମାଙ୍ଗୋ, ଦ୍ୱିତୀୟ ହୋଇଥିବା ମା ରତ୍ନମାଳୀ ହାଇସ୍କୁଲ ମଣ୍ଡାପଡାର ବିଦ୍ୟାର୍ଥୀ ପ୍ରତିଭା ଖଟେଇ, ତୃତୀୟ ହୋଇଥିବା ଦଗଦଳପୁର ହାଇସ୍କୁଲ ଗୁଣ୍ଡୁପଡାର ବିଦ୍ୟାର୍ଥୀ ଶିବାନୀ ବେହେରାଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା ବେଳେ ପ୍ରାୟ ୮୭ ଜଣ ବିଦ୍ୟାର୍ଥୀଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା ।

## ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ମହୋତ୍ସବ ପାଇଁ ମଶାଲ ଶୋଭାଯାତ୍ରା



**ବ୍ରହ୍ମପୁର,୧୧।୨/ଏନ୍ଏନ୍ଏସ୍:** ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱ ବିଦ୍ୟାଳୟ ଖେଳ ପଡିଆ ଠାରେ ତୃତୀୟ ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ମହୋତ୍ସବ-୨୦୨୬ ଆଜି ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି । ମା' ତାରାତାରିଣୀ, ମା ବାଙ୍କେଶ୍ୱରି ମନ୍ଦିରରୁ ପୂଜାର୍ଚ୍ଚନା ପରେ ମଶାଲ ଶୋଭାଯାତ୍ରା ବାହାରି ବ୍ରହ୍ମପୁର ମା ବୁଢ଼ୀ ଠାକୁରାଣୀ ମନ୍ଦିରରେ ପହଞ୍ଚିଥିଲା । ମଶାଲ ଶୋଭାଯାତ୍ରା ଖଲ୍ଲିକୋଟ ଏକକ ବିଶ୍ୱ ବିଦ୍ୟାଳୟ ପଡିଆ ପର୍ଯ୍ୟନ୍ତ ଯାଇଥିଲା । ଦକ୍ଷିଣ ଓଡିଶା ଫାର୍ମାସିଷ୍ଟ ସଂଘ ସଭାପତି ବିଜୟ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଓ ସଧାରଣ ସଂପାଦକ ବିଷ୍ଣୁ ପ୍ରସାଦ ପଣ୍ଡାଙ୍କ ଆବାହକତ୍ୱରେ ଅନୁଷ୍ଠିତ ମଶାଲ ଶୋଭାଯାତ୍ରାରେ ବିଜେପି ସଭାପତି ସରୋଜ ସାବତ, ଡେପୁଟି ମେୟର ବିବେକ ରେଡ୍ଡୀ, କାର୍ଯ୍ୟକାରୀ ସଭାପତି ନାରାୟଣ ମହାକୁଡ଼, ଉପ ସଭାପତି ଯଜ୍ଞ ନାରାୟଣ ଦାସ, ସଂଗଠନ ସଂପାଦକ ସିତନ୍ସୁ ପଣ୍ଡା, ଡାକ୍ତର କିରଣ କୁମାର ପାଣିଗ୍ରାହୀ, ସମିତ ସାବତ, ନାଗେଶ୍ୱର ପୃଷ୍ଟି, ନବୀନ କୁମାର ମହାପାତ୍ର, ମନୋଜ ପତି, ବନମାଳୀ ପ୍ରଧାନ, ବିଜୟ ଅଧିକାରୀ, ରୋହିତ ପରିଡା, ବିଜେପି କର୍ମକର୍ତା ଓ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ସ୍ୱାସ୍ଥ୍ୟ ମହୋତ୍ସବରେ ଆଧୁନିକ ଚିକିତ୍ସା ସହ ଆୟୁର୍ବେଦ, ହୋମିଓପ୍ୟାଥିକ୍, ଯୋଗ, ପ୍ରାକୃତିକ ଚିକିତ୍ସା ଏବଂ ଭେଷଜ ଚିକିତ୍ସାଳୟ ସମ୍ବନ୍ଧିତ ୮୧ ଗୋଟି ପ୍ରଦର୍ଶନୀ ଷ୍ଟଲ ସହ ପ୍ରତ୍ୟେକ ଦିନ ମଧୁମେହ, କିଡନୀ, ହୃଦରୋଗ, ଚର୍ମ ରୋଗ, ସ୍ତ୍ରୀ ଓ ପ୍ରସୂତୀ ରୋଗ ନିରାକରଣ ବିଷୟରେ ଆଲୋଚନା ଚକ୍ର ସହ ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ବୋଲି ଜଣାପଡିଛି ।

## ଡୁଡୁମା କଲୋନୀରେ ଅସ୍ଥାୟୀ ବସ୍‌ଷ୍ଟାଣ୍ଡର ଶୁଭ ଉଦ୍‌ଘାଟନ



**ବ୍ରହ୍ମପୁର,୧୧।୨/ଏନ୍ଏନ୍ଏସ୍:** ସ୍ଥାନୀୟ ଡୁଡୁମା କଲୋନୀସ୍ଥିତ ଅସ୍ଥାୟୀ ବସ୍‌ଷ୍ଟାଣ୍ଡର ଶୁଭ ଉଦ୍‌ଘାଟନ ହୋଇଯାଇଛି । ବାଣିଜ୍ୟ ଓ ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ ଆଜି ଏହି ନୂତନ ଯାତ୍ରୀବାହୀ ଯାନ ରହଣି ସ୍ଥଳର ଶୁଭ ଉଦଘାଟନ କରିଥିଲେ । ଉଦ୍‌ଘାଟନ ସମୟରେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ବ୍ରହ୍ମପୁର ମହାନଗର ନିଗମ ମେୟର ସଂଘମିତ୍ରା ଦଳାଇ, ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ବିଜେପି ଜିଲ୍ଲା ସଭାପତି ସରୋଜ ସାବତ, ୪ ନମ୍ବର ୱାର୍ଡ କର୍ପୋରେଟର ସନ୍ଧ୍ୟାରାଣୀ ଶୁକ୍ଲ, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ, ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ସଚିବ ରମେଶ ହାଁସଦା, ବ୍ରହ୍ମପୁର ମହାନଗର ନିଗମ ଯନ୍ତ୍ରୀ ଇ. ମନୋଜ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଶ୍ରୀ ବଳଦେବଜୀଉ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ

**ବୁଗୁଡା,୧୧।୨/ଏନ୍ଏନ୍ଏସ୍:** ସ୍ଥାନୀୟ ଶ୍ରୀ ବଳଦେବଜୀଉ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ସ୍ୱପରିସରରେ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ମନୋଜ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ , ମୁଖ୍ୟ ବକ୍ତା ଭାବେ ଘୁମୁସର ସାଂଗଠନିକ ଜିଲ୍ଲା ବିଜେପି ଉପସଭାପତି ପ୍ରଭାକର ପଣ୍ଡା , ସମ୍ମାନିତ ଅତିଥି ଭାବେ ଏନ୍ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, ସରକାରୀ ଓକିଲ ହର ପ୍ରସାଦ ଦାଶ ପ୍ରମୁଖ ଯୋଗ ଦେଇ ଛାତ୍ରୀମାନଙ୍କୁ ମାର୍ଗ ଦର୍ଶନ କରିଥିଲେ । ଏ ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏଥି ସହ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ । ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ କ୍ରୀଡା ଶିକ୍ଷକ ସତ୍ୟଶ୍ରୀ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପରିଶେଷରେ ଅଧ୍ୟାପକ ଅନିଲ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଯୌତୁକ ନିର୍ଯାତନାରୁ ଆତ୍ମହତ୍ୟା ଅଭିଯୋଗ

**ପାତ୍ରପୁର,୧୧।୨/ଏନ୍ଏନ୍ଏସ୍:** ପାତ୍ରପୁର ବ୍ଲକ ପଦାଦିଗି ଗ୍ରାମର ଜନୈକ ମହିଳା ଯୌତୁକ ନିର୍ଯାତନାରୁ ଆତ୍ମହତ୍ୟା କରିଥିବା ନେଇ ଅଭିଯୋଗ ହୋଇଛି । ଆତ୍ମହତ୍ୟା କରିଥିବା ମହିଳା ଜଣକ ପଦ୍ମନାଭପୁର ଗ୍ରାମର ପ୍ରତାପ ମହାରଣାଙ୍କ ଝିଅ ଅନିତା ମହାରଣା ବୋଲି ଜଣାପଡିଛି । ମିଳିଥିବା ସୂଚନା ପ୍ରକାରେ ପାତ୍ରପୁର ବ୍ଲକ ପଦାଦିଗି ଗ୍ରାମର ସ୍ୱର୍ଗତ ସହଦେବ ମହାରଣାଙ୍କ ପୁଅ ଚିନ୍ମୟ ମହାରଣାଙ୍କୁ ୨ ଜୁନ ୨୦୨୫ରେ ଦିଗପହଣ୍ଡି ଥାନା ଇଲାକା ପଦ୍ମନାଭପୁର ଗ୍ରାମର ପ୍ରତାପ ମହାରଣାଙ୍କ ଝିଅ ଅନିତା ମହାରଣା ବିବାହ କରିଥିଲେ । ବିବାହର କିଛି ମାସ ଭଲରେ ଚାଲିଲା ପରେ ଚିନ୍ମୟ ସବୁବେଳେ ଯୌତୁକ ଦାବି କରି ମାନସିକ ଓ ଶାରୀରିକ ନିର୍ଯ୍ୟାତନା ଦେଉଥିଲେ । ଝିଅ ଅନିତା ଏନେଇ ପରିବାରଙ୍କୁ ଜଣାଇବା ପରେ ଉଭୟ ପରିବାର ମିଳିତ ଭାବେ ବିବାଦର ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ କରିଥିଲେ । ପୁଣି କିଛି ମାସ ବ୍ୟବଧାନ ପରେ ଉଭୟ ସ୍ୱାମୀ, ସ୍ତ୍ରୀଙ୍କ ମଧ୍ୟରେ ଅଶାନ୍ତି ହେବାରୁ ଗତ ଫେବୃଆରୀ ୪ ତାରିଖ ଦିନ ପୁଣି ମହିଳାଙ୍କ ପରିବାର ଲୋକ ଅନିତାଙ୍କୁ ନେଇ ନିଜ ଘରକୁ ଚାଲି ଯାଇଥିଲେ । ଗତକାଲି କେ. ନୂଆଗାଁ ଥାନା ଇଲାକା ସାରୁ ସନ୍ଧିଗାଁକୁ ଅନିତା ଓ ପରିବାର ଲୋକ ଭୋଜି ଖାଇବାକୁ ଯାଇଥିଲେ । ସେଠାକୁ ଅନିତାଙ୍କ ସ୍ୱାମୀ ଚିନ୍ମୟ ମଧ୍ୟ ଆସି ଭୋଜି ଖାଇବା ସହ ସ୍ତ୍ରୀ ଅନିତାକୁ ଲକ୍ଷେ ଟଙ୍କା ଧରି ଘରକୁ ଆସିବାକୁ କୁଆଡେ କହିଥିଲେ । ପରେ ଅନିତା ବଡ଼ଭାଇ ଘରେ ଥିବା ବେଳେ ରାତିରେ କଣ ଖାଇଦେଇ ଛଟପଟ ହୋଇ ମୃତ୍ୟୁ ବରଣ କରିଥିବା ନେଇ ମହିଳାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏନେଇ ଜରଡ଼ା ଥାନା ଅଧିକାରୀ ଟୁନା ସାସମଲ୍‌ଙ୍କ ସହ ଯୋଗାଯୋଗ କରିବାରୁ ଚିନ୍ମୟଙ୍କୁ ଗିରଫ କରାଯାଇ ତଦନ୍ତ ଚଳାଇଥିବା କହିଛନ୍ତି । ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ଓ ତଦନ୍ତ ପରେ ପ୍ରକୃତ ତଥ୍ୟ ଜଣାପଡ଼ିବ ବୋଲି ଥାନା ଅଧିକାରୀ କହିଛନ୍ତି ।

# ମେକ୍ ମାଇକେଲ୍ ସଂସ୍କୃତ ମହାବିଦ୍ୟାଳୟ ଶେଷବର୍ଷ ବିଦ୍ୟାର୍ଥୀଙ୍କୁ ବିଦାୟ ସମ୍ବର୍ଦ୍ଧନା



**ଆସିକା,୧୧।୨/ଏନ୍ଏନ୍ଏସ୍:** ସ୍ଥାନୀୟ ନିରଞ୍ଜନ ନଗରସ୍ଥିତ ମେକ୍ ମାଇକେଲ୍ ସଂସ୍କୃତ ମହାବିଦ୍ୟାଳୟର ଯୁକ୍ତତିନି(ଶାସ୍ତ୍ରୀ) ଶେଷବର୍ଷ ଓ ଯୁକ୍ତ୨ ଦ୍ୱିତୀୟ ବର୍ଷ (ଉପଶାସ୍ତ୍ରୀ ଶେଷ ବର୍ଷ) ଛାତ୍ରଛାତ୍ରୀଙ୍କୁ ଶିକ୍ଷାନୁଷ୍ଠାନ ପରିସରରେ ଆଜି ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶ୍ୱିନୀ କୁମାର ଦାଶ, ଅଧ୍ୟାପକ ସନାତନ ପଣ୍ଡା, ଅଧ୍ୟାପକ ବାବାନାଥ ମିଶ୍ର, ଅଧ୍ୟାପକ ଶିଶିର କୁମାର ମିଶ୍ର, ଅଧ୍ୟାପିକା କବିତା କୁମାରୀ ଦାସ, ମେକ୍ ମାଇକେଲ ସଂସ୍କୃତ ଟୋଲ୍‌ର ପ୍ରଧାନପଣ୍ଡିତ ପ୍ରଦୀପ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇ ବିଦାୟୀ ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏକାଗ୍ରତା, ଧୈର୍ଯ୍ୟ ଓ କଠିନ ପରିଶ୍ରମରେ ସଫଳତା ମିଳିଥାଏ ବୋଲି କହିଥିଲେ । ମେକ୍ ମାଇକେଲ୍ ସଂସ୍କୃତ ସ୍ନାତକ ମହାବିଦ୍ୟାଳୟ ଯୁକ୍ତ ତିନି (ଶାସ୍ତ୍ରୀ) ଶେଷ ବର୍ଷର ବିଦ୍ୟାର୍ଥୀ ଏମ୍.ପାଵାନୀ ରାଓ ଏବଂ ବିଜୁ ବେହେର ଦଳେଇ ଏବଂ ଯୁକ୍ତଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦ୍ୱିତୀୟ ବର୍ଷର ବିଦ୍ୟାର୍ଥୀ ଦୁତୀକୃଷ୍ଣ ପୋଲାଇ ଓ ପୂଜାରାଣୀ ଗୌଡ ଏହି ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗଦେଇ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନଙ୍କ ମାର୍ଗଦର୍ଶନ ଓ ପ୍ରେରଣା ସାଙ୍ଗକୁ ପାଠପଢା ସମୟର ସ୍ମୃତି ଓ ଅନୁଭୂତି ସଦାସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ । ଶିକ୍ଷାନୁଷ୍ଠାନର ଶାସ୍ତ୍ରୀ ତୃତୀୟ ବର୍ଷର ବିଦ୍ୟାର୍ଥୀ ପି.ଭବାନୀ ରେଡି, ରଶ୍ମିତା ସାହୁ, ବର୍ଷାରାଣୀ ସ୍ୱାଇଁ, ଦିପ୍ତୀରାଣୀ ବେହେରା, ଜ୍ୟୋତି ମହାନ୍ତି, ବନିତା ବିଷୋୟୀ, ଚନ୍ଦନ ସେଠୀଙ୍କ ସମେତ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷାନୁଷ୍ଠାନର କର୍ମଚାରୀ ଟୁନା ମହାରଣା, ପ୍ରଦୀପ କୁମାର ଷଡଙ୍ଗୀଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।





### ବଜେଟ୍ ଅଧିବେଶନ

# ୧୬ରେ ସର୍ବଦଳୀୟ ବୈଠକ

**ଭୁବନେଶ୍ୱର,୧୧।୨/ଏନ୍ଏନ୍ଏସ୍:** ଗୁରୁତ୍ୱପୂର୍ଣ୍ଣ ବଜେଟ୍ ଅଧିବେଶନ ଫେବୃଆରୀ ୧୭ରୁ ଆରମ୍ଭ ହେବ। ତାହା ଦୁଇ ପର୍ଯ୍ୟାୟ ବିଶିଷ୍ଟ ହେବ। ଏପ୍ରିଲ ୮ ଯାଏଁ ତାହା ଚାଲିବ। ଏହି ଅଧିବେଶନ ଶୃଙ୍ଖଳିତ ଭାବେ ଚାଲିବା ପାଇଁ ବାଚସ୍ପତି ସୁରମା ପାଢ଼ୀ ଫେବୃଆରୀ ୧୬ରେ ସର୍ବଦଳୀୟ ବୈଠକ ଡାକିଛନ୍ତି।

ବୁଧବାର ଗଣମାଧ୍ୟମକୁ ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଛନ୍ତି ଯେ, ଦୁଇ ପର୍ଯ୍ୟାୟ ବିଶିଷ୍ଟ ବଜେଟ୍ ଅଧିବେଶନ ବେଶ୍ ଗୁରୁତ୍ୱପୂର୍ଣ୍ଣ ହେବ। ଫେବୃଆରୀ ୨୦ରେ ଅର୍ଥମନ୍ତ୍ରୀ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଗତ କରିବେ ଆର୍ଥିକ ବର୍ଷ୨୦୨୬-୨୭ ପାଇଁ ରାଜ୍ୟର ପୂର୍ଣ୍ଣାଙ୍ଗ ବଜେଟ୍। ତେଣୁ ଫେବୃଆରୀ ୧୬ ଦିନ ସାଢ଼େ ୧୧ରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ। ଏଥିରେ ଶାସକ ଓ ବିରୋଧୀ ଦଳର ସଦସ୍ୟଙ୍କ ସମେତ ମୁଖ୍ୟମନ୍ତ୍ରୀ, ଉପବାଚସ୍ପତି, ସଂସଦୀୟ ବ୍ୟାପାର ମନ୍ତ୍ରୀ ଓ ଅନ୍ୟମାନେ ଉପସ୍ଥିତ ରହିବେ। ସୁରୁଖୁରୁରେ ଗୃହ ଚାଲିବା ପାଇଁ ସବୁ ଦଳର ସହଯୋଗ ଲୋଡ଼ାଯିବ ବୋଲି ସେ ପ୍ରକାଶ କରିଛନ୍ତି।

ଉଲ୍ଲେଖନୀୟ ଯେ ସପ୍ତଦଶ ବିଧାନସଭାର ଷଷ୍ଠ ତଥା ବଜେଟ୍ ଅଧିବେଶନର ପ୍ରଥମ ଦିନ ପୂର୍ବାହ୍ନ ୧୧ଟାରେ ଗୃହ କାର୍ଯ୍ୟକୁ ଆରମ୍ଭ କରିବେ ବାଚସ୍ପତି ସୁରମା ପାଢ଼ୀ। ମହାମହିମ ରାଜ୍ୟପାଳ ଡ. ହରିବାବୁ କୁମ୍ଭମ୍ପଟି ଅଧିବେଶନର ପ୍ରଥମ ଦିନରେ ଗୃହରେ ଅଭିଭାଷଣ ରଖିବେ। ଫେବୃଆରୀ ୧୮ ଓ ୧୯ରେ ଦୁଇଦିନ ଧରି ରାଜ୍ୟପାଳଙ୍କ ଅଭିଭାଷଣ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ହେବ। ଫେବଢଆରୀ ୨୦ରେ ଆଗତ ହେବ ଆର୍ଥିକ ବର୍ଷ୨୦୨୬-୨୭ରେ ରାଜ୍ୟର ପୂର୍ଣ୍ଣାଙ୍ଗ ବଜେଟ୍ ଆଗତ ହେବ। ପୁଣି ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୯ରୁ ଆରମ୍ଭ ହୋଇ ଏପ୍ରିଲ ୮ରେ ଶେଷ ହେବ। ମାର୍ଚ୍ଚ ୩୦ରେ ବଜେଟ୍ ଅନୁମୋଦନ ପାଇଁ ଗୃହର ଅନୁମତି ଲୋଡ଼ିବେ ଅର୍ଥମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ। ଶେଷରେ ଏପିଲ ୮ରେ ବାଚସ୍ପତି ଶ୍ରୀମତୀ ପାଢ଼ୀ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗୃହକୁ ମୁଲତବୀ କରିବେ।

# ଏଆଇଆର୍ଏଡବ୍ଲ୍ୟୁଏଟି-ନଗର ଉନ୍ନୟନ ବିଭାଗ ଏମ୍ଓୟୁ

## ରାଜ୍ୟର ସହରାଞ୍ଚଳ ପ୍ରଶାସନରେ ଏଆଇର ପ୍ରୟୋଗକୁ ଅଧିକ ସୁଦୃଢ଼ କରାଯିବ



**ଭୁବନେଶ୍ୱର,୧୧।୨/ଏନ୍ଏନ୍ଏସ୍:** ରାଜ୍ୟରେ ସ୍ଥାୟୀ, ଭବିଷ୍ୟତ-ଉପଯୋଗୀ ଏବଂ ନାଗରିକ-କୈନ୍ଦ୍ରିକ ସହର ଗଠନ ଦିଗରେ ଓଡ଼ିଶା ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ବୁଧବାର ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏବଂ ଆଇଆଇଟି କାନପୁରର 'ଏଆଇଆର୍ଏଡବ୍ଲ୍ୟୁଏଟି ରିସର୍ଚ୍ଚ ଫାଉଣ୍ଡେସନ' ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ସହଭାଗିତା ମାଧ୍ୟମରେ ରାଜ୍ୟର ସହରାଞ୍ଚଳ ପ୍ରଶାସନରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗକୁ ଅଧିକ ସୁଦୃଢ଼ କରାଯିବ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ଶ୍ରୀମତୀ ପାଢୀ କହିଛନ୍ତି ଯେ, 'ଓଡ଼ିଶା ନିଜର ସହରଗୁଡ଼ିକୁ କେବଳ ସ୍ମାର୍ଟ ନୁହେଁ, ବରଂ ଅଧିକ ସମ୍ବେଦନଶୀଳ ଏବଂ ସମାବେଶୀ କରିବାକୁ ପ୍ରତିବଦ୍ଧ। ଏହି ସହଭାଗିତା ଏଆଇ ସହାୟତାରେ ସହରାଞ୍ଚଳ ସେବା ପ୍ରଦାନକୁ ଉନ୍ନତ କରିବ ଏବଂ ତଥ୍ୟଭିତ୍ତିକ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ପ୍ରଭାବଶାଳୀ କରିବ।'ଏଆଇଆର୍ଏବ୍ଲ୍ୟୁଏଟି ରିସର୍ଚ୍ଚ ଫାଉଣ୍ଡେସନର ସିଇଓ ଅମର ନାଥ କହିଛନ୍ତି ଯେ,ସରକାର ଏବଂ ପ୍ରତିଷ୍ଠିତ ଗବେଷଣା ପ୍ରତିଷ୍ଠାନ ମଧ୍ୟରେ ଏଭଳି ସହଯୋଗ ଦ୍ୱାରା ଏଆଇ ସମାଧାନଗୁଡ଼ିକୁ ନାଗରିକଙ୍କ ଆବଶ୍ୟକତା ଅନୁଯାୟୀ ବିକଶିତ କରାଯାଇପାରିବ। ଏଆର୍ଏଫ୍ ଓଡ଼ିଶାରେ ଏକ ଦୃଢ଼ ଏବଂ ଦାୟିତ୍ୱପୂର୍ଣ୍ଣ ଏଆଇ ବ୍ୟବସ୍ଥା ଗଠନ ପାଇଁ ପୂର୍ଣ୍ଣ ସହଯୋଗ କରିବ। ଏହି ସହଭାଗିତା ମାଧ୍ୟମରେ ଏଆର୍ଏଫ୍ ବିଭାଗର ଏଆଇ ଇନୋଭେସନ ପାର୍ଟନର ଭାବରେ କାର୍ଯ୍ୟ କରିବ ଏବଂ ବୈଷୟିକ ସହାୟତା ପ୍ରଦାନ କରିବ। ନଗର ଉନ୍ନୟନ ବିଭାଗ ମଧ୍ୟରେ ଏକ ସ୍ୱତନ୍ତ୍ର ଏଆଇପିଏମ୍ୟୁ ପ୍ରତିଷ୍ଠା କରାଯିବ, ଯାହା ଏଆଇ କାର୍ଯ୍ୟକ୍ରମଗୁଡ଼ିକର ସମନ୍ୱୟ ରକ୍ଷା କରିବ। ରାଜ୍ୟ ପାଇଁ ଏକ ଦୀର୍ଘକାଳୀନ ଇଓ ରୋଡମ୍ୟାପ୍ ପ୍ରସ୍ତୁତ କରାଯିବ, ଯାହା ପୌରସଂସ୍ଥା ଗୁଡ଼ିକରେ ବୈଷୟିକ ସଂସ୍କାର ଆଣିବ.ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ଏଆଇର ନୈତିକ ଏବଂ ସ୍ୱଚ୍ଛ ପ୍ରୟୋଗ ପାଇଁ ତାଲିମ ପ୍ରଦାନ କରାଯିବ। ଏହି ସହଭାଗିତା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାରେ ଡକ୍ଟର ସୁବ୍ରତ ବିଶ୍ୱାଳଙ୍କ ନେତୃତ୍ୱରେ 'ଇ ଜିଓଭି' ଫାଉଣ୍ଡେସନ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଖାରବେଳ ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗର ବରିଷ୍ଠ ପଦାଧିକାରୀ ଏବଂ 'ଇ ଜିଓଭି' ଟିମର ସଦସ୍ୟ ଉପସ୍ଥିତ ଥିଲେ।

### ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୫୮ତମ ପୁଣ୍ୟତିଥିରେ ମୁଖ୍ୟମନ୍ତ୍ରୀ

# 'ଏକାତ୍ମମାନବବାଦ ଗରିବଙ୍କ ଉତ୍ଥାନ ପାଇଁ ସର୍ବଶ୍ରେଷ୍ଠ ମଡେଲ୍'

## ଭାରତରେ ମୂଲ୍ୟଭିତ୍ତିକ ରାଜନୀତି ଆରମ୍ଭ କରିଥିଲେ ଦୀନଦୟାଲ: ରାଜ୍ୟ ସଭାପତି



**ଭୁବନେଶ୍ୱର,୧୧।୨/ଏନ୍ଏନ୍ଏସ୍:** 'ପଣ୍ଡିତ ଦୀନଦୟାଲ ଜୀ ନିଜେ ସାରା ଜୀବନକୁ ରାଷ୍ଟ୍ର ସେବା ପାଇଁ ସମର୍ପିତ କରିଦେଇଥିଲେ। ଆର୍ଥିକ ଅନଗ୍ରସର ବ୍ୟକ୍ତିର ସର୍ବାଙ୍ଗିନ ବିକାଶ ପାଇଁ ପଣ୍ଡିତ ଦୀନଦୟାଲ ଜୀ କାର୍ଯ୍ୟ କରୁଥିଲେ। ଗରୀବ କଲ୍ୟାଣ ମୂଳକ କାର୍ଯ୍ୟର ସଫଳ ରୂପାୟନ କରିବା ପଛରେ ପଣ୍ଡିତ ଦୀନଦୟାଲ ଜୀଙ୍କ ଦର୍ଶନ ଶାସ୍ତ୍ର ହିଁ ମୂଳ ଆଧାର। ତାଙ୍କ ଏକାତ୍ମମାନବବାଦ ଦର୍ଶନ ଏବଂ ସମାଜର ଶେଷ ବ୍ୟକ୍ତିର ଉତ୍ଥାନ ଅନ୍ତ୍ୟୋଦୟ ବିଚାରଧାରାକୁ ପ୍ରୋତ୍ସାହିତ କରିବା ଥିଲା ତାଙ୍କ ମହତ ଉଦ୍ଦେଶ୍ୟ। ସ୍ୱଦେଶୀ ଭାବନା ଓ ଭାରତୀୟ ସଂସ୍କୃତି ଆଧାରିତ ରାଷ୍ଟ୍ରଚିନ୍ତନକୁ ଦୃଢ ଓ ତଥ୍ୟ ପୂର୍ଣ୍ଣ ଅର୍ଥରେ ପରିପ୍ରକାଶ କରି ଏହାର ମହାନତାକୁ ସାବ୍ୟସ୍ତ କରିବା ହେଲା ଏକାତ୍ମମାନବବାଦର ମୂଳ ଲକ୍ଷ୍ୟ। ଭାରତୀୟ ଜନସଂଘର ନୀତି ଓ ସିଦ୍ଧାନ୍ତ ଉପସ୍ଥାପନା କରିବାକୁ ଯାଇ ପଣ୍ଡିତ୍ ଦୀନଦୟାଲଜୀ ଏକାତ୍ମମାନବବାଦ ଦର୍ଶନ ପ୍ରସ୍ତୁତ କରିଥିଲେ। ଦୀନଦୟାଲଙ୍କ ଏକାତ୍ମମାନବବାଦ ଗରିବଙ୍କ ଉତ୍ଥାନ ପାଇଁ ସର୍ବଶ୍ରେଷ୍ଠ ମଡେଲ ଅଟେ। ଅନ୍ତ୍ୟୋଦୟ ଦର୍ଶନର ପରିକଳ୍ପନା ଓ ପ୍ରଣୟନ ପଣ୍ଡିତ ଦୀନଦୟାଲଜୀଙ୍କ ଏକ ଅଭୂତପୂର୍ବ ସଫଳତା। ସମାଜର ଅର୍ଥନୈତିକ ଶିଡିର ସବୁଠାରୁ ତଳ ସୋପାନରେ ଥିବା ଅନଗ୍ରସର ବ୍ୟକ୍ତିର ସର୍ବାଙ୍ଗିନ ବିକାଶ ପାଇଁ ପଣ୍ଡିତ ଦୀନଦୟାଲ ଜୀ କାର୍ଯ୍ୟ କରୁଥିଲେ ବୋଲି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ କହିଛନ୍ତି। ରାଜ୍ୟ ବିଜେପି କାର୍ଯ୍ୟାଳୟଠାରେ ରାଷ୍ଟ୍ର ସେବା ପାଇଁ ସମର୍ପିତ ଥିବା ଭାରତୀୟ ଜନସଂଘର ସହସଂସ୍ଥାପକ ତଥା ଭାରତୀୟ ଜନସଂଘର ପ୍ରଥମ ସଂଗଠନ ସଂପାଦକ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୫୮ତମ ପୁଣ୍ୟତିଥି ଅବସରରେ 'ସମର୍ପଣ ଦିବସ -୨୦୨୬' କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହା କହିଛନ୍ତି। ଗ୍ରାମାଞ୍ଚଳରେ ସେବା କରୁଥିବା ଗରିବ ଏବଂ ସମାଜର ଅବହେଳିତ ବ୍ୟକ୍ତିମାନଙ୍କ ପ୍ରତି ଦୀନଦୟାଲଜୀଙ୍କ ସଂକଳ୍ପବଦ୍ଧତାକୁ ସ୍ମରଣ କରିବା ହେଉଛି ସମର୍ପଣ ଦିବସର ମୂଳ ଉଦ୍ଦେଶ୍ୟ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ଏହି ସମର୍ପଣ ଦିବସରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଯୋଗ ଦେଇ କହିଛନ୍ତି ଯେ, ପଣ୍ଡିତ ଦୀନଦୟାଲ ଜୀ ଜଣେ ଅଦ୍ୱୈତ୍ୟ ସଂଗଠକ ଥିଲେ। ସେ ଭାରତୀୟ ଜନତା ସଂଘର ପ୍ରାଣ ପ୍ରତିଷ୍ଠାତା ଅଟନ୍ତି। ଭାରତବର୍ଷରେ ମୂଲ୍ୟଭିତିକ ରାଜନୀତି ସେ ଆରମ୍ଭ କରିଥିଲେ। କାଶ୍ମୀରରେ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଯେତେବେଳେ ବଳିଦାନ ହେଲା ସେ ସମୟରେ ଦୀନଦୟାଲ ଉପାଧ୍ୟାୟ ଜୀ ଦଳର ମଙ୍ଗ ଧରିଥିଲେ। ସେ ଅଟଳ ବିହାରୀ ବାଜପେୟୀ ଙ୍କୁ ନେତୃତ୍ୱ ଭାବେ ପ୍ରସ୍ତୁତ କରିଥିଲେ। ଦୀନଦୟାଲ ଉପାଧ୍ୟାୟଜୀ ଙ୍କୁ ୧୯୬୮ ମସିହା ଫେବୃଆରୀ ୧୧ ତାରିଖରେ ମୋଗଲ ସରାଇ ରେଳଷ୍ଟେସନରେ ହତ୍ୟା କରାଯାଇଥିଲା। ଏହା ପୂର୍ବରୁ ସେ ଦେଶରେ ୩୫ଟି ଲୋକସଭାରେ ଜନସଂଘକୁ ବିଜୟୀ କରିବା ସହ ୪ଟି ରାଜ୍ୟକୁ ଶାସନ କ୍ଷମତାକୁ ଆଣିଥିଲେ। ଦୀନଦୟାଲଜୀ ରାଷ୍ଟ୍ରୀୟ ଚିନ୍ତାଧାରାରେ ଦେଶ, ଜାତୀୟତାବାଦ, ଦେଶଭକ୍ତି ଏବଂ ଶୃଙ୍ଖଳିତ ଆତ୍ମୀୟତା ଦୃଢତାର ଜଣେ ପ୍ରତୀକ ଥିଲେ। ତାଙ୍କ ନୀତିକୁ ଆଧାର କରି ଗରିବ କଲ୍ୟାଣ ଯୋଜନାରେ ସାଧାରଣ ଲୋକଙ୍କ ବିକାଶ କରାଯିବ। ଏହି ଏକାତ୍ମମାନବବାଦ ଦର୍ଶନକୁ ସଫଳ ରୂପେ କ୍ରିୟାନ୍ୱୟନ କରିବା ପାଇଁ ଏବେ ୨୦ଟି ରାଜ୍ୟ ସରକାର ଓ କେନ୍ଦ୍ରସରକାର ଲାଗିଛନ୍ତି। ପଣ୍ଡିତ ଦୀନଦୟାଲ ଉପାଧ୍ୟୟଜୀ ଙ୍କ ନୀତି ଆଦର୍ଶ ଓ ବିଚାରରେ ଅନୁପ୍ରାଣିତ ହୋଇ ଆଜି ଏହି ମହାନ ଦିବସରେ ସମାଜ ପାଇଁ ଆମେ ସମସ୍ତେ ସମର୍ପିତ ଭାବେ କାର୍ଯ୍ୟ କରିବାକୁ ସଂକଳ୍ପ ନେବା। ଏହା ହିଁ ହେବ ପଣ୍ଡିତଜୀଙ୍କ ପ୍ରତି ଆମର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି।

ସମର୍ପଣ ଦିବସ ପାଳନର ରାଜ୍ୟ ସଂଯୋଜକ ତଥା ରାଜ୍ୟ ଉପସଭାପତି ଅଶୋକ ମିଶ୍ର ସାଂସ୍କୃତିକ ରାଷ୍ଟ୍ରବାଦ, ଅନ୍ତ୍ୟୋଦୟ, ପରିଷ୍କୃତ ଗଣତନ୍ତ୍ର ଓ ଦୀନଦୟାଲଜୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ 'ବିଜେପି ବାର୍ତ୍ତା' ପତ୍ରିକାର ଉନ୍ମୋଚନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ଟିଟିଲାଗଡ ବିଧାୟକ ନବୀନ କୁମାର ଜୈନ୍, ରାଜ୍ୟ ଉପସଭାପତି ଡ. ଯତୀନ ମହାନ୍ତି, ବିଷ୍ଣୁ ଦାସ, ରାଜ୍ୟ ସାଧାରଣ ସଂପାଦକ ଶାରଦା ପ୍ରସାଦ ଶତପଥୀ, ପୂର୍ଣ୍ଣିମା ପ୍ରିୟଦର୍ଶିନୀ ନାୟକ, ରାଜ୍ୟ ସଂପାଦିକା ଡ. ପ୍ରିତୀପ୍ରତିଭା ଭୋଳ, ପିଙ୍କି ପ୍ରଧାନ, ସ୍ମିତା ପ୍ରଧାନ, 'ବିଜେପି ବାର୍ତ୍ତା' ସଂପାଦକପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ବରିଷ୍ଠ ନେତା ଭୁବନାନନ୍ଦ ତ୍ରିପାଠୀ, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ରଙ୍କ ସମେତ ଅନ୍ୟ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଆଜି ରାଜ୍ୟବ୍ୟାପୀ ସମସ୍ତ ବୁଥ୍ ଏବଂ ଜିଲ୍ଲା ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇ ପଣ୍ଡିତ ଦୀନଦୟାଲଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି।

### କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ କୃଷ୍ଣଚନ୍ଦ୍ର ପାତ୍ର

# ରାଜ୍ୟରେ ବିଶ୍ୱସ୍ତରୀୟ ସାଇନ୍ସ ସିଟି ପ୍ରତିଷ୍ଠା ପାଇଁ ଲୋଡ଼ିଲେ ସହଯୋଗ



**ଭୁବନେଶ୍ୱର,୧୧।୨/ଏନ୍ଏନ୍ଏସ୍:** ରାଜ୍ୟରେ ବୈଜ୍ଞାନିକ ଭିତ୍ତିଭୂମି ଓ ନବସୃଜନର ସୁଦୃଢ଼ୀକରଣ ପାଇଁ କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ. ଜିତେନ୍ଦ୍ର ସିଂହଙ୍କୁ ରାଜ୍ୟ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ନୂଆଦିଲ୍ଲୀରେ ସାକ୍ଷାତ କରିଛନ୍ତି। ଉଭୟ ମନ୍ତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ଏହି ବୈଠକରେ ଓଡ଼ିଶାରେ ଆଞ୍ଚଳିକ ବୈଜ୍ଞାନିକ ଲକ୍ଷ୍ୟ ହାସଲ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ର ଅଭିବୃଦ୍ଧି ପାଇଁ ବିସ୍ତୃତ ଆଲୋଚନା ହୋଇଛି। ଭୁବନେଶ୍ୱରରେ ଏକ ବିଶ୍ୱସ୍ତରୀୟ ସାଇନ୍ସ ସିଟି ପ୍ରତିଷ୍ଠା ପାଇଁ ମନ୍ତ୍ରୀ ଶ୍ରୀ ପାତ୍ର କେନ୍ଦ୍ରୀୟ ସହାୟତା ଲୋଡ଼ିଛନ୍ତି। ଭୁବନେଶ୍ୱର ଉପକଣ୍ଠରେ ଏହି ସାଇନ୍ସ ସିଟି ପ୍ରତିଷ୍ଠା ପାଇଁ ୧୦୦ ଏକର ଜମି ଚିହ୍ନଟ କରାଯାଇଛି। ଏହା ଦ୍ୱାରା ଅତ୍ୟାଧୁନିକ ବିଜ୍ଞାନଭିତ୍ତିକ ପ୍ରଦର୍ଶନୀ ଓ ଶିକ୍ଷା ପାଇଁ ଏହି କେନ୍ଦ୍ର ଯୁବପିଢ଼ିଙ୍କୁ ପ୍ରେରଣା ଦେବାର ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ରାଜ୍ୟରେ ଷ୍ଟାର୍ଟ ଅପ୍ ଓ ଗବେଷଣାକୁ ପ୍ରୋତ୍ସାହନ ଦେବା ନେଇ ମଧ୍ୟ ଆଲୋଚନା ହୋଇଥିଲା। ଏଥିସହ ଓଡ଼ିଶା ମହାକାଶ ଉପଯୋଗ କେନ୍ଦ୍ର ଓ ବୁର୍ଲାସ୍ଥିତ ଭିସୁଟ୍‌ରେ ଉପଲବ୍ଧ ଗବେଷଣା ଓ ପ୍ରୟୋଗଶାଳାର ବୈଷୟିକ ବିଶେଷଜ୍ଞତାକୁ ଉପଯୋଗ କରି ଉପଗ୍ରହ ତଥ୍ୟ ପ୍ରୟୋଗ ଓ ଏହାର ଅଗ୍ରଗତି ଉପରେ ଗବେଷଣାମୂଳକ ପଦକ୍ଷେପ ଗ୍ରହଣ କରାଯିବା ଉପରେ ମଧ୍ୟ ଆଲୋଚନା ହୋଇଛି। ଏଥିସହ ଜାତୀୟ ଜୈବ ଇ-ଥ୍ରୀ ନୀତି ସହ ସମନ୍ୱୟ ରକ୍ଷାକରି ଓଡ଼ିଶାରେ ଜୈବ ଇ-ସେଲ୍ର ପ୍ରଚଳନ କରାଯିବା ପ୍ରସଙ୍ଗ ବୈଠକରେ ସ୍ଥାନ ପାଇଥିଲା। ଏହି କେନ୍ଦ୍ରଗୁଡ଼ିକ ଉଚ୍ଚକ୍ଷମତାସଂପନ୍ନ ଜୈବ ଉପାଦାନ, ପରିବେଶ ଅନୁକୂଳ ପ୍ରଯୁକ୍ତି ବିଦ୍ୟାକୁ ପ୍ରୋତ୍ସାହନ ଓ ଗବେଷଣା ଉପରେ ବିଶେଷ ଦୃଷ୍ଟି ଦେବ। ଉକ୍ତ ବୈଠକରେ ମନ୍ତ୍ରୀ ଶ୍ରୀ ପାତ୍ର ରାଜ୍ୟକୁ ସମସ୍ତ କ୍ଷେତ୍ରରେ ସହଯୋଗ ପାଇଁ କେନ୍ଦ୍ର ମନ୍ତ୍ରୀ ଡ. ସିଂହଙ୍କୁ ଧନ୍ୟବାଦ ଜଣାଇଥିଲେ। ରାଜ୍ୟ ଓ କେନ୍ଦ୍ର ମଧ୍ୟରେ ଏହି ଉତ୍ତମ ସମନ୍ୱୟ ଦ୍ୱାରା ଓଡ଼ିଶାକୁ ଭାରତରେ ଏକ ଅଗ୍ରଣୀ ବୈଜ୍ଞାନିକ ଓ ଶିଳ୍ପ କେନ୍ଦ୍ରରେ ପରିଣତ କରିବା ନିମନ୍ତେ ସହଯୋଗ ମିଳିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ଆଶାବ୍ୟକ୍ତ କରିଥିଲେ। ଅନୁରୂପ ଭାବେ ମନ୍ତ୍ରୀ ଡ. ସିଂହ ମଧ୍ୟ ବିକଶିତ ଭାରତ ଲକ୍ଷ୍ୟ ପୂରଣରେ ଓଡ଼ିଶାର ଅବଦାନକୁ ଭୂୟସୀ ପ୍ରଶଂସା କରିବା ସହ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ସମସ୍ତ ସହଯୋଗ ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ନବୀନଙ୍କ ସହ ଗଞ୍ଜାମ ଜିଲ୍ଲା ବିଜେଡି ନେତାଙ୍କ ଆଲୋଚନା

**ଭୁବନେଶ୍ୱର,୧୧।୨/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲା ବିଜୁ ଜନତା ଦଳର ନେତାମାନେ ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକଙ୍କୁ ବୁଧବାର ନବୀନ ନିବାସରେ ଭେଟି ଜିଲ୍ଲାରେ ଦଳର ସାଂଗଠନିକ ସ୍ଥିତି, ଚାଷୀ ସମସ୍ୟା ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ଅବସରରେ ଜିଲ୍ଲାରେ ଦଳର ସାଂଗଠନିକ କାର୍ଯ୍ୟକୁ ଆହୁରି ବ୍ୟାପକ କରିବା ସହ ନିର୍ବାଚନ ନେଇ ପ୍ରସ୍ତୁତ ରହିବା ପାଇଁ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଥିବା ଜଣାପଡ଼ିଛି।

ନବ ଘୋଷିତ ପୌର ପରିଷଦ ମଧ୍ୟରୁ ଗଞ୍ଜାମ ଜିଲ୍ଲାରେ ୭ଟି ୟୁଏଲବିରେ ପ୍ରଥମ କରି ନିର୍ବାଚନ ହେବ। ତାସହିତ ପଞ୍ଚାୟତ ନିର୍ବାଚନ ମଧ୍ୟ ପାଖେଇଆସିଲାଣି। ତେଣୁ ଏବେଠୁ ଜିଲ୍ଲାସ୍ତରରେ ପ୍ରସ୍ତୁତି ଆରମ୍ଭ କରିବା ଉପରେ ସଭାପତି ଗୁରୁତ୍ୱାରୋପ କରିଥିଲେ। ଉକ୍ତ ବୈଠକରେ ନବ ନିଯୁକ୍ତ କାର୍ଯ୍ୟକାରୀ ସଭାପତି ଦ୍ୱୟ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓ ଭଗବାନ ପ୍ରତିହାରୀ, ଚନ୍ଦ୍ରଶେଖର ସାହୁ, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ଭୃଗୁ ବକ୍ସିପାତ୍ର, ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଶ୍ରୀକାନ୍ତ ସାହୁ ଓ ରଂଜିତା ସାହୁଙ୍କ ସମେତ ଗଞ୍ଜାମ ଜିଲ୍ଲାର ୧୩ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ନେତାମାନେ ଉପସ୍ଥିତ ଥିଲେ।

### ବିଏଲ୍ଓଙ୍କ ସହ ସିଇଓଙ୍କ ବୈଠକ

# ଭୋଟର୍ ତାଲିକା ସଂଶୋଧନ ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୧୧।୨/ଏନ୍ଏନ୍ଏସ୍:** ସାଧାରଣ ନିର୍ବାଚନକୁ ଆଉ ତିନି ବର୍ଷ ଥିବାରୁ ସବୁ ରାଜ୍ୟ ଭଳି ଓଡ଼ିଶାରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏସ୍ଆଇଆର୍ ସମ୍ବନ୍ଧରେ ଅଧିକରୁ ଅଧିକ ଭୋଟରମାନଙ୍କ ମଧ୍ୟରେ ସଚେତନତା, ଇସିଆଇ 'ନେଟ୍ ଆପ୍' ଡାଉନ୍‌ଲୋଡ କରି 'ବୁକ୍ ଏ କଲ୍ ଉଇଥ୍ ବିଏଲଓ' ମାଧ୍ୟମରେ ଭୋଟରମାନେ କିପରି ନିଜର ମ୍ୟାପିଂ ଓ ନିଜର ଭୋଟର ତାଲିକା ବିଷୟରେ ସନ୍ଦେହ ଦୂର କରିବା ବିଷୟରେ ସଚେତନତାବୃଦ୍ଧି କରିବା ଉପରେ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି। ଭାରତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଓଡ଼ିଶାରେ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ବିଭିନ୍ନ ବିଧାନସଭା କ୍ଷେତ୍ରରେ ଆରମ୍ଭ କରିଛନ୍ତି।

ବୁଧବାର ଭୁବନେଶ୍ୱର ମହାନଗର ନିଗମ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଥିବା ଏକାମ୍ର ହଲରେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଅର୍ଥାତ ଏକାମ୍ର, ଉତ୍ତର, ମଧ୍ୟ ଓ ଜଟଣୀ ବିଧାନସଭା କ୍ଷେତ୍ରର ବୁଥ୍‌ସ୍ତରୀୟ ଅଧିକାରୀଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍ଏସ୍ ଗୋପଲନ ଅଧକ୍ଷତା କରି ଭୋଟର ତାଲିକା ସଂଶୋଧନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ନୂତନ ଭୋଟର ନାମ ଯୋଡ଼ା, ମୃତ ଓ ସ୍ଥାନାନ୍ତରିତ ଭୋଟରଙ୍କ ନାମ ବିଲୋପ, ତଥ୍ୟ ସତ୍ୟାପନ ଓ ଘରେ-ଘରେ ଯାଞ୍ଚ କାର୍ଯ୍ୟ,ତ୍ରୁଟି ଶୂନ୍ୟ ଭୋଟର ଲିଷ୍ଟ ସମ୍ପର୍କରେ ବୁଥ୍ ସ୍ତରୀୟ ଅଧିକାରୀ, ସୁପରଭାଇଜରମାନଙ୍କୁ ସେ ଅବଗତ ମଧ୍ୟ କରିଛନ୍ତି।

ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର କହିଥିଲେ ଯେ, ଘର ଘର ବୁଲି ଭୋଟରମାନଙ୍କ ତଥ୍ୟ ଯାଞ୍ଚ କରି ସ୍ୱତନ୍ତ୍ର ସଘନ ସଂଶୋଧନ ମ୍ୟାପିଂ ଶତ ପ୍ରତିଶତ କରିବା ସହିତ ପ୍ରତିଦିନ ବୁଥ୍‌ସ୍ତରରୁ ସମୀକ୍ଷା କରି ନିର୍ବାଚନ ପଞ୍ଜିକରଣ ଅଧିକାରୀ ଓ ଅତିରିକ୍ତ ନିର୍ବାଚନ ପଞ୍ଜିକରଣ ଅଧିକାରୀମାନଙ୍କୁ ଅଗ୍ରଗତି ରିପୋର୍ଟ ପ୍ରଦାନ କରିବାକୁ ହେବ। ଯେଉଁ ବୁଥ ସ୍ତରରେ କମ ପ୍ରତିଶତ ମ୍ୟାପିଂ ହୋଇଛି ସେଇ ଅଞ୍ଚଳରେ କିପରି ଶତପ୍ରତିଶତ ହୋଇପାରିବ ସେ ଦିଗରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ପଡ଼ିବ। ସ୍ଥାନୀୟ ଅଞ୍ଚଳରେ ଏକ କ୍ୟାମ୍ପ କରି ଆଶା,କର୍ପୋରେଟରମାନଙ୍କ ଦ୍ୱାରା ଲୋକମାନଙ୍କୁ ସଚେତନତା କରି ସେମାନଙ୍କ ମ୍ୟାପିଂକୁ ତ୍ୱରାନ୍ୱିତକରିବା ଦିଗରେ ସେ ବିସ୍ତୃତ ଭାବେ ବୁଝାଇଦେଇଥିଲେ।

**ଏସ୍ଆଇଆର୍ ସମ୍ପର୍କରେ ଭୋଟରଙ୍କ ମଧ୍ୟରେ ସଚେତନତାକୁ ଫୋକସ୍**

ସେହିପରି ଅନ୍ୟ ଅଧିକାରୀମାନେ ବିଏଲଓଙ୍କୁ ସତର୍କତା, ପାରଦର୍ଶିତା ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ନିର୍ବାଚନ କାର୍ଯ୍ୟରେ କୌଣସି ତ୍ରୁଟି ନ ହେବା ପାଇଁ ସମୟସୀମା ମଧ୍ୟରେ ସମସ୍ତ କାର୍ଯ୍ୟ ସମ୍ପାଦନ କରିବାକୁ ବୈଠକରେ ଜୋର୍ ଦିଆଯାଇଛି।

ବୈଠକରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍ଏସ୍ ଗୋପଲନଙ୍କ ସମେତ ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଡେ଼ପୁଟି ସିଇଓ ଡ଼. ଲକ୍ଷ୍ମୀ ପ୍ରସାଦ ସାହୁ ଏବଂ ନିର୍ବାଚନ ପଞ୍ଜିକରଣ ଅଧିକାରୀ ଓ ଅତିରିକ୍ତ ନିର୍ବାଚନ ପଞ୍ଜିକରଣ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

### ଓଡ଼ିଶା ରାଜ୍ୟ ମହିଳା ଆୟୋଗର ୩୩ତମ ପ୍ରତିଷ୍ଠା ଦିବସ

# ରାଜ୍ୟ ସରକାର 'ମହିଳା-ନେତୃତ୍ୱାଧୀନ ବିକାଶ' ଆଦର୍ଶରେ ବିଶ୍ୱାସ କରନ୍ତି: ଉପ-ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୧୧।୨/ଏନ୍ଏନ୍ଏସ୍:** ରାଜ୍ୟ ସରକାର କେବଳ ମହିଳା ବିକାଶ ନୁହେଁ, ବରଂ 'ମହିଳା-ନେତୃତ୍ୱାଧୀନ ବିକାଶ' ଆଦର୍ଶରେ ବିଶ୍ୱାସ କରନ୍ତି ବୋଲି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଭୁବନେଶ୍ୱରସ୍ଥିତ ଲୋକସେବା ଭବନର କନଭେନସନ ସେଣ୍ଟରଠାରେ ଓଡ଼ିଶା ରାଜ୍ୟ ମହିଳା ଆୟୋଗର ୩୩ତମ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଉଦଘାଟନ କରି ଶ୍ରୀମତୀ ପରିଡ଼ା ଏହା କହିଛନ୍ତି। ମହିଳାଙ୍କ ବିରୋଧରେ ହେଉଥିବା ହିଂସା, ଅପରାଧ ଏବଂ ଲିଙ୍ଗଗତ ବୈଷମ୍ୟକୁ ସମ୍ପୂର୍ଣ୍ଣ ରୂପେ ଦୂର କରି ସେମାନଙ୍କୁ ଉଚିତ ନ୍ୟାୟ ପ୍ରଦାନ କରିବା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ। ଏହାଛଡ଼ା ତୃଣମୂଳସ୍ତରରେ ଅପପୁଷ୍ଟି ବିରୋଧରେ ଲଢ଼େଇ କରିବା ପାଇଁ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଫଳ ବଣ୍ଟନ କରିବାକୁ ସେ କରିଥିବା ଆହ୍ୱାନକୁ ମନେ ପକାଇଥିଲେ ଏବଂ ଗୁରୁତ୍ୱାରୋପ କରିଥିଲେ ଯେ ସଠିକ୍ ପୋଷଣ ଏକ ସାମୂହିକ ଦାୟିତ୍ୱ।ଓଡ଼ିଶା ରାଜ୍ୟ ମହିଳା ଆୟୋଗର କାର୍ଯ୍ୟକୁ ପ୍ରଶଂସା କରି ସେ ମହିଳାମାନଙ୍କୁ ନିଜ ଆଖିରୁ ଲୁହ ପୋଛି ଆତ୍ମବିଶ୍ୱାସର ସହ ଆଗକୁ ବଢ଼ିବାକୁ ଆହ୍ୱାନ କରିଥିଲେ। ସେ ଆଶ୍ୱାସନା ଦେଇଥିଲେ ଯେ ରାଜ୍ୟ ସରକାର ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ପ୍ରତିବଦ୍ଧ ଏବଂ ସେମାନଙ୍କ ସଶକ୍ତିକରଣ ପାଇଁ ଅନେକ ବିକାଶମୂଳକ ଯୋଜନା କାର୍ଯ୍ୟକାରୀ କରାହେଉଛି। ଏହି ଅବସରରେ ପରିବାର କଲ୍ୟାଣ, ସ୍ୱାସ୍ଥ୍ୟ ସଂସଦୀୟ ବ୍ୟାପାର ତଥା ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ, ଏବଂ ରାଜ୍ୟ ମହିଳା ଆୟୋଗର ଅଧକ୍ଷା ଶୋଭନା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀଙ୍କ କରକମଳରେ ଆୟୋଗର ବାର୍ଷିକ ରିପୋର୍ଟ, ନ୍ୟୁଜଲେଟର 'ବିଜୟିନୀ', 'ପାସପୋର୍ଟ ଟୁ ଓମେନ ଏମପାୱାରମେଣ୍ଟ' ଏବଂ ନୂତନ ୱେବସାଇଟ୍ ଉନ୍ମୋଚିତ ହୋଇଥିଲା। ଏହା ସହିତ ସଫଳ ମିଳନ ହୋଇଥିବା ଦମ୍ପତିଙ୍କୁ ନେଇ ଏକ ସଂକଳନ 'ପୁନର୍ମିଳନ' ମଧ୍ୟ ଉନ୍ମୋଚିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।

ମନ୍ତ୍ରୀ ଶ୍ରୀ ମୁକେଶ ମହାଲିଙ୍ଗ କହିଥିଲେ ଯେ ଏକ ସୁସ୍ଥ ରାଷ୍ଟ୍ରର ଗଠନ ଏକ ସୁସ୍ଥ ରାଜ୍ୟରୁ ହିଁ ଆରମ୍ଭ ହୋଇଥାଏ ଏବଂ ମହିଳାମାନଙ୍କ କଲ୍ୟାଣ ସୁନିଶ୍ଚିତ କରିବା ଦ୍ୱାରା ହିଁ ଏହି ଲକ୍ଷ୍ୟ ହାସଲ କରାଯାଇପାରିବ। ସେ ସରକାରଙ୍କ ବିଭିନ୍ନ ଜନହିତକର ପଦକ୍ଷେପ, ବିଶେଷ କରି 'ଖୁସି' ଯୋଜନା ଅଧୀନରେ କିଶୋରୀମାନଙ୍କୁ ମାଗଣା ସାନିଟାରୀ ନାପକିନ ପ୍ରଦାନ କରାଯାଉଥିବା ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ରାଜ୍ୟ ମହିଳା କମିଶନର ସଦସ୍ୟମାନଙ୍କୁ ସେମାନଙ୍କର ନିଷ୍ଠାପର ଉଦ୍ୟମ ଜାରି ରଖିବା ସହ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ସେ ଆହ୍ୱାନ ଦେଇଥିଲେ।

ଛାତ୍ରୀଙ୍କ ଦକ୍ଷତା ବିକାଶ ପାଇଁ ରାଜ୍ୟସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ବିଶ୍ୱ ଦକ୍ଷତା କେନ୍ଦ୍ର ରେ ପ୍ରଶିକ୍ଷଣ ନେଇ ଅନ୍ତର୍ଜାତୀୟ ସ୍ଥରରେ ଆମ ରାଜ୍ୟର ଛାତ୍ରୀ ମାନେ ଦକ୍ଷତା ପ୍ରଦର୍ଶନ କରି ଗୌରବ ଆଣିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ବକ୍ତବ୍ୟ ରଖିଥିଲେ। ଏହା ସହ ରାଜ୍ୟ ମହିଳା କମିଶନର ପ୍ରତିଷ୍ଠା ଦିବସରେ ସୁସ୍ଥ, ସୁରକ୍ଷିତ ଏବଂ ସଶକ୍ତ ସମାଜ ଗଠନରେ ହାତ ବଢାଇବା ପାଇଁ ଆହ୍ୱାନ ଦେଇଥିଲେ।

ସମାବେଶକୁ ସମ୍ବୋଧନ କରି ଅଧକ୍ଷା ଶୋଭନା ମହାନ୍ତି ମହିଳାଙ୍କ ବିରୋଧରେ ଲିଙ୍ଗଭିତ୍ତିକ ହିଂସା ଓ ଅପରାଧ ସମ୍ବନ୍ଧୀୟ ସମସ୍ୟା ସମାଧାନରେ ଆୟୋଗର ଉଲ୍ଲେଖନୀୟ ସଫଳତା ବିଷୟରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ଆୟୋଗ ଗୃହ ହିଂସା, ବିବାହ ସମ୍ବନ୍ଧୀୟ ବିବାଦ, ଯୌତୁକ ସମସ୍ୟା ଓ ଯୌତୁକ ଜନିତ ମୃତ୍ୟୁ , ଆତ୍ମହତ୍ୟା ଓ ବ୍ୟକ୍ତିଗତ ଓ କାର୍ଯ୍ୟସ୍ଥଳରେ ଯୌନ ଶୋଷଣ ଘଟଣା ସମ୍ପର୍କିତ ମାମଲାଗୁଡ଼ିକୁ ଏକ ସୁସଂଗଠିତ ଓ ନିୟମିତ ଅଭିଯୋଗ ନିରାକରଣ ପ୍ରଣାଳୀ ମାଧ୍ୟମରେ ସମାଧାନ କରୁଛି ବୋଲି ମତପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଡିଶା ରାଜ୍ୟ ମହିଳା ଆୟୋଗର ସଦସ୍ୟା ପ୍ରତିଭା ଶତପଥୀ, ଉର୍ମିଳା ମହାପାତ୍ର, କଳ୍ପନା ମଲ୍ଲିକ, ମୁକ୍ତା ସାହୁ ଏବଂ ବିଭିନ୍ନ ଜିଲ୍ଲାରୁ ଆସିଥିବା ସାମାଜିକ କର୍ମୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ନାଗରିକ ସମାଜର ପ୍ରତିନିଧି ଯୋଗ ଦେଇଥିଲେ।

ବିବାଦୀୟ ମାନଚିତ୍ରକୁ ହଟାଇଲା ଆମେରିକା

## ପିଓକେ-ଅକ୍ସାଇ ଚୀନ୍‌କୁ ଭାରତର ଅଂଶ ଦର୍ଶାଯାଇଥିଲା

**ୱାଶିଂଟନ, ୧୧।୨/ଏଜେନ୍ସି:** ଆମେରିକା ବାଣିଜ୍ୟ ପ୍ରତିନିଧିଙ୍କ କାର୍ଯ୍ୟାଳୟ(ୟୁଏସ୍‌ଟିଆର୍) ପକ୍ଷରୁ ପାକ୍ ଅଧିକୃତ କାଶ୍ମୀର (ପିଓକେ) ଓ ଅକ୍ସାଇ ଚୀନ୍‌କୁ ଭାରତର ଅଂଶ ଦର୍ଶାଉଥିବା ମାନଚିତ୍ରକୁ ହଟାଇ ଦିଆଯାଇଛି। ଏହି ମାନଚିତ୍ରଟି ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଅବସରରେ ଗତ ୭ ତାରିଖ ଦିନ ଆମେରିକା ପକ୍ଷରୁ ଜାରି କରାଯାଇଥିଲା। ଏଥିରେ ଭାରତରେ ଆମେରିକୀୟ ସାମଗ୍ରୀର ସମ୍ଭାବ୍ୟ ପ୍ରବେଶକୁ ମଧ୍ୟ ଦର୍ଶାଯାଇଥିଲା। ତେବେ ଏହାକୁ ନେଇ ପାକିସ୍ତାନ ଏବଂ ଚୀନ୍ ସହ ଆମେରିକାର ସମ୍ପର୍କ ପ୍ରଭାବିତ ହେବା ଆଶଙ୍କା ପୂର୍ବକ ୟୁଏସ୍‌ଟିଆର୍ କର୍ତ୍ତୃପକ୍ଷ ଏହି ମାନଚିତ୍ରକୁ ହଟାଇଦେଇଥିବା ଅନୁମାନ କରାଯାଉଛି। ତେବେ ଆମେରିକା ବାଣିଜ୍ୟ ପ୍ରତିନିଧିଙ୍କ କାର୍ଯ୍ୟାଳୟ ପକ୍ଷରୁ ମାନଚିତ୍ରକୁ ଡିଲିଟ୍ କରିବା ସମ୍ପର୍କରେ କୌଣସି ସ୍ପଷ୍ଟୀକରଣ ଦିଆଯାଇନାହିଁ। ପ୍ରକାଶ, କାଶ୍ମୀର ସମ୍ପର୍କରେ ଆମେରିକା ବାରମ୍ବାର ଦୋହରାଇ ଆସିଛି ଯେ, କାଶ୍ମୀର ଭାରତ ଓ ପାକିସ୍ତାନ ମଧ୍ୟରେ ଏକ ଦ୍ୱିପାକ୍ଷିକ ପ୍ରସଙ୍ଗ। ଯଦିଓ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୂର୍ବରୁ କାଶ୍ମୀର ଉପରେ ଭାରତ ଓ ପାକିସ୍ତାନ ମଧ୍ୟରେ ମଧ୍ୟସ୍ଥତା କରିବାକୁ ପ୍ରସ୍ତାବ ଦେଇସାରିଛନ୍ତି। କିନ୍ତୁ ବର୍ତ୍ତମାନର ସ୍ଥିତି ଅନୁସାରେ ଟ୍ରମ୍ପ କହିଛନ୍ତି ଯେ, ଉଭୟ ପକ୍ଷ ସ୍ପଷ୍ଟ ଭାବରେ ଅନୁରୋଧ କଲେ ହିଁ ଆମେରିକା ଏଥିରେ ହସ୍ତକ୍ଷେପ କରିବ। ଅନ୍ୟପକ୍ଷେ ଭାରତ ମଧ୍ୟସ୍ଥତା ପାଇଁ ଟ୍ରମ୍ପଙ୍କ ଆବେଦନକୁ ପ୍ରତ୍ୟାଖ୍ୟାନ କରିସାରିଛି।

## ଚଣ୍ଡିଗଡ଼ ଓ ମୋହାଲିର ୧୦ସ୍କୁଲ୍‌କୁ ବୋମା ଧମକ

**ଚଣ୍ଡିଗଡ଼, ୧୧।୨/ଏଜେନ୍ସି:** ବୁଧବାର ଚଣ୍ଡିଗଡ଼ ଓ ମୋହାଲିରେ ୧୦ଟି ସ୍କୁଲକୁ ବୋମା ଧମକ ମିଳିଛି। ଧମକପୂର୍ଣ୍ଣ ଫୋନ୍ କଲ୍ ଆସିବା ପରେ ଏହି ଦୁଇ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କଠାରୁ ସୂଚନା ପାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ ଅଭିଯାନ ଆରମ୍ଭ କରିଥିବା ସୂଚନା ମିଳିଛି। ଘଟଣାସ୍ଥଳରେ ବୋମା ନିଷ୍କ୍ରିୟକାରୀ ଦଳ ମୁତୟନ ହୋଇଛନ୍ତି। କ୍ଲାସ୍ ବାତିଲ କରାଯିବା ସହ ସମସ୍ତ ପିଲାଙ୍କୁ ଘରକୁ ପଠାଇ ଦିଆଯାଇଛି। ରିପୋର୍ଟ ଅନୁଯାୟୀ, ବୁଧବାର ସକାଳ ସମୟରେ ସ୍କୁଲ ଖୋଲିବା ପରେ ଏହି ୧୦ ସ୍କୁଲ ପରିଚାଳନା ଟିମ୍‌ଙ୍କୁ ପ୍ରଥମେ ଧମକପୂର୍ଣ୍ଣ ଫୋନ୍ କଲ ଏବଂ ପରେ ଇମେଲ୍ ମିଳିଥିଲା। ଇ-ମେଲ୍ ତଥା ଫୋନ୍ କଲ୍‌ରେ ବୋମା ବିସ୍ଫୋରଣ କରାଯିବା ନେଇ ଧମକ ଦିଆଯାଇଥିଲା। ତେବେ ତୁରନ୍ତ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ, ଆସିଥିବା ପିଲାମାନଙ୍କୁ ଫେରାଇ ଦିଆଯାଇଥିଲା ଓ ସ୍କୁଲ ବନ୍ଦ କରିଦିଆଯାଇଥିଲା। ଅଭିଭାବକମାନଙ୍କୁ ମଧ୍ୟ ଏସମ୍ପର୍କରେ ସୂଚୀତ କରାଯାଇଥିଲା। ତେବେ ଯାଞ୍ଚ ପ୍ରକ୍ରିୟା ପୂରା ହେବା ପରେ ପୁନର୍ବାର ବିଦ୍ୟାଳୟ ସ୍ୱାଭାବିକ୍ କରାଯିବ ବୋଲି ସ୍କୁଲ ପକ୍ଷରୁ କୁହାଯାଇଛି। ସବୁଠୁ ବଡ଼ କଥା ହେଉଛି ଏହି ଇମେଲ୍ ରେ ମୁଖ୍ୟମନ୍ତ୍ରୀ ଭଗବନ୍ତ ସିଂ ମାନଙ୍କୁ ମଧ୍ୟ ଧମକ ଦିଆଯାଇଛି। ଏଥିରେ ଫେବୃଆରୀ ୧୩ ତାରିଖରେ ସଂସଦରେ ବୋମା ବିସ୍ଫୋରଣ ହେବାର କଥା ମଧ୍ୟ ଉଲ୍ଲେଖ କରାଯାଇଛି। ପ୍ରକାଶ ଦିଲ୍ଲୀର ଅନେକ ସ୍କୁଲକୁ ଇମେଲ୍ ମାଧ୍ୟମରେ ବୋମା ଧମକ ମିଳିବାର ଗୋଟିଏ ଦିନ ପରେ ଚଣ୍ଡିଗଡ଼ ଓ ମୋହାଲି ସ୍କୁଲଗୁଡ଼ିକୁ ଧମକପୂର୍ଣ୍ଣ ମେସେଜ୍ ଆସିଛି।

## ମୁକୁଳି ପାରିଲେନି ସୋନମ୍ ୱାଙ୍ଗଚୁକ୍

**ନୂଆଦିଲ୍ଲୀ, ଲେହ, ୧୧।୨/ଏଜେନ୍ସି:** ବିଶିଷ୍ଟ ପରିବେଶବିତ୍ ସୋନମ୍ ୱାଙ୍ଗଚୁକ୍‌ଙ୍କୁ ଆଉ କିଛି ଦିନ ଅଟକ ରହିବାକୁ ହେବ। ତାଙ୍କୁ ବର୍ତ୍ତମାନ ସମୟରେ ମୁକ୍ତ କରିବାକୁ ଲେହ ପ୍ରଶାସନ ସିଧାସଳଖ ମନା କରିଦେଇଛନ୍ତି। ଅନ୍ୟପକ୍ଷେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ତାଙ୍କ ପତ୍ନୀଙ୍କ ଅଭିଯୋଗକୁ ମଧ୍ୟ ପ୍ରଶାସନ ଖଣ୍ଡନ କରିବା ସହ ସେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଦର୍ଶାଇଛି। ରିପୋର୍ଟ ଅନୁସାରେ କେନ୍ଦ୍ର ଶାସିତ ଅଞ୍ଚଳ ଲଦାଖକୁ ରାଜ୍ୟ ମାନ୍ୟତା ଏବଂ ଷଷ୍ଠ ଅନୁସୂଚୀ ମାନ୍ୟତା ଦାବିକୁ ନେଇ ୨୦୨୫ ସେପ୍ଟେମ୍ବରରେ ଲେହରେ ହୋଇଥିବା ପ୍ରତିବାଦରେ ଜଳବାୟୁ କର୍ମୀ ସୋନାମ ୱାଙ୍ଗଚୁକ୍‌ଙ୍କୁ ଜାତୀୟ ସୁରକ୍ଷା ଆଇନ୍ ଅନ୍ତର୍ଗତ ଅଟକ ରଖାଯାଇଛି। ଏହି ମାମଲା ଏବେ ସୁପ୍ରିମକୋର୍ଟରେ ବିଚାରାଧୀନ ରହିଥିବା ବେଳେ କେନ୍ଦ୍ର ସରକାର ଏବଂ ଲେହ ପ୍ରଶାସନ ଦାବି କରିଛନ୍ତି ଯେ, ୱାଙ୍ଗଚୁକ୍ ଉଦ୍ଦେଶ୍ୟମୂଳକ ଭାବେ କେନ୍ଦ୍ରଶାସିତ ଅଞ୍ଚଳ ଲେହ ଲଦାଖରେ ମଧ୍ୟ ନେପାଳ ଓ ବାଂଲାଦେଶ ଭଳି ବ୍ୟାପକ ଜେନ୍-ଜେଡ୍ ଆନ୍ଦୋଳନ ସହ ଅଞ୍ଚଳ ହିଂସାର ସମ୍ମୁଖୀନ ହେଉ ବୋଲି ଚାହୁଁଥିଲେ। ତେବେ ଏହା ମଧ୍ୟରେ ତାଙ୍କ ପତ୍ନୀ ଗୀତାଞ୍ଜଳି ଜେ ଆଙ୍ଗମୋ, ସୋନମ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା ବ୍ୟକ୍ତ କରିବା ସହ ତାଙ୍କୁ ଅଟକ ରଖିବାର ନିଷ୍ପତ୍ତି ସମୀକ୍ଷା କରିବାକୁ ସରକାରଙ୍କୁ ଅନୁରୋଧ କରିଥିଲେ।

# ଚୀନ୍-ତାଇୱାନ୍ ଯୁଦ୍ଧ ଆଶଙ୍କା ବଢ଼ିଲା

### ଚୀନ୍‌ର ଧ୍ୱଂସଲୀଳା ଚେତାବନୀ, ସୀମାରେ ତାଇୱାନ୍‌ର କ୍ଷେପଣାସ୍ତ୍ର ମୁତୟନ

**ବେଜିଂ, ତାଇପେଇ ସିଟି, ୧୧।୨/ଏଜେନ୍ସି:** ଚୀନ୍ ଏବଂ ତାଇୱାନ୍ ମଧ୍ୟରେ ରହିଆସିଥିବା ତିକ୍ତତା ଏବେ ଯୁଦ୍ଧର ରୂପ ଧାରଣ କରିଛି। କୌଣସି ମୁହୂର୍ତ୍ତରେ ମଧ୍ୟ ଏହି ଦୁଇ ଦେଶ ମଧ୍ୟରେ ଏକ ଭୟଙ୍କର ଯୁଦ୍ଧ ଆରମ୍ଭ ହେବାର ଆଶଙ୍କା ସୃଷ୍ଟି ହୋଇଛି। ରିପୋର୍ଟ ଅନୁସାରେ ଚୀନ୍ ଏବେ ତାଇୱାନ୍‌କୁ ଧ୍ୱଂସଲୀଳା ବା ବିନାଶର ଧମକ ଦେଇଥିବା ବେଳେ ପରୋକ୍ଷରେ ତାଇୱାନ୍ ମଧ୍ୟ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଆମେରିକୀୟ ଘାତକ କ୍ଷେପଣାସ୍ତ୍ରଗୁଡ଼ିକୁ ମୁତୟନ କରିଥିବା ସୂଚନା ମିଳିଛି। ତାଇୱାନ୍ ଏପରି କରିବା ପଛରେ ନିଜ ସୁରକ୍ଷା ବ୍ୟବସ୍ଥାକୁ ବ୍ୟାପକ କରୁଥିବା ବୋଲି ଦର୍ଶାଉଥିବା ବେଳେ ଚୀନ୍ କିନ୍ତୁ ଏହାକୁ ନେଇ ମାତ୍ରାଧିକ ଆକ୍ରମଣାତ୍ମକ ହୋଇପଡିଛି। ଚୀନ୍ କହିଛି, ତାଇୱାନ୍‌ର ଏଭଳି କାର୍ଯ୍ୟ ଚୀନ୍‌ର ସାର୍ବଭୌମତ୍ୱ ପ୍ରତି ଏକ ବଡ଼ ବିପଦ। ଚୀନ୍ ସାମରିକ ମୁଖପାତ୍ର ଜିଆଙ୍ଗ୍ ବିନ୍ ସ୍ପଷ୍ଟ ଭାବରେ କହିଛନ୍ତି, ତାଇୱାନର ସ୍ୱାଧୀନତା ପାଇଁ ଯେକୌଣସି ପ୍ରୟାସ ଅତ୍ୟନ୍ତ ବିପଜ୍ଜନକ ପରିଣାମ ଆଣିବ। ଚୀନ୍ ଉପରେ ଆକ୍ରମଣ କରିବା ପାଇଁ ଆମେରିକୀୟ ସାମରିକ ଅସ୍ତ୍ରଶସ୍ତ୍ର ବ୍ୟବହାର କରିବା ଏକ ବୋକାମି ଓ ଅତ୍ୟଧିକ ଆତ୍ମବିଶ୍ୱାସୀ ଚିନ୍ତାଧାରା। ଚୀନ୍ ଚେତାବନୀ ଦେଇଛି, ଯଦି ଯୁଦ୍ଧ ହୁଏ, ତେବେ ତାଇୱାନର ବିନାଶ ହେବ। ଅନ୍ୟପକ୍ଷେ ବେଜିଂର ଯେକୌଣସି ସମ୍ଭାବ୍ୟ ଆକ୍ରମଣର କଡ଼ା ଜବାବ ଦେବାକୁ ତାଇୱାନ୍ ନିରନ୍ତର ନିଜର ସାମରିକ ଶକ୍ତି ବୃଦ୍ଧି କରୁଥିବା ନେଇ ଗଣମାଧ୍ୟମରେ ନିୟମିତ ରିପୋର୍ଟ ପ୍ରକାଶ ପାଇବାରେ ଲାଗିଛି।

ତାଇୱାନ ୧୧.୧ ବିଲିୟନ ଡଲାର ମୂଲ୍ୟର ଏକ ମେଗା ଡିଲ୍ ଅନ୍ତର୍ଗତ ଆମେରିକାଠାରୁ ୮୨ଟି ୧୪୨ ହିମାର୍ସ ଲଞ୍ଚର୍ ତଥା ୪୨୦ଟି ଆଟାକମ୍ସ ମିସାଇଲ୍ ଅର୍ଡର କରିଛି। ଏହାର ଲକ୍ଷ୍ୟଭେଦ କ୍ଷମତା ୩୦୦ କିଲୋମିଟର ଦୂରତା ପର୍ଯ୍ୟନ୍ତ



ରହିଛି। ଏହି ମିସାଇଲ୍‌ଗୁଡ଼ିକ ସହଜରେ ଚୀନ୍‌ର ଉପକୂଳବର୍ତ୍ତୀ ନୌସେନା ଘାଟିଗୁଡ଼ିକୁ ଟାର୍ଗେଟ କରିପାରିବ। ପେଙ୍ଗୁ ଓ ଡୋଙ୍ଗିନ୍ ଭଳି ଦ୍ୱୀପପୁଞ୍ଜରେ ଏହି ମିସାଇଲ୍ ନିୟୋଜିତ ହେବା ଦ୍ୱାରା ଫୁଜିଆନ୍ ଓ ଝେଜିୟାଙ୍ଗ ପ୍ରଦେଶରେ ଥିବା ଚୀନ୍‌ର ବାୟୁସେନା ଘାଟି ତାଇୱାନର ଲକ୍ଷ୍ୟଭେଦ କ୍ଷମତା ପରିସର ମଧ୍ୟରେ ରହିଛି। ସେହିପରି ଆମେରିକା ଠାରୁ ତାଇୱାନ୍ ହିମାର୍ସ ସିଷ୍ଟମ୍ ମଧ୍ୟ ହାସଲ କରିଛି। ହିମାର୍ସ ସିଷ୍ଟମ ଏହାର ସୁଟ୍-ଏଣ୍ଡ-ସ୍କୁଟ୍ ପ୍ରଯୁକ୍ତିବିଦ୍ୟା ପାଇଁ ସାରା ବିଶ୍ୱରେ ପ୍ରସିଦ୍ଧ। ଯାହା ଆକ୍ରମଣ ପରେ ଲଞ୍ଚରକୁ ଶୀଘ୍ର ପୁନଃସ୍ଥାପନ କରିବାକୁ ଅନୁମତି ଦେଇଥାଏ। ଲକହିଡ୍ ମାର୍ଟିନ୍ ଦ୍ୱାରା ବିକଶିତ, ଏହି ସିଷ୍ଟମରେ ତିନି ଜଣିଆ କ୍ରୁ ଆବଶ୍ୟକ। ଯାହା ଏହାକୁ ଯୁଦ୍ଧକ୍ଷେତ୍ରରେ ଅତ୍ୟନ୍ତ ଗତିଶୀଳ କରିଥାଏ। ୟୁକ୍ରେନ୍ ମଧ୍ୟ ଆମେରିକାର ଏହି ହିମାର୍ସ ସିଷ୍ଟମ୍ ଜରିଆରେ ରୁଷର ଅନେକ ଲଜିଷ୍ଟିକ୍ସ ଓ କମାଣ୍ଡ ପୋଷ୍ଟଗୁଡ଼ିକୁ ଧ୍ୱଂସ କରିବାରେ ସଫଳ ହୋଇଛି।

ଅନ୍ୟପକ୍ଷେ ଆମେରିକା ନିଜର ଭୂରାଜନୈତିକ ଆବଶ୍ୟକତା ଦ୍ୱାରା ପ୍ରଭାବିତ ହୋଇ ତାଇୱାନକୁ ଅସ୍ତ୍ରଶସ୍ତ୍ର ଯୋଗାଇ ଚାଲିଛି ଓ ସୁରକ୍ଷା ଦେବାକୁ ପ୍ରତିଶ୍ରୁତି ଦେଉଛି। ଚୀନ୍ ଅନୁସାରେ ଆମେରିକାର ହସ୍ତକ୍ଷେପ ଅଞ୍ଚଳର ଶାନ୍ତିକୁ ବିପର୍ଯ୍ୟସ୍ତ କରୁଛି ତଥା ବିଚ୍ଛିନ୍ନତାବାଦୀ ଶକ୍ତିକୁ ଉତ୍ସାହିତ କରୁଛି। ଚୀନ୍-ତାଇୱାନ୍ ବିବାଦରେ ଆମେରିକାର ଭୂମିକାକୁ ନେଇ ବିଶ୍ୱସ୍ତରରେ ମଧ୍ୟ ଚିନ୍ତା ବୃଦ୍ଧି ପାଇବାରେ ଲାଗିଛି। ମୋଟାମୋଟି ଦୁଇ ଦେଶ ମଧ୍ୟରେ ଏହି ବଢୁଥିବା ସାମରିକ ସ୍ଥିତି ଆଗାମୀ ସମୟରେ ଏକ ବଡ଼ ବିଶ୍ୱ ସଂଘର୍ଷ ଆଡ଼କୁ ଇଙ୍ଗିତ କରୁଛି।

## କାନାଡା ସ୍କୁଲ୍‌ରେ ଗୁଳିକାଣ୍ଡ, ୧୦ ମୃତ



ଶୋକ ବ୍ୟକ୍ତ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

**ଓଟାୱା, ୧୧।୨/ଏଜେନ୍ସି:** କାନାଡାର ବ୍ରିଟିଶ କଲମ୍ବିଆ ସ୍ଥିତ ଟମ୍ବଲର୍ ରିଜ୍ ମାଧ୍ୟମିକ ବିଦ୍ୟାଳୟ ନାମକ ଏକ ସ୍କୁଲ୍ ପରିସରରେ ବୁଧବାର ଏକ ଦୁର୍ଭାଗ୍ୟଜନକ ଗୁଳିକାଣ୍ଡ ଘଟି ପ୍ରାୟ ୧୦ଜଣଙ୍କ ମୃତ୍ୟୁ ହୋଇଥିବା ଏବଂ ୨୫ ଆହତ ହୋଇଥିବା ସୂଚନା ମିଳିଛି। ମୃତକଙ୍କ ମଧ୍ୟରେ ଗୁଳିକାଣ୍ଡ ଘଟାଇଥିବା ଅଭିଯୁକ୍ତା ଯୁବତୀ ମଧ୍ୟ ସମ୍ପୃକ୍ତ ବୋଲି ସୂଚନା ମିଳିଛି।

କାନାଡାର ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି ସୋସିଆଲ ମିଡିଆ ଜରିଆରେ ଏହି ଘଟଣାକୁ ନେଇ ସେ ବେଶ୍ ମର୍ମାହତ ହୋଇପଡିଥିବା ଉଲ୍ଲେଖ କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଏହି ଘଟଣାରେ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ମୋଦୀ ଏକ୍ସ'ରେ ପୋଷ୍ଟ କରି ଲେଖିଛନ୍ତି, ଏପ୍ରକାର ଏକ ଦୁର୍ଭାଗ୍ୟଜନକ ଘଟଣାରେ ଯେଉଁମାନେ ସେମାନଙ୍କ ପ୍ରିୟଜନଙ୍କୁ ହରାଇଛନ୍ତି ସେମାନଙ୍କ ପରିବାର ପ୍ରତି ସେ ହୃଦୟସ୍ପର୍ଶୀ ସମବେଦନା ଜଣାଉଛନ୍ତି ଏବଂ ଆହତମାନଙ୍କ ଶୀଘ୍ର ଆରୋଗ୍ୟ କାମନା କରୁଛନ୍ତି। ଏହି ଗଭୀର ଦୁଃଖର ମୁହୂର୍ତ୍ତରେ ଭାରତ କାନାଡାବାସୀଙ୍କ ସହ ଏକତାରେ ଛିଡା ରହିଛି।

## ମୁମ୍ବାଇ ମେୟର ଭାବେ ଦାୟିତ୍ୱ ନେଲେ ରତୁ ତାୱ୍‌ଡେ



**ମୁମ୍ବାଇ, ୧୧।୨/ଏଜେନ୍ସି:** ଶେଷରେ ବିଜେପି କର୍ପୋରେଟର ରତୁ ତାୱ୍‌ଡେ ମୁମ୍ବାଇର ମେୟର ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ସହ ଆଜି ନିଜ ଦାୟିତ୍ୱ ମଧ୍ୟ ଗ୍ରହଣ କରିଛନ୍ତି। ୫୩ ବର୍ଷୀୟା ରତୁ ବିଜେପିର ଦ୍ୱିତୀୟ ତଥା ପ୍ରଥମ ମହିଳା ମେୟର ଭାବେ ଏହି ପଦବୀ ହାସଲ କରି ଇତିହାସ ରଚିଛନ୍ତି। ଚଳିତ ବର୍ଷ ଜାନୁଆରୀ ୧୫ରେ ଅନୁଷ୍ଠିତ ପୌର ନିର୍ବାଚନରେ ସେ ୧୩୨ ନଂ ୱାର୍ଡ଼ରୁ କର୍ପୋରେଟର ଭାବେ ବିଜୟୀ ହୋଇଥିଲେ। ମୋଟାମୋଟି ଚଳିତ ପୌର ନିର୍ବାଚନରେ ମହାରାଷ୍ଟ୍ର ପୌର ନିର୍ବାଚନରେ ବିଜେପି ବେଶ୍ ଭଲ ଫଳାଫଳ କରିଥିବା ବେଳେ ଦେଶର ସବୁଠୁ ଧନୀ ପୌରନିଗମ ମୁମ୍ବାଇ ମହାନଗର ଆସନକୁ ମଧ୍ୟ ଅକ୍ତିଆର କରିବାରେ ସଫଳ ହୋଇଥିଲା। ରତୁ ତାୱ୍‌ଡେଙ୍କ ବିଜୟ ବଳରେ ବିଜେପି ମୁମ୍ବାଇ ମହାନଗର ନିଗମରେ ନିଜ ସ୍ଥିତିକୁ ଅଧିକ ମଜଭୁତ କରିବାରେ ସଫଳ ହୋଇପାରିଛି। ରତୁ ଏହା ପୂର୍ବରୁ ମଧ୍ୟ ଏକାଧିକ ଥର ବିଏମ୍‌ସି କର୍ପୋରେଟର ଭାବେ ବିଜୟ ଲାଭ କରିସାରିଛନ୍ତି। ଜଣେ କର୍ପୋରେଟର ଭାବେ ପୂର୍ବରୁ ରତୁ ପୂର୍ବରୁ ବିଏମ୍‌ସି ଶିକ୍ଷା କମିଟିର ଅଧ୍ୟକ୍ଷ ଥିଲେ। ରତୁ ପୌର ପ୍ରଶାସନରେ ତୃଣମୂଳ ରାଜନୀତି ସମ୍ପର୍କରେ ଅବଗତ ଥିବାରୁ ତାଙ୍କ ଅଭିଜ୍ଞତା ଆଗକୁ ମେୟର ଭାବେ କାର୍ଯ୍ୟ କରିବାରେ ସହାୟକ ହେବ ଅନୁମାନ କରାଯାଉଛି। ପ୍ରକାଶ, ଚଳିତ ନିର୍ବାଚନରେ ବିଏମ୍‌ସିର (ବୃହନ୍ ମୁମ୍ବାଇ କର୍ପୋରେସନ୍) ମୋଟ୍ ୨୨୭ ଆସନରୁ ବିଜେପି ସର୍ବାଧିକ ୮୯ଟି ଆସନ ଜିତିଥିଲା। ଶିବସେନା ୨୯ଟି ଆସନ ଜିତିଥିଲା। ଗତ ୨୫ ବର୍ଷ ଧରି ବିଏମ୍‌ସିକୁ ନିଜ କବ୍‌ଜାରେ ରଖିଥିବା ଶିବସେନା (ୟୁବିଟି) ଏଥର ମାତ୍ର ୬୫ଟି ଆସନରେ ବିଜୟୀ ହୋଇଥିଲା।

ଆମେରିକା ବିପକ୍ଷରେ ପାକ୍ ପ୍ରତିରକ୍ଷା ମନ୍ତ୍ରୀଙ୍କ ବଡ଼ ବୟାନ

## ବ୍ୟବହାର କରିବା ପରେ ଟଏଲେଟ୍ ପେପର୍ ଭଳି ଫିଙ୍ଗିଦେଲା

**ଇସଲାମାବାଦ, ୧୧।୨/ଏଜେନ୍ସି:** ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖୱାଜା ଆସିଫ୍ ବୁଧବାର ସଂସଦରେ ଏକ ବଡ ବୟାନ ଦେଇଛନ୍ତି। ସେ କହିଛନ୍ତି ଯେ ଆମେରିକା ପାକିସ୍ତାନକୁ ନିଜ ସ୍ୱାର୍ଥ ପାଇଁ ବ୍ୟବହାର କରିଥିଲା ଏବଂ ଯେତେବେଳେ ସେମାନଙ୍କ ଉଦ୍ଦେଶ୍ୟ ପୂରଣ ହୋଇଗଲା ସେତେବେଳେ ସେମାନେ ଆମକୁ ଟଏଲେଟ୍ ପେପର୍ ପରି ଫିଙ୍ଗିଦେଇଥିଲେ। ଆସିଫ୍ ବୁଧବାର ସଂସଦରେ ଆତଙ୍କବାଦ ଉପରେ ଏକ ବିତର୍କ ସମୟରେ ଏପରି କହିଛନ୍ତି। ୧୯୭୯ ମସିହାରେ ସୋଭିଏତ୍ ୟୁନିଅନ୍‌ର ହସ୍ତକ୍ଷେପ ସମ୍ପର୍କରେ ଉଲ୍ଲେଖ କରି ସେ କହିଛନ୍ତି ଯେ ଆଫଗାନ ସରକାରଙ୍କ ନିମନ୍ତ୍ରଣରେ ଏହି ପଦକ୍ଷେପ ନିଆଯାଇଥିଲା, କିନ୍ତୁ ଆମେରିକା ଏହାକୁ ସିଧାସଳଖ ଆକ୍ରମଣ ବୋଲି କହି ନିଜର ଏକ ଭିନ୍ନ କାହାଣୀ ସୃଷ୍ଟି କରିଥିଲା। ଆସିଫ୍‌ଙ୍କ କହିବାନୁସାରେ ୧୯୯୯ ପରେ ଆମେରିକା ସହିତ ପାକିସ୍ତାନର ନୂତନ ରଣନୈତିକ ସହଭାଗୀତା ଉପରେ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ ୧୧ ସେପ୍ଟେମ୍ବର ୨୦୦୧ ଆକ୍ରମଣ ପରେ ପାକିସ୍ତାନ ଏବେ ବି ଆମେରିକାକୁ ସମର୍ଥନ କରିବାର ମୂଲ୍ୟ ଦେଉଛି। ଏତଦ୍‌ବ୍ୟତୀତ ଆସିଫ କହିଛନ୍ତି ଯେ ଏହା ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ଦୁଇ ଦେଶ ମଧ୍ୟରେ ସମ୍ପର୍କ କେବଳ ନ୍ୟସ୍ତ ସ୍ୱାର୍ଥ ପର୍ଯ୍ୟନ୍ତ ସୀମିତ ହୋଇଯାଇଥିଲା। ଆସିଫ କହିଛନ୍ତି ଯେ ପାକିସ୍ତାନ ଇତିହାସରୁ ଶିକ୍ଷା ନେଇନାହିଁ ଏବଂ ସବୁବେଳେ ଛୋଟ ଲାଭ ପାଇଁ ଆମେରିକା, ରୁଷ୍ ଏବଂ ବ୍ରିଟେନ ଉପରେ ନିର୍ଭର କରିଆସିଛି। ଏବେ ଏସବୁ ଦେଶଗୁଡ଼ିକର ପ୍ରଭାବ ପୂର୍ବ ଠାରୁ ମଧ୍ୟ ଅଧିକ ରହିଛି। ସେହିପରି ଆଫଗାନିସ୍ତାନରେ ଦୁଇଟି ଯୁଦ୍ଧରେ ପାକିସ୍ତାନର ସାମିଲ ହେବା ଏକ ବଡ଼ ଭୁଲ ଥିଲା, ଏବଂ ଆଜି ଦେଶରେ ଆତଙ୍କବାଦ ସେହି ଭୁଲ ଗୁଡ଼ିକର ପରିଣାମ। ସେ କହିଛନ୍ତି ଯେ, ପାକିସ୍ତାନକୁ ହୋଇଥିବା କ୍ଷତି କେବେ ପୂରଣ କରାଯାଇପାରିବ ନାହିଁ। ତେବେ ପାକିସ୍ତାନ ଇସଲାମ ଏବଂ ଧର୍ମ ନାମରେ ଏଥିରେ ଅଂଶଗ୍ରହଣ କରିଥିଲା, କିନ୍ତୁ ବାସ୍ତବରେ, ଦୁଇ ସାମରିକ ଏକଛତ୍ରବାଦୀ (ଜିଆ-ଉଲ୍-ହକ୍ ଏବଂ ପରଭେଜ୍ ମୁଶାରଫ୍) ବିଶ୍ୱ ଶକ୍ତିର ସମର୍ଥନ ପାଇବା ପାଇଁ ଏହା କରିଥିଲେ। ଆସିଫ୍ ଏହା ମଧ୍ୟ ଦାବି କରିଛନ୍ତି ଯେ ଏହି ଯୁଦ୍ଧଗୁଡ଼ିକୁ ଯଥାର୍ଥ କରିବା ପାଇଁ ପାକିସ୍ତାନର ଶିକ୍ଷା ବ୍ୟବସ୍ଥାରେ ଜାଣିଶୁଣି ପରିବର୍ତ୍ତନ କରାଯାଇଥିଲା। ତାଙ୍କ ଅନୁସାରେ, ଏହି ପରିବର୍ତ୍ତନଗୁଡ଼ିକ ଆଜି ମଧ୍ୟ ବ୍ୟବସ୍ଥାରେ ରହିଛି। ଆସିଫ୍ ଏହି ପରିପ୍ରେକ୍ଷୀରେ ରାଜନୈତିକ ଏକତା ପାଇଁ ନିବେଦନ କରିଛନ୍ତି। ସେ କହିଛନ୍ତି ଯେ ଆତଙ୍କବାଦକୁ ନିନ୍ଦା କରିବା ଭଳି ପ୍ରସଙ୍ଗରେ ମଧ୍ୟ ଏକତାର ଅଭାବ ରହିଛି। ସେ କହିଥିଲେ ଯେ ଦେଶର ଏକ ଏକୀକୃତ ପରିଚୟ ରହିବା ଉଚିତ୍।



**'ପାକିସ୍ତାନରେ ସହିଦ ଯବାନଙ୍କୁ ମିଳେନି ସମ୍ମାନ'**

ଅନ୍ୟ ଏକ ରିପୋର୍ଟ ଅନୁସାରେ ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖୱାଜା ଆସିଫ ପାକିସ୍ତାନ ସଂସଦରେ ନିଜ ଦେଶର ସେନାବାହିନୀ ସମ୍ପର୍କରେ ମଧ୍ୟ ଏକ ଆଶ୍ଚର୍ଯ୍ୟଜନକ ବୟାନ ଦେଇଛନ୍ତି। ତାଙ୍କର ଏହି ବୟାନ ପାକିସ୍ତାନ ସେନା ପାଇଁ ବଡ଼ ଲଜ୍ଜାର କାରଣ ପାଲଟିଛି। ଆସିଫ ସଂସଦରେ ସ୍ୱୀକାର କରିଛନ୍ତି ଯେ ପାକିସ୍ତାନ ଏପରି ଏକ ଦେଶ ଯିଏ କର୍ତ୍ତବ୍ୟ ପାଳନ ସମୟରେ ପ୍ରାଣ ହରାଇଥିବା ସୈନିକମାନଙ୍କୁ ମଧ୍ୟ ଉପଯୁକ୍ତ ସମ୍ମାନ ଦେଇନଥାଏ। ଦେଶର କୌଣସି ରାଜନେତାମାନେ ସହିଦ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଦେଇନଥାନ୍ତି। ତାଙ୍କର ଏପ୍ରକାର ମନ୍ତବ୍ୟକୁ ନେଇ ଏବେ ବିଶ୍ୱସ୍ତରୀୟ ଗଣମାଧ୍ୟମଗୁଡ଼ିକ ରିପୋର୍ଟ ପ୍ରକାଶ କରିବା ପରେ ଏହାକୁ ନେଇ ସମାଲୋଚନା ମଧ୍ୟ ଆରମ୍ଭ ହୋଇଯାଇଛି।

ସାମ୍ନାକୁ ଆସିଲା ଆଉ ଏକ ଯୌନବିକୃତ ପିଶାଚର ନୃଶଂସତା

# ୫୫ ବର୍ଷରେ ୮୯ ନାବାଳିକାଙ୍କୁ ଦୁଷ୍କର୍ମ

- ଭାରତ ସମେତ ୯ ଦେଶର ପିଲାଙ୍କୁ କରୁଥିଲା ଟାର୍ଗେଟ୍
- ୟୁଏସ୍‌ବି ଡ୍ରାଇଭ୍‌ରୁ ମିଳିଛି ଯୌନ ବ୍ୟଭିଚାରର କଳାଚିଠା



**ପ୍ୟାରିସ୍, ୧୧।୨/ଏଜେନ୍ସି:** ଜ୍ୟାକ୍ ଲେଭେଗଲ୍ ନାମକ ଫ୍ରାନ୍ସର ଜଣେ ୭୯ ବର୍ଷୀୟ ଅବସରପ୍ରାପ୍ତ ଶିକ୍ଷକଙ୍କ ବିରୋଧରେ ୧୯୬୭ରୁ ୨୦୨୨ ଅର୍ଥାତ୍ ଗତ ୫୫ ବର୍ଷ ମଧ୍ୟରେ ୮୯ ଜଣ ନାବାଳିକାଙ୍କୁ ଦୁଷ୍କର୍ମ, ଯୌନ ଶୋଷଣ କରିଥିବା ଅଭିଯୋଗ ହୋଇଛି। ଫ୍ରାନ୍ସର ଗ୍ରେନୋବଲ୍‌ର ପବ୍ଲିକ ପ୍ରୋସିକ୍ୟୁଟର ଏଟିଏନ୍ ମାଣ୍ଟୋ ମଙ୍ଗଳବାର ଦିନ ଏହି ମାମଲା ଘୋଷଣା କରି ଜ୍ୟାକ୍ ଲେଭେଗଲ୍‌ଙ୍କ ଦ୍ୱାରା ସମସ୍ତ ପୀଡ଼ିତଙ୍କୁ ଆଗକୁ ଆସିବାକୁ ଅନୁରୋଧ କରିବା ପରେ ଏହି ଘଟଣା ସାମ୍ନାକୁ ଆସିଛି। ଅନ୍ୟପକ୍ଷେ ସମଗ୍ର ଫ୍ରାନ୍ସରେ ଏବେ ଏହି କୁତ୍ସିତ ମାନସିକ ରୋଗୀକୁ କଠୋରତମ ଦଣ୍ଡ ଦେବାକୁ ଦାବି ଜୋର୍ ଧରିଛି, ଯାହାଫଳରେ ଏପ୍ରକାର ଅପରାଧ କରିବାକୁ କେହି ସାହସ ମଧ୍ୟ କରିବେ ନାହିଁ। ପବ୍ଲିକ ପ୍ରୋସିକ୍ୟୁଟର ଏଟିଏନ୍ ମାଣ୍ଟୋଙ୍କ ଅନୁଯାୟୀ, ଜ୍ୟାକ୍ ଲେଭେଗଲ୍ ୧୯୬୭ରୁ ୨୦୨୨ ମଧ୍ୟରେ ଭାରତ, ଜର୍ମାନୀ, ସ୍ୱିଜରଲ୍ୟାଣ୍ଡ, ମରକ୍କୋ, ନାଇଜର, ଆଲଜେରିଆ, ଫିଲିପାଇନ୍ସ, କଲମ୍ବିଆ ଓ ଫ୍ରାନ୍ସରେ ନାବାଳିକାଙ୍କ ବିରୁଦ୍ଧରେ ଯୌନ ଅପରାଧ କରିଥିଲେ। ଜ୍ୟାକ୍ ଲେଭେଗଲ୍ ଜଣେ ପୂର୍ବତନ ଫରାସୀ ଭାଷା ଶିକ୍ଷକ। ସେ ଗୁମ୍ଫା ଅଧ୍ୟୟନ (ସ୍ପେଲିଓଲୋଜି)ରେ ଜଣେ ପ୍ରଶିକ୍ଷକ ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ। ସେ ଯୁବକମାନଙ୍କୁ ଭେଟିବା ଏବଂ ସେମାନଙ୍କ ସହିତ ଯୌନ ସମ୍ପର୍କରେ ଲିପ୍ତ ହେବା ପାଇଁ ବିଭିନ୍ନ ସ୍ଥାନକୁ ଯାତ୍ରା କରିଥିଲେ। ସେ ପ୍ରାୟତଃ ୧୩ରୁ ୧୭ ବର୍ଷ ମଧ୍ୟରେ ଥିବା କିଶୋରୀମାନଙ୍କୁ ନିଜ ଯୌନ ଶିକାର ବନାଉଥିଲେ। ତେବେ ଏପ୍ରିଲ୍ ୨୦୨୫ରେ ଅଭିଯୁକ୍ତ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଅଭିଯୁକ୍ତ କରାଯିବା ପର ଠାରୁ ନ୍ୟାୟିକ ହେପାଜତ୍‌ରେ ରଖାଯାଇଛି। ତାଙ୍କ ବିରୋଧରେ ପିଟିସନ୍ ହୋଇଥିବା ମାମଲାଗୁଡ଼ିକର ଶୁଣାଣି ପ୍ରକ୍ରିୟା ଏବେ ଆରମ୍ଭ ହୋଇଥିବା ବେଳେ ତାଙ୍କ ବିରୋଧରେ ପ୍ରମାଣକୁ ଅଧିକ ମଜବୁତ୍ କରିବା ପାଇଁ ସମସ୍ତ ପୀଡ଼ିତ ଆଗକୁ ଆସିବା ଉଚିତ୍। ଏହି ଘଟଣା କେବଳ ଫ୍ରାନ୍ସ ପାଇଁ ନୁହେଁ ବରଂ ସମଗ୍ର ବିଶ୍ୱ ପାଇଁ ଏକ ବଡ଼ ଚେତାବନୀ ବୋଲି ମାଣ୍ଟୋ କହିଛନ୍ତି। ଏପରି ଜ୍ୟାକ୍ ଲେଭେଗଲ୍ ଏକ ଘଟଣାକ୍ରମେ ନିଜ ଅସୁସ୍ଥ ତଥା କ୍ୟାନ୍‌ସର ପୀଡ଼ିତ ମାଆ ଏବଂ ୯୨ ବର୍ଷୀୟ ବୃଦ୍ଧା ମାଉସୀଙ୍କୁ ମଧ୍ୟ ହତ୍ୟା କରିଥିଲେ। ତେବେ ସେ ଏହି ହତ୍ୟା ଅଭିଯୋଗକୁ ସ୍ୱୀକାର କରିସାରିଥିବା ମାଣ୍ଟୋ ସୂଚନା ଦେଇଛନ୍ତି। ପବ୍ଲିକ ପ୍ରୋସିକ୍ୟୁଟର ଏଟିଏନ୍ ମାଣ୍ଟୋ କହିଛନ୍ତି, ଏକ ୟୁଏସ୍‌ବି ଡ୍ରାଇଭ୍ ହିଁ ଏସବୁ ପାଶବିକ ଘଟଣାର ପର୍ଦ୍ଦାଫାସ କରିଛି। ଅଭିଯୁକ୍ତ ଜ୍ୟାକ୍ ଲେଭେଗଲଙ୍କ ଏକ ପୁରୁଣା ୟୁଏସ୍‌ବି ଡ୍ରାଇଭ୍‌କୁ ଭୁଲବଶତଃ ତାଙ୍କର ଜଣେ ସମ୍ପର୍କୀୟ ପାଇଥିଲେ। ଏହି ଡ୍ରାଇଭ୍‌ରେ ଅଭିଯୁକ୍ତ ଜ୍ୟାକ୍ ନିଜର ଏକ ଡିଜିଟାଲ୍ ଆତ୍ମଜୀବନୀ ଲେଖିଥିଲେ। ଏହା ପ୍ରାୟ ୧୫ଟି ପୃଥକ ଖଣ୍ଡରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଥିବା ବେଳେ ଏଥିରେ ସେ କିପରି ନାବାଳିକାମାନଙ୍କୁ ନିଜ ଯୌନ ଲାଳସା ମେଣ୍ଟାଇବା ପାଇଁ ବ୍ୟବହାର କରୁଥିଲେ ସେସବୁ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷେ ଏହି ଡ୍ରାଇଭ୍ ସାମ୍ନାକୁ ଆସିବା ପରେ ଏଥିରେ ଥିବା ପ୍ରମାଣଗୁଡ଼ିକୁ ବ୍ୟବହାର କରି, ତଦନ୍ତକାରୀ ଏଜେନ୍ସିଗୁଡ଼ିକ ୧୯୬୭ରୁ ୨୦୨୨ମଧ୍ୟରେ ହୋଇଥିବା ସମସ୍ତ ଜଘନ୍ୟ ଅପରାଧ ବିଷୟରେ ସୂଚନା ସଂଗ୍ରହ କରିଛନ୍ତି। ତଦନ୍ତକାରୀଙ୍କ ଅନୁଯାୟୀ, ଅଭିଯୁକ୍ତ ତାଙ୍କ ଆତ୍ମଜୀବନୀରେ କରିଥିବା ପ୍ରତ୍ୟେକ ଅପରାଧର ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି। ଯାହା ସୁରକ୍ଷା ଏଜେନ୍ସିଗୁଡ଼ିକୁ ଆଶ୍ଚର୍ଯ୍ୟ କରିଦେଇଛି। ତଦନ୍ତରେ ଏପର୍ଯ୍ୟନ୍ତ ୮୯ ପୀଡିତଙ୍କୁ ଚିହ୍ନଟ କରାଯାଇଛି। ସମସ୍ତ ପୀଡ଼ିତଙ୍କ ବୟସ ସେତେବେଳେ ୧୩ରୁ ୧୭ ବର୍ଷ ମଧ୍ୟରେ ଥିଲା। ଅନ୍ୟ ଅଜ୍ଞାତ ପୀଡିତମାନଙ୍କୁ ଆଗକୁ ଆସି ଅଭିଯୋଗ ଦାଖଲ କରିବାକୁ ଉତ୍ସାହିତ କରିବା ପାଇଁ ପବ୍ଲିକ ପ୍ରସିକ୍ୟୁଟରମାନେ ଅଭିଯୁକ୍ତଙ୍କ ନାମ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଏହି ଘଟଣା ଶିଶୁ ସୁରକ୍ଷା ଓ ଅନ୍ତର୍ଜାତୀୟ ସହଯୋଗର ଗୁରୁତ୍ୱ ବିଷୟରେ ସାରା ବିଶ୍ୱରେ ଏକ ନୂତନ ବିତର୍କ ସୃଷ୍ଟି କରିଛି।

ସୂଚନାଯୋଗ୍ୟ ଏହା ପୂର୍ବରୁ ମଧ୍ୟ ଫ୍ରାନ୍ସରେ ଜୋଏଲ୍ ଲେ ସ୍କୁଆର୍ନେକ ନାମକ ଜଣେ ଡାକ୍ତର ୧୯୮୯ ରୁ ୨୦୧୪ ପର୍ଯ୍ୟନ୍ତ ଅର୍ଥାତ୍ ୨୫ ବର୍ଷ ମଧ୍ୟରେ ପ୍ରାୟ ୨୯୯ଜଣଙ୍କୁ (ଅଧିକାଂଶ ନାବାଳିକା)ଙ୍କୁ ଦୁଷ୍କର୍ମ କରିଥିବା ଘଟଣା ସାମ୍ନାକୁ ଆସିଥିଲା। ମେ ୨୦୨୪ରେ ଏକ ଫରାସୀ କୋର୍ଟ ଅବସରପ୍ରାପ୍ତ ଡାକ୍ତର ଜୋଏଲ୍ ଲେ ସ୍କୁଆର୍ନେକ୍‌ଙ୍କୁ ୨୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଥିଲେ। ଜୋଏଲ୍ ତାଙ୍କ ପାଖକୁ ଆସୁଥିବା ସୁନ୍ଦର ମହିଳାମାନଙ୍କୁ ବିଭିନ୍ନ ବାହାନାରେ ଆନାସ୍ଥେସିଆ ଦେବା ପରେ ବଳପୂର୍ବକ ଦୁଷ୍କର୍ମ କରୁଥିଲେ ଏବଂ ଏସବୁର ଭିଡିଓ ରେକର୍ଡ କରି ନିଜ ପାଖରେ ରଖିବା ସହ ପୀଡ଼ିତାଙ୍କୁ ବାହାରେ ମୁହଁ ନଖୋଲିବାକୁ ଧମକାଉଥିଲେ।

## ଗୃହରେ ଏପ୍‌ଷ୍ଟାଇନ୍, ଆମେରିକା-ଭାରତ ବାଣିଜ୍ୟ ଚୁକ୍ତି ତାତି

**ନୂଆଦିଲ୍ଲୀ, ୧୧।୨/ଏଜେନ୍ସି:** ସଂସଦର ବଜେଟ ଅଧିବେଶନ ଚାଲିଥିବା ବେଳେ ବୁଧବାର ଲୋକସଭାରେ ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ପୁଣି ଥରେ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ରାହୁଲ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି, ଏପ୍‌ଷ୍ଟାଇନ୍ ଫାଇଲ ପ୍ରସଙ୍ଗ ଉଠାଇଥିଲେ। ସେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ସମ୍ପର୍କରେ କହିବା ପରିପ୍ରେକ୍ଷୀରେ କହିଥିଲେ ଯେ, ଆମେରିକାର ଶୁଳ୍କ ୩ ପ୍ରତିଶତରୁ ବଢ଼ି ୧୮ ପ୍ରତିଶତ ହୋଇଗଲା। ଏହା ମୋଦୀ ସରକାରଙ୍କ ବିଫଳତା। ମୋଦୀ ସରକାର ଦେଶର କୋଟି କୋଟି ଚାଷୀଙ୍କ ସ୍ୱାର୍ଥ ସହ ସାଲିସ୍ କରିଛନ୍ତି। ଦେଶର କୃଷି କ୍ଷେତ୍ରକୁ ଆମେରିକା ପାଇଁ ଖୋଲିଦେଇଛନ୍ତି ମୋଦୀ ସରକାର। ସେହିପରି ଭାରତ ମାତାକୁ ମୋଦୀ ସରକାର ବିକ୍ରି କରିଦେଇଥିବା ଭଳି ସଂଗୀନ ଅଭିଯୋଗ ମଧ୍ୟ ରାହୁଲ କରିଥିଲେ। ଯାହାଉପରେ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଥିଲେ ରାହୁଲଙ୍କୁ ଏପ୍ରକାର ଅଭିଯୋଗର ପ୍ରମାଣ ଦେବାକୁ ହେବ। ରାହୁଲ ଗାନ୍ଧୀ ଦାବି କରିଥିଲେ ଯେ, ସରକାର ଡିଜିଟାଲ ନୀତିର ପ୍ରମୁଖ ଦିଗଗୁଡ଼ିକ ସହିତ ସାଲିସ୍ କରିଛନ୍ତି। ସେ ଯୁକ୍ତି ଦେଇଛନ୍ତି ଯେ ଭାରତର ଡେଟା (ତଥ୍ୟ) ହେଉଛି ଏହାର ଏକବିଂଶ ଶତାବ୍ଦୀର ସବୁଠାରୁ ମୂଲ୍ୟବାନ ସମ୍ପତ୍ତି। ଭାରତର ଆମେରିକାକୁ ନିଜର ଡେଟା ସମର୍ପଣ କରିଛି। ଆମେରିକୀୟ ଡଲାରକୁ ସୁରକ୍ଷା ଦେବାର ଚାବିକାଠି ହେଉଛି ଭାରତୀୟ ତଥ୍ୟ। ଭାରତ ଯାହା କରୁଛି ତାହା ସମ୍ପୂର୍ଣ୍ଣ ସରେଣ୍ଡର ଅଟେ। ଏହା କେବଳ ପ୍ରଧାନମନ୍ତ୍ରୀଙ୍କ ସରେଣ୍ଡର ନୁହେଁ, ୧୪୦ କୋଟି ଭାରତୀୟଙ୍କ ସରେଣ୍ଡର ଅଟେ। ଏସବୁ ବ୍ୟତୀତ ରାହୁଲ ଅଦାନୀ ପ୍ରସଙ୍ଗ ମଧ୍ୟ ଉଠାଇଥିଲେ। ଅନ୍ୟପକ୍ଷେ ରାହୁଲଙ୍କ ଏପ୍ରକାର ଭାଷଣକୁ ନେଇ ଶାସକ ଦଳର ସାଂସଦ ବିରୋଧ ଦର୍ଶାଇଥିଲେ ଓ ଜୋରଦାର ହୋହଲ୍ଲା ହୋଇଥିଲା।



ନିତିଦିନ NITIDIN



## ରାଜସ୍ୱ ଆଦାୟରେ ଓଡ଼ଗାଁ ଶୀର୍ଷରେ

**ଓଡ଼ଗାଁ,୧୧|୨/ଏନ୍ଏନ୍ଏସ୍:** ବଦଳିବାରେ ଲାଗିଚି ଓଡ଼ଗାଁ ଏନ୍ଏସିର ରୂପରେଖ। ଆଲୋକୀକରଣ ଠାରୁ ଆରମ୍ଭକରି ସ୍ୱଚ୍ଛତା, ରାମସାଗର ପାର୍କ ଓ ବୋଟିଂର ମଜା ଉଠାଉଛନ୍ତି ସାଧାରଣ ଲୋକେ। ଗତ କିଛିବର୍ଷଧରି ରାଜସ୍ୱ ଆଦାୟରେ ଓଡ଼ଗାଁ ଏନ୍ଏସି ପଛୁଆ ଥିବାରୁ ରାଜ୍ୟ ସରକାର ସମସ୍ତ ଅନୁଦାନ ରାଶି ଦେବାରେ ଟାଳଟୁଳ ନୀତି ଆପଣାଇଥିଲେ।ଏବେ ସେ ସମସ୍ୟା ଦୂର ହୋଇଛି। ନୂତନ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରା କାର୍ଯ୍ୟରେ ଯୋଗଦେବାପରେ ଏନ୍ଏସି ସଂପୂର୍ଣ୍ଣ ବଦଳି ଯାଇଛି ଓ ରାଜସ୍ୱ ଆଦାୟରେ ରାଜ୍ୟରେ ଶୀର୍ଷ ସ୍ଥାନରେ ପହଞ୍ଚିଛି।ବର୍ତ୍ତମାନ ସ୍ୱଚ୍ଛ ସବୁଜ ଓ ସୁନ୍ଦର କାର୍ଯ୍ୟକ୍ରମ ସଠିକ ମାର୍ଗରେ ଅଗ୍ରସର ହେଉଛି। ସହରର ପ୍ରତ୍ୟେକ ଗଳି ଓ ସାହିକୁ ପକ୍କାରାସ୍ତା, ଡ୍ରେନନିର୍ମାଣ କରି ସଂଯୋଗୀକରଣ କରାଯାଉଛି। କିଛି ସାହିରେ ଡ୍ରେନନିର୍ମାଣ ଆବଶ୍ୟକତାକୁ ଲକ୍ଷ୍ୟରଖି ଖୁବ୍ ଶିଘ୍ର ନିର୍ମାଣ କରିବାର ବ୍ୟବସ୍ଥା ମଧ୍ୟହେଉଛି। ପ୍ରତ୍ୟେକ ୱାର୍ଡ଼କୁ ସଫା, ସୁତୁରା ରଖିବା ଓ ଜନସାଧାରଣଙ୍କୁ ବର୍ଜ୍ୟବସ୍ତୁ ପରିଚାଳନାରେ ସହଯୋଗ କରିବାପାଇଁ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ଅନୁରୋଧ କରାଯାଇଛି। ସହରାଞ୍ଚଳର କୌଣସି ସ୍ଥାନ ଆବର୍ଜନା ଥିଲେ କିମ୍ବା ଆଲୋକୀକରଣରେ କୌଣସି ପ୍ରକାର ତ୍ରୁଟି ରହିଥିଲେ ତାହାକୁ ତୁରନ୍ତ କାର୍ଯ୍ୟକାରୀ କରାଯାଉଛି। ସର୍ବସାଧାରଣ ସ୍ଥାନ ଯଥା ମନ୍ଦିର, ଡ଼ାକ୍ତରଖାନା, ଆହାରକେନ୍ଦ୍ର ଓ ବିଭିନ୍ନ କାର୍ଯ୍ୟାଳୟ ପରିସର ଗୁଡ଼ିକରେ ସ୍ୱଚ୍ଛତା ପରିଲକ୍ଷିତ ହେଉଛି। କ୍ଷୁଦ୍ର ବ୍ୟବସାୟୀ ଓ ବୁଲା ବିକାଳିଙ୍କୁ ଥଇଥାନ ଦିଗରେ ଭେଣ୍ଡିଂ ଜୋନ୍ ନିର୍ମାଣ କରାଯାଉଛି। ଗଣେଶ ବଜାରକୁ ପୁନଃଉଦ୍ଧାର କରି ୧୮ଜଣ ବ୍ୟବସାୟୀଙ୍କୁ ଥଇଥାନ କରିବା ଏବଂ କୃଷକ ବଜାର ପାଖରେ ୫ଟି ଚିକେନ ଦୋକାନ ଅବସ୍ଥାପିତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଆସନ୍ତା ୧ମାସ ମଧ୍ୟରେ ସହରର ମୁଖ୍ୟ ଛକମାନଙ୍କରେ ହାଇମାକ୍ସ ଆଲୋକୀକରଣ କରାଯିବ। ସହରାଞ୍ଚଳର ସବୁଠୁ ଆକର୍ଷଣୀୟ ରାମସାଗରପାର୍କ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ପ୍ରତ୍ୟହ ଲୋକମାନେ ବୋଟିଂ ଓ ୱାଟର ଫାଉଣ୍ଟେନର ମଜା ନେଉଛନ୍ତି। ପାର୍କ ଭିତରେ ଫୁଲର ସମ୍ଭାର ନଗରବାସୀଙ୍କୁ ଆକୃଷ୍ଟ କରୁଛି।ଶ୍ରୀରଘୁନାଥ ଜିଉଙ୍କ ମନ୍ଦିରରେ ଯାତ୍ରୀଙ୍କ ସୁବିଧା ନିମନ୍ତେ ଏକ ଅତ୍ୟାଧୁନିକ ସ୍ନାନାଗାରର ବ୍ୟବସ୍ଥା କରାଯାଉଛି। ବଡ଼କଥା ହେଉଛି ରଘୁନାଥ ସମବାୟ ମହାବିଦ୍ୟାଳୟ ନିକଟରେ ଥିବା ରାଧାମୋହନ ଆମ୍ବବଗିଚାରେ ୫ଶହ ଆମ୍ବଗଛର ରକ୍ଷଣାବେକ୍ଷଣ କରି ଆକର୍ଷଣୀୟ କରାଯାଇଛି।ବିଜ୍ଞାପିତ ଅଞ୍ଚଳ ପରିଷଦର ପ୍ରଥମ ପର୍ଯ୍ୟାୟରେ ୩ଗୋଟି ପୁଷ୍କରିଣୀକୁ ସ୍ୱଚ୍ଛ ଓ ସୁନ୍ଦର କରାଯାଇ ବିଭିନ୍ନ କିସମର ଗଛଲଗାଇ ସବୁଜିମାରେ ପରିଣତ କରାଯାଇଛି। ଏସବୁ ସତ୍ତ୍ୱେ ହୋଲ୍ଡିଂ ଟାକ୍ସ, ଟ୍ରେଡ଼ ଲାଇସେନ୍ସ, ଉଠା ଦୋକାନୀଙ୍କ ଠାରୁ ଟିକସ ଆଦାୟ, କଲ୍ୟାଣମଣ୍ଡପରୁ ଭଡ଼ା ଆଦାୟ କରି ରାଜ୍ୟ ସରକାରଙ୍କୁ ପୈଠ କରି ଓଡ଼ଗାଁ ଏନ୍ଏସି ଶୀର୍ଷ ସ୍ଥାନରେ ରହି ସୁନାମ ଅର୍ଜନ କରିଥିବା ଜଣାପଡିଛି। ଆଗାମୀ ଦିନରେ ଓଡ଼ଗାଁ ସବୁକ୍ଷେତ୍ରରେ ୧ନମ୍ବର ସ୍ଥାନ ଅଧିକାର କରିବବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ବେହେରା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ପତିତପାବନ ନୋଡାଲ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ନୟାହାଟ,୧୧|୨/ଏନ୍ଏନ୍ଏସ୍:** ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେସ୍ଥଳି ପଞ୍ଚାୟତର ପତିତପାବନ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓଟର ଶାସନର ବୁଧବାର ରାତିରେ



ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ସମାଜର ପଥ ପ୍ରଦଶକ ଓ ପିଲା ମାନଙ୍କୁ ଅନ୍ଧାରରୁ ଆଲୋକକୁ ବାଟ ଦେଖାଇଥାନ୍ତି ବୋଲି ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ଦାସ ପ୍ରକାଶ କରିଥିଲେ। ଗୋପ ବ୍ଲକର ସହ ମଣ୍ଡଳ ଶିକ୍ଷାଧିକାରୀ ସମ୍ରାଟ ଭଞ୍ଜ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିକ୍ଷାର ପ୍ରସାର ଓ ବିକାଶ ଦିଗରେ ଶିକ୍ଷକ ମାନଙ୍କ ଭୂମିକାକୁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ କୁମାର ମିଶ୍ର ସଭାପତିତ୍ୱ କରିଥିବା ବେଳେ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୋପ ବ୍ଲକର ସହ ମଣ୍ଡଳ ଶିକ୍ଷାଧିକାରୀ ଦେବେନ୍ଦ୍ର କାଣ୍ଡି, ପୁରୀ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ଶିବଦତ୍ତ ନାୟକ, ଶିକ୍ଷକ ସମନ୍ୱୟ ସମିତିର ସଭାପତି ଅଜୟ କୁମାର ରଥ ଓ କାର୍ଯ୍ୟକାରୀ ସଭାପତି ପବିତ୍ର ମୋହନ ନାୟକ , ଓଟର ଗ୍ରାମ୍ୟ କମିଟିର ସଭାପତି ଗୌରାଙ୍ଗ ଚରଣ ମହାନ୍ତି, ଦେସ୍ଥଳି କ୍ଲଷ୍ଟର ସିଆର ଶିଶି ଲିଙ୍ଗରାଜ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ପ୍ରଦ୍ୟୁମ୍ନ କୁମାର ମିଶ୍ର, ଆଶିଷ କୁମାର ମହାନ୍ତି ପ୍ରମୁଖ ବିଦ୍ୟାଳୟର କୁନି କୁନି ପିଲାଙ୍କ ଦ୍ୱାରା ସାଂସ୍କୃତିକ କର୍ଯ୍ୟକର୍ମକୁ ପରିଚାଳନା କରିଥିଲେ।

## ଉଦ୍ୟାନ କୃଷି ତାଲିମ ଓ ଦକ୍ଷତା ବିକାଶ କର୍ମଶାଳା

**କଣ୍ଟାପଡ଼ା,୧୧|୨/ଏନ୍ଏନ୍ଏସ୍:** କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ବ୍ରାହ୍ମଣ ବାଟୀଗ୍ରାମପଞ୍ଚାୟତରେ ଆଜି ରାଜ୍ୟ ଯୋଜନା ଆନୁକୁଲ୍ୟରେ ପଞ୍ଚାୟତ ସ୍ତରୀୟ ଉଦ୍ୟାନ କୃଷି ତାଲିମ ଓ ଦକ୍ଷତା ବିକାଶ କର୍ମଶାଳା ବ୍ରାହ୍ମଣବାଟୀସରପଞ୍ଚ ସଂଜୟ କୁମାର ରାଉତରାୟଙ୍କ ସଭାପତିତ୍ୱର



ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ଓ ୟୁଏଟିର ପ୍ରାକ୍ତନ ପ୍ରଫେସର ଡ.ଦେବବ୍ରତ ରାୟ ସମ୍ମାନୀତ ଅତିଥି ବ୍ଲକ ଉଦ୍ୟାନ କୃଷି ଅଧିକାରୀ ପ୍ରିୟଙ୍କା ଦାସ ଅନ୍ୟତମ ଅତିଥି ବ୍ଲକ କୃଷି ଅଧିକାରୀ ଶୁଭଶ୍ରୀ ନନ୍ଦଙ୍କ ସମେତ ପଞ୍ଚାୟତର ବହୁ ଅଗ୍ରଣୀ ଚାଷୀମାନେ ଯୋଗ ଦେଇଥିଲେ। ଚାଷୀମାନେ କିପରି କମ୍ ଖର୍ଚ୍ଚରେ ଓ କମ ପରିଶ୍ରମରେ ଉନ୍ନତ ମାନର ଓ ଅଧିକ ପରିମାଣର ଉଦ୍ୟାନ କୃଷିଜାତ ଫସଲ ଅମଳ କରିପାରିବେ ସେ ସଂପର୍କରେ ସୁବିସ୍ତୃତ ଆଲୋଚନା ଓ ପରାମର୍ଶ ପ୍ରଫେସର ରାୟ ଚାଷୀମାନଙ୍କୁ ପୁଙ୍ଖାନୁପୁଙ୍ଖ କହିଥିଲେ। ଉପସ୍ଥିତ ଚାଷୀମାନେ ମଧ୍ୟ ଆଲୋଚନାରେ ଭାଗନେଇ ଓ ପରାମର୍ଶକୁ ଗ୍ରହଣ କରି ବେଶ ସଫଳ ହେବୁ ବୋଲି ସହମତି ପ୍ରକାଶ କରିଛନ୍ତି। କର୍ମଶାଳାକୁ ବ୍ଲକ ଉଦ୍ୟାନ କୃଷି ଅଧିଦର୍ଶକ ସୁନୀଲ କୁମାର ରଥ ଉଦ୍ୟାନ କୃଷି ସଂପ୍ରସାରଣ କର୍ମଚାରୀ ସୁଶାନ୍ତ କୁମାର ଜେନା, ଉଦ୍ୟାନ କୃଷି କର୍ମଚାରୀ ସୁରେଶ କୁମାର ରାଉତରାୟ ପ୍ରମୁଖ କମିଶାଳା ପରିଚାଳନାରେ ସହଯୋଗ କରିଥିଲେ।

## ବିଦ୍ୟାଳୟ ପରିସରରେ ତମାଖୁ ବର୍ଜନ ସଚେତନତା

**ଚାରିଛକ,୧୧|୨/ଏନ୍ଏନ୍ଏସ୍:** ଚାରିଛକସ୍ଥିତ ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜାତୀୟ କୃମି ନାଶକ ଓ ତମାଖୁ ବର୍ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡା.ପ୍ରଶାନ୍ତ କୁମାର ସାମନ୍ତରାୟ,ଡାକ୍ତର ମନୋରଞ୍ଜନ ମହାପାତ୍ର,ଡାକ୍ତର ମିତାଲି ମଧୁସ୍ମିତା ପ୍ରଧାନ,ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ସଂଯୁକ୍ତା ପ୍ରଧାନ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ କୃମିନାଶକ ଦିବସ ଓ ତମାଖୁ ନିୟନ୍ତ୍ରଣ ବିଶଦ ଭାବେ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟ ହିଁ ସଂପଦ,ନିଜ ସ୍ୱାସ୍ଥ୍ୟର ଯତ୍ନ ନିଜେ ନେବା,ଖାଇବା ପୂର୍ବରୁ ହାତକୁ ଭଲ ଭାବରେ ସଫା କରିବା ସହିତ ଅନ୍ୟମାନଙ୍କୁ ସଚେତନତା କରନ୍ତୁ ବୋଲି ମୁଖ୍ୟଚିକିତ୍ସାଧିକାରୀ ଡା. ସାମନ୍ତରାୟ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ ସଚେତନତା ଶିବିରରେ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ମନସ୍ୱିନୀ ଲେଙ୍କା, ଶିକ୍ଷକ ପ୍ରଦୀପ୍ତ ଚନ୍ଦ୍ର ସାହୁ, ପ୍ରକାଶ ଚନ୍ଦ୍ର ପାତ୍ର, ବାବାଜୀ ଚରଣ ସେନାପତି, କ୍ରିଷ୍ଣା ମହାପାତ୍ର, ପ୍ରଣତୀ ବେହେରା, ଆଦ୍ୟାଶ୍ୟା ପ୍ରିୟଦର୍ଶିନୀ, ରାନୀ ବସ୍ତିଆ, ମାନଓ ରଂଜନ ନାୟକ, ଶିବବ୍ରତ ମଲ୍ଲ ପ୍ରମୁଖ ଉପସ୍ଥିତଥିଲେ।

# ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ପ୍ରସ୍ତୁତି ବୈଠକ

**ପୁରୀ,୧୧|୨/ଏନ୍ଏନ୍ଏସ୍:** ଶ୍ରୀଜିଉମାନଙ୍କ ଦର୍ଶନ ପାଇଁ ସରକାର ପ୍ରଣୟନ କରିଛନ୍ତି ଶ୍ରୀଜଗନ୍ନାଥ ଙ୍କ ଦର୍ଶନ ଯୋଜନା। ପ୍ରଥମ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ଚଳିତ ମାସ ୧୩ ତାରିଖରେ ନବରଙ୍ଗପୁର ଠାରୁ ଏହି ଯୋଜନାର ଶୁଭାରମ୍ଭ କରିବେ। ୫୦୦ ଶ୍ରଦ୍ଧାଳୁ ପୁରୀରେ ପହଞ୍ଚି ମହାପ୍ରଭୁ ଙ୍କୁ ଦର୍ଶନ କରିବେ। ଶ୍ରଦ୍ଧାଳୁମାନେ ଯେପରି ଶ୍ରଦ୍ଧା ଓ ଶୃଙ୍ଖଳାର ସହ ମହାପ୍ରଭୁଙ୍କ ଦର୍ଶନ କରି ଫେରିବେ ସେଥିପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ଅପରାହ୍ନରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା।



ଏଥିରେ ଅଧକ୍ଷତା କରି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ମାଧ୍ୟମରେ ବିଭିନ୍ନ ଜିଲ୍ଲାରୁ ଆସୁଥିବା ଶ୍ରଦ୍ଧାଳୁ ଓ ଭକ୍ତ ମାନେ ମହାପ୍ରଭୁଙ୍କ ଦର୍ଶନ ସହ ଯେପରି ଏକ ସୁଖଦ ଅନୁଭବ ନେଇ ଯିବେ ସେଥିପାଇଁ ସମସ୍ତ ବିଭାଗ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହା ଏକ ଆଧାତ୍ମିକ ଓ ଧାର୍ମିକ ଯୋଜନା ଅନ୍ତର୍ଗତ ହୋଇ ଥିବାରୁ ସେବା ମନୋଭାବ ନେଇ ପ୍ରତ୍ୟେକ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ପର୍ଯ୍ୟଟନ ବିଭାଗ ଅତିରିକ୍ତ ଶାସନ ସଚିବ ସରୋଜ କୁମାର ସ୍ୱାଇଁ ଏହି ଯୋଜନା ସମ୍ପର୍କରେ ସୂଚନା ଦେଇ ପ୍ରଥମ ପର୍ଯ୍ୟାୟରେ ୫ଟି ଜିଲ୍ଲାର ୫୦୦ ଶ୍ରଦ୍ଧାଳୁ ଆସିବେ, ୧୩ ତାରିଖ ସଂଧ୍ୟାରେ ପ୍ରାୟ ୨୦୦ ଜଣ ଓ ଅବଶିଷ୍ଟ ୧୪ ତାରିଖ ସକାଳୁ ପହଞ୍ଚିବେ ବୋଲି କହିଥିଲେ। ୬୦ରୁ ୭୫ବର୍ଷ ବୟସ୍କ ବ୍ୟକ୍ତି ଓ ବିଧବା ମହିଳା ଏହି ଯୋଜନା ରେ ସାମିଲ ହୋଇ ପାରିବେ ଓ ସଂପୃକ୍ତ ଜିଲ୍ଲା ପ୍ରଶାସନ ସେମାନଙ୍କ ତାଲିକା ପ୍ରସ୍ତୁତ କରି ପୁରୀ ପ୍ରଶାସନକୁ ଦେବେ। ପୁରୀ ଜିଲ୍ଲା ପ୍ରଶାସନ ଓ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ ଦର୍ଶନ ର ବ୍ୟବସ୍ଥା କରାଇବେ। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୫ ହଜାର ଶ୍ରଦ୍ଧାଳୁ ଦର୍ଶନ କରିବେ ବୋଲି ସେ କହିଥିଲେ। ଶ୍ରଦ୍ଧାଳୁ ମାନେ ପହଞ୍ଚିବା ପରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ରହଣୀ ପାଇଁ ବୃନ୍ଦାବତୀ ନିବାସରେ ବ୍ୟବସ୍ଥା, ଶ୍ରଦ୍ଧାଳୁଙ୍କ ପାଇଁ ମହାପ୍ରସାଦ ବ୍ୟବସ୍ଥା, ସହାୟତା ପାଇଁ ହେଲ୍ପ ଡେସ୍କର ବ୍ୟବସ୍ଥା, ଯାତାୟାତ ପାଇଁ ସ୍ଥାନୀୟ ପରିବହନ ବ୍ୟବସ୍ଥା, ଦର୍ଶନ ସୁବିଧା, ଶ୍ରଦ୍ଧାଳୁ ମାନଙ୍କ ସୁରକ୍ଷା ବ୍ୟବସ୍ଥା, ଗାଡି ପାର୍କିଂ ବ୍ୟବସ୍ଥା, ଫଟୋ ଭିଡିଓ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ବିଷଦ ଆଲୋଚନା କରାଯାଇ କାର୍ଯ୍ୟ ସମ୍ପାଦନ ପାଇଁ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉନ୍ନୟନ ପ୍ରଶାସକ ଦେବେନ୍ଦ୍ର ନାଥ ସାହୁ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ସିଡିଏମଓ ଡା ଅକ୍ଷୟ କୁମାର ଶତପଥୀ, କମାଣ୍ଡାଣ୍ଟ ତାପସ କୁମାର ଦାସ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ କୌଶିକ ନାୟକ, ଅତିରିକ୍ତ ଏସପି ଦେବୀ ପ୍ରସାଦ ପ୍ରତାପ, ପର୍ଯ୍ୟଟନ ଉପ ସଚିବ ମନୋଜ କୁମାର ବେହେରା, ଡେପୁଟି ଉନ୍ନୟନ ପ୍ରଶାସକ ରଞ୍ଜନ କୁମାର ବେହେରା ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ପଙ୍କଉଦ୍ଧାର ଏକାଦଶୀ ଓ ଜାଗର ବ୍ୟବସ୍ଥାର ସମୀକ୍ଷା

**ପୁରୀ,୧୧|୨/ଏନ୍ଏନ୍ଏସ୍:** ଆସନ୍ତା ପଙ୍କଉଧାର ଏକାଦଶୀ ଓ ଜାଗର ଉପଲକ୍ଷେ ଶ୍ରୀ ଲୋକନାଥ ମନ୍ଦିରକୁ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ମାନଙ୍କ ଆଗମନ ହେବାକୁ ଥିବା ପରିପ୍ରେକ୍ଷିତରେ, ଆଜି ସନ୍ଧ୍ୟାବେଳେ ଏସ୍ପି ପ୍ରତୀକ ସିଂ ଲୋକନାଥ ମନ୍ଦିର ପରିସରରେ ଲାଇନ୍ ଦର୍ଶନ ଏବଂ ପରମାଣିକ ଦର୍ଶନ ପାଇଁ କରାଯାଇଥିବା ବାରିକେଡିଂ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ସମୀକ୍ଷା ସମୟରେ ଶ୍ରଦ୍ଧାଳୁ ମାନଙ୍କୁ ସୁବିଧାଜନକ, ସୁସଂଗଠିତ ଏବଂ ସୁରକ୍ଷିତ ଦର୍ଶନ ସୁନିଶ୍ଚିତ କରିବା ନିମନ୍ତେ ମନ୍ଦିର ସେବାୟତ ମାନଙ୍କ ସହିତ ବିସ୍ତୃତ ଆଲୋଚନା କରାଯାଇଥିଲା। ଭିଡ଼ ନିୟନ୍ତ୍ରଣ, ଲାଇନ୍ ପରିଚାଳନା, ପାର୍କିଂ ବ୍ୟବସ୍ଥା, ଟ୍ରାଫିକ୍ ନିୟନ୍ତ୍ରଣ ଏବଂ ପରମାଣିକ ଦର୍ଶନ ପାଇଁ ଅଲଗା ବ୍ୟବସ୍ଥା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଶ୍ରୀ ସିଂ



ସମ୍ବନ୍ଧିତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇ କହିଥିଲେ ଯେ, ପର୍ବ ଅବସରରେ ଶ୍ରଦ୍ଧାଳୁମାନଙ୍କ କୌଣସି ଅସୁବିଧା ହେବାକୁ ଦିଆଯିବ ନାହିଁ ଏବଂ ଶାନ୍ତିଶୃଙ୍ଖଳା ବଜାୟ ରଖି ସମସ୍ତ ସୁରକ୍ଷା ବ୍ୟବସ୍ଥା କଠୋର ଭାବେ କାର୍ଯ୍ୟକର କରାଯିବ। ଏହି ଅବସରରେ ଅତିରିକ୍ତ ଏସ୍ପି ସଚିନ୍ ପଟେଲ, ସିଟି ଡିଏସ୍ପି ରଶ୍ମିରଞ୍ଜନ ମହାପାତ୍ର, ଟ୍ରାଫିକ୍ ଡିଏସ୍ପି ରାଜକୁମାର ପରିଡା ଏବଂ ବାସେଲିସାହି ଥାନାର ଆଇଆଇସି ଉପସ୍ଥିତ ଥିଲେ।

## ଭାରତ ବନ୍ଦକୁ ସଫଳ କରିବା ପାଇଁ ବିଭିନ୍ନ ଦଳ ପକ୍ଷରୁ ପ୍ରସ୍ତୁତି ବୈଠକ

**ଓଡ଼ଗାଁ,୧୧|୨/ଏନ୍ଏନ୍ଏସ୍:** ସମସ୍ତ ଟ୍ରେଡ଼ ୟୁନିଅନ ପକ୍ଷରୁ ୧୨ ତାରିଖ ଗୁରୁବାର ଭାରତ ବନ୍ଦ ଡାକରା ଦିଆଯାଇଥିବାବେଳେ ଓଡଗାଁରେ ମଧ୍ୟ ବନ୍ଦ ପାଳନ କରାଯିବା ପାଇଁ ବିଭିନ୍ନ ଦଳ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏ ନେଇ ଓଡ଼ଗାଁ ବ୍ଲକରୋଡ ସ୍ଥିତ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଓଡଗାଁ ବ୍ଲକ କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ରଣପୁର ନିର୍ବାଚନ ମଣ୍ଡଳୀ କଂଗ୍ରେସର ଯୁବନେତା ବିଭୁପ୍ରସାଦ ମିଶ୍ର, ସିପି.ଆଇ.ଏମ ନେତା ଗୋଲଖ ମୁଦୁଲି, ଓଡ଼ଗାଁ ବ୍ଲକ ମହିଳା ସଭାନେତ୍ରୀ ଜ୍ୟୋତିପ୍ରଭା ଜେନା, ଜିଲ୍ଲା କଂଗ୍ରେସର ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ନୟାଗଡ଼ ଜିଲ୍ଲା ଚାଷୀମୁଲିଆ ସଂଘର ସଭାପତି ଆଲୋକ ପ୍ରଧାନ, ବରିଷ୍ଠ କଂଗ୍ରେସନେତା ଭଗବାନ ଆଚାର୍ଯ୍ୟ, ଅରୁଣ କୁମାର ସାହୁ, ଶ୍ରୀନିବାସ ନାୟକ, ପ୍ରତାପ କୁମାର ବେହେରା,କୃଷକନେତା ରୁଷି ପ୍ରଧାନ ଓ ନିରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ରହି ଭାରତ ବନ୍ଦକୁ ସଫଳ କରିବାକୁ ଶପଥ ଗ୍ରହଣ କରିଥିଲେ।

## ତମାଣ୍ଡୋ ପ୍ରିମିୟର୍ କ୍ରିକେଟ୍: ଏମ୍ସିସି ବିଜୟୀ

**ମୁଣ୍ଡମୁହାଣ,୧୧|୨/ଏନ୍ଏନ୍ଏସ୍:** ତମାଣ୍ଡୋ ଷ୍ଟାଡିୟମରେ ଚାଲିଥିବା ପ୍ରିମିୟର କ୍ରୀକେଟ ଟୁର୍ଣ୍ଣାମେଣ୍ଟରେ ଆଜି ଏମସିସି କାକଟପୁର ଓ ମାଇଟି ୟଙ୍ଗଷ୍ଟାର ପରସ୍ପରକୁ ଭେଟିଥିଲେ। ଆଜି ୪ର୍ଥ ଲିଗ ମ୍ୟାଚରେ ଏମସିସି କାକଟପୁର ୬ ରନରେ ମାଇଟି ୟଙ୍ଗଷ୍ଟାରକୁ ପରାସ୍ତ କରିଛି। ମାଇଟି ୟଙ୍ଗଷ୍ଟାର ପ୍ରଥମେ ଟସ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ତେଣୁ ଏମସିସି କାକଟପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୯୦ ରନ କରିବାରେ ସକ୍ଷମ ହୋଇଥିଲେ। ଏମସିସି ଦଳ ପକ୍ଷରୁ ଇଲୁ ଗୋଛାୟତ ୨୨ ବଲରେ ୩୫ ରନ,ଆଇ ଏସ ଗିରି ୩୯ ବଲରେ ୪୫ ରନ ଓ ଉଦୟ ଯାଟ ୨୬ ବଲରେ ୪୫ ରନ ସଂଗ୍ରହ କରିଥିଲେ। ସେହିଭଳି ମାଇଟ ୟଙ୍ଗଷ୍ଟାର ପକ୍ଷରୁ ଶୁଭମ ୪ ଓଭର ବୋଲିଂ କରି ୧୦ ରନ ଦେଇ ୨ଟି ୱିକେଟ ଦଖଲ କରିଥିଲେ। ଖେଳର ଦ୍ବିତୀୟ ଇନିଂସରେ ମାଇଟି ୟଙ୍ଗଷ୍ଟାର ୧୯୧ ରନ ବିଜୟ ଲକ୍ଷ ନେଇ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୮୪ ରନରେ ସିମିତ ରହିଥିଲେ। ଫଳରେ ମାଇଟି ୟଙ୍ଗଷ୍ଟାର ୬ ରନରେ ପରାଜୟ ହୋଇଥିଲା।ମାଇଟି ୟଙ୍ଗଷ୍ଟାର ପକ୍ଷରୁ ଦିପକ କୁମାର ପରିଡା ୨୭ ବଲରେ ୨୧ ରନ, ଶୁଭମ ୩୫ ବଲରେ ୭୯ ରନ ସଂଗ୍ରହ କରିଥିଲେ ମଧ୍ୟ ଦଳ ପରାଜୟ ବରଣ କରିଥିଲା। ଏମସିସି କାକଟପୁର ପକ୍ଷରୁ ଉଦୟ ଜାଠ ୪ ଓଭରରେ ୨୯ ରନ ଦେଇ ୨ ୱିକେଟ ଦଖଲ କରିଥିବା ବେଳେ ଦିପକ ପାତ୍ର ୪ ଓଭରରେ ୨୨ ରନ ଦେଇ ୩ ୱିକେଟ ଦଖଲକୁ ନେଇଥିଲେ। ଆଜିର ମ୍ୟାଚରେ ସୁଧାକର ପୁହାଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦୟ ଜାଠଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଆଜିର ମ୍ୟାଚ ପରିଚାଳନା କରିଥିଲେ ସୁରେନ୍ଦ୍ର ପାତ୍ର ଓ ବିଭୁ ପ୍ରସାଦ ଚୌଧୁରୀ।

## କୋଣାର୍କ କପ୍ କ୍ରିକେଟ୍
## ବାଲେଶ୍ୱର ସେମିରେ

**କୋଣାର୍କ,୧୧|୨/ଏନ୍ଏନ୍ଏସ୍:** କୋଣାର୍କ ସ୍ପୋର୍ଟସ ଏକାଡେମୀ ପକ୍ଷରୁ କୋଣାର୍କ ଭଗବତୀ ମହାବିଦ୍ୟାଳୟ ଖେଳ ପଡିଆ ଠାରେ ଆୟୋଜିତ ରାଜ୍ୟ ସ୍ତରୀୟ ଦ୍ୱିତୀୟ ବାର୍ଷିକ କୋଣାର୍କ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ବୁଧବାର ଦ୍ୱିତୀୟ ଦିବସ ରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ୟୁନିଅନ ସ୍ପୋର୍ଟିଙ୍ଗ କୁ ୩୨ ରନରେ ହରାଇ ଆଦର୍ଶ ବାଲେଶ୍ୱର ସେମି ଫାଇନାଲ କୁ ଉତ୍ତୀର୍ଣ୍ଣ ହୋଇଛି। ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଆଦର୍ଶ ବାଲେଶ୍ୱର ନିର୍ଦ୍ଧାରିତ ୨୫ ଓଭରରେ ୭ ଉଇକେଟ ହରାଇ ୧୪୮ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଖଗେଶ ମିଶ୍ର ସର୍ବାଧିକ ୩୮ ବଲରେ ୩୪ ରନ ସଂଗ୍ରହ କରିଥିଲେ। ଜବାବ ରେ ୟୁନିଅନ ସ୍ପୋର୍ଟିଙ୍ଗ ନିର୍ଦ୍ଧାରିତ ୨୩.୧ ଓଭର ରେ ସମସ୍ତ ବିକେଟ ହରାଇ ୧୧୭ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଅକ୍ଷୟ ସିଂହ ୩୦ ବଲରେ ୩୮ ରନ ସଂଗ୍ରହ କରିଥିଲେ। ଆଦର୍ଶ ଦଳର ସାର୍ଥକ ଚୌଧୁରୀ ୪ ଓଭର ଗୋଟିଏ ବଲରେ ୧୫ ରନ ଦେଇ ୪ ବିକେଟ ନେଇଥିଲେ ଓ ୩୦ ବଲରୁ ୧୯ ରନ କରି ଆଜିର ମ୍ୟାଚରେ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଓସିଏ ପ୍ୟାନେଲ ଅମ୍ପାୟାର ନିର୍ମଳ ମିଶ୍ର ଓ ପ୍ରମୋଦ ସିହ୍ନା ଖେଳ ପରିଚାଳନା କରିଥିଲେ।

## ପଞ୍ଚାୟତ ସମିତି ସାଧାରଣ ବୈଠକ ଶେଷ

**ଆଠଗଡ଼,୧୧|୨/ଏନ୍ଏନ୍ଏସ୍:** ନିସ୍ୱାର୍ଥ ଭାବେ ପଞ୍ଚାୟତଗୁଡିକର ସମଗ୍ର ବିକାଶ ଦିଗରେ କାର୍ଯ୍ୟ କରିବା ପାଇଁ ଆଜି ଅନୁଷ୍ଠିତ ୧୨ତମ ପଞ୍ଚାୟତ ସମିତି ସାଧାରଣ ବୈଠକକୁ ଅଧକ୍ଷତା ସମସ୍ତ ପଞ୍ଚାୟତ ପ୍ରତିନିଧି ମାନଙ୍କୁ କରି ଆହ୍ୱାନ ଦେଇଛନ୍ତି ସ୍ଥାନୀୟ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ। ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ଅଧକ୍ଷା ମିନତୀ ଆଚାର୍ଯ୍ୟଙ୍କ ଉପସ୍ଥିତି ରେ ଅନୁଷ୍ଠିତ ଏହି ସାଧାରଣ ବୈଠକରେ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନା ଅନ୍ତର୍ଗତ ପ୍ରକଳ୍ପଗୁଡିକୁ ଗ୍ରାମ ପଞ୍ଚାୟତସ୍ତରରେ ସଫଳ ଭାବରେ ସମାପ୍ତ କରିବା ନେଇ ଆଲୋଚନା କରାଯାଇଥିଲା। ଏହାସହ ଅନ୍ତ୍ୟୋଦୟ ଗୃହ ଯୋଜନା ଓ ଆବାସ ଯୋଜନାର ସର୍ଭେ କାର୍ଯ୍ୟର ମଧ୍ୟ ସମୀକ୍ଷା କରାଯାଇଥିଲା। ସେହିଭଳି ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ ଥିବା ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ରର ଭୌତିକ ଭିତିଭୂମି ଓ ସମସ୍ୟାଗୁଡିକୁ ନେଇ ଆଲୋଚନା କରାଯାଇ ନିର୍ମାଣାଧୀନ ଅବସ୍ଥାରେ ଥିବା ୨୩ଟି ଅଙ୍ଗନବାଡ଼ି କେନ୍ଦ୍ରକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଗଲା। ହିତାଧିକାରୀ ମାନେ କିଭଳି ସେମାନଙ୍କର ରାସନ ସାମଗ୍ରୀ ମାନ ସୁବିଧାରେ ପାଇପାରିବେ ଏବଂ କିଭଳି ନୂଆ ହିତାଧିକାରୀ ମାନେ ଏଥିରେ ସାମିଲ ହେବେ ସେଥିପ୍ରତି ଅଧିକ ଯତ୍ନବାନ ହେବାକୁ ଯୋଗାଣ ବିଭାଗୀୟ ଅଧିକାରୀ ଓ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ପଞ୍ଚାୟତ ସ୍ତରରେ ନୂତନ ପ୍ରକଳ୍ପ, ରାସ୍ତା



ନିର୍ମାଣ, ଅଧଖଣ୍ଡିଆ ରହିଥିବା ଉନ୍ନୟନ କାର୍ଯ୍ୟଗୁଡିକୁ ଶୀଘ୍ର ସମାପ୍ତ କରିବା ଓ ଅନ୍ୟାନ୍ୟ ପଞ୍ଚାୟତ ସମସ୍ୟାର ତ୍ୱରିତ ସମାଧାନ ପାଇଁ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ବିଡିଓ ଆକାଶ କୁମାର ପଣ୍ଡା, ମଣ୍ଡଳବିତ୍ତ ଅଧିକାରୀ ନବ କୁମାର କଟକିଆ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ କିରଣ କୁମାର ମଲ୍ଲିକ, ସହକାରୀ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର ପାଲୋ, ସମସ୍ତ ଜିଲ୍ଲା ପରିଷଦ ସଦସ୍ୟ/ସଦସ୍ୟା, ପଞ୍ଚାୟତ ସମିତି ସଭ୍ୟ/ସଭ୍ୟା, ସମସ୍ତ ସରପଞ୍ଚ ଏବଂ ବିଭିନ୍ନ ବିଭାଗୀୟ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ ଏବଂ ଚଳିତ ସମିତି ବୈଠକ ଶାନ୍ତିଶୃଙ୍ଖଳାର ସହିତ ଆଜି ସମାପ୍ତ ହୋଇଥିଲା।

## ମେଳାରେ ଜମୁଛି ଦର୍ଶକଙ୍କ ଭିଡ଼

**କଣ୍ଟିଲୋ,୧୧|୨/ଏନ୍ଏନ୍ଏସ୍:** ସମ୍ପ୍ରତି ଆଦିପୀଠ ପ୍ରଭୁ ଶ୍ରୀନୀଳମାଧବ ଜିଉ ବିଜେ କଣ୍ଟିଲୋରେ ଦେବୋତ୍ତର ବିଭାଗ ଓ ଜିଲ୍ଲା ପ୍ରଶାସନର ନିଷ୍କ୍ରିୟତା ଯୋଗୁ ଏବେ ପାରମ୍ପରିକ ମାଘ ମେଳା ପରିବର୍ତ୍ତନ ହୋଇ ଫଗୁଣ ମାସରେ ଜାଗର ଯାତ୍ରା ସୃଷ୍ଟି ହୋଇଛି। ମାଘ ପୂର୍ଣ୍ଣମୀ ଶେଷ ହୋଇଥିଲେ ହେଁ, ୭ ଦିନ ପରେ ଅପେରା ପାର୍ଟି କଣ୍ଟିଲୋ ମେଳା ସ୍ଥାନରେ ପହଞ୍ଚିବା ପରେ ତିନିଦିନ ଧରି ମେଳାରେ ଦର୍ଶକମାନଙ୍କର ଭିଡ଼ ଜମିଛି। ଆଜି ବୁଧବାରରେ ପ୍ରାୟ ଲକ୍ଷାଧିକ ଲୋକଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଥିଲା। କିନ୍ତୁ ପ୍ରତିଦିନ ସନ୍ଧ୍ୟା ବେଳେ ଦେଢ଼ ଘଣ୍ଟାରୁ ଦୁଇ ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବନ୍ଦ୍ କରୁଥିବା ଯୋଗୁ ମେଳାର ଆକର୍ଷଣକୁ କଣ୍ଟିଲୋ ବିଦ୍ୟୁତ୍ ବିଭାଗ ନଷ୍ଟ କରିବା ଅଭିଯୋଗ ହେଉଛି। ମେଳା ସମୟେ ସନ୍ଧ୍ୟା ୬ଘଣ୍ଟା ଠାରୁ ରାତି ସାରା ବିଦ୍ୟୁତ୍ ଆଦୌ ନ କାଟିବା ଏବଂ ମେଳା ପଡ଼ିଆ ତଥା ଦୟାଣାଚୋରି ବଗିଚାରେ ଜଳୁନଥିବା ପ୍ରତ୍ୟେକ ହାଇମାସ୍କ ଲାଇଟ୍ ଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ପାଇଁ ବାରମ୍ବାର ଦେବୋତ୍ତର ବିଭାଗ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଖଣ୍ଡପଡ଼ା ତହସିଲଦାରଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଆଜିଯାଏ କୌଣସି ପଦକ୍ଷେପ ନିଆଯାଇ ନାହିଁ। ସନ୍ଧ୍ୟା ବେଳୁ ଆଦୌ ବିଦ୍ୟୁତ୍ ନ କାଟିବା ଏବଂ ହାଇମାସ୍କ ଲାଇଟ୍ ଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ପାଇଁ ବିଦ୍ୟୁତ୍ ବିଭାଗ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବା ସହ ପଦକ୍ଷେପ ନେବାକୁ ସ୍ଥାନୀୟ ବ୍ୟବସାୟୀ ଓ ଅଞ୍ଚଳବାସୀ ଖଣ୍ଡପଡ଼ା ତହସିଲଦାର ବିଶ୍ୱବିସ୍ତୃତ ତ୍ରିପାଠୀଙ୍କ ନିକଟରେ ଦାବି କରିଛନ୍ତି।

## ମୁଣ୍ଡଳୀରେ ତୃତୀୟ ବାଟାଲିୟନ ପକ୍ଷରୁ ଡ୍ରିଲ୍

**ବାରଙ୍ଗ,୧୧|୨/ଏନ୍ଏନ୍ଏସ୍:** କଟକ ମୁଣ୍ଡଳିସ୍ଥିତ ତୃତୀୟ ବାହିନୀ ଏନଡିଆରଏଫ ଆନୁକୂଲ୍ୟରେ ଓଡିଶା ଓ ଛତିଶଗଡ଼ର ବିଭିନ୍ନ ଜିଲ୍ଲାରେ ମୋବିଲାଇଜେସନ ଡ୍ରିଲ ଆୟୋଜିତ ହୋଇଯାଇଛି। ଏହି ଅଭ୍ୟାସର ଉଦ୍ଦେଶ୍ୟ ଥିଲା ଦଳର ତ୍ୱରିତ ପ୍ରତିକ୍ରିୟା କ୍ଷମତା, ସମନ୍ୱୟ ଓ ଆପତକାଳିନ ପ୍ରସ୍ତୁତି କୁ ପରୀକ୍ଷା କରିବା। କଟକ ଜିଲ୍ଲାର ବାଙ୍କୀ, ସିଂହନାଥ ମନ୍ଦିର ଓ ବନ୍ଦାଳ ଗାଁ, ଖୋର୍ଦ୍ଧା ଜିଲ୍ଲା, ଢେଙ୍କାନାଳ ଜିଲ୍ଲାର ଭୁବନ ଓ ଗୁଣ୍ଡିଚାପଡା, ପୁରୀ ଜିଲ୍ଲାର କଣାସ, ନିମାପଡା ବ୍ଲକ ଓ ଓଡାପଡା ବ୍ଲକ, ଅନୁଗୁଳ ଜିଲ୍ଲା, ମୟୁରଭଞ୍ଜ ଜିଲ୍ଲାର କୁଣ୍ଡାବାଇ ବ୍ଲକ ଏବଂ ଛତିଶଗଡର କାଙ୍କେର ଜିଲ୍ଲାରେ ଏହି ଅଭ୍ୟାସ ଶିବିରର ଆୟୋଜନ କରାଯାଇଥିଲା। ଏନଡିଆରଏଫର ମୋଟ ୧୮ଟି ଦଳ ଏହି ଅଭ୍ୟାସ ଶିବିରରେ ଅଂଶଗ୍ରହଣ କରିଥିଲେ। କମାଣ୍ଡାଣ୍ଟ ନାଗେନ୍ଦ୍ର ଶର୍ମାଙ୍କ ନିର୍ଦ୍ଦେଶନାରେ ଆୟୋଜିତ ହୋଇଥିଲା। ସେକେଣ୍ଡ ଇନ କମାଣ୍ଡ ବର୍ଦ୍ଧମାନ ମିଶ୍ର,(ପ୍ରଶାସନ) ସେକେଣ୍ଡ ଇନ୍ କମାଣ୍ଡ ଧନଞ୍ଜୟ କୁମାର(ଅପରେସନ) ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼. ନିରଜ କୁମାର, ଡା. ନବୀନ କୁମାର, ଡା. ଜେ. ଆଦିତ୍ୟ ରେଡି ପ୍ରମୁଖ ଉପସ୍ଥିତ ରହି ଅନୁଧ୍ୟାନ କରିଥିଲେ।

## ପ୍ରାଚୀ ପରିକ୍ରମା ଦଳର ଗୁରୁ ଦର୍ଶନ

**ନୟାହାଟ,୧୧|୨/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା ଗୋପ ବ୍ଲକ ଅନ୍ତର୍ଗତ ନୟାହାଟ ସ୍ଥିତ ପ୍ରାଚୀ ଗୁରୁ ଧର୍ମକ୍ଷେତ୍ରର ପ୍ରତିଷ୍ଠାତା ସଦଗୁରୁ ପ୍ରେମାଚାର୍ଯ୍ୟ ବାବା ମଧୁସୁଦନଙ୍କ ଦର୍ଶନ ଲାଭ କଲେ ପ୍ରାଚୀ ପରିକ୍ରମା ଦଳ। ଆଜି ପ୍ରତ୍ୟୁଷରୁ ଏହି ପରିକ୍ରମା ଦଳ କେଲୁଣି ମୁହାଣ, ତେନ୍ତୁଳିଆ ମଠ, ଉଛବ ନିବାସ ଓ ରାମେଶ୍ୱର ପ୍ରାଚୀ ଘାଟରେ ସନ୍ଧ୍ୟା ଆଳତୀ ଦର୍ଶନ ପରେ, ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ରରେ ପହଞ୍ଚିଥିଲେ ବୋଲି ଆଶ୍ରମର ପ୍ରଚାର ଓ ପ୍ରସାର ସେବକ ପ୍ରୀତି ରଞ୍ଜନ ଦାସ ସୂଚନା ଦେଇଛନ୍ତି। ଏହି ଉପଲକ୍ଷେ ଗୁରୁଦେବଙ୍କୁ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା ବାବାଜୀ ଅକ୍ଷୟ କୁମାର ଦାସ କରିଥିଲେ। ପ୍ରେମାଚାର୍ଯ୍ୟଙ୍କ ରଚିତ ଭଜନ ପ୍ରାଚୀ ନଦୀ ଓ ପ୍ରାଚୀ ସରସ୍ୱତୀ ମାତାଙ୍କ ମହତ, ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦର ଦାସ ଗାନ କରିଥିଲେ।



ପରେ ପରେ ପ୍ରାଚୀ ପରିକ୍ରମା ଦଳର ମାର୍ଗଦର୍ଶକ ପରମ ପୂଜ୍ୟ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ ଏହି ପରିକ୍ରମାର ଉଦ୍ଦେଶ ଉପରେ ଆଲୋଚନା କରିଥିଲେ। ପ୍ରାଚୀ ମାତାଙ୍କର ପବିତ୍ରତା ରକ୍ଷା କରିବା ଇତ୍ୟାଦି ଲକ୍ଷ୍ୟ ନେଇ ଏହି ପଦଯାତ୍ରାର ପଞ୍ଚଦଶ ବାର୍ଷିକ ପାଳିତ ହେଉଛି ବୋଲି ପୂଜ୍ୟ ପରମହଂସ ମହାରାଜ ପ୍ରକାଶ କରିଥିଲେ। ଏହି ଦଳରେ ପୂଜ୍ୟ ଶୁଦ୍ଧାନନ୍ଦ ଗିରି, ମହନ୍ତ ଚିନ୍ତାମଣି ପର୍ବତ, ବାବାଜୀ ଦାମୋଦର ଦାସ, ମହନ୍ତ ରାମକୃଷ୍ଣ ଦାସ, ବାବାଜୀ ରାମ ଦାସ, ମହନ୍ତ ଦିବ୍ୟକୃଷ୍ଣ ଦାସ, ବାବା ସତ୍ୟାନନ୍ଦ ଦାସ, ନିତ୍ୟ ପୁରୋଧ ଚିତ୍ତରଞ୍ଜନ ମିଶ୍ର ଙ୍କ ସମେତ ଶହ ଶହ ସାଧୁ ସନ୍ଥ, ଦେଶ ବାହାରୁ ଆସିଥିବା ଶ୍ରଦ୍ଧାଳୁ ଓ ଭକ୍ତମାନେ ସାମିଲ ହୋଇଛନ୍ତି। ଏହି ଉପଲକ୍ଷେ ଆଶ୍ରମ ତରଫରୁ ସବିତା ଦାସ, ଶକୁନ୍ତଳା ଦାଶ, ଅନୁ ମା, ବାସନ୍ତୀ ମା, ଶାନ୍ତି ମା, ଛବିନ୍ଦ୍ର ପାତ୍ର, କୃଷ୍ଣ ଚନ୍ଦ୍ର ଓଝା, ଗୁରୁଦତ୍ତ ଭାଇ, କାହ୍ନୁ ଭାଇ, ବିଜୁ ଭାଇ, ଶ୍ରୀ ଚରଣ ଭାଇ ଅତିଥିମାନଙ୍କୁ ବନ୍ଦାପନା କରି ପାଛୋଟି ନେଇଥିଲେ। ଆଶ୍ରମରେ ଥିବା ୧୫ଗୋଟି ମନ୍ଦିରମାନଙ୍କୁ ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁମାନେ ଆନନ୍ଦରେ ଦର୍ଶନ କରି ତୃପ୍ତି ଲାଭ କରିଥିଲେ। ରାତ୍ରରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ସମସ୍ତଙ୍କ ପାଇଁ ରହିବା ପାଇଁ ସୁବ୍ୟବସ୍ଥା ଆଶ୍ରମ ତରଫରୁ କରାଯାଇଥିଲା ବୋଲି ସେବକ ପ୍ରୀତି ରଞ୍ଜନ ଦାସ ପ୍ରକାଶ କରିଛନ୍ତି।

**ନିତି ଭାରତୀ**

ଉଦ୍ୟମ ନୁହେଁ, ସତ୍ୟ ହିଁ ମନୁଷ୍ୟକୁ ମୁକ୍ତି ପ୍ରଦାନ କରିଥାଏ । - ଜିଦ୍ଦୁ କ୍ରିଷ୍ଣମୂର୍ତ୍ତି



ନିତିଦିନ NITIDIN
ଗୁରୁବାର ,୧୨ ଫେବୃଆରୀ ୨୦୨୬

# ଜଳବାୟୁ ସହନଶୀଳ ବିବିଧ ଖାଦ୍ୟଉତ୍ପାଦନ ପ୍ରଣାଳୀ



ବିଦ୍ୟାଧର ମହାରଣା

ଆମ ଦେଶ ତଥା ବିଶ୍ୱରେ ଯେଭଳି ଭାବରେ ଜଳବାୟୁ ପରିବର୍ତ୍ତନ ଘଟୁଛି, ସେଥିରୁ ଆଗାମୀ ଦିନରେ ଖାଦ୍ୟ ଉତ୍ପାଦନ ବିଶେଷ ଭାବରେ ପ୍ରଭାବିତ ହେବାର ଆଶଙ୍କା କରାଯାଉଛି । ୨୦୫୦ ବେଳକୁ ବିଶ୍ୱର ଜନସଂଖ୍ୟା ୧୦ ବିଲିୟନ ବା ୧୦୦୦ କୋଟିରେ ପହଞ୍ଚିବାର ଆକଳନ କରାଯାଇଛି । ସେମାନଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ଯୋଗାଇବା ଏକ କାଠିକର ପାଠ ହୋଇପାରେ । ଏଣୁ କୃଷି ବୈଜ୍ଞାନିକ ଏପରି ଏକ ସଙ୍କଟର ମୁକାବିଲା କରିବା ପାଇଁ ଅହରହ ଉଦ୍ୟମ କରୁଛନ୍ତି । ସବୁଜ ବିପ୍ଳବ ପାଇଁ ସଫଳତା ଆଣିଥିବା ବୈଷୟିକ କୌଶଳ ଆଗକୁ ଆଉ କାର୍ଯ୍ୟ କରିନପାରେ । କାରଣ ଅଧିକ ରାସାୟନିକ ସାର, କୀଟନାଶକ ଓ ଜଳସେଚନ ଯୋଗୁଁ ପରିବେଶ ପ୍ରଦୂଷିତ ହେବା ସହିତ ଜଳବାୟୁ ପରିବର୍ତ୍ତନକୁ ଉତ୍ସାହିତ କରିପାରେ । ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ଯେପରି ଭାବରେ ବନ୍ୟା, ମରୁଡ଼ି, ବାତ୍ୟା ଓ ଅତ୍ୟଧିକ ଉତ୍ତାପ ଦେଖାଯାଉଛି- ଏଗୁଡ଼ିକୁ ସହ୍ୟ କରିବା ସହିତ ବର୍ଦ୍ଧିଷ୍ଣୁ ଜନସଂଖ୍ୟା ପାଇଁ ଆବଶ୍ୟକୀୟ ଖାଦ୍ୟ ଉତ୍ପାଦନ କରିବା ଆମ ସମସ୍ତଙ୍କ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି । ନୂତନ କୃଷି କୌଶଳ, ଅନୁକୂଳ ନୀତି ଓ ନୂତନ ପ୍ରଯୁକ୍ତିବିଦ୍ୟା ପ୍ରୟୋଗ କରି ଅଧିକ ଉତ୍ପାଦନ, ଖାଦ୍ୟ ନିରାପତ୍ତା ଏବଂ ବାୟୁମଣ୍ଡଳକୁ ନିର୍ଗତ ହେଉଥିବା ସବୁଜ ଗୃହ ବାଷ୍ପକୁ ହ୍ରାସ କରିବା ସବୁଠାରୁ ଅତି ଗୁରୁତ୍ୱପୂର୍ଣ୍ଣ ।

ଯେଉଁ କେତେକ ରଣକୌଶଳ ଏଥିପାଇଁ ଆବଶ୍ୟକ, ସେଗୁଡ଼ିକ ହେଲା: ମରୁଡ଼ି ଓ ବନ୍ୟା ସହଣୀ ଫସଲ ଓ ବିହନ କିସମର ବ୍ୟବହାର, କୃଷି ବନୀକରଣ, ଜଳ ସମ୍ପଦଗୁଡ଼ିକର ଉପଯୁକ୍ତ ପରିଚାଳନା ଏବଂ କୃଷକ ଆୟ ବୃଦ୍ଧି ସହିତ କୃଷି ପରିସଂସ୍ଥାଗୁଡ଼ିକର ସୁପରିଚାଳନା ପ୍ରଧାନ । ଏହା ସହିତ ଜଳବାୟୁ ସହନଶୀଳ କୃଷି ପାଇଁ କୃଷି ବନୀକରଣ, ସଂରକ୍ଷଣ କୃଷି ପଦ୍ଧତି ହିସାବରେ ଶୂନ୍ୟ କର୍ଷଣ, ଛାଦନ, ଫସଲ ପର୍ଯ୍ୟାୟ ଅନୁସରଣ ଏବଂ ପ୍ରତିକୂଳ ଜଳବାୟୁ ସହ୍ୟ ଶକ୍ତି ଥିବା ଫସଲ ଓ କିସମ ବ୍ୟବହାର ଆବଶ୍ୟକ ହୋଇପାରେ । ଅଧିକ ଅମଳକ୍ଷମ ବିହନ ଚାଷରେ ଆମକୁ ଅଧିକ ଖତ, ସାର, ଜଳସେଚନ ଓ କୀଟନାଶକ ପ୍ରୟୋଗ କରିବାକୁ ହେବ, ଯାହାକି ଜଳବାୟୁ ପ୍ରତିକୂଳ ହୋଇଥାଏ । ଏଣୁ ଦେଶୀ କିସମ ବିହନ ବ୍ୟବହାର କଲେ ଜଳବାୟୁ ସହନଶୀଳତା ବୃଦ୍ଧିପାଏ । ଆଜିକାଲି ଜଳବାୟୁ ପରିବର୍ତ୍ତନକୁ ଲକ୍ଷ୍ୟ କରି ବୈଜ୍ଞାନିକମାନେ କେତେକ ବନ୍ୟା, ମରୁଡ଼ି ଓ ଅଧିକ ଉତ୍ତାପ ସହଣୀ କିସମ ବିହନ ବାହାର କଲେଣି । ସ୍ଥାନୀୟ ଅଞ୍ଚଳର ସମସ୍ୟାକୁ ଅନୁଧ୍ୟାନ କରି ଏପରି କିସମ ବ୍ୟବହାର କରିବା ଉଚିତ । ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ଜଳ ସଙ୍କଟ ଦେଖାଯାଏ । ଏଣୁ ବୁନ୍ଦା ଜଳସେଚନ, ଭୂତଳ ଜଳର ପୁନଃଭରଣ ଓ ଫାର୍ମ ପୋଖରୀ ନିର୍ମାଣ କରାଗଲେ ଏପରି ସମସ୍ୟାର ସମାଧାନ ସୁଗମ ହେବ । ପ୍ରତି ବିନ୍ଦୁ ଜଳକୁ କୃଷି କ୍ଷେତ୍ରରେ ସୁଚାରୁ ରୂପେ ବିନିଯୋଗ କରିବା ଆବଶ୍ୟକ, କାରଣ ଜଳ ଆଉ ମୁକ୍ତ ସମ୍ବଳ ହୋଇନାହିଁ ।

ଫସଲ ଚାଷରେ ଯେଉଁ ରାସାୟନିକ ସାର ବ୍ୟବହାର ହୁଏ, ସେଥିରୁ ବହୁ ଭାଗ ଅପଚୟ ହୋଇଥାଏ । ଏହା ମୃତ୍ତିକା ଓ ଭୂନିମ୍ନସ୍ଥ ଜଳକୁ ପ୍ରଦୂଷିତ କରେ । ମୃତ୍ତିକାର ସ୍ୱାସ୍ଥ୍ୟ ରକ୍ଷା ପାଇଁ ପରିଶୁଦ୍ଧ କୃଷି ପଦ୍ଧତି ଅନୁସରଣ କରି ଯେଉଁଠି ଆବଶ୍ୟକ, କେବଳ ସେଇଠି ସାର ଓ ଜଳ ପ୍ରୟୋଗ କରିବା ଆବଶ୍ୟକ । ମୃତ୍ତିକାର ଜୈବିକ ଅଂଶ ବୃଦ୍ଧି କରିବା ପାଇଁ ଅଧିକ ପରିମାଣରେ ଖତ ଓ ଜୈବିକ ସାର ପ୍ରୟୋଗ କରିବା ଉଚିତ । ମୃତ୍ତିକାର ଭୌତିକ, ରାସାୟନିକ ଓ ଜୈବିକ ଧର୍ମ ସୁରକ୍ଷିତ ରଖିବା ପାଇଁ ସବୁମତେ ଉଦ୍ୟମ ହେବା ଆବଶ୍ୟକ । ଏହା ଛଡ଼ା କୃଷି ଗବେଷଣାଲବ୍ଧ ଜ୍ଞାନକୌଶଳ ଚାଷୀଙ୍କ ନିକଟରେ ପହଞ୍ଚିବାକୁ ବିଶେଷ ଉଦ୍ୟମ ଦରକାର । ଚାଷୀଙ୍କୁ ସାହାଯ୍ୟ କରିବା ପାଇଁ ଫସଲ ବୀମା ଯୋଜନା, କୃଷି ସମାଗ୍ରୀ ଉପରେ ରିହାତି, କୃଷିଋଣ ଓ ପୁଞ୍ଜିନିବେଶ ଉପରେ ଗୁରୁତ୍ୱ ଦେବାକୁ ହେବ । ସରକାରୀ, ଗବେଷଣା ଅନୁଷ୍ଠାନ ଓ ସ୍ଥାନୀୟ ଅଂଶୀଦାରଙ୍କ ମଧ୍ୟରେ ସହଭାଗିତା କରାଗଲେ ଆବଶ୍ୟକ ପଦକ୍ଷେପମାନ ସୁଚାରୁ ରୂପେ ପ୍ରୟୋଗ ହୋଇପାରିବ ।

ଜଳବାୟୁ ସହନଶୀଳ କୃଷି ପଦ୍ଧତି ପରୀକ୍ଷା କରିବା ପାଇଁ ଭାରତୀୟ କୃଷି ଗବେଷଣା ପରିଷଦ ବିଭିନ୍ନ ରାଜ୍ୟରେ ନିକ୍ରା (ଜଳବାୟୁ ସହନଶୀଳ କୃଷିରେ ଜାତୀୟ ନବସୃଜନ) ନାମକ ପ୍ରକଳ୍ପ କାର୍ଯ୍ୟକାରୀ କରିଥିଲେ । ଏହି ଗବେଷଣାରୁ ଜଣାଯାଉଛି ଯେ ମରୁଡ଼ି ସହଣୀ ବିହନ ବ୍ୟବହାର, ଉନ୍ନତ ଜଳ ପରିଚାଳନା (ଫାର୍ମ ପୋଖରୀ, ଆଡ଼ିବନ୍ଧ ଇତ୍ୟାଦି) ଓ ସଂରକ୍ଷଣ କୃଷିପଦ୍ଧତି ପ୍ରତିକୂଳ ପାଣିପାଗ ସହିବା ସହିତ ଅଧିକ ଫସଲ ଅମଳ ଓ କୃଷକ ଆୟ ବୃଦ୍ଧିରେ ସହାୟକ । ଏହି ପ୍ରକଳ୍ପ ଦେଶରେ ୩୧୦ ଅଧିକ ସୁଭେଦ୍ୟ ଜିଲ୍ଲା (ଭଲ୍‌ନରେବଲ୍ ଜିଲ୍ଲା) ଚିହ୍ନଟ କରି ଏଥିରେ ମୃତ୍ତିକା ସ୍ୱାସ୍ଥ୍ୟ ବୃଦ୍ଧି, ଫସଲର ସାନ୍ଦ୍ରତା ବୃଦ୍ଧି ଓ ପ୍ରାଣୀ ସମ୍ପଦ ବୃଦ୍ଧି ପାଇଁ ପଦକ୍ଷେପ ଗ୍ରହଣ କରିଥିଲା । ନିକ୍ରା ପ୍ରକଳ୍ପରେ ସ୍ୱଳ୍ପଦିନିଆ ବିହନ, ମରୁଡ଼ି ଓ ବନ୍ୟା ସହଣୀ ବିହନ ଓ ଫସଲ, ଖରାଦିନିଆ ଚାଷ, ଉପଯୁକ୍ତ କୃଷି ଯନ୍ତ୍ରପାତି ବ୍ୟବହାର କରାଯାଇଥିଲା । ବର୍ଷାଜଳ ଅମଳ ପାଇଁ ଆଡ଼ିବନ୍ଧ ନିର୍ମାଣ, ପୋଖରୀ ନିର୍ମାଣ ଇତ୍ୟାଦି କରାଯାଇଥିଲା । ଫସଲ ଚାଷ ସହିତ ପ୍ରାଣୀ ପାଳନ ସମନ୍ୱୟ କରାଯାଇଥିଲା । ଏହାଦ୍ୱାରା କୃଷକମାନଙ୍କ ଆୟବୃଦ୍ଧି ସହିତ ଜୀବିକା ବିକାଶ ହୋଇପାରିଥିଲା ।

ବିଗତ ୩୩ ବର୍ଷରେ ବିଶ୍ୱରେ ବିପର୍ଯ୍ୟୟ ଯୋଗୁଁ କୃଷିରେ ୩.୨୭ ବିଲିୟନ ଡଲାର କ୍ଷତି ହୋଇଥିବା ଆକଳନ କରାଯାଇଛି । ବାର୍ଷିକ ହାରାହାରି ୯୯ ବିଲିୟନ ଡଲାର ବା ବୈଶ୍ୱିକ କୃଷି ଉତ୍ପାଦନରେ ୪ ପ୍ରତିଶତ କ୍ଷତି ଘଟିଛି । ବିଶ୍ୱର ଖାଦ୍ୟ ଅଭାବ ପୂରଣ କରିବା ପାଇଁ ରାସାୟନିକ କୃଷି ଉପରେ ଅଧିକ ଦୃଷ୍ଟି ଦିଆଯାଉଛି ଯାହାଦ୍ୱାରା ଜଳ, ସ୍ଥଳ ଓ ବାୟୁ ପ୍ରଦୂଷଣ ଦେଖାଯାଉଛି । ମୃତ୍ତିକାର ଉର୍ବରତା ହ୍ରାସ ଓ ବାୟୁମଣ୍ଡଳକୁ ଅଧିକ ସବୁଜ ଗୃହ ବାଷ୍ପ ନିର୍ଗମନ ଅଧିକ ସମସ୍ୟା ସୃଷ୍ଟି କରୁଛି । ଏହା ମଧ୍ୟ ଜଳବାୟୁ ପରିବର୍ତ୍ତନର ଏକ କାରଣ । ଏଣୁ ଆମକୁ ଅନ୍ୟ ରାସ୍ତା ସନ୍ଧାନର ଆବଶ୍ୟକତା ଅଛି । ଜୈବିକ କୃଷି ଓ ଜଳବାୟୁ ସହନଶୀଳ କୃଷି ଏପରି ମାର୍ଗ ହିସାବରେ ଆଦୃତ ହେଲାଣି । ଦ୍ୱିତୀୟରେ, ଆମେ ଏଯାଏଁ ପୁଷ୍ଟି ନିରାପତ୍ତା ହାସଲ କରିବାରେ ସଫଳ ହୋଇପାରି ନାହୁଁ । ପୁଷ୍ଟିକର ଖାଦ୍ୟ ପ୍ରାପ୍ତି ପାଇଁ ଜଣେ ପ୍ରାପ୍ତବୟସ୍କ ହାରାହାରି ଦୈନିକ ୨୦୦୦-୨୪୦୦ କିଲୋ କ୍ୟାଲୋରି ଶକ୍ତି, ୮୫ ଗ୍ରାମ୍ ଡାଲି/ ଅଣ୍ଡା/ ମାଛ, ୩୦-୪୦ ଗ୍ରାମ୍ ଖାଇବା ତେଲ, ୩୦୦-୪୦୦ ଗ୍ରାମ୍ ପନିପରିବା, ୧୦୦ ଗ୍ରାମ୍ ଫଳ ଖାଇବା ଆବଶ୍ୟକ । ଅବଶ୍ୟ ବୟସ, ଲିଙ୍ଗ, କର୍ମ ଓ ଶରୀରର ଓଜନ ଅନୁସାରେ ଏହା ଊଣା ଓ ଅଧିକ ହୋଇପାରେ । ତେବେ ଖାଦ୍ୟରେ ଆବଶ୍ୟକୀୟ ପ୍ରୋଟିନ୍, କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍, ଲୌହ, ଦସ୍ତା ଓ ଭିଟାମିନ୍ ରହିବା ଜରୁରୀ । ଏହି କାରଣରୁ ଖାଦ୍ୟ ଉତ୍ପାଦନରେ ବିବିଧିକରଣ ଉପରେ ଅଧିକ ଗୁରୁତ୍ୱ ଦେବା ଜରୁରୀ । ବିଶ୍ୱରେ ଏବେ ଗହମ, ଚାଉଳ ଓ ମକା ସର୍ବାଧିକ କ୍ୟାଲୋରି ଯୋଗାଉଛି । ଏଗୁଡ଼ିକ ମୁଖ୍ୟତଃ ଏକକ ଫସଲ ହିସାବରେ ଚାଷ ହେଉଥିବାରୁ ବହୁପରିବେଶୀୟ ସମସ୍ୟା ଦ୍ୱାରା ପ୍ରଭାବିତ ହେବା ସ୍ୱାଭାବିକ । ଏହାର ସମାଧାନ କରିବା ଫସଲଗୁଡ଼ିକ ହେଲା ପୁଷ୍ଟିଶସ୍ୟ, ଡାଲି ଫସଲ ଓ ତୈଳବୀଜ ଫସଲ, ଯେଉଁଗୁଡ଼ିକ ଆଜି ଉପେକ୍ଷିତ । ଜଳବାୟୁ ସହନଶୀଳ ଖାଦ୍ୟ ଉତ୍ପାଦନ ମଧ୍ୟ ଏକ ଉପଯୋଗୀ ବ୍ୟବସ୍ଥା । ଏପରି ଖାଦ୍ୟ ପ୍ରଣାଳୀରେ କୃଷି ଫସଲ ସହିତ ମତ୍ସ୍ୟ ଓ ପ୍ରାଣୀଜାତ ପଦାର୍ଥ ଅନ୍ତର୍ଭୁକ୍ତ କରାଯାଏ । ପ୍ରାଣୀମାନଙ୍କୁ ଗୁହାଳରେ ରଖି ନିୟମିତ ଖାଦ୍ୟ ଓ ପାନୀୟ ଜଳର ବନ୍ଦୋବସ୍ତ କରିବା ଆବଶ୍ୟକ । ମାଛ ଚାଷରେ ମଧ୍ୟ ଖାଦ୍ୟ ଓ ସ୍ୱାସ୍ଥ୍ୟ ପରିଚାଳନା ଉପରେ ଗୁରୁତ୍ୱ ଦେବାକୁ ହେବ । ଏହାଦ୍ୱାରା ପ୍ରାକୃତିକ ସମ୍ବଳଗୁଡ଼ିକର ସୁରକ୍ଷା ହୋଇପାରିବ ଓ ଜୈବ ବିବିଧତା ବୃଦ୍ଧି ପାଇବ । ପାଣିପାଗ ପୂର୍ବାନୁମାନ କରି ଆଗୁଆ ଚାଷୀଙ୍କୁ ସତର୍କ କରାଗଲେ ଚାଷୀମାନେ ବିହିତ ପଦକ୍ଷେପ ନେଇ ପାରିବେ ।

ଜନସାଧାରଣ ନିଜର ଖାଦ୍ୟ ଅଭ୍ୟାସରେ ପରିବର୍ତ୍ତନ କରି ଶସ୍ୟ, ପୁଷ୍ଟିଶସ୍ୟ, ଡାଲି, ବିଭିନ୍ନ ଫଳ ଓ ପନିପରିବା ସହିତ କ୍ଷୀର, ଅଣ୍ଡା ଓ ମାଛ ପ୍ରତି ଅଧିକ ନିର୍ଭରଶୀଳ ହେଲେ ଏପରି ସମସ୍ୟାର ଦୂରୀକରଣ ସମ୍ଭବ । ଡିଜିଟାଲ ପ୍ରଯୁକ୍ତିବିଦ୍ୟା ସହିତ ଏକ ବଳିଷ୍ଠ ସମ୍ପ୍ରସାରଣ ସେବା, ଉପଯୁକ୍ତ ବିପଣନ ଓ ବଣ୍ଟନ ବ୍ୟବସ୍ଥା ଏବଂ କୃଷି ଭିତ୍ତିଭୂମି ନିର୍ମାଣ ପାଇଁ ଅଧିକ ପୁଞ୍ଜିନିବେଶ ଆବଶ୍ୟକ । ଏଥିପାଇଁ ସରକାରୀ, ବେସରକାରୀ, ପୁଞ୍ଜିନିବେଶକାରୀ ଏବଂ କୃଷକଙ୍କ ମଧ୍ୟରେ ସମନ୍ୱୟ ଜରୁରୀ । ପ୍ରଯୁକ୍ତିବିଦ୍ୟା ନିର୍ଭରଶୀଳ କୃଷି ବିକାଶ ପାଇଁ ଅଧିକ ଗବେଷଣା ଓ ଉନ୍ନୟନ ଆବଶ୍ୟକ ହେଉଥିବାରୁ ସରକାର ଏଥିପାଇଁ ପର୍ଯ୍ୟାପ୍ତ ପାଣ୍ଠି ଓ ମାନବ ସମ୍ବଳ ଯୋଗାଇବା ଆବଶ୍ୟକ । କମ୍ ସମ୍ବଳ ଉପଯୋଗ କରି ଅଧିକ ଉତ୍ପାଦନ କରିବା ପାଇଁ ଆବଶ୍ୟକ କୃଷି କୌଶଳ ବାହାରିଲେ ଏହା ଚାଷୀ ତଥା ସମାଜର ମଙ୍ଗଳ କରିବ । ଯେହେତୁ ବିଶ୍ୱର ବର୍ଦ୍ଧିଷ୍ଣୁ ଜନ ସମାଜ ପାଇଁ ଆବଶ୍ୟକ ପୁଷ୍ଟିକର ଖାଦ୍ୟ ଉତ୍ପାଦନ କରିବାର ଜ୍ଞାନ ଓ କୌଶଳ ଆମ ପାଖରେ ଉପଲବ୍ଧ, ଆମେ ଏଥି ପ୍ରତି କୁଣ୍ଠାବୋଧ କରି କାହିଁକି ବର୍ତ୍ତମାନ ବିଶ୍ୱର ୭୮୦୦ କୋଟି ଲୋକଙ୍କୁ ଖାଦ୍ୟ ଯୋଗାଇବା ପାଇଁ ସଂଘର୍ଷ କରିବା ? ଜୈବ ବିବିଧତା ବୃଦ୍ଧି କରି ରୋଗ ପୋକ ନିୟନ୍ତ୍ରଣ ସହିତ ଫସଲରେ ପରଗଣ କ୍ରିୟା ବୃଦ୍ଧି କରିବା ପାଇଁ ଆଗ୍ରୋ-ଇକୋଲୋଜି (କୃଷି ପରିସ୍ଥିତିକ ଜ୍ଞାନ) ପ୍ରୟୋଗ କରିବା ଉଚିତ । ଖାଦ୍ୟ ଓ ପୁଷ୍ଟି ନିରାପତ୍ତା ପାଇଁ ପୁଷ୍ଟିପ୍ରବଣ ଖାଦ୍ୟ ହିସାବରେ ପୁଷ୍ଟିଶସ୍ୟ, ସ୍ଥାନୀୟ ଫଳ, ଉପେକ୍ଷିତ ଫସଲ (କାନ୍ଦୁଲ, ଲଘୁ ଶସ୍ୟ) ଉପରେ ଅଧିକ ଧ୍ୟାନ ଦେବା ଆବଶ୍ୟକ । ଏହାଦ୍ୱାରା ଅପପୁଷ୍ଟି ସୁଧାର କରାଯାଇପାରିବ । ଜଙ୍ଗଲ ଅଞ୍ଚଳରେ ବହୁ ପାରମ୍ପରିକ ଖାଦ୍ୟ ଉପଲବ୍ଧ, ଯାହାକୁ ଅତିରିକ୍ତ ଭାବରେ ବ୍ୟବହାର କରାଯାଇପାରେ । କୃଷି ଫସଲ ସହିତ ପ୍ରାଣୀ ପାଳନ ସମନ୍ୱୟ ହେଲେ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଖାଦ୍ୟ ନିରାପତ୍ତା ହାସଲ କରାଯାଇପାରିବ । ଏହାଦ୍ୱାରା ବାହ୍ୟ କୃଷି ସାମଗ୍ରୀ ଉପରେ ବିଶେଷ ନିର୍ଭରଶୀଳ ହେଉ ନଥିବାରୁ ଲୋକଙ୍କ ଅର୍ଥନୈତିକ ସ୍ଥିରତା ଆସିଥାଏ । ଏପରି ଉତ୍ପାଦନ ପଦ୍ଧତି ସହିତ ଭଣ୍ଡାରଣ, ପ୍ରକ୍ରିୟାକରଣ ଓ ବିପଣନ ସୁବିଧା କରାଯିବା ଆବଶ୍ୟକ । କହିବାରେ ଦ୍ୱିଧା ନାହିଁ ଯେ ଆଗାମୀ ଦିନରେ କେବଳ କୃଷି ଫସଲ ଉପରେ ନିର୍ଭରଶୀଳ ନହୋଇ ଆମକୁ ବିବିଧ ଖାଦ୍ୟ ପ୍ରଣାଳୀ ଉପରେ ଅବଶ୍ୟ ନିର୍ଭର କରିବାକୁ ହେବ । ଏଣୁ ସରକାରୀ କୃଷି ନୀତିରେ ଏହି ଦିଗଟିକୁ ଗୁରୁତ୍ୱ ଦେବାର ଆବଶ୍ୟକତା ମନେହୁଏ । ପାରିବାରିକ ସ୍ତରରେ ମଧ୍ୟ ଖାଦ୍ୟ ବିବିଧିକରଣ ଉପରେ ଅଧିକ ନିର୍ଭରଶୀଳ ହେବା ଆବଶ୍ୟକ ।■



କଳିଙ୍ଗନଗର, ୭/୪୫୨
ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦
bidyadhar.m@gmail.com

# ହାଟ ମଧ୍ୟରେ ବ୍ରହ୍ମଜ୍ଞାନ



ସୀତାକାନ୍ତ ତ୍ରିପାଠୀ

ଭୋଟ ଗ୍ରହଣ ଦିନ ପାଖେଇ ଆସୁଛି । ସମସ୍ତ ରାଜନୈତିକ ଓ ଅଣରାଜନୈତିକ ଦଳମାନଙ୍କ ମଧ୍ୟରେ କେତେ ରଣକୌଶଳ ଓ ରଙ୍ଗିନ ସ୍ୱପ୍ନ କେମିତି କ୍ଷମତା ଦଖଲ କରିବେ । ସେମାନେ କିଭଳି ଭାବେ ଶାସନ କଳ, ଧନ ବଳ ଓ ଜନ ବଳ ଖଟାଇବେ ଏବଂ ବିଭିନ୍ନ ସ୍ଥାନରେ ରାଜନୈତିକ ଓ କୂଟନୈତିକ କଳା କୌଶଳ ଖର୍ଚ୍ଚ କରି ଲୋକମାନଙ୍କ ଆସ୍ଥାଭାଜନ ହୋଇପାରିବେ, ସେଥିପାଇଁ କେତେ ପ୍ରତିଯୋଗିତା । ରାଜନୀତିର ପଶାପାଲିରେ ଗୋଟି ଚଳାଇବା ଏତେ ସହଜ କଥା ନୁହେଁ । କେତେ ଗୁପ୍ତ ମନ୍ତ୍ରଣା, ବୈଠକ, ମଞ୍ଚ ତଥା ଆଲୋଚନା । ପାଟିରୁ ଟିକିଏ କଥା ଖସିଗଲେ ସବୁ ଫସର ଫାଟିଯିବ । ଏହିଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ କର୍ମୀମାନଙ୍କୁ ବୁଝାଇବାକୁ ଯାଇ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ନେତା ନୀତି, ଆଦର୍ଶ କଥା ବୁଝାଇ ବୁଝାଇ ନିଜ ଦଳର ରଣକୌଶଳ କଥା ପାଟିରୁ ଖସାଇ ଦେଲେ, ଯାହାକୁ ଶୁଣି ଅନ୍ୟ ନେତୃମଣ୍ଡଳୀମାନେ କହିଲେ- ଇଏ କ'ଣ; ଆମ ନେତା କ'ଣ ହାଟ ମଧ୍ୟରେ ବ୍ରହ୍ମଜ୍ଞାନ ଆଲୋଚନା କରୁଛନ୍ତି ! ଏବେ ଆମ ଦଳର ଅବସ୍ଥା କ'ଣ ହେବ ? ସଙ୍ଗେ ସଙ୍ଗେ ଉକ୍ତ ନେତାଙ୍କୁ ତାଙ୍କର ବକ୍ତବ୍ୟ ସାରିବା ପାଇଁ ଇସାରା ଦିଆଗଲା ।

ପ୍ରକୃତରେ ଜ୍ଞାନ ଦାନ ଓ ଜ୍ଞାନ ଗ୍ରହଣ ପାଇଁ ଉପଯୁକ୍ତ ପରିବେଶର ଆବଶ୍ୟକତା ରହିଛି । ସ୍ଥଳବିଶେଷରେ ଏସବୁ ଜ୍ଞାନ ପାଇଁ ସ୍ଥାନ ପରିବର୍ତ୍ତନର ଆବଶ୍ୟକତା ରହିଛି । ରାଜନୀତି, ଅର୍ଥନୀତି, ଆଧ୍ୟାତ୍ମିକ ଶାସ୍ତ୍ର ପୁରାଣ, ବିଜ୍ଞାନ ଆଦି ପ୍ରତ୍ୟେକ ବିଷୟ ପାଇଁ ବିଭିନ୍ନ ସ୍ଥାନର ଚୟନ କରାଯାଇଥାଏ । ସେହିଭଳି ଭାବେ ପାତ୍ର ଓ ସମୟ ଭେଦରେ ମଧ୍ୟ ଜ୍ଞାନ ବିତରଣର ସ୍ଥାନ ପରିବର୍ତ୍ତନ କରାଯାଇଥାଏ । ଯେମିତି ଶାସକ, ପ୍ରଶାସକ ସାଧାରଣ ଜନତାଙ୍କ ପାଇଁ ପ୍ରଶିକ୍ଷଣର ସ୍ଥାନ ଏକା ହୋଇନପାରେ । ବ୍ରହ୍ମଜ୍ଞାନର ମୂକସାକ୍ଷୀ ଭାବେ ଗ୍ରହଣ କରାଯାଉଥିବା ବିଭିନ୍ନ ଧାର୍ମିକ ଅନୁଷ୍ଠାନଗୁଡ଼ିକର ରାଜନୈତିକ, ଅର୍ଥନୈତିକ ଓ ଆଧ୍ୟାତ୍ମିକ ପୃଷ୍ଠଭୂମି ଅଲଗା ଅଲଗା ହୋଇଥାଏ । ଯଦି ଗୋଟିକର ଜ୍ଞାନ ଅନ୍ୟଟିରେ ମିଶାଇ ଦେବା, ତା'ହେଲେ କଥାଟି ବେଙ୍ଗା ହୋଇଯିବ । ସ୍ଥାନ ଏକ ହୋଇପାରେ, କିନ୍ତୁ ଲକ୍ଷ୍ୟ, ତଥ୍ୟ ଏବଂ ତତ୍ତ୍ୱ ଅଲଗା ଅଲଗା ଥାଏ । ସେଥିପାଇଁ କାହା ପାଖରେ ଏବଂ କେଉଁଠି କି ପ୍ରକାର ଜ୍ଞାନ ବିତରଣ ବା ଗ୍ରହଣ କରାଯିବ, ସେ ବିଷୟରେ ଜ୍ଞାନ ରହିବାର ଆବଶ୍ୟକତା ରହିଛି ।

ହାଟ ହେଉଛି ଉଭୟ ବିକ୍ରେତା ଏବଂ କ୍ରେତାମାନଙ୍କର ପେଣ୍ଠସ୍ଥଳ, ଯେଉଁଠି ଉଭୟ ସେବା ଏବଂ ଦ୍ରବ୍ୟର ନେଣଦେଣ ହୋଇଥାଏ । ଲୋକମାନେ ମୁଖ୍ୟତଃ ବ୍ୟବସାୟିକ ମନୋବୃତ୍ତି କିମ୍ବା ସାମାଜିକ ସମ୍ପର୍କ ନେଇ ଉକ୍ତ ସ୍ଥାନକୁ ଆସି ଥାଆନ୍ତି । ସେହି ସ୍ଥାନର ଗୁରୁତ୍ୱକୁ ଉପଲବ୍ଧି ନକରି ଯେଉଁ ବିଦ୍‌ବତ୍ତା ଆଧ୍ୟାତ୍ମିକ ଜ୍ଞାନ ବିତରଣ କରିବାକୁ ପ୍ରୟାସ କରି ଥାଆନ୍ତି, ତାହା ଫସର ଫାଟିଯିବାର ସମ୍ଭାବନା ଥାଏ । ସାଂସାରିକ ଲାଭ-କ୍ଷତି ଓ କିଣା-ବିକାର ହିସାବ କିତାବ ସମୟରେ ଲୋଭ ମୋହରୁ ବିରତ ହେବାର ଗୁରୁଜ୍ଞାନ ବିତରଣ କରିବା କେତେଦୂର ଯଥାର୍ଥ, ତାହା ବିଚାର୍ଯ୍ୟ ।



ପ୍ରତ୍ୟେକ ଜ୍ଞାନ, ତଥ୍ୟ ତଥା ସୂଚନାର ନିର୍ଦ୍ଦିଷ୍ଟ ଗୁପ୍ତତା ରହିବା ଜରୁରୀ । ସ୍ୱାମୀ-ସ୍ତ୍ରୀର ସମ୍ପର୍କ ମଧ୍ୟରେ ଯାହା କୁହାଯାଇପାରେ, ତାହା କ'ଣ ବାପା-ଝିଅ ସମ୍ପର୍କର ପରିଧି ମଧ୍ୟରେ ସମ୍ଭବ ? ସେହିଭଳି ଭାବେ ଦେଶର ସୁରକ୍ଷା ସମ୍ପର୍କିତ ଆଲୋଚନାର ନିର୍ଦ୍ଦିଷ୍ଟ ସୀମାରେଖା ରହିଛି । ସେହିଭଳି ଭାବରେ ଅନେକ କଥାର ଗୁରୁତ୍ୱକୁ ଲକ୍ଷ୍ୟ କରି ସେଗୁଡ଼ିକୁ ସୂଚନା ଅଧିକାର ଆଇନର ପରିସରରୁ ବାଦ୍ ଦିଆଯାଇଛି । ଅଫିସିଆଲ୍ ସିକ୍ରେଟ୍ ଆଇନ ଅନୁଯାୟୀ ରାଷ୍ଟ୍ରର ମଙ୍ଗଳ ଏବଂ ସୁରକ୍ଷା ନିମିତ୍ତ ଅନେକ ଜ୍ଞାନକୁ ନିର୍ଦ୍ଦିଷ୍ଟ ପଦାଧିକାରୀମାନଙ୍କ ପାଖରେ ଗୁପ୍ତରେ ରହିବାର ବିଧି ବ୍ୟବସ୍ଥା ରହିଛି । ତେଣୁ ସମସ୍ତ ତତ୍ତ୍ୱ ଏବଂ ତଥ୍ୟ ପରିବେଷଣ ସମୟରେ ଏହାର ଗୁରୁତ୍ୱ ଉପଲବ୍ଧି କରି ସ୍ଥାନ, କାଳ ଓ ପାତ୍ର ପ୍ରତି ଦୃଷ୍ଟି ରଖିବାର ଅଛି । ନହେଲେ ଏହା ନିଜର ଲକ୍ଷ୍ୟଚ୍ୟୁତ ହେବା ସହିତ ଅଯଥା ସମସ୍ୟାଗୁଡ଼ିକୁ ନିଜ ଆଡ଼କୁ ଟାଣି ଆଣିବାର ସମ୍ଭାବନା ରହିଛି । ଏଥିପାଇଁ ସାମାଜିକ, ନ୍ୟାୟିକ, ଆଧ୍ୟାତ୍ମିକ ଜ୍ଞାନର ପରିଧିକୁ ବିଚାର କରି ନିଷ୍ପତ୍ତି ନେବା ଦରକାର ।■

ଅର୍ଣ୍ଣପାଳ, ଭଦ୍ରକ
ମୋ: ୯୭୭୮୭୬୪୩୯୪

## ସମ୍ପାଦକଙ୍କୁ ପତ୍ର

### ଚାଷୀର ବେଦନା

ଚାଷୀଙ୍କ ପାଖକୁ ଠିକ୍ ସମୟରେ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାକୁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଭିନ୍ନ ଯୋଜନା ପ୍ରସ୍ତୁତ କରିଛନ୍ତି । କିନ୍ତୁ ଏସବୁ ଯୋଜନା ଠିକ୍ ଢଙ୍ଗରେ କାର୍ଯ୍ୟକାରୀ ହେଉ ନଥିବା ଯୋଗୁଁ ଚାଷୀ ଅନେକାଂଶରେ ଉପକୃତ ହୋଇ ପାରୁ ନାହାନ୍ତି । ଚାଷ କାର୍ଯ୍ୟ ଆରମ୍ଭରେ ବିହନର ଅଭାବଠାରୁ ଧାନ ଅମଳ ପରେ ମଣ୍ଡିରେ ବିକ୍ରି ପର୍ଯ୍ୟନ୍ତ ଚାଷୀ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି । ଚଳିତ ବର୍ଷ ଚାଷୀ ଡିଲରଠାରୁ କିଣିଥିବା ଧାନ ବିହନ ଗଜା ହେଉ ନଥିବା ଭଳି ସମସ୍ୟା ସୃଷ୍ଟି ହୋଇଥିଲା । ବିହନ ଗଜା ନହେବା ସମସ୍ୟା ନ ସରୁଣୁ ବର୍ତ୍ତମାନ ସାରର ଅଭାବ ଚାଷୀର କଷ୍ଟକୁ ବଢ଼ାଇ ଦେଇଛି । ସାର ତିଆରି ଏବଂ ବିକ୍ରି କରୁଥିବା କମ୍ପାନୀମାନଙ୍କ ଲାଭଖୋର ମନୋବୃତ୍ତି ଯୋଗୁଁ ରାସାୟନିକ ସାରର କୃତ୍ରିମ ଅଭାବ ଦେଖା ଦେଇଛି । ସାଧାରଣ ଚାଷୀଟିଏ ଦିନ ଦିନ ଧରି ସାର ପାଇଁ ଅପେକ୍ଷା କରି ବସିଥିଲେ ମଧ୍ୟ କମ୍ପାନୀ, ଡିଲର, ବ୍ୟବସାୟୀ ଏବଂ କିଛି ଅସାଧୁ ଅଧିକାରୀଙ୍କ ସଲାସୁତୁରା ହେତୁ ଚାଷୀଙ୍କୁ ଠିକ୍ ସମୟରେ ସାର ମିଳିପାରୁ ନାହିଁ । ସବୁଠାରୁ ବଡ଼କଥା ହେଲା, ଯାହା ବି ସାର ବଜାରରେ ମିଳୁଛି, ସେସବୁ ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ଦାମ୍‌ରେ ବିକ୍ରି ହେଉଛି । ଅନ୍ୟ ଉପାୟ ନ ପାଇ ଚାଷୀ ବାଧ ହୋଇ ଅଧିକ ମୂଲ୍ୟରେ ସାର କିଣୁଛନ୍ତି । ସାରର ଦର ତାଲିକା ଦୋକାନ ସାମ୍ନାରେ ଝୁଲାଇ ରଖିବାର ନିୟମ ଥିଲେ ମଧ୍ୟ ଅନେକ ଦୋକାନୀ ଏହି ନିୟମକୁ ମାନୁ ନାହାନ୍ତି । କେତେକ ବ୍ୟବସାୟୀ ସାର ଆଣିବାରେ ଗାଡ଼ି ଭଡ଼ା, ଶ୍ରମିକ ଖର୍ଚ୍ଚ ଆଦି ଲାଗୁଥିବା କହି ଦାମ୍ ବଢ଼ାଉ ଥିବାର ମଧ୍ୟ ସଫେଇ ଦେଉଛନ୍ତି । ସବୁଠାରେ ବିଚରା ଚାଷୀ ହିଁ ଶୋଷଣର ଶିକାର ହେଉଛି । ଏପରି ସ୍ଥଳେ ଚାଷୀଙ୍କୁ ଭୁଆଁ ବୁଲାଉ ଥିବା ଅସାଧୁ ବ୍ୟକ୍ତିଙ୍କ ବିରୋଧରେ ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦରକାର । ଏଥି ସହ ଠିକ୍ ସମୟରେ ଚାଷୀଙ୍କ ନିକଟକୁ ସାର ପହଞ୍ଚାଇବାର ଦାୟିତ୍ୱ ସରକାର ନିଅନ୍ତୁ ।

ବୈଷ୍ଣବ ମେହେର, ସିନାପାଲି, ନୂଆପଡ଼ା

# କଲମ୍ବୋରେ କ୍ରିକେଟ୍‌ର ବିଜୟ

ଆଜିକା ସମୟରେ ପ୍ରତ୍ୟେକଟି ବଡ଼ ଟୁର୍ଣ୍ଣାମେଣ୍ଟ ସହିତ ଆମମାନଙ୍କୁ ସ୍ମରଣ କରାଇ ଦିଆଯାଏ ଯେ କ୍ରିକେଟ୍ ହେଉଛି ଏକ ରାଜନୀତିକ ଖେଳ । କେହି ଜଣେ, କେଉଁଠି ନା କେଉଁଠି, ଏଇ କଥାଟି ପ୍ରମାଣିତ କରିବାକୁ ବାହାରି ପଡ଼ିଥାଏ । ତେବେ ଗୋଟିଏ ପଟେ ପାକିସ୍ତାନ-ବାଂଲାଦେଶ ଏବଂ ଅନ୍ୟ ପଟେ ଆନ୍ତର୍ଜାତିକ କ୍ରିକେଟ୍ ପରିଷଦ (ଆଇସିସି) ମଧ୍ୟରେ ଚାଲିଥିବା ତୁ ତୁ ମେ ମେ ଶେଷରେ ବହୁ ଆଡ଼ମ୍ବରେ ଲଘୁ କ୍ରିୟାରେ ପରିଣତ ହୋଇଛି, ଆଉ ଏବେ ଆମେ ଭାରତ-ପାକିସ୍ତାନ ମଧ୍ୟରେ କ୍ରିକେଟ୍ ମ୍ୟାଚ୍ ଦେଖିବାକୁ ପାଇବା । ପ୍ରାୟ ସପ୍ତାହେ ପର୍ଯ୍ୟନ୍ତ ଭାରତ ସହିତ ମ୍ୟାଚ୍ ଖେଳିବ ନାହିଁ ବୋଲି ପାଣ୍ଡୁଲିପିର ସଂଳାପକୁ ବାରମ୍ବାର କହି ଚାଲିବା ପରେ ଶେଷରେ ପାକିସ୍ତାନ ୟୁ-ଟର୍ଣ୍ଣ ଅର୍ଥାତ୍ ସମ୍ପୂର୍ଣ୍ଣ ଓଲଟା କଥା କହି ଟି-୨୦ ବିଶ୍ୱକପ୍‌ରେ ଭାରତ ବିପକ୍ଷ ମ୍ୟାଚ୍ ଆସନ୍ତା ରବିବାର ଦିନ ଖେଳିବାକୁ ରାଜି ହୋଇଛି, ଯାହା ଆନ୍ତର୍ଜାତିକ ଧଳା ବଲ୍ କ୍ରିକେଟ୍‌ରେ ଏକ ସର୍ବାଧିକ ଦର୍ଶନୀୟ ମ୍ୟାଚ୍ ହେବାକୁ ଯାଉଛି । ଏହା ପୁଣିଥରେ କ୍ରିକେଟ୍‌ପ୍ରେମୀମାନଙ୍କ ଆଶା ଆକାଂକ୍ଷାକୁ ପୂରଣ କରି ଜନଜାତୀୟତାବାଦର ମନୋଭାବରେ ଭରା ଭାରତ-ପାକିସ୍ତାନ ମ୍ୟାଚ୍‌କୁ ସାମ୍ନାକୁ ଆଣିବାକୁ ଯାଉଥିବାରୁ ସମସ୍ତେ ଖେଳକୁ ନେଇ ଉତ୍ସାହିତ ଅଛନ୍ତି । କ୍ରିକେଟ୍, ନିର୍ଦ୍ଦିଷ୍ଟ ଭାବରେ ଟି-୨୦ ବିଶ୍ୱକପ୍, ବିଜେତା ହୋଇଛି, କିନ୍ତୁ କେବଳ ଏହାର ଆର୍ଥିକ ତାକତ ଯୋଗୁଁ । ଏହି ମ୍ୟାଚ୍ ଯଦି ପାକିସ୍ତାନ କ୍ରିକେଟ୍ ଦଳ ଖେଳି ନଥାନ୍ତା, ତା'ହେଲେ ବିଶ୍ୱକପ୍‌ର ଆଂଶିକ ବର୍ଜନ ଏହା ପାଇଁ ଆଇସିସି ତରଫରୁ ଆର୍ଥିକ ଅନୁଦାନ ମିଳିବାରେ ଅସୁବିଧା ତ ହୋଇଥାନ୍ତା, ତା' ବାଦ୍ ରାଜସ୍ୱ ହାନି ପାଇଁ ମ୍ୟାଚ୍‌ର ପ୍ରସାରକମାନଙ୍କ ତରଫରୁ ମଧ୍ୟ ଆଇନଗତ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତା, କାରଣ ଭାରତ-ପାକିସ୍ତାନ ମ୍ୟାଚ୍ ହେଲେ ଆଜିକା ସମୟରେ ହାରାହାରି ୪,୫୦୦ କୋଟି ଟଙ୍କାର ରାଜସ୍ୱ ଅର୍ଜନ ହେବାର ସମ୍ଭାବନା ରହିଛି ବୋଲି ସେମାନେ ଆକଳନ କରନ୍ତି । ଏହା ଏକ ଉତ୍ତମ କଥା ଯେ ଖେଳ ଚାଲୁ ରହିବା ଉଚିତ, ଏମିତିକି ବର୍ତ୍ତମାନର ଶତ୍ରୁତାପୂର୍ଣ୍ଣ ପରିବେଶରେ ମଧ୍ୟ, କାରଣ ନୈତିକତା ଦୃଷ୍ଟିରୁ ତଥା ଆର୍ଥିକ ଦୃଷ୍ଟିରୁ ପାକିସ୍ତାନ ଏବେ ଏକ ଦେବାଳିଆ ଅବସ୍ଥା ଦେଇ ଗତି କରୁଛି, ଯେଉଁଥି ପାଇଁ ବାଂଲାଦେଶ ସହିତ ଭାଇପଣିଆ ଦେଖାଇବାକୁ ଯାଇ ଏକ ନିରପେକ୍ଷ ସ୍ଥାନରେ ଭାରତ ସାଙ୍ଗେ ମ୍ୟାଚ୍ ଖେଳିବାରୁ ନିଜକୁ ବିରତ କରି ପାରିବ ନାହିଁ, ଯାହାକୁ କି ତର୍କସଙ୍ଗତ ବୋଲି କୌଣସିମତେ କୁହାଯାଇ ପାରିବ । ବାଂଲାଦେଶ ହୁଏତ ଅଯଥାରେ ଏକ ଅଭିଯୋଗକୁ ଲାଳନପାଳନ କରୁଛି ଯେ ଭାରତ ସାଙ୍ଗରେ ଏହା ତୃତୀୟ ଏସୀୟ ଦେଶରେ ମ୍ୟାଚ୍ ଖେଳିବ, କିନ୍ତୁ ଭାରତରେ ନୁହେଁ, ଆଉ ସେଥିପାଇଁ ଏହା ପ୍ରତିଯୋଗିତାରୁ ନିଜକୁ ଓହରାଇ ନେଇଛି । ପରନ୍ତୁ, ପାକିସ୍ତାନ ପାଇଁ ସେହି ଅଭିଯୋଗକୁ ସମର୍ଥନ ଜଣାଇ ନିଜ ଗୋଡ଼ରେ କୁରାଢ଼ି ମାରିବା ଆଦୌ ବିଜ୍ଞତାର ପରିଚାୟକ ହୋଇ ନଥାନ୍ତା ।

ଏହି କ୍ରମରେ ମୂଳରୁ ପାକିସ୍ତାନ ତା'ର ଯେଉଁ ପକ୍ଷ ରଖି ଆସୁଥିଲା, ତାହା ହାସ୍ୟାସ୍ପଦ ଥିଲା । ଭାରତରେ କ୍ରିକେଟ୍‌ରମାନଙ୍କ ସୁରକ୍ଷାକୁ ନେଇ କୌଣସି ଅସୁବିଧା ଉପୁଜିବାକୁ କେବେ ବି କଳ୍ପନା କରାଯାଇ ନପାରେ । ତେବେ ବାଂଲାଦେଶରେ ସରକାରର ପରିବର୍ତ୍ତନ ଘଟିବା ପରଠାରୁ ସେଠାରେ ହିନ୍ଦୁ-ବିରୋଧୀ ହିଂସାରେ ଅନେକ ସଂଖ୍ୟକ ଅନ୍ୟାନ୍ୟ ଧର୍ମର ଲୋକଙ୍କୁ ମାରି ଦିଆଯିବା ଫଳରେ ଭାରତରେ ଅବଶ୍ୟ ବାଂଲାଦେଶ-ବିରୋଧୀ ମନୋଭାବଟିଏ ଲୋକମାନଙ୍କ ମନରେ ସୃଷ୍ଟି ହୋଇଛି । କିନ୍ତୁ ତାହା ଯେ କ୍ରିକେଟ୍ ଖେଳାଳିମାନଙ୍କ ଉପରକୁ ସଂକ୍ରମିତ ହେବ, ସେପରି ଭାବିବା ଅମୂଳକ । ପୁନଶ୍ଚ, ଏ ବାବଦରେ ଆଇସିସି ମଧ୍ୟ ବାଂଲାଦେଶର ଖେଳାଳିମାନଙ୍କୁ ଯଥେଷ୍ଟ ଆଶ୍ୱାସନା ପ୍ରଦାନ କରିବାକୁ ଅନେକ ଉଦ୍ୟମ କରିଛି । ଏସବୁ ବାଦ୍ ଏଇ ମାତ୍ର ୨୦୨୩ର ଶୀତ ଋତୁରେ ପାକିସ୍ତାନ ମଧ୍ୟ ଭାରତ ଗସ୍ତରେ ଆସିଥିଲା ଏକଦିବସୀୟ ବିଶ୍ୱକପ୍ ଖେଳିବାକୁ । ତେଣୁ ସୁରକ୍ଷା ଦୃଷ୍ଟିରୁ ଭାରତର ବ୍ୟବସ୍ଥାକୁ ନେଇ ଏହା ଭଲ ଭାବରେ ଜାଣିଛି ଯେ ଭାରତ ଖେଳାଳିମାନଙ୍କର ସମସ୍ତ ପ୍ରକାରର ଯତ୍ନ ନେବାରେ କୌଣସି ହେଳା କରି ନଥାଏ ।

ଖେଳରେ ରାଜନୀତିର ସ୍ଥାନ ନାହିଁ ବୋଲି ମୁହଁରେ କହି ସେଥିରେ ରାଜନୀତିକୁ କୌଣସି ନା କୌଣସି ଉପାୟରେ ପ୍ରବେଶ କରାଇବା ମିଥ୍ୟାବାଦିତାର ଏକ ପ୍ରତିଷ୍ଠିତ ରୂପ, ଯାହାର ପ୍ରମାଣ ସମଗ୍ର ବିଶ୍ୱରେ ଦେଖିବାକୁ ମିଳିଥାଏ । କିନ୍ତୁ ମ୍ୟାଚ୍ ନ ଖେଳିଲେ, ତା'ର ପରିଣତି କ'ଣ ହେବ, ସେହି ବାସ୍ତବତାକୁ ଜାଣିବା ପୂର୍ବରୁ ପାକିସ୍ତାନ ରାଜନୀତିକୁ ଖେଳରେ ପୂରାଇ ଚଳିତ ଥର ଏତେଦୂର ନେଇଯିବା ଯେ ଏହା ପାଇଁ ଢେର୍ ମହଙ୍ଗା ପଡ଼ିବ, ତାହା ଏବେ ହୁଏତ ଚେତି ସାରିଛି । ଏହାର ଦେଶ ଭଳି କ୍ରିକେଟ୍ ବୋର୍ଡ ମଧ୍ୟ ଯଥେଷ୍ଟ ଦେବାଳିଆ ଅବସ୍ଥାରେ ରହିଛି ଏବଂ ଭାରତ ସହିତ ନ ଖେଳିବାର ଅର୍ଥ କେବଳ ଆର୍ଥିକ କ୍ଷତି ନୁହେଁ, ବରଂ ଏକ ସମ୍ଭ୍ରାନ୍ତ ଖେଳକୁ ସମ୍ଭ୍ରାନ୍ତ ଶ୍ରେଣୀର ଖେଳାଳିମାନଙ୍କ ସହିତ ଖେଳିବାରୁ ବଞ୍ଚିତ ହେବା ବୋଲି ଏହାର ବୋର୍ଡ କର୍ମକର୍ତ୍ତାମାନେ ଡେରିରେ ହେଲେ ସୁଦ୍ଧା ଏବେ ବୁଝିବାରେ ସମର୍ଥ ହୋଇଛନ୍ତି । ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଦ୍ୱାରା କ୍ରିକେଟ୍‌ର ରାଜନୀତିକରଣ ନିକଟରେ ମଧ୍ୟ ଏହାର ମୁଣ୍ଡ ନ ନୁଆଁଇ ଆଇସିସି ଏକ ପ୍ରଶଂସନୀୟ କାର୍ଯ୍ୟ କରିଛି । ଏହା ଯେଉଁଭଳି ଭାବରେ କାର୍ଯ୍ୟ କରିଛି, ତାହା ସମ୍ପୂର୍ଣ୍ଣ ଠିକ୍- ଯଦିଓ ଏହା ଦେଖିବାକୁ ବାକି ରହିଛି ଯେ ଆଇସିସି ନିଜର କଥା ଉପରେ ଅଟଳ ରହିବ । ଆନ୍ତର୍ଜାତିକ କ୍ରିକେଟ୍ ଏହାର ବହୁ ବିଲିଅନ୍ ପ୍ରସାର ଏବଂ ପ୍ରସାରଣ ଅଧିକାର ସହିତ ଏକ ବଡ଼ ବ୍ୟବସାୟ ଏବଂ ଏହାର ଆର୍ଥିକ ଶକ୍ତି ପଛରେ ଭାରତର ସର୍ବାଧିକ ଅବଦାନ ରହିଛି, ଯାହା ପାକିସ୍ତାନ ପକ୍ଷରେ ହାସଲ କରିବା ଏତେ ସହଜ ନୁହେଁ । ତେଣୁ ଭାରତ ସହିତ ଖେଳରୁ ନିଜକୁ ଓହରାଇ ନ ନେଇ ପାକିସ୍ତାନ ଏକ ଭଲ କାମ କରିଛି ବୋଲି ଶେଷରେ ଗୋଟିଏ ବାକ୍ୟରେ କୁହାଯାଇପାରେ ଏବଂ ସର୍ବୋପରି କ୍ରିକେଟ୍‌ରେ ରାଜନୀତି ନୁହେଁ, ବରଂ କ୍ରିକେଟ୍‌ର ହିଁ ବିଜୟ ହୋଇଛି ବୋଲି କହିବା ଅଧିକ ଯଥାର୍ଥ ହେବ ।■

# ଜୀବନୀ ସତ୍ତା

ଓଡ଼ିଆ ଭାଗବତାକାର ଶ୍ରୀ ଜଗନ୍ନାଥ ଦାସ କହିଛନ୍ତି- 'କାଷ୍ଠ ପାଷାଣ ତରୁ ତୃଣ । ସବୁଠି ବିଜେ ନାରାୟଣ ।' ସନ୍ଥ ତୁଳସୀ ଦାସ ମଧ୍ୟ କହିଛନ୍ତି- 'ଜଡ଼, ଚେତନ, ଜୀବ ଜଗତ, ସବୁଠାରେ ରାମଙ୍କର ସତ୍ତା ରହିଛି ।' ଅନେକ ମହାପୁରୁଷ ସେହି ଗୋଟିଏ ମତ ରଖିଛନ୍ତି । ଈଶ୍ୱର ସବୁଠାରେ ଅଦୃଶ୍ୟ ସତ୍ତା ରୂପରେ ରହିଛନ୍ତି । ସେଥିପାଇଁ କୌଣସି ବସ୍ତୁ ବା ଜୀବଠାରେ ଗୋଡ଼ ବାଜିଗଲେ ତାକୁ ସମ୍ମାନ ସହିତ ଛୁଇଁ ସେ ହାତକୁ ଆମେ ମୁଣ୍ଡରେ ଲଗାଉ । ଏହି କ୍ରିୟାକୁ କହନ୍ତି 'ବିଷ୍ଣୁ' ହେବା । ଅର୍ଥାତ୍ ବସ୍ତୁଠାରେ ମଧ୍ୟ ଆମେ ବିଷ୍ଣୁଙ୍କ ଅସ୍ତିତ୍ୱକୁ ଅନୁଭବ କରିବାକୁ ଏ କାମଟି କରିଥାଉ । ଏହି ପବିତ୍ର ଭାବନା ମନରେ ଆଣିବା ପାଇଁ ବିଛଣାରୁ ଉଠି ପ୍ରଥମେ ଭଗବାନଙ୍କୁ ପ୍ରଣାମ କରିବାକୁ ପିଲାବେଳୁ ଶିକ୍ଷା ଦିଆ ଯାଇଥାଏ । କିନ୍ତୁ ନିତିଦିନିଆ ଜୀବନରେ ଆମେ ବେଳେବେଳେ ଭୁଲ୍ କରି ବସୁ । ଜଡ଼କୁ ତ ପ୍ରଣାମ କରୁନା, ଚେତନଶୀଳ ପ୍ରାଣୀଙ୍କୁ ମଧ୍ୟ ସମ୍ମାନ କରୁନା । କେବେ ରାସ୍ତାରେ ଯାଉଥିବା କୁକୁର, ବିରାଡ଼ି, ପଶୁ, ପକ୍ଷୀ, ଗଛଲତା ଆଦିଙ୍କୁ ବିନା କାରଣରେ ପୀଡ଼ା ଦେଉ । ଆମକୁ ସମସ୍ୟାରେ ପକାଉ ନଥିବା, ଶୋଇଥିବା କୁକୁରକୁ ବାଡ଼େଇ ଥାଉ ତ କେବେ ଗଛରୁ ବିନା କାରଣରେ ପତ୍ର, ଫୁଲ, ଫଳ ଇତ୍ୟାଦି ଛିଣ୍ଡାଇ ପକାଉ । ଗଛମାନଙ୍କର ବି ଜୀବନ ଅଛି । ସେମାନେ ଆମ ପରି କଥାବାର୍ତ୍ତା କରି ପାରନ୍ତି ନାହିଁ ସିନା, କିନ୍ତୁ ପରସ୍ପର ଭିତରେ ଭାବ ବିନିମୟ କରି ଥାଆନ୍ତି । ଏକଥା ଏକ ପରୀକ୍ଷାରୁ ଜଣା ପଡ଼ିଛି ।

ଜଣେ ପରିବେଶବିତ୍ ଥିଲେ । ତାଙ୍କ ନାମ ଟିମ୍ ଫ୍ଲେନେରୀ । ସେ କହୁଥିଲେ- 'ପିଲାବେଳେ ଶୁଣିଥିବା କାହାଣୀରେ ଗଛଲତାମାନେ ନିଜ ନିଜ ଭିତରେ କଥାବାର୍ତ୍ତା ହୁଅନ୍ତି । ଏହା ସତ୍ୟ । ଗଛଲତାମାନଙ୍କ ଜୀବନଧାରାକୁ ବୁଝିଲେ ଆଶ୍ଚର୍ଯ୍ୟ ଲାଗେ ।' ଫ୍ଲେନେରୀ ବୃକ୍ଷଲତାମାନଙ୍କ ଉପରେ ଗବେଷଣା କରୁଥିଲେ । ସେ କୁହନ୍ତି, ବୃକ୍ଷଲତାମାନଙ୍କର ସ୍ୱତନ୍ତ୍ର ବାସ୍ନା ଥାଏ, କିନ୍ତୁ ବୃକ୍ଷଲତାମାନେ ମଧ୍ୟ ଗନ୍ଧ ବାରି ପାରନ୍ତି । ତାଙ୍କ ପାଖକୁ ଆସୁଥିବା ମଣିଷ ବା ପଶୁର ଗନ୍ଧରୁ ସେ ଶତ୍ରୁ ବା ମିତ୍ର ବୋଲି ଜାଣି ପାରନ୍ତି । ଆଫ୍ରିକାରେ ବହୁତ ଜିରାଫ ଦେଖା ଯାଆନ୍ତି । ସେମାନେ ଏକ ପ୍ରକାର ତୃଣଭୋଜି ପ୍ରାଣୀ । ଜିରାଫ କୌଣସି ଗୋଟିଏ ପ୍ରକାର ଗଛ ଖାଇଥାଏ । ସେ ଖାଇଥିବା ଗଛଟି ଏକ ପ୍ରକାର ରାସାୟନିକ ପ୍ରତିକ୍ରିୟା ସୃଷ୍ଟିକରେ ଯାହା ଜିରାଫକୁ ଦୁର୍ଗନ୍ଧ ହୁଏ । ସେ ଆଉ ଖାଏନାହିଁ । ଆଶ୍ଚର୍ଯ୍ୟର କଥା ହେଉଛି, ଜିରାଫ ସେହି ଜାତିର ଗଛ ଚରିବାକୁ ଆସିଲା ବେଳେ ସେ ଗଛମାନଙ୍କରୁ ସମାନ ପ୍ରକାର ଦୁର୍ଗନ୍ଧ ବାହାରେ । ଫଳରେ ଜିରାଫ ସେ ଜାତିର ଉଦ୍ଭିଦକୁ ଖାଏନାହିଁ । ଏ ଗଛମାନେ ଆଗାମୀ ସମୟର ବିପଦକୁ ଜାଣିପାରି ସତର୍କ ହୋଇ ଯାଆନ୍ତି । କେବଳ ସେତିକି ନୁହେଁ, ଗୋଟିଏ ଜାଗାରେ ବିଭିନ୍ନ ଗଛ ଲଗାଇଲେ, ସେସବୁ ଯେମିତି ବଢ଼େ, ନିର୍ଜନ ଜାଗାରେ ଗୋଟିକିଆ ଗଛ ସେମିତି ବଢ଼ି ପାରେନା । ଫ୍ଲେନେରୀଙ୍କ କହିବା ଅନୁସାରେ, 'ଗଛକୁ କାଟିଲା ବେଳେ ସେ ମଧ୍ୟ ତା'ର ଭାବନା ଅନ୍ୟ ଗଛ ସହିତ ବାଣ୍ଟିଥାଏ ।'■

## କଖାରୁଣୀ ସ୍କୁଲ୍‌ରେ ଶିକ୍ଷକ ନିଯୁକ୍ତି ଦାବିରେ ଅଭିନବ ପ୍ରତିବାଦ

# ମଧ୍ୟାହ୍ନ ଭୋଜନ ନଖାଇ ପୋଷାକ ଫେରାଇଲେ ଛାତ୍ରଛାତ୍ରୀ



**ପଟ୍ଟାମୁଣ୍ଡାଇ,୧୧୨/ଏନ୍‌ଏନ୍‌ଏସ୍:** ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ କଖାରୁଣୀ ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଘଟଣାର ନିଆରା ଢଙ୍ଗରେ ପ୍ରତିବାଦ କରିଛନ୍ତି ଛାତ୍ରଛାତ୍ରୀ। କଖାରୁଣୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୩୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀମାନେ ଅଧ୍ୟୟନ କରୁଛନ୍ତି। ଏହି ସ୍କୁଲରେ ୧ମ ରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୯ଟି ଶ୍ରେଣୀରେ ମାତ୍ର ୪ଜଣ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତି ପାଇଛନ୍ତି। ଯାହାଫଳରେ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଥିବା ନେଇ ଛାତ୍ରଛାତ୍ରୀ ଓ ଗ୍ରାମବାସୀମାନେ ବାରମ୍ବାର ଅଭିଯୋଗ କରିଆସୁଛନ୍ତି। ସରକାରୀ ସ୍କୁଲରେ ପାଠ ପଢିବାକୁ ରାଜ୍ୟ ସରକାର ବିଭିନ୍ନ ମାଧ୍ୟମରେ ପ୍ରଚାର ପ୍ରସାର କରୁଥିଲେ ମଧ୍ୟ ତାହାର କିଛି ଫଳ କିଛି ମିଳୁନାହିଁ। କଖାରୁଣୀ ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ୯ଟି ଶ୍ରେଣୀରେ ୩୫୦ଜଣ ଛାତ୍ରଛାତ୍ରୀଙ୍କୁ ପାଠ ପଢାଇବା ପାଇଁ ମାତ୍ର ୪ଜଣ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତି ହୋଇଛନ୍ତି। ଜଣେ ସିଆର୍‌ସିସି ଥିବାବେଳେ ପ୍ରଧାନଶିକ୍ଷକଙ୍କୁ ମିଶାଇ ୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଛନ୍ତି। କିନ୍ତୁ ପ୍ରଧାନଶିକ୍ଷକ ସ୍କୁଲର ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତ ରହୁଥିବାରୁ ୯ ଟି ଶ୍ରେଣୀକୁ ୩ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ସ୍କୁଲରେ ପଢାଇବା କଷ୍ଟକର ହୋଇପଡିଛି। ପ୍ରଧାନଶିକ୍ଷକଙ୍କୁ ଛାଡି ୩ଜଣ ଶିକ୍ଷକ ୩ଟି ଶ୍ରେଣୀରେ ପାଠ ପଢାଉ ଥିବାବେଳେ ବାକି ୬ଟି ଶ୍ରେଣୀର ପିଲାମାନେ ଖେଳରେ ବ୍ୟସ୍ତ ରହୁଛନ୍ତି। ଏହି ବିଷୟରେ ପ୍ରଧାନଶିକ୍ଷକ ଅଜୟ କୁମାର ସାହୁ ଓ କଖାରୁଣୀ ଗ୍ରାମବାସୀ ବାରମ୍ବାର ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କିଛି ପଦକ୍ଷେପ ନିଆଯାଇନାହିଁ। ଏହାର ପ୍ରତିବାଦରେ ଆଜି କଖାରୁଣୀ ସ୍କୁଲ ଛାତ୍ରଛାତ୍ରୀମାନେ ମଧ୍ୟାହ୍ନ ଭୋଜନ ବର୍ଜନ କରିବା ସହିତ ସ୍କୁଲରୁ ମିଳିଥିବା ଡ୍ରେସ୍‌କୁ ଫେରାଇ ଦେଇଛନ୍ତି। ଶିକ୍ଷକ ନିଯୁକ୍ତି ଦାବିରେ କଖାରୁଣୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ନିଆରା ଢଙ୍ଗରେ ପ୍ରତିବାଦ ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

## ଗଣେଶ ପୂଜା ପୁରସ୍କାର ଦେବାରେ ବିଳମ୍ବ କାହିଁକି ?

**ତାଳଚେର,୧୧୨/ଏନ୍‌ଏନ୍‌ଏସ୍:** ୨୦୨୫ ଗଣେଶପୂଜାରୁ ଛଅମାସ ବିତିଯାଇଥିଲେ ମଧ୍ୟ ଏଯାଏ ପୁରସ୍କାର ବିତରଣ କରାଯାଇନଥିବାରୁ ପୂଜା କମିଟିଙ୍କ ମଧ୍ୟରେ ଉଦବେଗ ବୃଦ୍ଧି ପାଇଛି। ତାଳଚେର ପ୍ରସିଦ୍ଧ ଗଣେଶପୂଜା ରାଜ୍ୟରେ ପ୍ରସିଦ୍ଧି ଲାଭ କରିଥିବା, ତାଳଚେରର ଐତିହାସିକ ଗଣପର୍ବ ଗଣେଶପୂଜା ଛଅମାସ ହୋଇଯାଇଛି। ତେବେ ଏବର୍ଷର ପୂଜାର ପୁରସ୍କାର ଓ ଆୟବ୍ୟୟ ହିସାବ ଦିଆଯାଇ ନଥିବାରୁ କମିଟି ଓ ଜନସାଧାରଣଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ଆବାହମାନ କାଳରୁ ଅଂଚଳରେ ମହାସମାରୋହରେ ଶହେରୁ ଉର୍ଦ୍ଧ୍ୱ ମେଢ଼ ପୂଜା ପାଉଥିବା ବେଳେ ରଙ୍ଗବେରଙ୍ଗର ଆଲୋକସଜା, ମନୋହରି ଦୋଳି ଇତ୍ୟାଦି ପୂଜା ମାହୋଲକୁ ବେଶ ସରଗରମ କରିଥାଏ। ଏହାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ଦେଖିବାକୁ ହଜାର ହଜାର ସଂଖ୍ୟକ ଦର୍ଶକ ଆସିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନ ପକ୍ଷରୁ କଡ଼ାକଡ଼ି ବ୍ୟବସ୍ଥା କରାଯାଏ। ଏହାକୁ ଭିତିକରି କେନ୍ଦ୍ରୀୟ ଗଣେଶପୂଜା କମିଟି ପକ୍ଷରୁ ପୁଙ୍ଖାନାପୁଙ୍ଖ ତର୍ଜମା କରାଯାଇ ପୁରସ୍କାର ନିର୍ଦ୍ଧାରଣ କରାଯାଇଥାଏ। ପ୍ରତିବର୍ଷ ପୂଜାର ଦୁଇରୁ ତିନିମାସପରେ ପ୍ରତିଦ୍ୱନ୍ଦି ମାନଙ୍କ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ମାତ୍ର ପରିତାପର ବିଷୟ ୨୦୨୪ବର୍ଷର ଗଣେଶ ପୂଜା ପୁରସ୍କାର ବିତରଣରେ ଆହେତୁକ ବିଳମ୍ବ ହୋଇଥିବା ବେଳେ ତାହାର ପୁନରାବୃତି ବର୍ତ୍ତମାନ ଦେଖିବାକୁ ମିଳିଛି। ଏହାକୁ ନେଇ କମିଟି ମଧ୍ୟରେ ବିଭିନ୍ନ ଦ୍ୱନ୍ଦ ଉପୁଜୁଛି। ତେଣୁ ତୁରନ୍ତ କେନ୍ଦ୍ରୀୟ ଗଣେଶପୂଜା ପକ୍ଷରୁ ଆୟବ୍ୟୟ ହିସାବ ସହିତ ପୁରସ୍କାର ପ୍ରଦାନ କରିବାକୁ ଦାବି ହେଉଛି।

## ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ପୂଣ୍ୟତିଥି

**ଅନୁଗୁଳ,୧୧୨/ଏନ୍‌ଏନ୍‌ଏସ୍:** ଅନୁଗୁଳ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ବୁଧବାର ମହାନ ଚିନ୍ତାନାୟକ ତଥା ଏକାତ୍ମମାନବ ଦର୍ଶନର ପ୍ରେଣତା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପୂଣ୍ୟତିଥି ତଥା ସମର୍ପଣ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ବିଜେପି ନେତା ତଥା ଜିଲ୍ଲା ପ୍ରଭାରୀ ଗୋଲୋକ ମହାପାତ୍ର ଯୋଗଦେଇ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୀବନ ଦର୍ଶନ ଏକାତ୍ମମାନବ ବାଦ, ଅନ୍ତ୍ୟୋଦୟ ଉପରେ ଆଲୋଚନା କରିଥିଲେ। ତାଙ୍କ ପୁଣ୍ୟତିଥିକୁ ସମର୍ପଣ ଦିବସ ଭାବେ ପାଳନ କରାଯାଇଛି। ଏବଂ ବିଜେପି କାର୍ଯ୍ୟକର୍ତ୍ତା ତାଙ୍କର ତ୍ୟାଗ ତପସ୍ୟା ବଳିଦାନକୁ ପ୍ରେରଣାର ଉତ୍ସ ଭାବେ ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଥିଲେ। ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, ଜିଲ୍ଲା ଉପସଭାପତି ନୃସିଂହ ବରାଳ, ଜିଲ୍ଲା ସାଧାରଣ ସଂପାଦକ ତଥା ସମର୍ପଣ ଦିବସ ପାଳନ କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ସୁଦିପ ଗଡ଼ନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କୁମାର ପ୍ରଧାନ, ଜିଲ୍ଲା ସାଧାରଣ ସମ୍ପାଦିକା ବସନ୍ତ ମଞ୍ଜରୀ ପ୍ରଧାନ, ଜିଲ୍ଲା ସମ୍ପାଦକ ପ୍ରତ୍ୟୁଷ ରଞ୍ଜନ ପଣ୍ଡା, ଯୋଶବନ୍ତ ପ୍ରସାଦ ବେହେରା, ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲା ପଦାଧିକାରୀ, ରାଜ୍ୟ ପରିଷଦ ସଦସ୍ୟ, ମଣ୍ଡଳ ଓ ପୂର୍ବତନ ମଣ୍ଡଳ ସଭାପତିମାନେ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ଦିନିକିଆ ଅନୁଗୁଳ ଗସ୍ତରେ ପଞ୍ଚାୟତିରାଜ ମନ୍ତ୍ରୀ



**ଅନୁଗୁଳ,୧୧୨/ଏନ୍‌ଏନ୍‌ଏସ୍:** ଆଜି ମାନ୍ୟବର ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ ଦିନିକିଆ ଅନୁଗୁଳ ଗସ୍ତରେ ଆସି ସ୍ଥାନୀୟ ଜିଲ୍ଲା ଗୃହ ସମ୍ମିଳନୀ କକ୍ଷରେ ଏକ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ପାନୀୟଜଳ ସମସ୍ୟାକୁ ସର୍ବାଗ୍ରେ ପ୍ରାଧାନ୍ୟ ଦେଇ ଏହାର ସ୍ଥାୟୀ ସମାଧାନ ନିମନ୍ତେ ତ୍ୱରିତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶ ଦେଇଥିଲେ। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ନଳକୂପ ସମ୍ବନ୍ଧୀୟ ସମସ୍ୟା ସବୁକୁ ଯଥାଶୀଘ୍ର ସମାଧାନ କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ସେହିପରି ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ନୂତନ ଭାବେ ଆବେଦନ କରିଥିବା ହିତାଧିକାରୀମାନଙ୍କର ଯୋଗ୍ୟତା ସଠିକ ଭାବରେ ଯାଞ୍ଚ କରିବାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ କହିଥିଲେ। ସେହିପରି ବିକଶିତ ଗାଁ ଓ ବିକଶିତ ଓଡିଶା ଯୋଜନାରେ ଅନୁମୋଦିତ ସମସ୍ତ ପ୍ରକଳ୍ପଗୁଡ଼ିକୁ ଶୀଘ୍ର ସମାପ୍ତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଭିବି-ଜି ରାମ୍ ଜି ଯୋଜନାର ସଫଳ କାର୍ଯ୍ୟକାରିତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ଏହି ସମୀକ୍ଷା ବୈଠକରେ ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଦୀପ ଗଡ଼ନାୟକ, ମାନ୍ୟବର ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ପ୍ରଭାତ କୁମାର ପ୍ରଧାନ, ମାନ୍ୟବର ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ଯଯାତି କେଶରୀ ପଟ୍ଟନାୟକ ଏବଂ ପାଲଲହଡ଼ା ବିଧାୟକଙ୍କ ପ୍ରତିନିଧି ଦିଲେଶ୍ୱର ପ୍ରଧାନ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତଙ୍କ ସମେତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## କଳମଛୁଇଁ ଶିଶୁମନ୍ଦିରରେ ସମାବର୍ତ୍ତନ ଉତ୍ସବ



**ତାଳଚେର,୧୧୨/ଏନ୍‌ଏନ୍‌ଏସ୍:** ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କର ବିଦାୟକାଳୀନ ସମାବତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର କାର୍ଯ୍ୟକାରୀ ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ବିଦ୍ୱତ୍ ପରିଷଦର ସଭାପତି ଶିକ୍ଷାବିତ୍ ଦିବାକର ବାରିକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବରେ ସମାଜସେବୀ ଗଗନ ବିହାରୀ ସାହୁ, ସମ୍ମାନୀତ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା ସମିତିର ସଂପାଦକ ବିଭୂତି ଭୂଷଣ ସ୍ୱାଇଁ ଓ କୋଷାଧ୍ୟକ୍ଷ ପଞ୍ଚାନନ ବେହେରା ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ବରିଷ୍ଠ ଆଚାର୍ଯ୍ୟ ଚତୁର୍ଭୂଜ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ସାହୁ କାର୍ଯ୍ୟକ୍ରମର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ଏହି ଅବସରରେ ଅତିଥିମାନେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଉଜ୍ଜଳ ଭବିଷ୍ୟତ ନିମନ୍ତେ ଶୁଭ ମନାସିବା ସହ ଆର୍ଶୀବଚନ ପ୍ରଦାନ କରି କଠିନ ପରିଶ୍ରମ, ଦୃଢ ନିଷ୍ଠା ଓ ଗଭୀର ଆତ୍ମବିଶ୍ୱାସ ହିଁ ସଫଳତାର ଚାବିକାଠି ବୋଲି ମତବ୍ୟକ୍ତ କରିଥିଲେ । ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ ନିଜର ଅନୁଭୂତି କଥନ ବର୍ଣ୍ଣନା କରିଥିଲେ । ଏହି ଅବସରରେ ଅତିଥିମାନେ ପ୍ରତ୍ୟେକ ଛାତ୍ରଛାତ୍ରୀମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ଓଲାଭରର ବଜାର ଜବରଦଖଲ ଉଚ୍ଛେଦ ବେଳେ ଚାପା ଉତ୍ତେଜନା

# ଅଧାରେ ରହିଲା ଉଚ୍ଛେଦ ପ୍ରକ୍ରିୟା



**ଆଳି,୧୧୨/ଏନ୍‌ଏନ୍‌ଏସ୍:** ରାଜକନିକା ତହସିଲ୍‌ର ବହୁ ଚର୍ଚ୍ଚିତ ଓଲାଭର ବଜାରରେ ଥିବା କେତେକ ବେଆଇନ ଦୋକାନ ଗୃହ ଜବର ଦଖଲକୁ ଉଚ୍ଛେଦ କରାଯିବା ବେଳେ ସ୍ଥାନୀୟ ଅଞ୍ଚଳବାସୀ ଓ ବ୍ୟବସାୟୀଙ୍କ ମଧ୍ୟରେ ଚାପା ଉତ୍ତେଜନା ଦେଖିବାକୁ ମିଳିଛି। ଏହି ଜବରଦଖଲ ଉଚ୍ଛେଦ କରାଯବାକୁ ଦୀର୍ଘ ଦିନରୁ କସରତ ଜରି ରହିଥିବା ବେଳେ ବୁଧବାର ସଖାଳ ୧୦ ଘଟିକା ସମୟରେ ରାଜକନିକା ଅତିରିକ୍ତ ତହସିଲ୍‌ଦାର ଓ ପୁଲିସ ଫୋର୍ସ ମୁତୟନ ଥାଇ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମାତ୍ର ଉଚ୍ଛେଦ ପ୍ରକ୍ରିୟାରେ ପାତର ଅନ୍ତର ନୀତିକୁ ବିରୋଧ କରିଥିଲେ ସାଧାରଣ ବ୍ୟବସାୟୀ। ସେମାନଙ୍କ ଅଭିଯୋଗ ଅନୁଯାୟୀ ବଜାର ଉଚ୍ଛେଦ ପ୍ରକ୍ରିୟାରେ କାହିଁକି ଧନୀ ଗରିବ ଭେଦ ଭାବ ନୀତି ପ୍ରଶାସନ ଆପଣଉଛି। ଗରିବଙ୍କ କ୍ୟାବିନ୍ ଗୃହ ଭାଙ୍ଗୁଥିବା ବେଳେ ବଡ଼ବଡିଆଙ୍କ କୋଠାଗୃହ ଦୋକାନ ଭଙ୍ଗାଯାଉନାହିଁ। ପୁନର୍ବାର ସାନି ମାପ କରାଯାଇ ଜବରଦଖଲ ଉଚ୍ଛେଦ କରାଯିବାକୁ ସ୍ଥାନୀୟ ବ୍ୟବସାୟୀ ସଂଘ ଅଡ଼ି ବସିଥିଲା ବେଳେ ଉତ୍ତେଜନା କାରଣରୁ ନିଜକୁ ଅସୁରକ୍ଷିତ ମନକରି ନିଜ ପାଇଁ ସୁରକ୍ଷା ମାଗିଛନ୍ତି ସାମାଜିକ କର୍ମୀ ନଳିନୀ ପୃଷ୍ଟି। ଘଟଣା ସମ୍ପର୍କରେ ରାଜକନିକା ଅତିରିକ୍ତ ତହସିଲଦାର ଦିନେଶ କୁମାର ପ୍ରଧାନଙ୍କୁ ପଚାରିବାରୁ ପ୍ରତିକ୍ରିୟାରେ ସେ କହିଥିଲେ ଉପଜିଲ୍ଲାପାଳଙ୍କ ଅଫିସ୍‌ରୁ ଉଚ୍ଛେଦ ପ୍ରକ୍ରିୟା ପାଇଁ ନିର୍ଦ୍ଦେଶ ଆସିଥିଲା। କିନ୍ତୁ ସ୍ଥାନୀୟ ଅଞ୍ଚଳର ୫ ଶହରୁ ୬ ସହ ଲୋକେ ବିରୋଧ କରିଥିଲେ। ଉଚ୍ଛେଦ ପ୍ରକ୍ରିୟାରେ କୌଣସି ପାତର ଅନ୍ତର କରାଯାଇ ନଥିବା ବେଳେ ଅଭିଯୋଗକାରୀ ମାନେ ପୁନଃ ମାପ କରାଯିବାକୁ ନେଇ ଦାବି କରିଛନ୍ତି। ତହସିଲଦାର୍‌ଙ୍କ ପରାମର୍ଶ କ୍ରମେ ଯାହା ନିର୍ଦ୍ଦେଶ ଆସିବ ସେହି ଅନୁସାରେ କାର୍ଯ୍ୟ କରାଯିବ ବୋଲି କହିଥିଲେ। ତେବେ ଏଠି ସାଧାରଣରେ ପ୍ରଶ୍ନ ଉଠେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ସତ୍ତ୍ୱେ କାହିଁକି ଉଚ୍ଛେଦ ପ୍ରକ୍ରିୟାରେ ପାତର ଅନ୍ତର କରାଯାଉଛି ବ୍ଲକ୍ ପ୍ରଶାସନର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ଛିଡା କରିଛି।

# ଏସି ତାର ଚୋରି ଅଭିଯୋଗରେ ୩ ଗିରଫ

**ପଟ୍ଟାମୁଣ୍ଡାଇ,୧୧୨/ଏନ୍‌ଏନ୍‌ଏସ୍:** ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ପୌରାଞ୍ଚଳରେ ସିରିଜ ଚୋରି ହୋଇଛି। ପଟ୍ଟାମୁଣ୍ଡାଇ ସହରସମେତ ପୌରାଞ୍ଚଳର ବିଭିନ୍ନ ଅଞ୍ଚଳରୁ ଲୁଟେରାମାନେ ୧୦୦ରୁ ଅଧିକ ଏସିରୁ କପର ପାଇପ କାଟି ନେଇଛନ୍ତି। ସମ୍ପ୍ରତି ଥଣ୍ଡା ଲାଗି ରହିଥିବାରୁ ପ୍ରାୟତଃ ବିଭିନ୍ନ ଘର ଓ ଅଫିସରେ ଏସି ଚାଲୁନାହିଁ। ଫଳରେ ଲୁଟେରାମାନେ ଏହାର ଫାଇଦା ଉଠାଇ ପଟ୍ଟାମୁଣ୍ଡାଇ ଆହର କେନ୍ଦ୍ରରୁ ୩ଟି ଏସିର ପାଇପ ତାର, ସମ୍ରାଟ ସେଲୁନର ଏସି ପାଇପ ତାର କଟା ଯାଇଥିବା ବେଳେ ପଟ୍ଟାମୁଣ୍ଡାଇ ଏଲ୍‌ଆଇସି ଅଫିସରୁ ୧୯ଟିରୁ ଅଧିକ ଏସି ପାଇପର ତାର କଟାଯାଇଛି । ସେହିପରି ରିଲାୟନ୍ସ ଫ୍ରେସର ୧୦ଟି ଏସି ପାଇପ ତାର ପୋଖରୀଆପଡା ଇଣ୍ଡିଆନ ବ୍ୟାଙ୍କ ୪ଟି ଏସି ପାଇପ ତାର ପଟ୍ଟାମୁଣ୍ଡାଇ ଷ୍ଟେଟ ବ୍ୟାଙ୍କର ୪ଟି ଏସି ପାଇପ ତାର, ପୋଖରୀଆପଡା ଗ୍ରାମରୁ ୩ଜଣ ଘରୋଇ ବ୍ୟକ୍ତିଙ୍କ ଏସି ପାଇପ ତାର କାଟି ନେଇଛନ୍ତି। ଏହା ବାଦ ପଟ୍ଟାମୁଣ୍ଡାଇ ବରିଷ୍ଠ ନାଗରିକ ମଞ୍ଚ ଅଫିସରୁ ମଧ୍ୟ ୪ଟି ଏସି ପାଇପ ଚୋରିଛି। ଏ ସମ୍ପର୍କ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଏକାଧିକ ଲିଖିତ ଅଭିଯୋଗ କରାଯାଇଛି । ପଟ୍ଟାମୁଣ୍ଡାଇ ସହରରେ ଅଧିକାଂଶ ସ୍ଥାନରେ ସିସି କ୍ୟାମେରା ଲାଗିଥିଲେ ମଧ୍ୟ ଲୁଟେରା ମାନେ ୧ତାଲା ୨ତାଲା ଓ ୩ ତାଲା ଉପରକୁ ଚଢି ଏସିର କପର ତାର କାଟିନେଇଛନ୍ତି । ପଟ୍ଟାମୁଣ୍ଡାଇ ବୃନ୍ଦାବିହ ଠାରେ ଥିବା ରାଜ କମ୍ୟୁନିକେସ ମାଲିକ ରାଜକୁମାର ସାହୁଙ୍କ ଘରୁ ଚୋର ମାନେ ଗେଟ ତାଲା ଭାଙ୍ଗି ଗାଡି ଚୋରୀ କରି ନେଇଛନ୍ତି ବୋଲି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଞ୍ଚଳରେ ଏସି ପାଇପ ତାର ଚୋରୀ ଘଟଣା ବହୁଳ ଭାବେ ହେଉଥିବାରୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସ ପ୍ରତି ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି । କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରି ଏସି ପାଇପ୍ ତାର ଚୋରଙ୍କ ଉପରେ ଦୃଷ୍ଟି ରଖିଥିଲା। ସ୍ଥାନୀୟ ପୁଲିସ ବିଭିନ୍ନ ସ୍ଥାନ ଚଢାଉ କରି ଏସି ପାଇପ ତାର ଚୋରୀ କରିଥିବା ପିଣ୍ଟୁ ପଙ୍କଜ ମଲିକ, ସଞ୍ଜୟ ମଲିକ, କାଳନ୍ଦୀ ମଲିକଙ୍କୁ ଗିରଫ କରିଛି। ଏ ନେଇ ପଟ୍ଟାମୁଣ୍ଡାରେ ଆଦର୍ଶ ଥାନାର ଆଇଆଇସି ବନ୍ଦନା ପାତ୍ର କେଶ ନଂ ୬୦/୨୦୨୬ ରେ ଏକ ମୋକଦମା ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ ଜେରା ପରେ ସମସ୍ତ ପ୍ରମାଣ ସହ ୩ ଅଭିଯୁକ୍ତଙ୍କୁ ଗିରଫ କରି ଆଜି କୋର୍ଟଚାଲାଣ କରାଯାଇଛି।

## ଶ୍ରମିକ ସଂଗଠନ ପକ୍ଷରୁ ବାଇକ୍ ରାଲି



**ତାଳଚେର,୧୧୨/ଏନ୍‌ଏନ୍‌ଏସ୍:** ତାଳଚେର କୋଇଲା ଖଣି ଶ୍ରମିକସଂଗଠନ ପକ୍ଷରୁ ଶ୍ରମଆଇନକୁ ବିରୋଧ କରି ହିଙ୍ଗୁଳା ଜିଏମ ଅଫିସ୍ ଠାରୁ ଲିଙ୍ଗରାଜ ଜିଏମ ଅଫିସ୍ ପର୍ଯ୍ୟନ୍ତ ବାଇକରାଲି କରାଯାଇଛି। ଏହି ବାଇକ ରାଲି ଆସନ୍ତାକାଲି ୪ଟି ଶ୍ରମ ସଂହିତା ଏବଂ ଅନ୍ୟାନ୍ୟ ଦାବିକୁ ସମର୍ଥନକରି ଅନୁଷ୍ଠିତ ହେବାକୁ ଥିବା ଭାରତବନ୍ଦ ସପକ୍ଷରେ ଜନସଚେତନ ପାଇଁ ଆୟୋଜିତ ହୋଇଛି। ଆସନ୍ତାକାଲି ରାଲି ସକାଳ ୧୦.୩୦ରେ ହିଙ୍ଗୁଳାରୁ ବାହାରି ଭରତପୁର, ସିଡ଼ବ୍ଲ୍ୟୁଏସ୍ ତାଳଚେର, ଜଗନ୍ନାଥ ଅଞ୍ଚଳ, ତାଳଚେର ଅଞ୍ଚଳ, ଭୁବନେଶ୍ୱରୀ ଅଞ୍ଚଳ ଇତ୍ୟାଦି ଦେଇ ୧୨.୩୦ରେ ଲିଙ୍ଗରାଜ ଜିଏମ ଅଫିସ୍‌ରେ ପହଞ୍ଚିବ ବୋଲି ଏଆଇଟିୟୁସିର ସାଧାରଣ ସମ୍ପାଦକ ପ୍ରକାଶ କରିଛନ୍ତି।

## ଇଫ୍‌କୋ ୟୁନିଟ୍ ପକ୍ଷରୁ ଗୋଷ୍ଠୀ ସଚେତନତା



**ପାରାଦୀପ,୧୧୨/ଏନ୍‌ଏନ୍‌ଏସ୍:** ଇଫ୍‌କୋ ପାରାଦୀପ ୟୁନିଟ୍ ସର୍ବଦା ନିଜର କର୍ମଚାରୀ, ଅଂଶୀଦାର, ଠିକାଦାର ଶ୍ରମିକ ଏବଂ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ଜନସାଧାରଣଙ୍କୁ ସଚେତନ ଏବଂ ଶିକ୍ଷିତ କରିବା ପାଇଁ ପଦକ୍ଷେପ ନେଇଥାଏ। ଇଫ୍‌କୋ ବିପର୍ଯ୍ୟୟ ପରିଚାଳନା, ସମ୍ବନ୍ଧୀୟ ବିପଦ ଏବଂ ବିଶେଷକରି ଜରୁରୀକାଳୀନ ସମୟରେ ଗ୍ରହଣ କରିବାକୁ ଥିବା ସତର୍କତା ଯଥା ନିକଟସ୍ଥ ଗ୍ରାମଗୁଡ଼ିକରେ ଆମୋନିଆ ଗ୍ୟାସ୍ ଲିକେଜ୍ ବିଷୟରେ ସଚେତନତା କାର୍ଯ୍ୟକ୍ରମ ପରିଚାଳନା କରିଆସୁଅଛି। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ, ଇଫ୍‌କୋ ପାରାଦୀପ ୟୁନିଟ୍ ଦ୍ୱାରା ଆଜି ପୂର୍ବାହ୍ନ ୧୧ଟା ସମୟରେ ଭୁତମୁଣ୍ଡାଇ ଗ୍ରାମ ପଞ୍ଚାୟତର ବରେଇ ଗ୍ରାମ ସ୍କୁଲ ପରିସରରେ 'ଆମୋନିଆ ଲିକେଜ୍ କ୍ଷେତ୍ରରେ ବିପର୍ଯ୍ୟୟ ପରିଚାଳନା, ଏଲପିଜି ସୁରକ୍ଷା, ଅଗ୍ନି ନିରାପତ୍ତା ଏବଂ ସଡ଼କ ସୁରକ୍ଷା ସଚେତନତା' ଉପରେ ଏକ ଗୋଷ୍ଠୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ସରପଞ୍ଚ, କୃଷକ ସାଥୀ, ଗ୍ରାମବାସୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ, ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡି କର୍ମୀ ଏବଂ ଅନ୍ୟାନ୍ୟ ସମ୍ପ୍ରଦାୟର ସଦସ୍ୟଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ପ୍ରାୟ ୩ ଶହରୁ ଉର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଏହି କାର୍ଯ୍ୟକ୍ରମରେ ବହୁତ ଉତ୍ସାହର ସହିତ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ସମୟରେ ଆମୋନିଆ ଲିକେଜ୍ ସମୟରେ କ'ଣ କରିବା ଉଚିତ ଏବଂ କ'ଣ କରିବେ ନାହିଁ ସେ ବିଷୟରେ ଲିଫ୍‌ଲେଟ୍ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ଜରୁରୀକାଳୀନ ପ୍ରତିକ୍ରିୟା ଉପରେ ବ୍ୟବହାରିକ ଜ୍ଞାନ ପ୍ରଦାନ କରିବା ପାଇଁ ଅଗ୍ନି ନିର୍ବାପକ ଯନ୍ତ୍ର ଏବଂ ଶ୍ୱାସକ୍ରିୟା ଯନ୍ତ୍ର ସେଟ୍ ବ୍ୟବହାର ଉପରେ ଏକ ଲାଇଭ୍ ପ୍ରଦର୍ଶନ ମଧ୍ୟ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଗ୍ରାମବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏବଂ ଜରୁରୀକାଳୀନ ପରିସ୍ଥିତିରେ ନିଜକୁ ଏବଂ ଅନ୍ୟମାନଙ୍କ ସୁରକ୍ଷା ପାଇଁ ବ୍ୟବସ୍ଥା ସହିତ ସେମାନଙ୍କୁ ଅବଗତ କରାଇବା। ଇଫ୍‌କୋର ଏହି ପଦକ୍ଷେପକୁ ଗ୍ରାମବାସୀମାନେ ପ୍ରଶଂସା କରିଥିଲେ।

## ନିଲାମ ହେଉନି ବାଲି ଖାଦାନ, ରାଜସ୍ୱ ହରାଉଛନ୍ତି ସରକାର

# ବାଲି ଚୋରାଚାଲାଣକାରୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ



**କେନ୍ଦ୍ରାପଡ଼ା,୧୧୨/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲାରେ ଚୋରା ବାଲି ଚାଲାଣ ବଢି ଚାଲିଛି। ଅନେକ ବାଲି ଖାଦାନ ନିଲାମ ହେଉନାହିଁ। ଯାହା ଫଳରେ ସରକାର ରାଜସ୍ୱ ହରାଉଛନ୍ତି। ବାଲି ଚୋରା ମାଫିଆଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲ୍ଲାପାଳ ଏକ ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦେଇଛନ୍ତି। ଦୈନିକ ଶହ ଶହ ଟ୍ରିପ୍ ବାଲି ବିଭିନ୍ନ ବାଲି ଖାଦାନରୁ ଚାଲାଣ ହେଉଛି। ଏସବୁ ଜିଲ୍ଲା ପ୍ରଶାସନିକ ଅଧିକାରୀ, ଉପଜିଲ୍ଲାପାଳ, ବିଭିନ୍ନ ତହସିଲଦାର, ରାଜସ୍ୱ ନିରୀକ୍ଷକଙ୍କ ଜଣାତରେ ହେଉଅଛି। ଜିଲ୍ଲାରେ ଚୋରା ବାଲି ଉପରେ ଅଙ୍କୁଶ ଲଗାଇବା ସହିତ ଯେଉଁ ବାଲି ବେପାରୀମାନେ ବେଆଇନ୍ ଭାବେ ଟ୍ରିପ୍ ଟ୍ରିପ୍ ବାଲି ସରକାରୀ ତଥା ବେସରକାରୀ ଜାଗାରେ ଗଚ୍ଛିତ କରିଛନ୍ତି ତାହାକୁ ଗଚ୍ଛିତ କରିବାକୁ ବିଭିନ୍ନ ସମୟରେ ଖଣି ଅଧିକାରୀ, ତହସିଲଦାର ଏବଂ ଆର.ଆଇମାନଙ୍କୁ ଡକାଇ ନିର୍ଦ୍ଦେଶ ଦେଉଛନ୍ତି ହେଲେ ଫଳଶୂନ। ଜିଲ୍ଲାର ବିଭିନ୍ନ ତହସିଲ ଅଧିନରେ ବାଲି ମାଫିଆମାନେ ଶହଶହ ଟ୍ରିପ୍ ବାଲି ଗଦେଇ ଅଧିକ ଦରରେ ବିକ୍ରି କରୁଥିଲେ ମଧ୍ୟ ଏହାକୁ ଜବତ କରିବାକୁ ଖୋଦ୍ ଉପଜିଲ୍ଲାପାଳ କିମ୍ବା ତହସିଲଦାର ପଦକ୍ଷେପ ନେଉନାହାଁନ୍ତି। ବିନା ନିଲାମରେ ବାଲି ଖାଦାନରୁ ଦୈନିକ ବାଲି ଉଠୁଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର କାଗଜରେ ପ୍ରସାରଣ ହେବା ପରେ ଉଚ୍ଚସ୍ତରରୁ ଉପଜିଲ୍ଲାପାଳଙ୍କ ଉପରେ ପ୍ରବଳ ଚାପ ପଡିଅଛି। ଏପରିକି ରାଜସ୍ୱ ସଚୀବ ମଧ୍ୟ ଉପଜିଲ୍ଲାପାଳଙ୍କୁ ଚୋରା ବାଲି ରୋକ୍ ଉପରେ ନିର୍ଦ୍ଦେଶ ଦେଇଛନ୍ତି। ନିଜକୁ ବଞ୍ଚାଇବାକୁ ଓ ନିଜ ପଦବୀକୁ ସୁରକ୍ଷିତ ରଖିବା ପାଇଁ ଉପଜିଲ୍ଲାପାଳ ଏକ ସାମ୍ବାଦିକ ସମ୍ମିଳନୀ ଡାକି ଚୋରା ବାଲି ଚାଲାଣକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେବା ସହିତ ରାଜ୍ୟ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି ବୋଲି ସ୍ୱୀକାର କରିଛନ୍ତି। ଉପଜିଲ୍ଲାପାଳ ଏଠାରେ ଯୋଗ ଦେବାର ୨ ବର୍ଷ ପରେ ଆଜି ଏପରି କଣ ଘଟିଲା କି ବାଲି ଚୋରା ଚାଲାଣକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଏକ ସାମ୍ବାଦିକ ସମ୍ମିଳନୀର ଆବଶ୍ୟକ ପଡିଲା ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ହନୁ ମଲାବେଳେ ସତକଥା କହିଲା ଭଳି ଶେଷରେ ଚୋରାବାଲିକୁ ନେଇ ରାଜସ୍ୱ ହାନି ହେଉଛି ବୋଲି ନିଜେ ସ୍ୱୀକାର କରି ଏଥିରେ ମୁକୁଳିବା ପାଇଁ ନିଜର ବାଟ ପରିଷ୍କାର କରିବାକୁ ସବୁମତେ ଲାଗିପଡିଛନ୍ତି। ଏଥିସହିତ ୧୫ ଦିନ ମଧ୍ୟରେ ଜିଲ୍ଲା ପ୍ରଶାସନ, ବିଭିନ୍ନ ତହସିଲର କର୍ମଚାରୀ, ଥାନା କର୍ମଚାରୀ, ଖଣି ବିଭାଗ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିତ ଭାବେ ଚଢଉ କରାଯାଇଥିଲା। ଏଥିରେ ୧୧ଟି ବାଲି ବୋଝେଇ ଗାଡି ଜବତ କରାଯାଇଛି। ଏହି ଜବତ ବାଲିକୁ ନିଲାମ କରାଯାଇ ସେହି ଅର୍ଥକୁ ସରକାରୀ ଖାତାରେ ରଖାଯିବ ବୋଲି ଉପଜିଲ୍ଲାପାଳ ଅରୁଣ ନାୟକ ତାଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି। ଅପରପକ୍ଷରେ ବୁଦ୍ଧିଜୀବୀମାନେ କହିଛନ୍ତି ବାଲି ଖାଦାନକୁ ଉଦ୍ଦେଶ୍ୟମୂଳକ ଭାବେ ନିଲାମ କରାଯାଉନାହିଁ। ବାଲି ଖାଦାନରୁ ବାଲି ଚୋରା ଚାଲାଣ କରିବା ପାଇଁ ସରକାରୀ ସ୍ତରରେ ହିଁ ପ୍ରୋତ୍ସାହିତ କରାଯାଉଛି। ଏଥିରେ ରାଜନେତା, ସ୍ଥାନୀୟ ପୋଲିସ, ତହସିଲ କର୍ମଚାରୀ ଓ ଖଣି ବିଭାଗ କର୍ମଚାରୀଙ୍କ ହାତ ମଧ୍ୟ ରହିଛି। ବାଲି ଚୋରାଚାଲାଣକାରୀ ଏହି ସମସ୍ତ ବ୍ୟବସ୍ଥାକୁ ନିଜ ପକେଟ୍‌ରେ ପୁରାଇ ବେଆଇନ୍ ବାଲି ଚୋରା ଚାଲାଣ କରୁଛନ୍ତି। ସମସ୍ତ ସରକାରୀ ବ୍ୟବସ୍ଥା ଏଥିପ୍ରତି ସଚେତନ ରହିଛି। ହେଲେ ବାଲି ଖାଦାନ କିପରି ନିଲାମ ହେବ ସେ ନେଇ କେହି ଉଦ୍ୟମ କରୁନାହାଁନ୍ତି। ତେଣୁ ଯଦି ଚୋରାଚାଲାଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ତେବେ ମାଫିଆଙ୍କୁ ଏଥିରେ ସହଯୋଗ କରୁଥିବା ସରକାରୀ କର୍ମଚାରୀଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସଚେତନ ନାଗରିକ ମହଲରେ ଦାବୀ ହେଉଛି। ଉପଜିଲ୍ଲାପାଳଙ୍କର ହଠାତ୍ ଏହି ସାମ୍ବାଦିକ ସମ୍ମିଳନୀ ସହିତ ବାଲି ମାଫିଆଙ୍କୁ ସାବାଡ୍ କରାଯିବ ବୋଲି ଯେଉଁ ପ୍ରୟାସ ଏହାକୁ ସହଜରେ ବୁଦ୍ଧିଜୀବୀମାନେ ଗ୍ରହଣ କରିପାରୁନାହାଁନ୍ତି।

## ୧୦କେଜି ଗଞ୍ଜେଇ ଜବତ, ଜଣେ ଗିରଫ



**ତାଳଚେର,୧୧୨/ଏନ୍‌ଏନ୍‌ଏସ୍:** ତାଳଚେର ଅବକାରୀ ପୁଲିସ ପକ୍ଷରୁ ଟାଉନଥାନା ଅନ୍ତର୍ଗତ ବସଷ୍ଟାଣ୍ଡ ନିକଟରେ ଆତର୍କିତ ଚଢ଼ାଉକରି ୧୦କେଜି ଗଞ୍ଜେଇ ଯାହାର ମୂଲ୍ୟ ୧ଲକ୍ଷ ଟଙ୍କା ହେବ, ଜବତ କରିଥିବା ଘଟଣା ମାଫିଆଙ୍କ ମହଲରେ କୋକୁଆ ଭୟ ସୃଷ୍ଟି କରିଛି। ସୂଚନାମୁତାବକ ଅବକାରୀ ନୀରିକ୍ଷକ ଉମାକାନ୍ତ ସ୍ୱାଇଁ କୌଣସି ସୂତ୍ରରୁ ଖବର ପାଇ ତାଳଚେର ବସଷ୍ଟାଣ୍ଡ ଠାରେ ଚଢ଼ାଇକରି ଆଠମଲ୍ଲୀକ ଗ୍ରାମର ଗଜେନ୍ଦ୍ର ପାତ୍ର (୨୯)ଙ୍କ ଠାରୁ ୧୦କେଜି ଗଞ୍ଜେଇ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିବା ଅବକାରୀ ସୂତ୍ରରୁ ଜଣାପଡ଼ିଛି। ଚଢ଼ାଉରେ ଏସଆଇ ମାନସ ପ୍ରଧାନ, ସରୋଜ ସାହୁ, ପୁପୁନା ପ୍ରଧାନ ସାମିଲ ଥିଲେ। ଏହି ଗଞ୍ଜେଇ ଆଠମଲ୍ଲୀକରୁ କେନ୍ଦୁଝରକୁ ଚାଲାଣ କରାଯାଉଥିଲା ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି।

## ପାରାଦୀପ କଲେଜ୍ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା

**ପାରାଦୀପ,୧୧୨/ଏନ୍‌ଏନ୍‌ଏସ୍:** ପାରାଦୀପ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ପକ୍ଷରୁ ଏକ 'ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅଧକ୍ଷା ଡଃ. ସସ୍ମିତା ଶତପଥୀଙ୍କ ସମ୍ମତି କ୍ରମେ ତଥା ଏନ୍‌ଏସ୍‌ଏସ୍ ପୂର୍ବତନ କାର୍ଯ୍ୟାଧିକାରୀ ବ୍ରହ୍ମାନନ୍ଦ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ମଙ୍ଗଳବାର ପୂର୍ବାହ୍ନରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପାରାଦୀପ ଆଦର୍ଶ ଥାନା ଅଧିକାରୀଙ୍କ ସମ୍ପୂର୍ଣ୍ଣ ସହଯୋଗ ଏହି କାର୍ଯ୍ୟକ୍ରମକୁ ପ୍ରେରଣା ଯୋଗାଇଥିଲା। ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଏହି ସଚେତନତା କାର୍ଯ୍ୟକ୍ରମରେ ପୁଷ୍ପ ଦେଇ ଯାନବାହନ ଚାଳକମାନଙ୍କୁ ନାନାଦି ସଡ଼କ ସୁରକ୍ଷାର ନିୟମ ସମ୍ପର୍କରେ ଅବଗତ କରାଇଥିଲେ। ବର୍ତ୍ତମାନ ଏନ୍‌ଏସ୍‌ଏସ୍ କାର୍ଯ୍ୟାଧିକାରୀ ଅଧ୍ୟାପିକା ସଂଘମିତ୍ରା ପ୍ରଧାନ ଉକ୍ତ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ରୂପେ ପରିଚାଳନା ଦାୟିତ୍ୱ ଗ୍ରହଣ କରିଥିଲେ। ଏବଂ ମହାବିଦ୍ୟାଳୟର ବହୁ ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ସମେତ ବହୁ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମର ସଫଳତା ନିମନ୍ତେ ସହଯୋଗ କରିଥିଲେ।

## ପ୍ରଥମ ପୃଷ୍ଠାରୁ

### ଏଣିକି 'ଜନ ଗଣ ମନ'...

ସ୍କୁଲରେ ପାଠ ପଢ଼ା ଆରମ୍ଭ ହେବ । ତେବେ ସିନେମା ହଲ୍‌ଗୁଡ଼ିକୁ ଏହି ରାଷ୍ଟ୍ରଗୀତ ସମ୍ପର୍କିତ ଜାରି ନୂତନ ନିୟମରୁ ମୁକ୍ତ କରାଯାଇଛି । ଏହାର ଅର୍ଥ ହେଉଛି 'ବନ୍ଦେ ମାତରମ୍' ବଜାଇବା ଏବଂ ଚଳଚ୍ଚିତ୍ର ଆରମ୍ଭ ହେବା ପୂର୍ବରୁ ଫିଲ୍ମ ହଲ୍‌ରେ ଥିବା ବ୍ୟକ୍ତିବିଶେଷମାନେ ଛିଡା ହେବା ବାଧ୍ୟତାମୂଳକ ହେବ ନାହିଁ । କିନ୍ତୁ ରାଷ୍ଟ୍ରୀୟ ସଂଗୀତ 'ଜନ ଗଣ ମନ' ବାଜିବା ସମୟରେ ପୂର୍ବବତ୍ ଛିଡା ହେବାକୁ ପଡ଼ିବ । ରାଷ୍ଟ୍ରଗୀତ ଭାବେ ପରିଚିତ 'ବନ୍ଦେ ମାତରମ୍'କୁ ୧୮୭୫ ନଭେମ୍ବର ୭ ତାରିଖରେ ବଙ୍କିମ ଚନ୍ଦ୍ର ଚାଟାର୍ଜୀ ଲେଖିଥିଲେ । ଏହା ପ୍ରଥମେ ୧୮୮୨ ମସିହାରେ ତାଙ୍କ ଉପନ୍ୟାସ ଆନନ୍ଦମଠର ଅଂଶ ଭାବରେ ତାଙ୍କ ପତ୍ରିକା ବଙ୍ଗଦର୍ଶନରେ ପ୍ରକାଶିତ ହୋଇଥିଲା । ତେବେ ୧୮୯୬ ମସିହାରେ, ରବୀନ୍ଦ୍ରନାଥ ଟାଗୋର ଭାରତୀୟ ଜାତୀୟ କଂଗ୍ରେସ ଅଧିବେଶନରେ ମଞ୍ଚ ଉପରେ 'ବନ୍ଦେ ମାତରମ୍' ଗାଇଥିଲେ । ଏହା ପ୍ରଥମ ଥର ପାଇଁ ଜାତୀୟ ସ୍ତରରେ ସାର୍ବଜନୀନ ଭାବରେ ଏହି ଗୀତ ଗାନ କରାଯାଇଥିଲା । ଉପସ୍ଥିତ ହଜାର ହଜାର ଲୋକ କାନ୍ଦି ପକାଇଥିଲେ । ଭାରତୀୟ ସ୍ୱାଧୀନତା ଆନ୍ଦୋଳନ ସମୟରେ, 'ବନ୍ଦେ ମାତରମ୍' ଭାରତକୁ ଉପନିବେଶବାଦୀ ଶାସନରୁ ମୁକ୍ତ କରିବା ପାଇଁ ଲଢୁଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ଲୋଗାନରେ ପରିଣତ ହୋଇଥିଲା । ପ୍ରକାଶ, କେନ୍ଦ୍ର ସରକାର ବର୍ତ୍ତମାନ ବନ୍ଦେ ମାତରମ୍‌ର ୧୫୦ ତମ ବାର୍ଷିକୀ ପାଳନ କରୁଥିବା ବେଳେ ଏହାକୁ ନେଇ ଏକ ନୂଆ ନିୟମ ଲାଗୁ କରିଛନ୍ତି । ଚଳିତ ବର୍ଷ ଜାନୁଆରୀ ୨୬ ତାରିଖରେ, ୭୭ତମ ଗଣତନ୍ତ୍ର ଦିବସର ମୁଖ୍ୟ ପରେଡର ବିଷୟବସ୍ତୁ 'ବନ୍ଦେ ମାତରମ୍' ଥିଲା । ପରେଡ ସମୟରେ ଏକ 'ବନ୍ଦେ ମାତରମ୍' ସାରଣୀ ମଧ୍ୟ ପ୍ରଦର୍ଶିତ ହୋଇଥିଲା । ଜାତୀୟ ଗୀତ ଗାନ ସମ୍ପର୍କରେ ବିସ୍ତୃତ ପ୍ରୋଟୋକଲ୍ ଜାରି କରାଯିବା ଦେଶରେ ପ୍ରଥମ ଥର ପାଇଁ ଦେଖିବାକୁ ମିଳିଛି ।

### ଆଜି ଭାରତ ବନ୍ଦ...

ଶ୍ରମିକ ବିରୋଧୀ, ଚାଷୀ ବିରୋଧୀ ଏବଂ କର୍ପୋରେଟ୍ ସମର୍ଥନ ନୀତିକୁ ବିରୋଧ କରି ଏହି ବନ୍ଦ ପାଳନ କରାଯିବ । ଭାରତ ବନ୍ଦ ଡାକରାରେ ଅଂଶଗ୍ରହଣ କରୁଥିବା ପ୍ରମୁଖ ଟ୍ରେଡ ୟୁନିଅନଗୁଡ଼ିକ ମଧ୍ୟରେ ରହିଛନ୍ତି ସିଆଇଟିୟୁ, ଏଆଇଟିୟୁସି, ଆଇଏନଟିୟୁସି, ଏଲପିଏଫ୍ ଓ ୟୁଟିୟୁସି ପ୍ରମୁଖ । ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ବନ୍ଦ ଯୋଗୁ ଜନଜୀବନ ପ୍ରଭାବିତ ହେବ । ଧର୍ମଘଟକାରୀମାନେ ରାସ୍ତା ଅବରୋଧ, ରେଳରୋକ ଓ ପିକେଟିଂ କରିବାକୁ ନିଷ୍ପତ୍ତି ନେଇଥିବାରୁ ବସ୍, ଟ୍ରକ୍ ଓ ଟ୍ୟାକ୍ସି ଚଳାଚଳ ସଂପୂର୍ଣ୍ଣ ବନ୍ଦ ରହିପାରେ । ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ବୀମା କମ୍ପାନୀ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟ ବନ୍ଦ କରାଯିବ ବୋଲି ଟ୍ରେଡ୍ ୟୁନିୟନଗୁଡ଼ିକ ପକ୍ଷରୁ ସୂଚନା ଦିଆଯାଇଛି । ସହରର ବଜାର, ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ସିନେମା ହଲଗୁଡ଼ିକ ମଧ୍ୟ ଆନ୍ଦୋଳନକୁ ସମର୍ଥନ କରି ବନ୍ଦ ରହିବାର ଆଶଙ୍କା ରହିଛି । ସମ୍ବଲପୁର, ପାରାଦୀପ ଓ ଝାରସୁଗୁଡ଼ା ଭଳି ଶିଳ୍ପାଞ୍ଚଳରେ ଖଣି ଓ କଳକାରଖାନା କାର୍ଯ୍ୟ ମଧ୍ୟ ପ୍ରଭାବିତ ହେବ । ତେବେ ସାଧାରଣ ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଡାକ୍ତରଖାନା, ଆମ୍ବୁଲାନ୍ସ, ଔଷଧ ଦୋକାନ ଓ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀଙ୍କୁ ଧର୍ମଘଟରୁ ବାଦ୍ ଦିଆଯାଇଛି । ଏହାସହିତ କ୍ଷୀର ଗାଡ଼ି, ପାନୀୟ ଜଳ ଯୋଗାଣ ଓ ବିଦ୍ୟୁତ୍ ସେବା ଭଳି ଅତ୍ୟାବଶ୍ୟକ କାର୍ଯ୍ୟକ୍ରମକୁ ମଧ୍ୟ କୋହଳ କରାଯାଇଛି । ବିମାନ ବନ୍ଦରକୁ ଯାଉଥିବା ଯାତ୍ରୀ ଓ ଜରୁରୀ କାର୍ଯ୍ୟରେ ଥିବା ସାମ୍ବାଦିକମାନଙ୍କୁ ମଧ୍ୟ ପରିଚୟ ପତ୍ର ଦେଖାଇ ଯିବାକୁ ଅନୁମତି ମିଳିବ ବୋଲି ଟ୍ରେଡ୍ ୟୁନିୟନ ପକ୍ଷରୁ ସୂଚନା ଦିଆଯାଇଛି । ଏହି ବନ୍ଦକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ଓ ସମସ୍ତ ଜିଲ୍ଲା ଏସ୍‌ପିମାନଙ୍କୁ ଆଲର୍ଟ ରହିବା ପାଇଁ ନିର୍ଦ୍ଦେଶ ଜାରି ହୋଇଛି । ତେବେ ବନ୍ଦ ପାଳନବେଳେ ଅତ୍ୟାବଶ୍ୟକ ସେବା ଜାରି ରହିବ ବୋଲି ଶ୍ରମିକ ସଂଗଠନଗୁଡ଼ିକ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଧର୍ମଘଟକୁ ଦେଶର ୧୦ଟି ଟ୍ରେଡ୍ ୟୁନିଅନ୍ ସମେତ କୃଷକ ସଂଗଠନ ମଧ୍ୟ ସମର୍ଥନ ଜଣାଇଛନ୍ତି । ସେପଟେ ଏହି ବନ୍ଦ ଡାକରାକୁ ନେଇ ବିଜେପି କହିଛି, ଯେଉଁମାନେ ଶ୍ରମିକମାନଙ୍କୁ ନେଇ ରାଜନୀତି କରୁଛନ୍ତି ସେମାନେ ଶ୍ରମ କାର୍ଡକୁ ବିରୋଧ କରୁଛନ୍ତି । କେନ୍ଦ୍ରର ଶ୍ରମ ସଂସ୍କାର ଏବଂ ଆର୍ଥିକ ନୀତିକୁ ବିରୋଧ କରି ଏହି ବନ୍ଦ ଆୟୋଜିତ କରାଯାଇଥିବା ଶ୍ରମିକ ସଂଗଠନମାନେ କହିଛନ୍ତି । ସେପଟେ ବନ୍ଦକୁ କୃଷକ ସଂଗଠନ ଗୁଡ଼ିକର ସମର୍ଥନ ଆହୁରି ପ୍ରଭାବିତ କରିବ ବୋଲି କହିଛି ଶ୍ରମିକ ସଂଗଠନ ।

### ଦୁର୍ଘଟଣା ନେଲା ...

ପରେ କାରରୁ ଯୁବକମାନଙ୍କ ମୃତଦେହକୁ ବାହାର କରାଯାଇଥିଲା । ପୁଲିସ୍ ମୃତଦେହକୁ ଉଦ୍ଧାର କରିବା ସହ ତଦନ୍ତ ଜାରି ରଖିଛି ।

### ଫାଣ୍ଡିରେ ବିଷ ପିଇଲେ...

ନଥିଲେ । ଶେଷରେ ନିରାଶ ହୋଇ ମଙ୍ଗଳବାର ରାତିରେ ଫାଣ୍ଡିରେ ଚକ୍ରଧର କୀଟନାଶକ ପାନ କରିଥିଲେ । ପୁଲିସ ଚକ୍ରଧରଙ୍କୁ ଗୁରୁତର ଅବସ୍ଥାରେ ଜଗତପୁର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଛି । ପୂର୍ବରୁ ତାଙ୍କୁ ୨ ଜଣ ବ୍ୟକ୍ତି ଧମକ ଚମକ ଦେଇଥିବା ଅଭିଯୋଗ ପତ୍ରରେ ଦର୍ଶାଇଥିଲେ ମଧ୍ୟ ପୁଲିସ ଏ ଦିଗ ପ୍ରତି ଦୃଷ୍ଟି ଦେଇନଥିବାରୁ ଚକ୍ରଧର ଶେଷରେ ବିଷପାନ କରିଥିଲେ ।

### ୧୦ ଲକ୍ଷ କ୍ଷତିପୂରଣ...

କୁହାଯାଇଥିଲା । ତେବେ ପୁଲିସ ରିପୋର୍ଟ ଓ ଶବ ବ୍ୟବଚ୍ଛେଦ ରିପୋର୍ଟ ତଥା ବିଭିନ୍ନ ଆଇନର ଆଧାରରେ ଆୟୋଗ ମନେ କରିଛନ୍ତି ଯେ, ରାଜ୍ୟ ସରକାରଙ୍କ ଉପରେ 'ଷ୍ଟ୍ରିକ୍ଟ ଲାଇଆବିଲିଟି' ଲାଗୁ ହୁଏ ଏବଂ ମୃତକଙ୍କ ପରିବାର କ୍ଷତିପୂରଣ ପାଇବାକୁ ହକ୍‌ଦାର । ଆଦେଶରେ କୁହାଯାଇଛି ଯେ, ୧୦ ଲକ୍ଷ ଟଙ୍କା ମୁଆବଜା ଆଦେଶ ପ୍ରାପ୍ତିରୁ ୮ ସପ୍ତାହ ମଧ୍ୟରେ ଦେବାକୁ ପଡ଼ିବ । ସେହିପରି ସମ୍ଭବ ହେଲେ ମୃତକଙ୍କ ଭଉଣୀଙ୍କୁ ଅନୁକମ୍ପା ମୂଳକ ଚାକିରି ଦେବାକୁ ମଧ୍ୟ ବିଚାର କରିବାକୁ ଆୟୋଗ ସୁପାରିଶ କରିଛନ୍ତି ।

### ହାଇୱା ଧକ୍କାରେ ଦୁଇ...

ଉଦ୍ଧାର କରାଯାଇ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେପଟେ ଦୁର୍ଘଟଣା ଘଟାଇଥିବା ହାଇୱାଟି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବାବେଳେ ମୃତକଙ୍କ ପରିବାର ଲୋକେ କ୍ଷତିପୂରଣ ଦାବି କରି ରାସ୍ତାରୋକ କରିଥିଲେ । ଘଟଣାସ୍ଥଳରେ କଲମପୁର ଥାନା ଅଧିକାରୀ ବିଶମ୍ଭର କହଁର, ଏସଆଇ ଶିବ ଶଙ୍କର ମହାନ୍ତି ଏବଂ କୁଟ୍ର ଫାଣ୍ଡି ଅଧିକାରୀ ଅସିତ୍ କୁମାର ପଣ୍ଡା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛନ୍ତି ।

### ମାଓବାଦୀଙ୍କ ଉପରେ...

ସକ୍ରିୟ ନକ୍ସଲମାନେ ଆତ୍ମସମର୍ପଣ କଲେ ସେମାନଙ୍କୁ ଅତିରିକ୍ତ ୧୦ ଲକ୍ଷ ଟଙ୍କାର ଏକକାଳୀନ ରାଶି ଫିକ୍ସଡ୍ ଡିପୋଜିଟ୍ ଆକାରରେ ଦିଆଯିବ । ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କରୁଥିବା କ୍ୟାଡରମାନଙ୍କ ପାଇଁ ସରକାର ସ୍ୱତନ୍ତ୍ର ଦର ତାଲିକା ଜାରି କରିଛନ୍ତି । ତଦନୁଯାୟୀ ଏଲଏମଜି ବନ୍ଧୁକ ପାଇଁ ୪.୯୫ ଲକ୍ଷ ଟଙ୍କା, ଏକେ-୪୭ ପାଇଁ ୩.୩୦ ଲକ୍ଷ ଟଙ୍କା, ଇନସାସ୍ ବା ଏସଏଲଆର ରାଇଫଲ୍ ପାଇଁ ୧.୬୫ ଲକ୍ଷ ଟଙ୍କା ଅଲଗା ଭାବେ ପ୍ରଦାନ କରାଯିବ । ଏପରିକି ଗୋଟିଏ ଗ୍ରେନେଡ ପାଇଁ ୫୫୦ ଟଙ୍କା ଓ ପ୍ରତିଟି ଗୁଳି ପାଇଁ ୫୫ ଟଙ୍କାର ପୁରସ୍କାର ରଖାଯାଇଛି ।କୌଣସି ଅସ୍ତ୍ର ନଥାଇ ଆତ୍ମସମର୍ପଣ କଲେ ମଧ୍ୟ ସମସ୍ତଙ୍କୁ ଅତିରିକ୍ତ ୨୫ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ମିଳିବ ।ରାଜ୍ୟ ଗୃହ ବିଭାଗ ଗତ ୨୦୨୫ ନଭେମ୍ବର ୨୭ରେ ଜାରି ସଂଶୋଧିତ ପୁନର୍ବାସ ନୀତିକୁ ମାତ୍ର ତିନି ମାସ ମଧ୍ୟରେ ପୁଣିଥରେ ସଂଶୋଧନ କରିଛନ୍ତି । ଚଳିତବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ଓଡ଼ିଶାକୁ ନକ୍ସଲମୁକ୍ତ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଏବେ ନିର୍ଣ୍ଣାୟକ ଲଢ଼େଇ ଆରମ୍ଭ କରିଛନ୍ତି । ଚଳିତ ବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ନକ୍ସଲ ମୁକ୍ତ ଭାରତ ଗଠନ ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଆହ୍ୱାନ କରିଛନ୍ତି । ଏଥିପାଇଁ ଦେଶର ଜୋରଦାର ଚାଲିଛି ନକ୍ସଲ ବିରୋଧୀ ଅପରେସନ । ନିକଟରେ ଓଡ଼ିଶାର କୋରାପୁଟ ଜିଲ୍ଲା ମାଓମୁକ୍ତ ଘୋଷଣା କରାଯାଇଛି । ଖୁବ ଶୀଘ୍ର ମାଓ ମୁକ୍ତ ହେବ ଓଡ଼ିଶା । ଏଥିପାଇଁ ସରକାର ନୂଆ ରୋଡ ମ୍ୟାପ ପ୍ରସ୍ତୁତ କରିଛନ୍ତି ।

### କିନ୍ନର ହତ୍ୟା ଅଭିଯୁକ୍ତକୁ...

କିନ୍ନରଙ୍କୁ ହତ୍ୟା କରାଯାଇଥିଲା । ଏହି ଘଟଣାରେ କ୍ରୀଷ୍ଣା ସମ୍ପୃକ୍ତ ଥିବାକୁ ନେଇ ଆଜି ପୁରୀ ଏସ୍‌ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶ କ୍ରମେ ପିପିଲି ପୁଲିସ ଓ ସ୍ପେସିଆଲ୍ ପୁଲିସର ଦୁଇଟି ସ୍ୱତନ୍ତ୍ର ସ୍କ୍ୱାଡ ତାକୁ ଧରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ । ରାତି ୮.୩୦ ମିନିଟରେ ଅଭିଯୁକ୍ତ କ୍ରୀଷ୍ଣା ସେଇବାଟରେ ନିଜ ବାଇକ୍‌ରେ ଦ୍ରୁତ ଗତିରେ ଯାଉଥିବା ଦେଖି ତାକୁ ପୁଲିସ୍ ଅଟକାଇବାକୁ ଚେଷ୍ଟା କରିଥିଲେ । ତେବେ ସେ ପୁଲିସ ଉପରକୁ ପ୍ରଥମେ ଗୁଳି ଚଳାଇଥିଲା । ତେବେ ପୁଲିସ ତା'ର ପିଛା କରି ନାୟରା ପେଟ୍ରୋଲ ଟାଙ୍କି ନିକଟରେ ପାଲଟା ଗୁଳିମାଡ଼ କରିଥିଲା । କ୍ରୀଷ୍ଣାର ବାମ ଗୋଡ଼ରେ ଗୁଳି ବାଜିଥିବାବେଳେ ତାକୁ କଟକ ମେଡିକାଲ୍‌ରେ ଭର୍ତ୍ତି କରାଯାଇଛି ।

### ବନ୍ଧା ହେଲେ ରସିକିଆ...

ତାଙ୍କ ସହିତ ଜୋରଜବରଦସ୍ତ ଶାରୀରିକ ସମ୍ପର୍କ ରଖିଥିଲେ ।ଏତିକିରେ ଶେଷ ହୋଇ ନଥିଲା ଏହି ନାବାଳିକା ପ୍ରତି ଶିକ୍ଷକଙ୍କ ନିର୍ଯାତନା । ଛାତ୍ରୀ ଜଣଙ୍କ ଏତଲାରେ ଅଭିଯୋଗ କରିଛନ୍ତି ଯେ ଶିକ୍ଷକ ତାପସ କୁମାର ବଢ଼େଇ ସେହି ଭଡ଼ା ଘରେ ଭିନ୍ନ ଭିନ୍ନ ଦିନରେ ତାଙ୍କ ସହିତ ୪/୫ ଥର ଶାରୀରିକ ସମ୍ପର୍କ ରଖିଥିଲେ । ଏମିତିକି ସ୍କୁଲର ଲାଇବ୍ରେରୀ ରୁମ୍‌ରେ କେହି ନଥିବା ବେଳେ ୪/୫ ଥର ଶାରୀରିକ ସମ୍ପର୍କ ରଖିଥିଲେ । ଆଉ ଏ ବିଷୟରେ କାହାକୁ ନ କହିବାକୁ ଶ୍ରୀ ବଢ଼େଇ ତାଙ୍କୁ ଧମକ ଦେଇଥିଲେ । ତେବେ ଶ୍ରୀ ବଢ଼େଇଙ୍କୁ ପୁଲିସ ଗିରଫ କରିବା ସହ ଡାକ୍ତରୀ ମାଇନା ପାଇଁ ପଠାଇ ତଦନ୍ତ ଜାରି ରଖିଛି । ଶିକ୍ଷକ ଓ ଛାତ୍ରୀଙ୍କ ସମ୍ପର୍କରେ ଏହି ଘଟଣା ଏକ କଳଙ୍କ ସଦୃଶ ହୋଇଥିବା ବେଳେ ସାରା ଶିକ୍ଷକ ସମାଜର ମୁଣ୍ଡ ତଳକୁ ହୋଇଥିବା ଚର୍ଚ୍ଚା ହେଉଛି ।

# ରଥଯାତ୍ରା ପ୍ରସ୍ତୁତି ବୈଠକ



**ପୁରୀ,୧୧।୨/ଏନ୍‌ଏନ୍‌ଏସ୍:** ଜୁଲାଇ ୧୬ ତାରିଖରେ ଚଳିତ ବର୍ଷର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା । ଦେବସ୍ନାନ ପୂର୍ଣ୍ଣିମା ଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ କୁ ଶୃଙ୍ଖଳିତ ଭାବେ ପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ଅପରାହ୍ନରେ ସର୍କିଟ ହାଉସ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଧକ୍ଷତା କରି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଗତ ରଥଯାତ୍ରା ର ଅଭିଜ୍ଞତାକୁ ଉପଯୋଗ କରି ଚଳିତ ବର୍ଷ ସମସ୍ତ କାର୍ଯ୍ୟକୁ ସମ୍ମିଳିତ ଉଦ୍ୟମ ରେ ସଫଳ କରିବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇସାରିଛି ଓ ତାହାର ବିବରଣୀ ଆଧାର ରେ ଆମକୁ ଯୋଜନା ପ୍ରସ୍ତୁତ କରିବାକୁ ପଡିବ ବୋଲି ଜିଲ୍ଲାପାଳ କହିଥିଲେ ।ବିଭିନ୍ନ ବିଭାଗ କୁ ଯେଉଁ ଦାୟିତ୍ୱ ଦିଆଯାଉଛି ତାହାକୁ ଅଗ୍ରାଧିକାର ଭିତ୍ତିରେ ସମ୍ପୂର୍ଣ୍ଣ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ରଥକାଠ ସଂଗ୍ରହ, ରଥ ନିର୍ମାଣ, ରଥଖଳା ପରିଷ୍କାର, ରଥଯାତ୍ରା ନିମନ୍ତେ ବିଭିନ୍ନ ସାମଗ୍ରୀ ସଂଗ୍ରହ ଓ ଯୋଗାଣ, ରଥକପଡା ସଂଗ୍ରହ, ନୀତି ସଂପାଦନ, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ, ପରିବହନ ବ୍ୟବସ୍ଥା, ରାସ୍ତା ଘାଟ ମରାମତି ଓ ଉନ୍ନତି କରଣ, ରେଲୱେ ଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ, ସ୍ନାନ ଯାତ୍ରା ପାଇଁ ବ୍ୟାରିକେଡ ବ୍ୟବସ୍ଥା, ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ରଥ ଲାଗିବା ପରେ ବ୍ୟାରିକେଡ ନିର୍ମାଣ, ଡ୍ରେନ ମରାମତି, ପାର୍କିଂ ସ୍ଥଳ ଚିହ୍ନଟ, ଉନ୍ନତି କରଣ,ଅଧିକ ପାର୍କିଂ ସ୍ଥାନ ଚିହ୍ନଟ, ଶାନ୍ତିଶୃଙ୍ଖଳା ରକ୍ଷା, ସୂଚନା ଓ ପ୍ରସାରଣ ବ୍ୟବସ୍ଥା, ସ୍ୱେଚ୍ଛାସେବୀ ନିୟୋଜନ ଇତ୍ୟାଦି ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହେବା ସହ ସମ୍ପୃକ୍ତ ବିଭାଗମାନେ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଜିଲ୍ଲାପାଳ ପରାମର୍ଶ ଦେବା ସହ ନିର୍ଦ୍ଧାରିତ ସମୟ ପୂର୍ବରୁ ପ୍ରଦାନ କରାଯାଇଥିବା କାର୍ଯ୍ୟକୁ ସଂପୃକ୍ତ ବିଭାଗ ସମ୍ପନ୍ନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ପ୍ରତୀକ ସିଂ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉନ୍ନୟନ ପ୍ରଶାସକ ଦେବେନ୍ଦ୍ର ନାଥ ସାହୁ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା, ଉପଜିଲ୍ଲାପାଳ ରାଜକିଶୋର ଜେନା, ସିଡିଏମଓ ଡା ଅକ୍ଷୟ କୁମାର ଶତପଥୀ, କମାଣ୍ଡାଣ୍ଟ ତାପସ କୁମାର ଦାସ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ କୌଶିକ ନାୟକ, ଅତିରିକ୍ତ ଏସ ପି ଦେବୀ ପ୍ରସାଦ ପ୍ରତାପ, ଡେପୁଟି କଲେକ୍ଟର ପ୍ରଶାନ୍ତ କୁମାର ଜେନା, ପ୍ରିୟଦର୍ଶିନୀ ମଲ୍ଲିକ, ଅନୁଶ୍ରବ ଗନ୍ତାୟତ, ଡେପୁଟି ଉନ୍ନୟନ ପ୍ରଶାସକ ରଞ୍ଜନ କୁମାର ବେହେରା, ସିଟି ଡିଏସପି ରଶ୍ମି ରଞ୍ଜନ ମହାପାତ୍ର ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

**ରାଜ୍ୟ ଓ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ କର୍ମଶାଳା**

## 'ବିପର୍ଯ୍ୟୟ ସମୟରେ ଲିଙ୍ଗଗତ ଏବଂ ସାମାଜିକ ଅନ୍ତର୍ଭୁକ୍ତିକୁ ମୁଖ୍ୟଧାରାରେ ପରିଣତ କରିବା'



**ପୁରୀ,୧୧।୨/ଏନ୍‌ଏନ୍‌ଏସ୍:** ବିପର୍ଯ୍ୟୟ ସମୟରେ କୌଣସି ପାତରଅନ୍ତର କରାଯିବା ଉଚିତ ନୁହେଁ । ତେଣୁ ବିପର୍ଯ୍ୟୟର ବହୁ ପୂର୍ବରୁ ଆମେ ଯୋଜନା ପ୍ରସ୍ତୁତ କରିବା, ବିଭିନ୍ନ ବର୍ଗ ପାଇଁ ତାଲିକା ପ୍ରସ୍ତୁତ କରିବା, ଉଦ୍ଧାର ଓ ଥଇଥାନ ପାଇଁ ଯୋଜନା ଅନୁସାରେ ରୂପରେଖ ପ୍ରସ୍ତୁତ କରିବା ସମ୍ପର୍କରେ ଆଲୋକପାତ କରିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା । ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଙ୍କ ମିଳିତ ସହଯୋଗରେ ବିପର୍ଯ୍ୟୟ ସମୟରେ ଲିଙ୍ଗଗତ ଏବଂ ସାମାଜିକ ଅନ୍ତର୍ଭୁକ୍ତିକୁ ମୁଖ୍ୟଧାରାରେ ପରିଣତ କରିବା ଶୀର୍ଷକ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ବିପର୍ଯ୍ୟୟ ପାଇଁ ଆମେ ତିନୋଟି ପର୍ଯ୍ୟାୟକୁ ଗୁରୁତ୍ୱ ଦେଉ । ବିପର୍ଯ୍ୟୟ ପୂର୍ବ, ବିପର୍ଯ୍ୟୟ ସମୟ ଓ ବିପର୍ଯ୍ୟୟ ପରବର୍ତ୍ତୀ ସମୟକୁ ନେଇ ଯୋଜନା କରନ୍ତି । କିନ୍ତୁ ମାଇକ୍ରୋପ୍ଲାନରେ ପୁରୁଷ, ମହିଳା, ତୃତୀୟ ଲିଙ୍ଗ,ଶିଶୁ, ବୃଦ୍ଧ,ଦିବ୍ୟାଙ୍ଗ ଙ୍କ ତାଲିକା ପ୍ରସ୍ତୁତ, ସେମାନଙ୍କ ପାଇଁ ରହିବା ବ୍ୟବସ୍ଥା, ସୁରକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ ସ୍ୱତନ୍ତ୍ର ଯୋଜନା ର ଆବଶ୍ୟକତା ରହିଛି ବୋଲି ସେ କହିବା ସହ ବିପର୍ଯ୍ୟୟ ପରିଚାଳନା ର ପରିବର୍ତ୍ତିତ ମାର୍ଗଦର୍ଶିକା ଆଧାର ରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ ।

ଜେଣ୍ଡର ବିଶେଷଜ୍ଞ ଆରଣ୍ୟକ ମିଶ୍ର ଆମ ରାଜ୍ୟର ବିପର୍ଯ୍ୟୟ ପରିଚାଳନା ବିଶ୍ୱସ୍ତରୀୟ ଓ ଏହାକୁ ବଜାୟ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ ।ବିପର୍ଯ୍ୟୟ ପାଇଁ ପ୍ରସ୍ତୁତି ଏପରି କରିବା ଯେମିତି କ୍ଷତି ବହୁତ କମ ହେବ ବୋଲି ସେ କହିଥିଲେ । ପାଖରେ ଥିବା ପଦାର୍ଥ କୁ ଉପଯୋଗ କରି ଧନ ଜୀବନ ରକ୍ଷା, ସମ୍ଭାବ୍ୟ ବିପର୍ଯ୍ୟୟ ପ୍ରଭାବକୁ ବୁଝିବା ପାଇଁ ବିପଦ ଏବଂ ଦୁର୍ବଳତା ବିଶ୍ଳେଷଣ କରିବା । ସ୍ଥାନାନ୍ତର ଯୋଜନା ଏବଂ ଶିକ୍ଷା ସମେତ ଅନ୍ୟାନ୍ୟ ବ୍ୟବସ୍ଥା ଗୁଡିକ ର କ୍ଷମତା ବୃଦ୍ଧି କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ଆମେ କେବଳ ପ୍ରସୂତି ମା ମାନଙ୍କ ସୁରକ୍ଷା ପାଇଁ ଚିନ୍ତା କରନ୍ତି କିନ୍ତୁ ଗର୍ଭର ପ୍ରାରମ୍ଭିକ ପର୍ଯ୍ୟାୟ ବିବିଧ ସମସ୍ୟା ପାଇଁ ଏବେ ଚିନ୍ତା କରାଯାଉଛି । ସେହିପରି ବିପର୍ଯ୍ୟୟ ପରେ ପରେ ବାଲ୍ୟ ବିବାହ, ଡ୍ରପ ଆଉଟ, ମାନବ ଚାଲାଣ ଇତ୍ୟାଦି ବୃଦ୍ଧି ର ଆଶଙ୍କା ରହୁଥିବାରୁ ତାହା ପ୍ରତି ସତର୍କ ଓ ଯୋଜନା କରିବାକୁ ସେ ଆଲୋଚନା କରିଥିଲେ । ରାଜ୍ୟ ବିପର୍ଯ୍ୟୟ ପରିଚାଳନା ର ଜିଏମ ସୁବୋଧ ନାୟକ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିବା ସହ ଅଧିକ କିଶୋରୀ, ମହିଳା ମାନଙ୍କୁ ବିପର୍ଯ୍ୟୟ ପରିଚାଳନାର ବିବିଧ ତାଲିମ ପ୍ରଦାନ ସମ୍ପର୍କରେ ବ୍ୟବସ୍ଥା କରାଯାଉଥିବା ସମ୍ପର୍କରେ ସୂଚନା ଦେଇଥିଲେ । ପ୍ରାରମ୍ଭରେ ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତ ସମସ୍ତଙ୍କୁ ସ୍ୱାଗତ ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଏସପି ସୌମ୍ୟ ରଞ୍ଜନ ମଲ୍ଲିକ, ଏଡିପିଏଚ ଡା ଚନ୍ଦ୍ର କାନ୍ତି ଆଚାର୍ଯ୍ୟ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ନିମାପଡା ବିଡ଼ିଓ ଡା ଅଭିଜିତ ଷଡ଼ଙ୍ଗୀ, ଗୋପ ବିଡ଼ିଓ ଛବିରାଣୀ ସାହୁ, କାକଟପୁର ବିଡ଼ିଓ ନାରାୟଣ ଦୀକ୍ଷିତ, ଅସ୍ତରଙ୍ଗ ବିଡ଼ିଓ ସସ୍ମିତା ବେହେରା, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇ ଆଲୋଚନା ରେ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ଜରୁରୀ ବିଭାଗର ଡିପିଓ ସୁକାନ୍ତ କୁମାର ଦାଶ ପରିଚାଳନା କରିଥିଲେ ।

## ନଗଦ ଟଙ୍କା ସହ ଲକ୍ଷାଧିକ ଟଙ୍କାର ସୁନାଗହଣା ଚୋରି

**ବଳଙ୍ଗା,୧୧।୨/ଏନ୍‌ଏନ୍‌ଏସ୍:** ବଳଙ୍ଗା ଥାନା ଅନ୍ତର୍ଗତ ଉଚ୍ଛୁପୁର ଗ୍ରାମରେ ଚୋରି ହୋଇଥିବା ନେଇ ଗ୍ରାମର କୃଷ୍ଣଚନ୍ଦ୍ର ସ୍ୱାଇଁ ବଳଙ୍ଗା ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇବା ପରେ ବଳଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ସୂଚନା ମୁତାବକ ଗତକାଲି ଦିବା ୧୧ ଘଟିକା ସମୟରେ ଘରେ ଧାନ ଉଷେଇ ସାରି ଘରର କବାଟକୁ ଶିକୁଳି ପକାଇ ଗାଧୋଇବା ପାଇଁ ନିକଟସ୍ଥ ପୋଖରୀକୁ ଯାଇଥିଲେ । ଗାଧୋଇ ସାରି ଘରକୁ ଫେରି ଦେଖନ୍ତି ଯେ ଘର ଭିତରେ ଥିବା ତିନୋଟି ଟ୍ରଙ୍କ ମଧ୍ୟରୁ ଉପରେ ଥିବା ଛୋଟ ଟ୍ରଙ୍କ ବାକ୍ସଟି ନାହିଁ । ସେ ଟ୍ରଙ୍କ ବାକ୍ସରେ ଥିବା ଦରକାରୀ କାଗଜପତ୍ର, ସଞ୍ଚୟ କରି ରଖିଥିବା ୩୦ହଜାର ଟଙ୍କା ଓ ସୁନା, ରୂପାର ଅଳଙ୍କାର ଥିଲା ଯାହାର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କା ହେବ ବୋଲି ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ।

## ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ଡେଲାଙ୍ଗ,୧୧।୨/ଏନ୍‌ଏନ୍‌ଏସ୍:** ଡେଲାଙ୍ଗ ଥାନା ଅଧୀନ ହରିପୁର ରେଳ ଷ୍ଟେସନ ନିକଟସ୍ଥ ଜଙ୍ଗଲରୁ ମଙ୍ଗଳବାର ଜଣେ ଅଜଣା ବ୍ୟକ୍ତିଙ୍କ ମୃତ ଦେହ ଉଦ୍ଧାର ହୋଇଛି । ମୃତକ ଜଣକ ଛିଟ ରଙ୍ଗର ଲୁଙ୍ଗି ଓ ନୀଳ ରଙ୍ଗର ସାଟ ପିନ୍ଧିଥିବା ଜଣାପଡିଛି । ମୃତଙ୍କ ବୟସ ପ୍ରାୟ ୫୦ ବର୍ଷରୁ ଅଧିକ ହେବ ବୋଲି ପୁଲିସ ସୂଚନା ଦେଇଛି । ଜଙ୍ଗଲରେ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ଡେଲାଙ୍ଗ ପୁଲିସକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ପୁଲିସ ପହଞ୍ଚି ତାଙ୍କୁ ସେଠାରୁ ଉଦ୍ଧାର କରି ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବାରୁ ପୁଲିସ ଶବ ଜବତ କରିବା ସହିତ ଡେଲାଙ୍ଗ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇଥିବା ଜଣାପଡିଛି । ଅନ୍ୟପଟେ ମୃତକଙ୍କ ପରିଚୟ ପାଇବାକୁ ଫଟୋ ସହିତ ଅନ୍ୟାନ୍ୟ ବିବରଣୀ ସମସ୍ତ ଥାନାକୁ ପ୍ରେରଣ କରାଯାଇଥିବା ଡେଲାଙ୍ଗ ଥାନା ଅଧିକାରୀ ଶ୍ୟାମଘନ ବାରିକ ସୂଚନା ଦେଇଛନ୍ତି ।

## ବିଦ୍ୟୁତ୍ ସଂସ୍ପର୍ଶରେ ଚାଷୀଙ୍କ ମୃତ୍ୟୁ

**ଚାରିଛକ,୧୧।୨/ଏନ୍‌ଏନ୍‌ଏସ୍:** ଚାରିଛକ ଥାନା ଅନ୍ତର୍ଗତ ଛଣିଜଙ୍ଗ ପଂଚାୟତ ଚକରୋଡା ଗ୍ରାମର ଚାଷୀ ଭାଗୀରଥି ନାୟକ(୬୫) ଆଜି ବିଦ୍ୟୁତ ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଥିବା ଜଣାପଡିଛି । ସୂଚନା ମୁତାବକ ଭାଗୀରଥି ଆଜି ଚାଷ ଜମିରେ ହିଡ କଟି କରୁଥିବା ସମୟରେ ବିଦ୍ୟୁତ ସଂସ୍ପର୍ଶରେ ଆସି ସେଠାରେ ଟଳିପଡିଥିଲେ । ପରିବାର ଲୋକମାନେ ତାଙ୍କୁ ତୁରନ୍ତ ଚିକିତ୍ସାପାଇଁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ । ମାତ୍ର ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ । ପରିବାର ଲୋକମାନେ ବିଦ୍ୟୁତ ବିଭାଗ ନିକଟରେ କ୍ଷତି ପୂରଣ ଦାବୀ କରିଥିଲେ । ଖବର ପାଇ ଘଟଣାସ୍ଥଳରେ ବିଦ୍ୟୁତ ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀ ଓ କର୍ମଚାରୀ ପହଞ୍ଚି ଶବ ସତ୍କାର ପାଇଁ ୧୫ହଜାର ଟଙ୍କା, ମୃତଙ୍କ ପରିବାରକୁ କ୍ଷତିପୂରଣ ସହ ପରିବାର ଜଣକୁ ଚାକିରି କରାଇଦେବାକୁ ପ୍ରତିଶ୍ରୁତି ଦେବା ପରେ ଶବ ବ୍ୟବଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି ।

## ବିଡିଓଙ୍କ ବଦଳି ଦାବିରେ ବିକ୍ଷୋଭ

**ବୋଲଗଡ଼,୧୧।୨/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ ବିଡିଓଙ୍କ ବଦଳି ଦାବିରେ ସ୍ୱାଭିମାନ ମଞ୍ଚ ପକ୍ଷରୁ ମଙ୍ଗଳବାର ବ୍ଲକ ସମ୍ମୁଖରେ ଅହୋରାତ୍ର ସାମୂହିକ ଧାରଣା ଦେବା ସହ ରାଜରାସ୍ତାକୁ ଓହ୍ଲାଇ ଗର୍ଜନ କରିଛି । ବ୍ଲକ ବିଡିଓଙ୍କୁ ଏଠାରୁ ଅନ୍ୟତ୍ର ବଦଳି ଦାବିରେ ସ୍ୱାଭିମାନ ମଞ୍ଚ, ବ୍ଲକର ସମସ୍ତ ନିର୍ବାଚିତ ଜନ ପ୍ରତିନିଧି ତଥା ଜିଲ୍ଲା ପରିଷଦ, ସରପଞ୍ଚ ଓ ସମିତି ସଭ୍ୟ/ସଭ୍ୟାଙ୍କ ସମେତ ସର୍ବଦଳୀୟ ଖିମୁଆ କର୍ମୀ ମାନେ ଧାରଣାରେ ସାମିଲ ହୋଇଛନ୍ତି । ସୂଚନାକ୍ରମେ ବୋଲଗଡ଼ ବିଡିଓ ସୁମନ ସୁଧା କୁଣ୍ଡୁ ଗତ ଜାନୁଆରୀ ୨୬ ଗଣତନ୍ତ୍ର ଦିବସ ଅବସରରେ ସାମୂହିକ ପରେଡ୍‌କୁ ବନ୍ଦ କରି ତଥା ନିଜେ ଅନୁପସ୍ଥିତ ରହି ଗଣତନ୍ତ୍ରକୁ ଅସମ୍ମାନ କରିବା ସହ ବୋଲଗଡ଼ ପଞ୍ଚାୟତ ସମିତିର ସମସ୍ତ ଜନ ପ୍ରତିନିଧି ଓ ଅଞ୍ଚଳବାସୀଙ୍କ ସମ୍ମାନ, ସ୍ୱାଭିମାନକୁ ଅସମ୍ମାନ ଓ କୁଠାରଘାତ ଓ ମନମୁଖୀ ଶାସନ କରୁଥିବା ହେତୁ ସ୍ୱାଭିମାନ ମଞ୍ଚ ପକ୍ଷରୁ ଗତ ମାସ ୨୮ ତାରିଖରେ ଏକ ବିରାଟ ଶୋଭାଯାତ୍ରାରେ ଆସି ସ୍ଥାନୀୟ ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଭୁବନେଶ୍ୱର ସାଂସଦ ଓ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲା ଓ ଏ ସମ୍ପର୍କରେ ସରକାର କୌଣସି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରନ୍ତି, ତେବେ ସମସ୍ତ ଜନ ପ୍ରତିନିଧି ଓ ସର୍ବଦଳୀୟ ସ୍ୱାଭିମାନ ମଞ୍ଚ ରାଜରାସ୍ତାକୁ ଓହ୍ଲାଇବ ବୋଲି ସରକାରଙ୍କୁ ଚେତାବନୀ ଦେଇଥିଲେ । ଇତି ମଧ୍ୟରେ ଦୀର୍ଘ ୧୫ଦିନ ବିତି ଯାଇଥିଲେ ମଧ୍ୟ ରାଜ୍ୟରେ 'ଲୋକଙ୍କ ସରକାର' କହି ଡିଣ୍ଡିମ ପିଟୁଥିବା ସରକାର ଏ ପର୍ଯ୍ୟନ୍ତ ବିଡିଓଙ୍କୁ ଏଠାରୁ ଅନ୍ୟତ୍ର ବଦଳି କଲେ ନାହିଁ । ବରଂ ଏ ସମ୍ପର୍କରେ କର୍ଣ୍ଣପାତ କରିନଥିବା ପରି ମନେ ହେଉଛି । ଏଣୁ ଏହି ପରିପ୍ରେକ୍ଷୀରେ ସ୍ୱାଭିମାନି ମଞ୍ଚ ତଥା ସମସ୍ତ ଜନ ପ୍ରତିନିଧି ଏକ ବିରାଟ ଶୋଭାଯାତ୍ରାରେ ଆସି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ବସ୍‌ଷ୍ଟାଣ୍ଡ ବଜାର ଓ ମହାବିଦ୍ୟାଳୟ ଅତିକ୍ରମ ପରେ ବ୍ଲକ ସମୁଖକୁ ଆସି ଦିନ ତମାମ ସହ ଆହୋରାତ୍ର ଧାରଣାରେ ବସି ରହିଥିଲେ । ଏହି ଧାରଣାରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ଯୋଗଦେଇ ବିଡିଓଙ୍କ ଏତାଦୃଶ କାର୍ଯ୍ୟକୁ ନେଇ ବିଷୋଦ୍‌ଗାର କରିଥିଲେ । ସେହିପରି ବ୍ଲକ ବିଜେଡି ସଭାପତି ବାନାମ୍ବର ମାଝୀ, ଜିଲ୍ଲା ବିଜେଡି ସମ୍ପାଦକ ବୀର ଦାସ, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ଅଶ୍ୱିନୀ ପଟ୍ଟନାୟକ, ବିଜେପି ମଣ୍ଡଳ ସମ୍ପାଦକ ଚଇ ପଟ୍ଟନାୟକ, ପ୍ରାକ୍ତନ ସମିତି ସଭ୍ୟ ବଂଶୀଧର ସାହୁ, ଆଇନଜୀବୀ ସୁଶ୍ରୀ ଗୌରୀ ଦେବୀ, ସମସ୍ତ ନିର୍ବାଚିତ ଜନ ପ୍ରତିନିଧି, ସମାଜସେବୀ, ସର୍ବଦଳୀୟ ଖିମୁଆ ପ୍ରମୁଖ କର୍ମୀମାନେ ଯୋଗଦେଇ ବିଡିଓଙ୍କ ମନମୁଖୀ ଶାସନ ବିରୋଧରେ ବିଭିନ୍ନ ନାରାବାଜି ଦେଇ ଧାରଣାରେ ବସି ରହିଥିଲେ ।

## କବାଡ଼ି ଟୁର୍ଣ୍ଣାମେଣ୍ଟ୍ ପାଇଁ ଶିକ୍ଷକଙ୍କ ଚଣ୍ଡୀଗଡ଼ ଗସ୍ତ

**ସାକ୍ଷୀଗୋପାଳ,୧୧।୨/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲା ଅନ୍ତର୍ଗତ ସତ୍ୟବାଦୀ ବ୍ଲକର ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ସୁଚିତ୍ର ଖଟେଇ କବାଡି ଖେଳିବା ପାଇଁ ମନୋନୀତ ହୋଇଛନ୍ତି । ଅଲ୍ ଇଣ୍ଡିଆ ସିଭିଲ ସର୍ଭିସ କବାଡି ଟୁର୍ଣ୍ଣାମେଣ୍ଟରେ ଶ୍ରୀ ଖଟେଇ ଭାଗ ନେବା ପାଇଁ କବାଡି ଗ୍ରାଉଣ୍ଡ ସ୍ପୋର୍ଟସ କମ୍ପ୍ଲେକ୍ସ ସେକ୍ଟର - ୪୨ ଚଣ୍ଡୀଗଡ଼ ଠାରେ କବାଡି ଖେଳ ଅନୁଷ୍ଠିତ ହେବ । ଏଥିରେ ସତ୍ୟବାଦୀ ବ୍ଲକର ଶ୍ରୀ ଖଟେଇ ଖେଳିବାକୁ ଯାଉଥିବାରୁ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଫୁଲତୋଡ଼ା ଦେଇ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟପକ୍ଷରେ ଶ୍ରୀ ଖଟେଇ ବିଭିନ୍ନ ଦିନରେ ବିଭିନ୍ନ ପ୍ରତିଯୋଗିତାରେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ବେଶ୍ ସୁନାମ ଅର୍ଜନ କରିଛନ୍ତି ।

## ବନବିଭାଗ ପକ୍ଷରୁ ହିଟାଚି ଜବତ, ଜଣେ ଗିରଫ

**ଓଡ଼ଗାଁ,୧୧।୨/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ମା' ବୈଷ୍ଣବଦେବୀଙ୍କ ପୀଠପାଇଁ ସୋଲପଟା ଠାରୁ ଫାଶିପଲ୍ଲୀ ରାସ୍ତା ନିର୍ମାଣ କରାଯାଉଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହିରାସ୍ତା ନିର୍ମାଣ ହେଉଥିଲେ ମଧ୍ୟ ରାସ୍ତା କଡ଼ରେ ଥିବାଗଛ ହିଟାଚି ଲଗାଇ ଉପୁଡ଼ାଇ ଦେଇଛି ଠିକାଦାର । ଧାଡ଼ି ମୁଣ୍ଡିଆ ଜଙ୍ଗଲରେ ଏହି ସବୁଜାଗା ଯାଉଥିଲେ ମଧ୍ୟ ବନବିଭାଗର ଅନୁମତି ନିଆଯାଇନାହିଁ । ଗତକାଲି ଡେପୁଟି ରେଞ୍ଜର ଅଭିମନ୍ୟୁ ମଲ୍ଲିକ, ଫରେଷ୍ଟର ସରିତା ବରାଳ, ଗାର୍ଡ଼ ଓ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ଗୋଟିଏ ହିଟାଚିକୁ ଜବତ କରିବାରେ ସକ୍ଷମ ହୋଇଥିଲେ । ହିଟାଚି ଚାଳକ ଦଶପଲ୍ଲା ଥାନା ରଙ୍ଗମାଟିଆ ଗ୍ରାମର ପିଙ୍କୁ କରମି (୨୬)କୁ ଗିରଫ କରାଯାଇଛି । ବନ କର୍ମଚାରୀମାନେ ତନାଘନା କରିବାପରେ ଅନେକ ମୂଲ୍ୟବାନ ଗଛ କଟାଯିବା ସହିତ ସେହିସ୍ଥାନରୁ ଟ୍ରିପ୍ ଟ୍ରିପ ମାଟି ଉଠାଣ କରାଯାଇଛି । ଫଳରେ ମୃତିର୍କା କ୍ଷୟ ହେବାର ଯଥେଷ୍ଟ ସମ୍ଭାବନା ଦେଖାଦେଇଛି । ଏପଟେ ଗ୍ରାମ୍ୟ ଉନ୍ନୟନ ଯନ୍ତ୍ରୀ ସୁଜାତା ଶତପଥୀ ବନ କର୍ମଚାରୀଙ୍କ ସହିତ ଓକିଲାତି କରିଛନ୍ତି । ଠିକାଦାର ସପକ୍ଷରେ ବାହାରି ଗଛ ଉପାଡ଼ିବାକୁ ସେମିତି କିଛି ନିୟମ ନଥିବା କହିଛନ୍ତି । ଏହାକୁ ମ୍ୟାନେଜ କରବୋଲି କହି ଅଡୁଆରେ ପଡ଼ିଥିବାବେଳେ ଠିକାଦାର ଠାରୁ ମୋଟା ଅଙ୍କର ଉକ୍ରୋଚ ନେଇ ମୁହଁ ଚୁପ୍ କରିଥିବା ସ୍ଥାନୀୟ ଲୋକେ କହିଛନ୍ତି । ଏହି ଘଟଣାକୁ ନେଇ ଗ୍ରାମ୍ୟ ଉନ୍ନୟନ ଯନ୍ତ୍ରୀ ଓ ବନ କର୍ମଚାରୀ ମୁହାଁମୁହିଁ ହୋଇଥିବା ଆଲୋଚନା ଜୋର୍ ଧରିଛି ।

## ନୟାଗଡ଼ରେ ଜିଲ୍ଲା ବିଜେଡିର ବିଶାଳ ବିକ୍ଷୋଭ



**ନୟାଗଡ଼,୧୧।୨/ଏନ୍‌ଏନ୍‌ଏସ୍:** ରାଜ୍ୟରେ ସରକାର ବଦଳିବାର ୨୧ ମାସ ଭିତରେ ରାଜ୍ୟରେ ଚାଷୀଙ୍କ ସମସ୍ୟା, ନାରୀ ନିର୍ଯ୍ୟାତନା ବଢ଼ିବା ଓ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡି ଯାଇଥିବା ବିଜୁଜନତାଦଳ ଅଭିଯୋଗ ଉଠାଇ ନୟାଗଡ ବିଧାୟକ ଅରୁଣ ସାହୁଙ୍କ ନେତୃତ୍ୱରେ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଏକ ବିଶାଳ ଚାଷୀ ସମାବେଶ ଅନୁଷ୍ଠିତ ହେବା ସହ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ନୟାଗଡ ପୋଲିସ ପଡିଆ ଠାରୁ ପ୍ରାୟ ୧୧ ହଜାରରୁ ଉର୍ଦ୍ଧ ଚାଷୀ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ନୟାଗଡ ବଜାର ଦେଇ ଜିଲ୍ଲାପାଳ ଅଫିସ ଠାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ରାଜ୍ୟରେ ଥିବା ବିଜେପି ସରକାର ଅମଳରେ ଚାଷୀ ମାନେ ଧାନବିକ୍ରୀ କରିପାରୁ ନାହାଁନ୍ତି ଓ ମହିଳାମାନେ ମଧ୍ୟ ସୁରକ୍ଷିତ ନୁହଁନ୍ତି । ରାଜ୍ୟରେ ଯେଉଁଳି ସ୍ଥିତି ଆସିଛି କେବଳ ଅରାଜକତା ଦେଖାଦେଇଛି । ତେଣୁ ରାଜ୍ୟରେ ବିଜେପି ଦଳ ଶାସନରେ ରହିବାର ନୈତିକତା ହରାଇସାରିଛି । ତେଣୁ ଏ ସରକାର ହଟିବା ଦରକାର ବୋଲି ନେତୃତ୍ୱମାନେ କହିଥିଲେ । ଚାଷୀ ଓ ମହିଳାଙ୍କ ସମସ୍ୟାକୁ ନେଇ ବିଧାନସଭାରେ ଓ ବାହାରେ ଲଢାଇ ଚାଲିଛି । ରାଜ୍ୟରେ ବିଜେପି ଶାସନ ସମୟରେ ୪୦ହଜାର ନାରୀ ନିର୍ଯ୍ୟାତନା ମାମଲା ରୁଜୁ ହୋଇଛି । ନୟାଗଡ ଜିଲ୍ଲାରେ ଚାଷୀଙ୍କ ସମସ୍ୟା ବଢିଥିବା ବେଳେ ବିଜେଡି ସରକାର ଅମଳରେ ଯେଉଁ ଜଳସେଚନ ପ୍ରକଳ୍ପ ଗୁଡିକୁ ଟେଣ୍ଡର ହୋଇଥିଲା ତାହାକୁ ମନ୍ଦ ଉଦ୍ଦେଶ୍ୟ ରଖି ବାତିଲ କରାଯାଉଛି । ଚାଷୀଙ୍କ କଷ୍ଟ ଉପାର୍ଜିତ ଧାନରୁ କ୍ୱିଣ୍ଟାଲ ପ୍ରତି ୭ରୁ ୧୦ କେଜି କଟନୀ କରାଯାଇ ଲୁଣ୍ଠନ କରାଯାଉଛି । ତେଣୁ ଜନ ଅସନ୍ତୋଷ ଲାଗିରହୁଛି । ଯଦି ସରକାର ଏହି କଥାକୁ ତୁରନ୍ତ ହସ୍ତକ୍ଷେପ ନ କରନ୍ତି ତେବେ ଆଗାମୀ ଦିନରେ ଚାଷୀଙ୍କ ସମସ୍ୟାକୁ ନେଇ ବିଜେଡି ଦଳ ତୀବ୍ର ଆନ୍ଦୋଳନ କରିବା ସହିତ ରାଜରାସ୍ତା ଅବରୋଧ କରାଯିବ ବୋଲି ଚେତାବନୀ ଦିଆଯାଇଛି । କାର୍ଯ୍ୟକ୍ରମରେ ପୂର୍ବତନ ବିଜେଡି ବିଧାୟକ ଦେବୀ ମିଶ୍ର, ସଞ୍ଜୟ ଦାସ ବର୍ମା, ରଣପୁରର ପୂର୍ବତନ ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ବିଜେଡି ନେତ୍ରୀ ଇରାନି ରାୟ, ଜିଲ୍ଲା ପରିଷଦ ଅଧକ୍ଷ ଦେବାଶିଷ ପଟ୍ଟନାୟକଙ୍କ ସମେତ ବିଜେଡି ଦଳର ବହୁ କାର୍ଯ୍ୟକର୍ତ୍ତା ଏବଂ ଚାଷୀ ସାମିଲ ହୋଇଥିଲେ ।

ପ୍ରେରଣା

# ଦେବକୀ ଆମ୍ମା



**ବଣ ବା ଜଙ୍ଗଲ ଆମ ଜୀବନର ଅଭିନ୍ନ ଅଂଶ। ଏହା ପ୍ରକୃତିର ଅମୂଲ୍ୟ ଉପହାର ଯାହା ଆମକୁ ଶୁଦ୍ଧ ପବନ, ପାଣି, ଖାଦ୍ୟ ଓ ଜୀବନ ଜିଇଁବା ପାଇଁ ଆବଶ୍ୟକ ସଂସାଧନ ପ୍ରଦାନ କରେ। ଜଙ୍ଗଲ କେବଳ ଗଛଗୁଡ଼ିକର ସମୂହ ନୁହେଁ ଏହା ଜୀବଜନ୍ତୁଙ୍କର ଘର। ଆମ ପର୍ଯ୍ୟାବରଣକୁ ସନ୍ତୁଳିତ ରଖିବାରେ ଜଙ୍ଗଲ ଗ୍ରହଣ କରିଥାଏ ମହତ୍ତ୍ୱପୂର୍ଣ୍ଣ ଭୂମିକା। ଏହା ବିନା ପୃଥିବୀରେ ଜୀବନର କଳ୍ପନା କରିବା ଅସମ୍ଭବ। ଜଙ୍ଗଲରୁ ଆମକୁ ମିଳେ ଇନ୍ଧନ, କାଠ, ଜଡ଼ିବୁଟି ଓ ଅନେକ ପ୍ରକାରର ମସଲା। ଏହା ବ୍ୟତୀତ ଜଙ୍ଗଲ ମାଟିକୁ କ୍ଷୟ ହେବାରୁ ରକ୍ଷା କରେ, ବର୍ଷାକୁ ଆକର୍ଷିତ କରେ ଓ ବିଶ୍ୱ ତାପାୟନର ପ୍ରଭାବକୁ କମ୍ କରିବାରେ ସାହାଯ୍ୟ କରେ। କିନ୍ତୁ ଆଜିର ସମୟରେ ଜଙ୍ଗଲକୁ ଲଗାତର କଟାଯିବା ଦ୍ୱାରା ପର୍ଯ୍ୟାବରଣ ଉପରେ ଖରାପ ପ୍ରଭାବ ପଡ଼ୁଛି। ତେଣୁ ବନ ସଂରକ୍ଷଣ ଆମର ପ୍ରଥମ ଦାୟିତ୍ୱ ହେବା ଉଚିତ। ଏହା ସହିତ ଗଛ ଲଗେଇ ଜଙ୍ଗଲ ସୃଷ୍ଟି କରିବା ମଧ୍ୟ ଏକ ମହତ୍ତ୍ୱପୂର୍ଣ୍ଣ କାମ। କେରଳର ଦେବକୀ ଆମ୍ମା ହେଉଛନ୍ତି ଜଣେ ପର୍ଯ୍ୟାବରଣ କାର୍ଯ୍ୟକର୍ତ୍ତା ଯିଏ ପାଞ୍ଚ ଏକର ଅନୁର୍ବର ଜମିକୁ 'ତପୋବନମ୍' ନାମକ ଏକ ଘନ ଜଙ୍ଗଲରେ ପରିବର୍ତ୍ତିତ କରିଦେଇଛନ୍ତି। ଏହି ଜଙ୍ଗଲରେ ରହିଛି ୩,୦୦୦ରୁ ଅଧିକ ଦୁର୍ଲଭ ଗଛ।**

କେରଳର ଅଲପ୍ପୁଝାର ନିବାସୀ ହେଉଛନ୍ତି ଦେବକୀ ଆମ୍ମା। ସେ କୌଣସି ଔପଚାରିକ ଶିକ୍ଷା ପ୍ରାପ୍ତ କରିନଥିଲେ ମଧ୍ୟ ଚାଷବାସ ବିଷୟରେ ପୁସ୍ତକ ଆଦିକୁ ମଧ୍ୟ ପଛରେ ପକାଇ ଦେଇଥିଲେ। ଯେତେବେଳେ କୌଣସି ବ୍ୟକ୍ତି ଅବସର ନେବା ପାଇଁ ଚିନ୍ତା କରନ୍ତି ସେ ବୟସରେ ଦେବକୀ ଆମ୍ମା ମାଟିରେ ସେହି ଆଶାର ବୀଜ ରୋପଣ କରିଥିଲେ ଯାହା ଜଣେ ସାଧାରଣ ଲୋକର କଳ୍ପନା ବହିର୍ଭୂତ ଘଟଣା ହୋଇପାରେ। ୯୦ ବର୍ଷର ଦୁର୍ବଳ ଶରୀର କିନ୍ତୁ ତାଙ୍କର ଚିନ୍ତାଧାରା ସେତିକି ମଜଭୁତ ଯେତିକି ଜଣେ ସଶକ୍ତ କୃଷକର ହୋଇଥାଏ। ଦେବକୀ ଆମ୍ମା କେବଳ ଜଣେ କୃଷକ ନଥିଲେ, ଥିଲେ ଜଣେ ଜୈବିକ ଚାଷବାସର ଜୀବନ୍ତ ଉଦାହରଣ। ତାଙ୍କର ଜୀବନୀ କହେ କ୍ରାନ୍ତି କେବେ କେବେ ଚୁପ୍‌ଚାପ୍ କ୍ଷେତରୁ ଆରମ୍ଭ ହୋଇଥାଏ। ତାଙ୍କର କାହାଣୀ କେବଳ ସମ୍ମାନର ନୁହେଁ, ସେହି ଭରସାର ଯେଉଁଥିରେ ପରମ୍ପରା ଓ ପ୍ରଗତି ଏକା ସହିତ ଚାଲିଥାନ୍ତି। ଦେବକୀ ଆମ୍ମା ନିଜ ଜୀବନର ଅଧିକାଂଶ ସମୟ ଦେଶୀ ବୀଜଗୁଡ଼ିକୁ ସଂରକ୍ଷଣ କରିବା, ଜୈବିକ ଛାଷକୁ ତ୍ୱରାନ୍ୱିତ କରିବା ଓ କୃଷକମାନଙ୍କୁ ଆତ୍ମନିର୍ଭର କରେଇବା ଦିଗରେ ସମୟ ଅତିବାହିତ କରିଥିଲେ।



ଦେବକୀ ଆମ୍ମାଙ୍କ କହିବା ଅନୁସାରେ ମାଟି ଜୀବିତ ରହିଲେ ମଣିଷ ଜୀବିତ ରହିବ। ସେ କେବେ ମଧ୍ୟ ରାସାୟନିକ ଖାଦ ବା କୀଟନାଶକର ସାହାଯ୍ୟ ନେଇନଥିଲେ। ତାଙ୍କର ଚାଷବାସ ସମ୍ପୂର୍ଣ୍ଣ ଭାବରେ ଦେଶୀ ବୀଜ, ଗୋବର ଖାଦ, ପ୍ରାକୃତିକ କୀଟ ନିୟନ୍ତ୍ରଣ, ପାରମ୍ପରିକ କୃଷି ଜ୍ଞାନ ଉପରେ ଆଧାରିତ ଥିଲା। ତାଙ୍କ କ୍ଷେତରେ ଉତ୍ପନ୍ନ ହେଉଥିବା ପନିପରିବା, ଧାନ ଓ ଶସ୍ୟଜାତୀୟ ଖାଦ୍ୟପଦାର୍ଥଗୁଡ଼ିକ ସ୍ୱାଦ ଓ ପୋଷଣ ଦୃଷ୍ଟିରୁ ଶ୍ରେଷ୍ଠ ବିବେଚିତ ହୋଇଥିଲେ। ଦେବକୀ ଆମ୍ମାଙ୍କର ବିଶେଷତା ହେଉଛି ଯେତେବେଳେ ତାଙ୍କ ଶରୀର ସାଥ୍ ଦେଉନଥିଲା ସେତେବେଳେ ବି କୃଷକମାନଙ୍କୁ ସେ ଚାଷବାସ ଉପରେ ଶିକ୍ଷା ଦେଉଥିଲେ। ବୀଜ ବାଣ୍ଟୁଥିଲେ। ମହିଳାମାନଙ୍କୁ ଆତ୍ମନିର୍ଭର କରିବା ପାଇଁ ପ୍ରେରିତ କରୁଥିଲେ। ତାଙ୍କ ମତରେ ଚାଷବାସ କରିବା କେବଳ ଏକ କାମ ନୁହେଁ, ଏକ ସେବା। ତାଙ୍କର ଉପଲବ୍ଧି ଓ କାର୍ଯ୍ୟଦକ୍ଷତା ପାଇଁ ଭାରତ ସରକାର ତାଙ୍କୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରିଛନ୍ତି। ଜୈବିକ ଚାଷ, ଦେଶୀ ବୀଜ ସଂରକ୍ଷଣ, ଗ୍ରାମୀଣ ମହିଳାମାନଙ୍କୁ ଏ ଦିଗରେ ପ୍ରେରିତ କରିବା ଓ ପାରମ୍ପରିକ କୃଷି ଜ୍ଞାନକୁ ରକ୍ଷା କରିବା ପାଇଁ ଏହି ସମ୍ମାନ ତାଙ୍କୁ ପ୍ରଦାନ କରାଯାଇଥିଲା।

ଦେବକୀ ଆମ୍ମା ପ୍ରମାଣିତ କରିଥିଲେ ଯେ ମଣିଷର କୌଣସି କାର୍ଯ୍ୟ ଅସଲି ଯୋଗଦାନ ବୟସ ବା ଡିଗ୍ରୀ ଦେଖେ ନାହିଁ। କେରଳର ମୁଥୁକୁଲମ୍ ଗ୍ରାମରେ ପାଞ୍ଚ ଏକର ଜମିରେ



୩,୦୦୦ରୁ ଅଧିକ ଗଛ ଲଗାଇ ଜଙ୍ଗଲରେ ପରିବର୍ତ୍ତିତ କରିଦେଇଥିଲେ। ଗଛଗୁଡ଼ିକୁ ସେ ନିଜ ପିଲା ପରି ମାନୁଥିବାରୁ ସେମାନଙ୍କ ପାଖରୁ ସେ ଦୂରରେ ରହିପାରନ୍ତି ନାହିଁ। ଜଣେ ୯୦ ବର୍ଷରୁ ଅଧିକ ବୟସ୍କା ମହିଳା ଯାହାଙ୍କ ଚେହେରାରେ ରହିଛି ବୟସର ଛାପ ଯେଉଁଗୁଡ଼ିକ ସମୟର କାହାଣୀକୁ ବର୍ଣ୍ଣନା କରନ୍ତି, ନଇଁ ଯାଇଥିବା ଅଣ୍ଟା କିନ୍ତୁ ଆଖିରେ ଥାଏ ଏପରି ଏକ ଚମକ ଯାହା କୌଣସି ଘନ ଜଙ୍ଗଲ ମଧ୍ୟରେ ଉଦୟ ହେଉଥିବା ସୂର୍ଯ୍ୟ ପରି ମନେହୁଏ। ଏହି ବର୍ଷ ପଦ୍ମ ପୁରସ୍କାର ପାଇଁ ଦେବକୀ ଆମ୍ମାଙ୍କ ନାମ ଘୋଷଣା କରାଯିବା ପରେ ସେଠାରେ ଉପସ୍ଥିତ ଥିବା ଲୋକମାନେ ଏହାକୁ ଏକ ସାଧାରଣ ନାମ ଭାବରେ ଗ୍ରହଣ କରିଥାଇପାରନ୍ତି, କିନ୍ତୁ କେରଳର ଅଲ୍ଲାପୁଝା ଜିଲ୍ଲାର ମୁଥୁକୁଲମ୍ ଗ୍ରାମ ପାଇଁ ଏହା କୌଣସି ଉତ୍ସବ ଠାରୁ କମ୍ ନଥିଲା। ଏହି ସମ୍ମାନ କୌଣସି ମହିଳାଙ୍କୁ ଦିଆଯାଇ ନାହିଁ ଏହି ସମ୍ମାନ ଦିଆଯାଇଛି ସେହି ଜିଦ୍‌କୁ, ସେହି ମମତାକୁ, ସେହି ତପସ୍ୟାକୁ ଯିଏ ଏକ ଅନୁର୍ବର ଓ ଖାଲି ପଡ଼ିଥିବା ଜମିକୁ ପୁଣି ଥରେ ସବୁଜିମାମୟ



କରିଦେଇଥିଲେ। ଦେବକୀ ଆମ୍ମା ଏହା ପ୍ରମାଣିତ କରିଛନ୍ତି ଯେ ଦୁନିଆ ବଦଳିବା ପାଇଁ ଆପଣଙ୍କୁ କୌଣସି ଡିଗ୍ରୀ, ପ୍ରଚୁର ଅର୍ଥ ବା ଯୁବାବସ୍ଥାର ଆବଶ୍ୟକ ପଡ଼େ ନାହିଁ। ଆବଶ୍ୟକ ହୁଏ କେବଳ ଏକ ବୀଜ ରୋପଣ କରି ତାକୁ ପିଲା ପରି ପାଳିବାର ଆଗ୍ରହ ଓ ଯତ୍ନର।

ଦେବକୀ ଆମ୍ମାଙ୍କ ଏହି କାହାଣୀ ଯେତିକି ସବୁଜିମାମୟ ମନେ ହେଉଛି ଏହାର ଆରମ୍ଭ ସେତିକି ଯନ୍ତ୍ରଣାଦାୟକ ଥିଲା। ୧୯୮୦ ଦଶକରେ ଦେବକୀ ଆମ୍ମା ଜଣେ ସାଧାରଣ ଗୃହିଣୀ ଓ ଜଣେ ସାଧାରଣ ଶିକ୍ଷକଙ୍କ ପତ୍ନୀ ଥିଲେ। ଜୀବନ ଯେତେବେଳେ ସାମାନ୍ୟ ଗତିରେ ଚାଲୁଥିଲା ଏକ କାର୍ ଦୁର୍ଘଟଣା ତାଙ୍କ ଦୁନିଆକୁ ଗୋଟିଏ ମୁହୂର୍ତ୍ତ ମଧ୍ୟରେ ଅଟକେଇ ଦେଇଥିଲା। ଡାକ୍ତର କହିଦେଇଥିଲେ ଯେ ସେ ଆଉ ଅଧିକ ଚଲାବୁଲା କରିପାରିବେ ନାହିଁ। ପାଦରେ ଲାଗିଥିଲା ଗମ୍ଭୀର ଆଘାତ। ଜୀବନ ବିଛଣା ଓ ଚେୟାର୍ ମଧ୍ୟରେ ସୀମିତ ହୋଇ ରହିଯାଇଥିଲା। ଜଣେ ସକ୍ରିୟ ମହିଳାଙ୍କୁ ଏପରି ସ୍ଥିତି ଧୀରେ ଧୀରେ ହତାଶା ଓ ଅବସାଦ ପରି ସ୍ଥିତିରେ ଘେରିବାକୁ ଲାଗିଲା। ଦିନ କାଟିବା ଯେତେବେଳେ ମୁସ୍କିଲ ଜଣାପଡୁଥିଲା ପ୍ରକୃତି ଏକ ଦ୍ୱାର ଖୋଲିଦେଇଥିଲା। ଏହା ଥିଲା ତାଙ୍କ ଘର ପଛପଟ ଦ୍ୱାର। ସେ ଅଧିକ ଦୂର ପର୍ଯ୍ୟନ୍ତ ଚାଲିପାରୁ ନଥିଲେ। ପ୍ରଥମେ ସେ ଘର ପଛ ପାର୍ଶ୍ୱରେ ଏକ ଗଛ ଲଗାଇଲେ, ସେହି ଗଛକୁ ପାଣିଦେଲେ। ତାଙ୍କୁ ଏକ ଅଜବ ପ୍ରକାରର ଶାନ୍ତି ମିଳିଥିଲା। ଯେପରି ଯେପରି ସେହି ଗଛ ବଡ଼ ହୋଇଥିଲା ନୂଆ କଢ଼ ସୃଷ୍ଟି ହୋଇଥିଲା। ଏହା ଦେଖିବା ପରେ ଦେବକୀ ଆମ୍ମାଙ୍କ ମନରେ ଜୀବନର ଏକ ନୂଆ କିରଣ ଜାଗ୍ରତ ହେଲା। ସେ ତାଙ୍କ ଶାରୀରିକ ଦୁର୍ବଳତାକୁ ନିଜର ତାକତ ଭାବରେ ଗ୍ରହଣ କରିଥିଲେ। ବୈଶାଖୀ ସାହାଯ୍ୟରେ ସେ ଚାଲି ଚାଲି ଯାଇ ମାଟି ଖୋଳି ଗଛ ଲଗାଇଲେ। କିଛି ଲୋକ ଏହାକୁ ତାଙ୍କର ପାଗଳପଣ ବୋଲି କହିଥିଲେ ମଧ୍ୟ ସେ କାହା କଥା ଶୁଣିନଥିଲେ। ଏହା କେବଳ ଗାର୍ଡେନ୍ଂ ନଥିଲା ତାଙ୍କ ପାଇଁ ଥିଲା ଏକ ଥେରାପି। ଏହା ତାଙ୍କୁ ବଞ୍ଚି ରହିବା ପାଇଁ ଖୁରାକ ଯୋଗାଇଥିଲା। ଗୋଟିଏ, ଦୁଇଟି ଗଛ ଲଗାଇବା ପରେ ପାଞ୍ଚ ଏକର ଜମିକୁ ସେ ଏକ ଘନ ଜଙ୍ଗଲରେ ପରିବର୍ତ୍ତିତ କରିଦେଇଥିଲେ। ଆଜି ଏହା ଏକ ସାଧାରଣ ବଗିଚା ହୋଇ ରହିନାହିଁ ଏହା ଏକ ଜଙ୍ଗଲ ହୋଇସାରିଛି ଯେଉଁଠାରେ ମାନବୀୟ ହସ୍ତକ୍ଷେପ ବହୁତ କମ୍ ଦେଖିବାକୁ ମିଳେ। ସେ ଶୁଖିଲା ପତ୍ରଗୁଡ଼ିକରୁ ଖାଦ ତିଆରି କରନ୍ତି। କେବଳ ଗଛ ଲଗାଇବା ତାଙ୍କର କାମ ନଥିଲା, ଜୈବ ବିବିଧତାକୁ ବଞ୍ଚେଇବା ଥିଲା ତାଙ୍କର କାମ। ତାଙ୍କର ଏହି ଜଙ୍ଗଲରେ ଅନେକ ଦୁର୍ଲଭ ଓ ଲୁପ୍ତପ୍ରାୟ ଔଷଧୀୟ ବୃକ୍ଷ ରହିଛି ଯେଉଁଥିରେ ସାମିଲ ଅଛି କୃଷ୍ଣାନାଲ୍ ପରି ଦୁର୍ଲଭ ବୃକ୍ଷ। ଆଜି ତାଙ୍କର ଏହି ଜଙ୍ଗଲ ପର୍ଯ୍ୟାବରଣବିତ୍‌ଙ୍କ ପାଇଁ ଏକ ଜୀବିତ ପ୍ରୟୋଗଶାଳା ହୋଇସାରିଛି। ଆଗାମୀ ପିଢ଼ି ପାଇଁ ଦେବକୀ ଆମ୍ମାଙ୍କ ଏହି ଜଙ୍ଗଲ ଏକ ଖୋଲା ପୁସ୍ତକ ହୋଇ ରହିବ।

ସ୍ୱାସ୍ଥ୍ୟ

## ମହିଳାଙ୍କ ଭିତରେ ଥାଇରଏଡ୍‌ର ବିପଦ



**କିଛି ମହିଳା ତାଙ୍କ ଜୀବନ କାଳ ମଧ୍ୟରେ ଅନେକ କିଛି କହିବା ପାଇଁ ଚାହାନ୍ତି। କିନ୍ତୁ ସମ୍ପର୍କର ମର୍ଯ୍ୟାଦା ବା ଘରର ଶାନ୍ତି ପାଇଁ ନିଜ ମନ କଥାକୁ ଦବେଇ ଦିଅନ୍ତି। ଯଦି ଆପଣ ଏହିପରି ଜଣେ ମହିଳା ତେବେ ଏହି ଖବର ଆପଣଙ୍କ ପାଇଁ ହୋଇଥାଇପାରେ। ସାଧାରଣତଃ ଆମେମାନେ ଥାଇରଏଡ୍‌କୁ କେବଳ ଏକ ହର୍ମୋନାଲ୍ ବେମାରୀ ମାନି ଔଷଧ ଖାଇଥାନ୍ତି। କିନ୍ତୁ ଆପଣ ଚୁପ୍ ରହିଲେ ଏହି ସମସ୍ୟା ବୃଦ୍ଧି ପାଇପାରେ। ଏ ସମୟରେ ମହିଳାମାନଙ୍କ ମଧ୍ୟରେ ଥାଇରଏଡ୍ ସମସ୍ୟା ଏକ ସାଧାରଣ ରୋଗ ହୋଇଗଲାଣି। ଏହାର କାରଣ କେବଳ ହର୍ମୋନ୍ସ ନୁହେଁ। ବେଳେ ବେଳେ ମହିଳାମାନେ ନିଜ ମନ କଥା କହିବା ବନ୍ଦ କରିଦିଅନ୍ତି। କେବେ ଘରେ ଚୁପ୍ ରହନ୍ତି ତ କେବେ ଅନ୍ୟ ସମ୍ପର୍କ ମଧ୍ୟରେ ଚୁପ୍ ରହି ବହୁତ ଅଧିକ ଆଡ୍‌ଜଷ୍ଟମେଣ୍ଟ କରିଥାନ୍ତି। ଯେବେ ଏହି ଅଭିବ୍ୟକ୍ତିଗୁଡ଼ିକ ଅଟକିଯାଏ ଗଳା ପାଖରେ ଥିବା ଥାଇରଏଡ୍ ଗ୍ରନ୍ଥି ଉପରେ ଖରାପ ପ୍ରଭାବ ପଡ଼େ।**

ସେମାନେ ସବୁ ପ୍ରକାର ସ୍ଥିତିରେ ଆଡ୍‌ଜଷ୍ଟ କରନ୍ତୁ ବୋଲି ସମାଜ ମହିଳାମାନଙ୍କ ଠାରୁ ବହୁତ କିଛି ଆଶା ରଖିଥାଏ। ଅଧିକ ଚାପ ଯୋଗୁ ମହିଳାମାନେ ନିଜ ଭାବନା, ନିଜର ଅସନ୍ତୋଷ ଓ ନିଜର ଆବଶ୍ୟକତାଗୁଡ଼ିକୁ ବ୍ୟକ୍ତ କରିବା ଛାଡ଼ି ଦିଅନ୍ତି। ବିଶେଷଜ୍ଞଙ୍କ ମତରେ ଯେତେବେଳେ ଏହି ଅଭିବ୍ୟକ୍ତିଗୁଡ଼ିକ ଅଟକିଯାଏ ଏହାର ସିଧା ପ୍ରଭାବ ପଡ଼େ ଗଳା ପାଖରେ ସ୍ଥିତ ଥାଇରଏଡ୍ ଗ୍ରନ୍ଥି ଉପରେ। ଏହି ଗ୍ରନ୍ଥି ଶରୀରର ମେଟାବୋଲିଜ୍‌ମ ଓ ରିଦିମ୍‌କୁ ମେଣ୍ଟେନ କରେ। କିନ୍ତୁ ମନ ଯେତେବେଳେ ଆଶାନ୍ତ ରହେ ଏହାର କାର୍ଯ୍ୟପ୍ରଣାଳୀ ବିଗିଡ଼ିଯାଏ।

ଯେତେବେଳେ ଜଣେ ନିଜ କଥା କହିପାରେ ନାହିଁ ତା'ର ନର୍ଭସ୍ ସିଷ୍ଟମ୍ ଲଗାତର ଷ୍ଟ୍ରେସ୍ ଭିତରେ ରହେ। ଏହି ଚାପ ପାଇଁ କୋର୍ଟିସୋଲ୍ ପରି ହର୍ମୋନ୍ ବୃଦ୍ଧି ହୁଏ ଓ ଥାଇରଏଡ୍ ଗ୍ରନ୍ଥିକୁ ସୁସ୍ତ କରିଦିଏ ତ କେବେ ସକ୍ରିୟ କରିଦିଏ।

### ମହିଳାମାନଙ୍କ ମଧ୍ୟରେ ଏହାର ଲକ୍ଷଣ:

**ଅଚାନକ ଓଜନ ବୃଦ୍ଧି ହେବା**-ଶରୀରର ମେଟାବୋଲିଜମ୍ ଇମୋସନାଲ୍ ଷ୍ଟ୍ରେସ୍ କାରଣରୁ ଧିମା ପଡ଼ିଯାଏ।

**କ୍ଲାନ୍ତି**-ଭୟଙ୍କର ଭାବରେ ମଣିଷ କ୍ଲାନ୍ତ ଅନୁଭବ କରେ। ଶୋଇକି ଉଠିବା ପରେ ମଧ୍ୟ କ୍ଲାନ୍ତ ଅନୁଭବ କରେ।

**ମୁଡ୍ ସ୍ୱିଙ୍ଗ ଓ କେଶ ଝଡ଼ିବା**-ଏହି ସମସ୍ୟାଗୁଡ଼ିକ କେବଳ ଭିଟାମିନ୍‌ର ଅଭାବ କାରଣରୁ ହୁଏ ନାହିଁ, ଦବି ଯାଇଥିବା ଇମୋସନ୍ସର ପ୍ରଭାବରୁ ହୋଇଥାଏ।

**ସଂକେତ**-ଥାଇରଏଡ୍ କମ୍ ବା ଅଧିକ ହେବା ଶରୀର ପାଇଁ ଏକ ସଂକେତ ପରି କାମ କରେ। ଏହି ସମସ୍ୟା ଚିତ୍କାର କରି କହେ ଯେ ଏବେ ନିଜ କଥା ଶୁଣିବା ବହୁତ ଜରୁରୀ। ଆମେ ଅନ୍ୟକୁ ଖୁସି ରଖିବା ପାଇଁ ନିଜକୁ ଅଣଦେଖା କରିଦିଅନ୍ତି ଓ ଶରୀର ଏହାକୁ ରୋଗ ଭାବରେ ବାହାରକୁ ବାହାର କରିଦିଏ।

**କିପରି ରକ୍ଷା ପାଇବେ**- ମନଖୋଲି କଥା କୁହନ୍ତୁ। ଲଢ଼େଇ କରିବା ଜରୁରୀ ନୁହେଁ। ନିଜ ଭାବନାକୁ ବ୍ୟକ୍ତ କରିବା ଆବଶ୍ୟକ। ପେଣ୍ଟିଂ, ଡ୍ୟାନ୍ସିଂ ବା ଡାଇରି ଲେଖିବା ଦ୍ୱାରା ନିଜର ଅଭିଭ୍ୟକ୍ତିକୁ ବ୍ୟକ୍ତ କରିପାରିବେ। ଗଳା ପାଇଁ ଉଜ୍ଜାୟୀ ପ୍ରାଣାୟମ୍ ଓ ଭ୍ରାମରୀ ଯୋଗ କୌଣସି ଚମତ୍କାର ପରି କାମ କରିବ। ଆବଶ୍ୟକ ପଡ଼ିଲେ କୌଣସି ଚିକିତ୍ସକଙ୍କ ସାହାଯ୍ୟ ନେଇପାରନ୍ତି।



ସୌନ୍ଦର୍ଯ୍ୟ ଓ ଖନ୍ଦାଶାଳ

## କେଶ ପାଇଁ ଚମତ୍କାର ଜୁସ୍



ସୁନ୍ଦର ଓ ଲମ୍ବା କେଶ ପାଇବା ପାଇଁ ସମସ୍ତଙ୍କର ଆଶା ଥାଏ। କିନ୍ତୁ ଆଜିର ଜୀବନଶୈଳୀରେ କେଶ ଝଡ଼ିବା ଓ ଏହା ବୃଦ୍ଧି ନହେବା ଏକ ସାଧାରଣ ସମସ୍ୟା ହୋଇଗଲାଣି। ଏଥିପାଇଁ ମହିଳାମାନେ ଦାମୀ ହେୟାର୍ ପ୍ରଡକ୍ଟସ୍‌ର ବ୍ୟବହାର କରୁଛନ୍ତି। କିନ୍ତୁ କେଶ ବୃଦ୍ଧି ହେବା ପାଇଁ ଶରୀରର ଆଭ୍ୟନ୍ତରୀଣ ସ୍ୱାସ୍ଥ୍ୟର ଆବଶ୍ୟକତା ରହିଛି। ସୌନ୍ଦର୍ଯ୍ୟ ଓ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ କେଶ ପାଇଁ ପୋଷଣର ଆବଶ୍ୟକ ହୁଏ। ଏଥିପାଇଁ ଏକ ପୋଷଣଯୁକ୍ତ ହେୟାର୍ ଗ୍ରୋଥ୍ ଜୁସ୍ ରହିଛି ଯାହା ପାଳଙ୍ଗ, ଅଁଳା ଓ କାକୁଡ଼ିର ଗୁଣରେ ଭରି ରହିଛି। ଏହି ଜୁସ୍ ନା କେବଳ ଆପଣଙ୍କ କେଶକୁ ମୂଳରୁ ମଜଭୁତ କରିବ କେଶରେ ପ୍ରାକୃତିକ ଚମକ ମଧ୍ୟ ଫେରାଇ ଆଣିବ। କେଶ ଲମ୍ବା ମଧ୍ୟ ହେବ।

**ଜୁସ୍ ପାଇଁ ଆବଶ୍ୟକ ସାମଗ୍ରୀ**-ପାଳଙ୍ଗ ପତ୍ର-୫୦ ଗ୍ରାମ, ଅଁଳା-୨ଟି, କାକୁଡ଼ି-୧ଟି ମଧ୍ୟମ ଆକାରର, ଅଦା-୧ ଇଞ୍ଚ, ପାଣି-୨୦୦ ମି.ଲି, କଳା ଲୁଣ-ଅଧା ଚାମଚ, ଲେମ୍ବୁ ରସ-ଅଧା ଚାମଚ।

**ପ୍ରଣାଳୀ**-ପ୍ରଥମେ ପାଳଙ୍ଗ ପତ୍ରକୁ ପରିଷ୍କାର ପାଣିରେ ୨-୩ ଥର ଧୋଇଦେବେ। ଅଁଳା ଓ କାକୁଡ଼ିକୁ ମଧ୍ୟ ଧୁଆଯିବ। ଏଗୁଡ଼ିକୁ ଛୋଟ ଛୋଟ କରି କାଟିବେ ଯେପରି ସହଜରେ ବ୍ଲେଣ୍ଡ୍ ହୋଇଯିବ। ମିକ୍ସି ଜାର୍‌ରେ ପାଳଙ୍ଗ, ଅଁଳା, କାକୁଡ଼ି, ଅଦା ଓ ଅଳ୍ପ ପାଣି ଦେଇ ଏକ ସ୍ମୁଦ୍ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ପ୍ରସ୍ତୁତ ମିଶ୍ରଣକୁ ଏକ ଛଙ୍କାରେ ଛାଣି ଦିଅନ୍ତୁ କିମ୍ବା ସୂତା କପଡ଼ା ସାହାଯ୍ୟରେ ଛାଣି ଜୁସକୁ ଅଲଗା କରନ୍ତୁ। ଜୁସ୍‌ରେ କଳା ଲୁଣ ଓ ଲେମ୍ବୁ ରସ ମିଶାଇବେ। ଏହା କେବଳ ଯେ ସ୍ୱାଦ ବୃଦ୍ଧି କରିଥାଏ ତାହା ନୁହେଁ ପୋଷକ ତତ୍ତ୍ୱଗୁଡ଼ିକର ଅବଶୋଷଣକୁ ମଧ୍ୟ ଆହୁରି ଉନ୍ନତମାନର କରିଥାଏ। ଏହି ତାଜା ଜୁସ୍‌କୁ ଥଣ୍ଡା କରି ପିଅନ୍ତୁ।

**କେଶ ପାଇଁ ବରଦାନ**-ପାଳଙ୍ଗରେ ଆୟରନ୍ ଓ ଭିଟାମିନ୍ ଏ ଓ ସି ପ୍ରଚୁର ମାତ୍ରାରେ ଥାଏ ଯାହା ସ୍କାଲ୍‌ପକୁ ସୁସ୍ଥ ରଖିଥାଏ। ଭିଟାମିନ୍-ସିର ଭଣ୍ଡାର ହେଉଛି ଅଁଳା ଯାହା କୋଲେଜନ ବୃଦ୍ଧି କରେ ଓ କେଶକୁ ଅସମୟରେ ଧଳା ହେବାରୁ ରକ୍ଷା କରେ। କାକୁଡ଼ି ଶରୀରକୁ ହାଇଡ୍ରେଟ୍ ରଖେ। ଅଦା ସ୍କାଲ୍‌ପରେ ରକ୍ତ ସଂଚାରକୁ ଉନ୍ନତ କରାଏ।

**ଟିପ୍ସ**-ଏହି ଜୁସ୍‌କୁ ଫ୍ରିଜରେ ରଖି ଦୁଇ ଦିନ ପର୍ଯ୍ୟନ୍ତ ପିଇପାରିବେ। କିନ୍ତୁ ତାଜା ଜୁସ୍ ତିଆରି କରି ପିଇଲେ ଏହାର ଲାଭ ତୁରନ୍ତ ମିଳିପାରେ। ତାଜା ଜୁସ୍‌ରେ ଆଣ୍ଟିଅକ୍ସିଡେଣ୍ଟର ମାତ୍ରା ରହିଛି। ନିୟମିତ ଭାବରେ ଖାଲି ପେଟରେ ଏହି ଜୁସ୍ ପିଇଲେ କିଛି ସପ୍ତାହ ମଧ୍ୟରେ କେଶର ଗଠନ ଓ ଲମ୍ବାଇରେ ପାର୍ଥକ୍ୟ ନଜର ଆସିବ।



## ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା
ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ** ବ୍ୟାପାରୀମାନଙ୍କ ପାଇଁ ଦିନଟି ଉତ୍ତମ। ଭାଗୀଦାରୀରେ ଡିଲ୍ ଫାଇନାଲ୍ କରିବେ। ପ୍ରିୟଜନଙ୍କ ସହିତ ମତଭେଦ ଦୂର ହେବ। ସମ୍ପର୍କ ଉପରେ ଜୋର୍ ଦେବେ। କାମ ଅଧାହୋଇ ରହିବ।

**ବୃଷ** ନେଣଦେଣ ମାମଲାରେ ସାବଧାନ ରହିବେ। କାମର ନୀତି ନିୟମ ଉପରେ ପୂରା ଧ୍ୟାନ ରହିବ। ଆବଶ୍ୟକ କାମ ଆଗକୁ ବଢ଼ିବ। ବ୍ୟବସାୟରେ ଖୁସି ଖବର ପାଇବେ। ରାଜନୀତିରେ ଥିବା ଲୋକମାନେ ସାବଧାନ ରହିବେ।

**ମିଥୁନ** ଦିନଟି ସକାରାତ୍ମକ ପରିଣାମ ନେଇ ଆସିବ। ପ୍ରତିଯୋଗିତାରୁ ଲାଭ ପାଇବେ। ବୁଦ୍ଧି ଯୋଗୁ ବଡ଼ ଲକ୍ଷ୍ୟ ପୂରଣ ହେବ। ଛୋଟପିଲାଙ୍କ ସହିତ ମଉଜମସ୍ତି କରିବେ। କୌଣସି ଖୁସି ଖବର ମିଳିପାରେ।

**କର୍କଟ** ଭୌତିକ ବସ୍ତୁ ଉପରେ ଫୋକସ୍ ରହିବ। ଧାର୍ମିକ କାର୍ଯ୍ୟରେ ଆସ୍ଥା ରହିବ। ନିକଟ ସମ୍ପର୍କୀୟଙ୍କ ଆଡ଼କୁ ଢ଼ଳି ରହିବେ। ସଂସ୍କାର ଓ ପରମ୍ପରା ଉପରେ ଧ୍ୟାନ ଦେବେ। ମିତ୍ରଙ୍କ ସ୍ୱାସ୍ଥ୍ୟ ଚିନ୍ତା ଘାରି ରହିବ।

**ସିଂହ** ଦିନଟି ସାହସ ଓ ପରାକ୍ରମର ବୃଦ୍ଧି ନେଇ ଆସିବ। ନୂଆ ଲୋକଙ୍କ ସହିତ ମିଳାମିଶା କରିବେ। ସାମାଜିକ କାର୍ଯ୍ୟ ଉପରେ ଧ୍ୟାନ କେନ୍ଦ୍ରିତ ହୋଇ ରହିବ। ଦୀର୍ଘ ଦିନର ଡିଲ୍ ଫାଇନାଲ୍ ହୋଇପାରେ।

**କନ୍ୟା** ଦିନଟି ଆନନ୍ଦମୟ ରହିବ। ବାଣୀ ଓ ବ୍ୟବହାର ପାଇଁ ଲୋକଙ୍କ ହୃଦୟ ଜିତିବେ। ବସ୍ ଆପଣଙ୍କ ଉପରେ ପ୍ରସନ୍ନ ରହିବେ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଲକ୍ଷ୍ୟ ଉପରେ ଧ୍ୟାନ ଦେବେ। ସମସ୍ୟା ଆସିପାରେ।

**ତୁଳା** ନୂଆ କାମର ଆରମ୍ଭ କରିବେ। ସନ୍ତାନର ମନକଥା ପୂରଣ କରିବେ। ବିଭିନ୍ନ କ୍ଷେତ୍ରରେ ଖୁବ୍ ଭଲ ପ୍ରଦର୍ଶନ କରିବେ। ନୂଆ ଶତ୍ରୁ ଉତ୍ପନ୍ନ ହୋଇପାରନ୍ତି। ସାମାଜିକ କ୍ଷେତ୍ରରେ ମାନ-ସମ୍ମାନ ପାଇବେ।

**ବିଛା** ଆର୍ଥିକ ଦୃଷ୍ଟିକୋଣରୁ ଦିନଟି ଉତ୍ତମ। ଧାର୍ ନନେଲେ ଆପଣଙ୍କ ପାଇଁ ଭଲ। ବ୍ୟବସାୟରେ ଧନ ନିବେଶ କରିଲେ ସମସ୍ୟାରେ ପଡ଼ିବେ। ଖର୍ଚ୍ଚ ବୃଦ୍ଧି ମୁଣ୍ଡବିନ୍ଧାର କାରଣ ହେବ।

**ଧନୁ** ଦିନଟି କୌଣସି ଖୁସି ଖବର ଆଣିପାରେ। ଶାସନ-ସତ୍ତାରୁ ପୂରା ସହଯୋଗ ମିଳିବ। ଦାୟିତ୍ୱକୁ ଖୁବ୍ ଭଲ ଭାବରେ ନିଭେଇବେ। କାର୍ଯ୍ୟକ୍ଷେତ୍ରରେ କୌଣସି ବଡ଼ ଉପଲବ୍ଧି ମିଳିପାରେ।

**ମକର** କଳା କୌଶଳରେ ସୁଧାର ହେବ। ଦିନଟି ମାନ-ସମ୍ମାନ ନେଇ ଆସିବ। ସାହସ ଓ ପରାକ୍ରମ ବୃଦ୍ଧି ହେବ। ଦୀର୍ଘକାଳୀନ ଯୋଜନାକୁ ଗତି ମିଳିବ। ପଦ-ପ୍ରତିଷ୍ଠା ବୃଦ୍ଧି ଯୋଗୁ ପ୍ରସନ୍ନ ରହିବେ।

**କୁମ୍ଭ** ଆଜି ମିଶ୍ରିତ ଫଳାଫଳ ପାଇବେ। ନୂଆ କାମର ପ୍ରାରମ୍ଭରେ ଭାଗ୍ୟର ସହଯୋଗ ପାଇବେ। କାମରେ ଆସୁଥିବା ବାଧାବିଘ୍ନ ଦୂର ହେବ। ବ୍ୟାପାରରେ ଲାଭ ପାଇବେ। ଅକସ୍ମାତ୍ ଯାତ୍ରା କରିପାରନ୍ତି।

**ମୀନ** ନେଣଦେଣ ମାମଲାରେ ସାବଧାନ ରହିବେ। ଚିନ୍ତା କରି କାମକୁ ଆଗକୁ ବଢ଼େଇବେ। ଅନେକ କାମ ଅସମ୍ପୂର୍ଣ୍ଣ ରହିପାରେ। ପରିଜନଙ୍କ ସହଯୋଗ ପାଇବେ। କାମରେ ଶୀଘ୍ରତା ଦେଖିବାକୁ ମିଳିବ।

## ଜବରଦଖଲ ଉଚ୍ଛେଦ ପାଇଁ ଅଭିଯୋଗ

**ସୋର,୧୧ା୨/ଏନ୍ଏନ୍ଏସ୍:** ସୋର ବ୍ଲକ୍ ମଧୁସୂଦନପୁର ପଞ୍ଚାୟତ ମଧୁସୂଦନପୁର ଗ୍ରାମର ଏକ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ଗ୍ରାମବାସୀମାନେ ସୋର ତହସିଲଦାର୍ଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ଏହି ଗ୍ରାମରେ ଥିବା ଖାତା ନମ୍ବର ୨୪୪ ଏବଂ ପ୍ଲଟ୍ ନମ୍ବର ୨୩୪ରେ ଥିବା ୩୨ ଡିସିମିଲ୍ ଜମି ରକ୍ଷିତ ଅନାବାଦୀ। ଫଳରେ ଏହି ଜମି ଦେଇ ଗ୍ରାମର ବସବାସ କରୁଥିବା ୧୨ ଶହରୁ ଊର୍ଦ୍ଧ୍ୱ ଲୋକେ ମୁଖ୍ୟରାସ୍ତାକୁ ଯାତାୟାତ କରନ୍ତି। କିନ୍ତୁ ଗ୍ରାମର କିଛି ବ୍ୟକ୍ତି ଏହି ଜମିକୁ ଜବରଦଖଲ କରିଛନ୍ତି। ଗ୍ରାମବାସୀମାନେ ଅଭିଯୋଗ କରିବାରୁ ସେମାନେ ଗ୍ରାମବାସୀଙ୍କୁ ମାଡ଼ ମାରିଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଥିଲା। ଏହିକ୍ରମେ ବୁଧବାର ଗ୍ରାମର ସୁକାନ୍ତି ମହାନ୍ତି, ଅନନ୍ତ ମହାନ୍ତି, ପ୍ରଦୀପ ମହାନ୍ତି, ସୁଲୋଚନା ମହାନ୍ତି, କୈଳାସ ନାୟକ, ଅନନ୍ତ ଧୀଦା, ପ୍ରଫୁଲ୍ଲ ନାୟକ, କୈଳାଶ ଧୀଦାଙ୍କ ସମେତ ଅନ୍ୟ ଗ୍ରାମବାସୀମାନେ ଏହି ଜବର ଦଖଲକୁ ଉଚ୍ଛେଦ କରିବା ପାଇଁ ସୋର ତହସିଲଦାର୍ ଦୈତାରୀ ମଲ୍ଲିକଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗମୂଳେ ତହସିଲଦାର୍ ଶ୍ରୀ ମଲ୍ଲିକ ତଦନ୍ତ ଆରମ୍ଭ କରିଛନ୍ତି।

## ୫ ଡମ୍ପର୍ ଜବତ

**ସୋର,୧୧ା୨/ଏନ୍ଏନ୍ଏସ୍:** ସୋର ତହସିଲ୍ ପକ୍ଷରୁ ପାଇକାଳି ନିକଟରେ ଥିବା ଏକ ଷ୍ଟକ୍ ପଏଣ୍ଟରେ ଚଢ଼ଉ କରାଯାଇ ୫ଟି ପଥରବୋଝେଇ ଡମ୍ପର୍ ଜବତ କରାଯାଇଛି। ବୁଧବାର ମଧ୍ୟାହ୍ନରେ ସୋର ତହସିଲଦାର୍ ଦୈତାରୀ ମଲ୍ଲିକ କୌଣସି ସୂତ୍ରରୁ ଖବରପାଇ ୧୬ ନମ୍ବର ଜାତୀୟ ରାଜପଥକଡ଼ରେ ଥିବା ଏହି ଷ୍ଟକ୍ରେ ଚଢ଼ଉ କରିଥିଲେ। ଏହି ସମୟରେ ବାଗୁଡ଼ିରୁ ବେଆଇନ ଭାବେ ପଥର ବୋଝେଇ କରି ଆସି ଉକ୍ତ ଷ୍ଟକ୍ରେ ଲୁଚା ଯାଇଥିବା ୫ଟି ପଥରବୋଝେଇ ଡମ୍ପର୍କୁ ଜବତ କରିଥିଲେ। ପରେ ଖବରପାଇ ଜିଲ୍ଲା ପରିବହନ ଅଧିକାରିଣୀ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଗୁଡ଼ିକୁ ଯାଞ୍ଚ କରିଥିଲେ। ପରେ ୫ଟି ଡମ୍ପର୍କୁ ଜବତ କରିବା ସହିତ ତହସିଲଦାର୍ ଶ୍ରୀ ମଲ୍ଲିକ ଖଣି ବିଭାଗକୁ ହସ୍ତାନ୍ତର କରିଛନ୍ତି। ତେବେ ଜବତ ଡମ୍ପର୍ ଗୁଡ଼ିକୁ ସୋର ଥାନା ଏବଂ ତହସିଲ୍ ପରିସରରେ ରଖାଯାଇଛି। ସମସ୍ତ ଗାଡ଼ିରୁ ଫାଇନ୍ ଆଦାୟ କରାଯିବ ବୋଲି କନିଷ୍ଠ ଖଣି ଅଧିକାରୀ ସମ୍ପିତ ମଣି ସୂଚନା ଦେଇଛନ୍ତି।

### ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡିର ବିକ୍ଷୋଭ

# ବସ୍ତି ଭାଙ୍ଗିବା ବନ୍ଦ ନହେଲେ ତୀବ୍ର ଆନ୍ଦୋଳନ ଚେତାବନୀ



**ବାରିପଦା,୧୧ା୨/ଏନ୍ଏନ୍ଏସ୍:** ରାଜ୍ୟରେ ବିଜେପି ସରକାର ଶାସନଭାର ଗ୍ରହଣ କରିବା ପରେ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚାଷୀ ମାରଣା ନୀତି, ଲଘୁ ଖଣିଜ ପଦାର୍ଥ ବ୍ୟାପକ ଚୋରାଚାଲାଣ, ବିପର୍ଯ୍ୟସ୍ତ ଆଇନ୍ ଶୃଙ୍ଖଳା ପରିସ୍ଥିତି ଓ ଧାନ କିଣାରେ ବ୍ୟାପକ ଅନିୟମିତତା ହେଉଥିବାର ଅଭିଯୋଗ ଆଣି ମୟୂରଭଞ୍ଜ ଜିଲ୍ଲା ବିଜେଡି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଜେପି ସରକାର ରାଜ୍ୟର ଶାସନଭାର ଗ୍ରହଣ କରିବା ପରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ଚାଷୀ ମାରଣ ନୀତିରେ ଧାନ ମଣ୍ଡିରେ କଟ୍ନି ଛଟ୍ନି କରି ଧାନ କିଣାରେ ବ୍ୟାପକ ଅନିୟମିତତା ହେଉଛି। ବିଜେପି ସରକାର ଧାନ ମିଲର୍ଙ୍କ ହାତବାରିସି ସାଜିଛନ୍ତି। ଚାଷୀମାନେ ମଣ୍ଡି ମିଲର୍ଙ୍କ ଦ୍ୱାରା ସମସ୍ୟାରେ ଛନ୍ଦି ହେଉଥିଲେ ସୁଦ୍ଧା ଏହାର ସମାଧାନ ନେଇ ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। କଟ୍ନି ଛଟ୍ନି ବନ୍ଦ କରିବା ପାଇଁ ମଣ୍ଡି ଗୁଡ଼ିକରେ ସ୍ପେଶାଲ୍ ସ୍କ୍ୱାଡ୍ ନିୟୋଜିତ କରିବା ବଦଳରେ ବିଜେପି ସରକାର ନିଦାବିଷ୍ଣୁ ସାଜି ମିଲର୍ଙ୍କ ଦ୍ୱାରା ପରିଚାଳିତ ହେଉଛନ୍ତି।

ସେହିପରି ବାରିପଦା ଓ ଅନ୍ୟାନ୍ୟ ସ୍ଥାନରେ ଥିବା ବହୁ ପୁରାତନ ବସ୍ତି ଗୁଡ଼ିକ ଭାଙ୍ଗିଦେଇ ଲୋକଙ୍କୁ ନିରାଶ୍ରୟ କରାଯାଉଛି। ଲୋକେ ମୁଣ୍ଡ ଗୁଞ୍ଜିବାକୁ ସ୍ଥାନ ନପାଇ ରାସ୍ତାକଡ଼ରେ ପଡ଼ି ରହୁଛନ୍ତି। ବିଜେପି ସରକାର ଜିଲ୍ଲା ପ୍ରଶାସନକୁ ହାତବାରିସି କରି ଗରିବ ଲୋକଙ୍କ ଘର ଭାଙ୍ଗି ବାସହୀନ କରିବା ଅତ୍ୟନ୍ତ ନିନ୍ଦନୀୟ। ଆଗାମୀ ଦିନରେ ଏଥିରେ ରୋକ୍ ନଲାଗିଲେ ବିଜେଡି ପକ୍ଷରୁ ତୀବ୍ର ଆନ୍ଦୋଳନ କରାଯିବ ବୋଲି ନେତୃମଣ୍ଡଳୀ ଚେତାବନୀ ଦେଇଛନ୍ତି। ଏହି ଅବସରରେ ଜିଲ୍ଲାର ସମସ୍ତ ନିର୍ବାଚନମଣ୍ଡଳୀର ବରିଷ୍ଠ ନେତା ଏବଂ କର୍ମୀ ହଜାର ହଜାର ସଂଖ୍ୟାରେ ସାମିଲ୍ ହୋଇ ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଜନମାରଣା ନୀତି ବିରୋଧରେ ପ୍ରତିବାଦ କରିବା ସହିତ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାଏକଙ୍କୁ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଜିଲ୍ଲା ଉପସଭାପତି ତଥା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ମୟୂରଭଞ୍ଜ-୨ ସଭାପତି ଡା. ଦେବାଶିଷ ମାର୍ଣ୍ଡି, ରାଜ୍ୟ ପ୍ରବକ୍ତା ପ୍ରିୟବ୍ରତ ମାଝୀ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ରାଇସେନ ମୁର୍ମୁ, ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ପୂର୍ବତନ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍, ପୂର୍ବତନ ସଭାପତି ଦେବାଶିଷ ମହାନ୍ତି, କାଶୀନାଥ ରଣା, ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି, ଏମ୍ସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ୍ ମହାନ୍ତି, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ୍, ରଞ୍ଜିତା ମାର୍ଣ୍ଡି, ଉପନଗରପାଳ ସୀମା ଦାସ, ସମ୍ପାଦକ ଲଲାଟେନ୍ଦୁ ବେହେରା, ଜିଲ୍ଲାପରିଷଦ ସଦ୍ୟସ ନରେନ୍ଦ୍ର ହାଁସଦା, ଦୁର୍ଗା ପ୍ରସାଦ ମାର୍ଣ୍ଡି, ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ଦୀପ୍ତିମୟୀ ମିଶ୍ର, ବିଜୁ ଯୁବ ଜନତା ଦଳ ସଭାପତି ଅରୁଣ ବରାଡ଼, ବିଜୁ ଛାତ୍ର ଜନତା ଦଳ ସଭାପତି ସୁନୀଲ ନାୟକ, ସମସ୍ତ ୱାର୍ଡ କାଉନସିଲର୍, ବ୍ଲକ୍ ଅଧ୍ୟକ୍ଷ ପ୍ରମୁଖଙ୍କ ସମେତ ହଜାର ହଜାର ମହିଳା ଓ ପୁରୁଷ ସାମିଲ୍ ହୋଇଥିଲେ।

# ଶିକ୍ଷକଙ୍କ ଘରେ ପଶିଲେ ୮ଜଣିଆ ସଶସ୍ତ୍ର ଡକାୟତ ଗ୍ୟାଙ୍ଗ୍

### ଜଣକୁ ଧରି ନିର୍ଦ୍ଧୁମ୍ ଛେଚିଲେ ଗ୍ରାମବାସୀ



**ବୈଶିଙ୍ଗା,୧୧ା୨/ଏନ୍ଏନ୍ଏସ୍:** ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ୍ ବୈଶିଙ୍ଗା ଥାନା ଅନ୍ତର୍ଗତ ଖୁଣ୍ଟାପୁର ଗ୍ରାମରେ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭ଟାରେ ଏକ ବଡ଼ ଧରଣର ଡକାୟତି ଘଟିଯାଇଛି। ୮ ଜଣିଆ ଡକାୟତ ଗ୍ୟାଙ୍ଗ ଘରେ ପଶି ଘର ମାଲିକଙ୍କୁ ଖୁବ୍ ମାଡ଼ ମାରିବା ସହ ଲକ୍ଷାଧିକ ଟଙ୍କା ସହ ସୁନାଗହଣା ଲୁଟି ନେଇଥିଲେ। ଏଥିରେ ସମ୍ପୃକ୍ତ ଗିରଫ ଅଭିଯୁକ୍ତକୁ ବୁଧବାର ବୈଶିଙ୍ଗା ପୁଲିସ୍ କୋର୍ଟଚାଲାଣ କରିଛି। ପ୍ରାପ୍ତ ସୂଚନା ମୁତାବକ ବୈଶିଙ୍ଗା ଥାନା ଅଧୀନ ଖୁଣ୍ଟାପୁର ଗ୍ରାମର ଚିନ୍ମୟ ମିଶ୍ର (୫୨) ଜଣେ ସଂସ୍କୃତ ବିଭାଗର ଶିକ୍ଷକ। ସେ ମଙ୍ଗଳବାର ଗ୍ରାମ ଦେବତୀ ମାଆ ଶିତଳାଙ୍କ ମନ୍ଦିରକୁ ସନ୍ଧ୍ୟା ଆଳତୀ ପାଇଁ ଯାଇ ଘରକୁ ଫେରିଥିଲେ। ତାଙ୍କ ସ୍ତ୍ରୀ ଶିକ୍ଷୟିତ୍ରୀ ଥିବାରୁ ଏହି ସମୟରେ ସ୍ଥାନୀୟ ବାଳିକା ବିଦ୍ୟାଳୟ ହଷ୍ଟେଲ୍କୁ ଯାଇଥିଲେ ଏବଂ ତାଙ୍କର ଦୁଇ ପୁଅ ଭୁବନେଶ୍ୱର ଯାଇଥିଲେ। ଯୋଜନାବଦ୍ଧ ଭାବେ ଶିକ୍ଷକ ଶ୍ରୀ ମିଶ୍ର ଏକୁଟିଆ ଥିବାର ସୁଯୋଗ ନେଇ ଡକାୟତ ଗ୍ୟାଙ୍ଗର ପ୍ରଥମେ ଦୁଇ ଜଣ ଘରର ବାହାର ପଟରୁ ଆସି ଶିକ୍ଷକ ଶ୍ରୀ ମିଶ୍ରଙ୍କ ସାନପୁଅ ପୂର୍ଣ୍ଣେନ୍ଦୁ ମିଶ୍ରଙ୍କୁ ଖୋଜିଥିଲେ। ସେ କହିବା ବେଳକୁ ଉକ୍ତ ୨ଜଣ ଚୋର ତାଙ୍କୁ ମାଡ଼ ମାରି ଘର ଭିତରକୁ ଠେଲି ନେଇଥିଲେ। ଲୁଚି ରହିଥିବା ଅନ୍ୟ ୬ ଜଣ ତୁରନ୍ତ ଘର ଭିତରକୁ ପଶି ଆସି ଶ୍ରୀ ମିଶ୍ରଙ୍କୁ ପିଟିବା ସହ ମାରଣାସ୍ତ୍ର ଦ୍ୱାରା ପ୍ରହାର କରି ତାଙ୍କ ଗୋଡ଼ ହାତ ବାନ୍ଧି ଦେଇଥିଲେ। ଏହି ସମୟରେ ଶିକ୍ଷକଙ୍କ ଘରୁ ନଗଦ ଟଙ୍କା ସହ ସୁନାଗହଣା ଲୁଟି ନେଇଥିଲେ। ସେ ଚିତ୍କାର କରିବାରୁ ସଙ୍ଗେ ସଙ୍ଗେ ସମସ୍ତ ଚୋର ବାଇକ୍ ଯୋଗେ ଖସି ଯାଇଥିଲେ। ହେଲେ ଜଣେ ଯାଇନପାରିବାରୁ ଗ୍ରାମବାସୀଙ୍କ ହାତରେ ଧରା ପଡ଼ିଥିଲେ। ଧରିବା ମାତ୍ରେ ତାଙ୍କୁ ଇଲେକ୍ଟ୍ରି ଖୁଣ୍ଟରେ ବାନ୍ଧି ଉତ୍ତ୍ୟକ୍ତ ଗ୍ରାମବାସୀ ନିର୍ଦ୍ଧୁମ୍ ଛେଚି ବୈଶିଙ୍ଗା ପୁଲିସ୍କୁ ଖବର ଦେବାସହ ଗୁରୁତର ଆହତ ଶିକ୍ଷକ ଚିନ୍ମୟ ମିଶ୍ରଙ୍କୁ ୧୦୮ ଯୋଗେ ବୈଶିଙ୍ଗା ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସ ସଦଳବଳେ ଘଟଣାସ୍ଥଳରେ ପହଞ୍ଚିଥିଲେ ସୁଦ୍ଧା ଗ୍ରାମବାସୀ ଧରାପଡ଼ିଥିବା ଚୋରକୁ ଛାଡ଼ି ନଥିଲେ । ଫଳରେ ବେତନଟୀ ପୁଲିସ୍ ଉପଖଣ୍ଡ ଅଧିକାରିଣୀ ମିନତୀ ବିଶ୍ୱାଳ ଏବଂ ଥାନାଧିକାରୀ ଶ୍ରୀ ଦାସ ଲୋକଙ୍କୁ ବୁଝାସୁଝା କରିବା ସହ ପ୍ରତିଶ୍ରୁତି ଦେବା ପରେ ଯାଇ ରାତି ପ୍ରାୟ ୯ଟା ୩୦ରେ ସେମାନେ ଉକ୍ତ ଚୋରକୁ ବୈଶିଙ୍ଗା ପୁଲିସ୍କୁ ହସ୍ତାନ୍ତର କରିଥିଲେ। ଏନେଇ ଆହତ ଶିକ୍ଷକଙ୍କ ପତ୍ନୀ ସୁଜାତା ରାଣୀ ପତି ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଆଧାର କରି ଏକ ମାମଲା ରୁଜୁ କରିବା ସହ ଗ୍ରାମବାସୀଙ୍କ ଦ୍ୱାରା ଧରାପଡ଼ି ଗିରଫ ହୋଇଥିବା ଅଭିଯୁକ୍ତକୁ ବିଭିନ୍ନ ଦଫାରେ ବୁଧବାର ଅପରାହ୍ନରେ ବୈଶିଙ୍ଗା ପୁଲିସ୍ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ବାଲେଶ୍ୱର ଜିଲ୍ଲା ଚାନ୍ଦଟିକିରି ଗ୍ରାମର ତାପସ କୁମାର ଦାଶ (୩୨) । ଏଥିରେ ଜଡ଼ିତ ଅନ୍ୟ ଅଭିଯୁକ୍ତ ଖୁବ୍ଶୀଘ୍ର ଧରାପଡ଼ିବେ ବୋଲି ପୁଲିସ୍ ସୂତ୍ରରୁ ପ୍ରକାଶ।

## ଶ୍ରୀରାମ ଚନ୍ଦ୍ର ଭଞ୍ଜ ଡିଗ୍ରୀ କଲେଜରେ ଆତ୍ମରକ୍ଷା ତାଲିମ୍ ଶିବିର




**ବାରିପଦା,୧୧ା୨/ଏନ୍ଏନ୍ଏସ୍:** ଶ୍ରୀରାମ ଚନ୍ଦ୍ର ଭଞ୍ଜ ଡିଗ୍ରୀ ମହାବିଦ୍ୟାଳୟରେ ଚାଲିଥିବା ଆଠ ଦିନିଆ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଅସୀମା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍ଯାପନୀ ଉତ୍ସବରେ ମହାବିଦ୍ୟାଳୟର ରାଜନୀତି ବିଭାଗର ଅଧ୍ୟାପକ ତଥା ଯୁବ ରେଡକ୍ରସ୍ କାଉନସେଲର୍ ଗୋପାଳ କୃଷ୍ଣ ମହାନ୍ତ, ଇଂରାଜୀ ବିଭାଗର ଅଧ୍ୟାପିକା ତଥା ଜାତୀୟ ସେବା ଯୋଜନାର ମହିଳା କାର୍ଯ୍ୟ ଅଧିକାରଣୀ କବିତା ମଞ୍ଜରୀ ମହାନ୍ତ, ଶିକ୍ଷା ବିଭାଗର ମୁଖ୍ୟ ତଥା ଆଇସିସିର ସଂଯୋଜିକା ଲିପିରେଖା ପଣ୍ଡା ଓ ଅର୍ଥନୀତି ବିଭାଗର ଅଧ୍ୟାପିକା ସରିତା ପୃଷ୍ଟି ପ୍ରମୁଖ ଯୋଗଦେଇ ଆଜିର ଯୁଗରେ ଛାତ୍ରୀମାନେ ଆତ୍ମରକ୍ଷା କୌଶଳ ଆପଣେଇବା ଜରୁରୀ ବୋଲି କହିଥିଲେ। ଏହି ଶିବିରରେ ମହାବିଦ୍ୟାଳୟର +୩ ପ୍ରଥମ ବର୍ଷ ଉଭୟ କଳା ଓ ବିଜ୍ଞାନ ଛାତ୍ରୀମାନେ ପ୍ରଶିକ୍ଷିକା ଆଦ୍ୟାଶ୍ରୀ ଦାସଙ୍କଠାରୁ ଆତ୍ମରକ୍ଷାର ବିଭିନ୍ନ କୌଶଳ ତାଲିମ୍ ନେଇଥିବାବେଳେ ଛାତ୍ରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ସୁଚିତ୍ରା ବେହେରା ଧନ୍ୟବାଦ ଦେଇଥିଲେ।

## ପଞ୍ଚାୟତ ସମିତି ବୈଠକ




**ଯୋଡ଼ା,୧୧ା୨/ଏନ୍ଏନ୍ଏସ୍:** କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ୍ରେ ୧୧ତମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୋଡ଼ା ବ୍ଲକ୍ ଅଧ୍ୟକ୍ଷ କବିନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଡିଓଡାନିସ ବେହେରା, ଯୋଡ଼ା ବ୍ଲକ୍ ସାଂସଦ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ନାଏକ, ବ୍ଲକ୍ ମୁଖ୍ୟଯନ୍ତ୍ରୀଙ୍କ ସମେତ ୧୯ଟି ପଞ୍ଚାୟତର ସମସ୍ତ ସରପଞ୍ଚ, ସମିତିସଭ୍ୟ ଓ ଜିଲ୍ଲାପରିଷଦ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ବୈଠକରେ ଅନୁସୂଚିତ ଜାତି ଓ ଜନଜାତି ସମାଜର ଉନ୍ନୟନ ବିକାଶ, ଶିଶୁ ବିକାଶ ଯୋଜନା, ସୁଭଦ୍ରା ଯୋଜନା, ସାଧାରଣ ସାମଗ୍ରୀ ବଣ୍ଟନ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଜଙ୍ଗଲ ଓ ପରିବେଶ କୃଷି, ଗ୍ରାମ ଉନ୍ନୟନ ଓ ବିଦ୍ୟୁତ୍ ଯୋଗାଣ ବିଭାଗ ସମ୍ବନ୍ଧରେ ବିଶେଷଭାବେ ଆଲୋଚନା ହୋଇଥିଲା। ଏଥିରେ ମୁଖ୍ୟତଃ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ପଦବୀ ଖାଲିଥିବା ପ୍ରସଙ୍ଗ ଯଥା କାଟେସହି ଏବଂ କୋହ୍ଲ ରୋଇଡ଼ା ସ୍କୁଲ୍ର ଶିକ୍ଷକ ସମସ୍ୟା, ସେରେଣ୍ଡା ବିଦ୍ୟାଳୟରେ କର୍ମଚାରୀ ସମସ୍ୟା ଓ କୋହ୍ଲବପଦା ସ୍କୁଲରେ ମହିଳା ଶିକ୍ଷକ ସମ୍ବନ୍ଧରେ ଲୋଇଡ଼ାପଦା ସରପଞ୍ଚ ବିଳାସିନୀ ଓରାମ, ସେରେଣ୍ଡା ସରପଞ୍ଚ ସସ୍ମିତା ସିଧୁ ଓ ସମିତିସଭ୍ୟ ଈଶ୍ୱର ଗିରି ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି କିଛି ପଞ୍ଚାୟତରେ ଉନ୍ନତିମୂଳକ କାର୍ଯ୍ୟ ଗୁଡ଼ିକ ସମୟସୀମା ମଧ୍ୟରେ କିପରି ସମ୍ପୂର୍ଣ୍ଣ ହେବ ସେନେଇ ବ୍ଲକ୍ ଅଧ୍ୟକ୍ଷ କବିନ୍ଦ୍ର ନାଏକ ସମୀକ୍ଷା କରିଥିଲେ।

## ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନଧନ ଯୋଜନା ସମ୍ପର୍କିତ ସଚେତନତା



**ବାଲେଶ୍ୱର,୧୧ା୨/ଏନ୍ଏନ୍ଏସ୍:** ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନଧନ (ପିଏମ୍ଏସ୍ୱାଇମ) ଯୋଜନା ସମ୍ପର୍କରେ ଏକ ସଚେତନତା ଏବଂ ପଞ୍ଜୀକୃତ କର୍ମଶାଳା ଆୟୋଜିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲାଶ୍ରମ କାର୍ଯ୍ୟାଳୟ ବାଲେଶ୍ୱର ଏହି ଯୋଜନା ବିଷୟରେ ସଚେତନା କାର୍ଯ୍ୟକ୍ରମ କରାଇ ଶ୍ରମଜୀବୀ ପୁରୁଷ ଓ ମହିଳାଙ୍କୁ ଉତ୍ସାହିତ କରିଥିଲେ। ଜଳେଶ୍ୱର ପୌରପାଳିକାର ଚେୟାରମ୍ୟାନ୍ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଜଳେଶ୍ୱର ବ୍ଲକ୍ ଦାୟିତ୍ୱରେ ଥିବା ସହ ଶ୍ରମ ଅଧିକାରିଣୀ ଶିବାଙ୍ଗୀ ହେମ୍ବ୍ରମ୍ ଓ ଅନ୍ୟ ସହ ଶ୍ରମଅଧିକାରିଣୀ ରାକ୍ଷୀ ବିଶ୍ୱାଳ ସରକାରଙ୍କ ଏହି ଯୋଜନା ବିଷୟରେ ବିସ୍ତୃତ ଭାବେ ବୁଝାଇବା ସହ ଉତ୍ସାହିତ କରିଥିଲେ। ଡାଟା ଏଣ୍ଟ୍ରି ଅପରେଟର୍ କୃଷ୍ଣ ଚନ୍ଦ୍ର ସ୍ୱାଇଁ ପରିଚାଳନାରେ ବିଶେଷ ଭୂମିକା ନେଇଥିବାବେଳେ କାର୍ଯ୍ୟକ୍ରମରେ ୪୦ରୁ ୫୦ ମହିଳା ଯୋଗ ଦେଇଥିଲେ।

## କଂଗ୍ରେସର ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା



**ସୋର,୧୧ା୨/ଏନ୍ଏନ୍ଏସ୍:** ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ବିଭିନ୍ନ ବ୍ଲକ୍ ଓ ନଗରରେ ସଭାପତି ଦାୟିତ୍ୱ ବଣ୍ଟାଯାଇଛି। ଏଥିରେ ନୂତନ ଭାବେ ଦାୟିତ୍ୱ ନେଇଥିବା ସମସ୍ତ ପଦାଧିକାରୀଙ୍କୁ ତୃଣମୂଳସ୍ତରରୁ ଦଳକୁ ସୁଦୃଢ଼ କରିବାକୁ ଗୁରୁମନ୍ତ୍ର ଦିଆଯାଇଛି। ସୋର ବ୍ଲକ୍ରେ ସଭାପତି ଭାବେ ସିଙ୍ଗାଖୁଣ୍ଟା ପଞ୍ଚାୟତ ସରଳିଆ ଗ୍ରାମର ଯୋଗେନ୍ଦ୍ର ଜେନାଙ୍କୁ ନୂତନ ଦାୟିତ୍ୱ ମିଳିଛି। ଶ୍ରୀ ଜେନା ପୂର୍ବରୁ ଲଗାତର ଭାବେ ୩ଥର ସରପଞ୍ଚ ଏବଂ ଥରେ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ । ସେହିପରି ସୋର ପୌରାଞ୍ଚଳ ୧୩ ନମ୍ବର ୱାର୍ଡର ରାଜେନ୍ଦ୍ର ମହାନ୍ତିଙ୍କୁ ନଗର ସଭାପତି ଦାୟିତ୍ୱ ଦିଆଯାଇଛି। ପୂର୍ବରୁ ଶ୍ରୀ ମହାନ୍ତି ନଗର ସଭାପତି ଭାବେ ସଫଳତାର ସହ କାର୍ଯ୍ୟନିର୍ବାହ କରିଥିଲେ। ଶ୍ରୀ ମହାନ୍ତି ଏବେ ୧୨ ନମ୍ବର ୱାର୍ଡର ପାରିଷଦ ଅଛନ୍ତି। ସେହିପରି ପ୍ରାକ୍ତନ ବ୍ଲକ୍ ସଭାପତି ଶ୍ରୀକାନ୍ତ ଜେନାଙ୍କୁ ଜିଲ୍ଲା ଉପସଭାପତି ଭାବେ ଦାୟିତ୍ୱ ମିଳିଛି। ମଙ୍ଗଳବାର ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ବୁଧବାର ଅପରାହ୍ନରେ ସୋର କଂଗ୍ରେସ ଭବନରେ ଏକ ସମ୍ବର୍ଦ୍ଧନା ସଭା ମୋତିଲାଲ୍ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ଦଳକୁ ତୃଣମୂଳସ୍ତରରୁ ସୁଦୃଢ଼ କରିବା ପାଇଁ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହାସହ ୩ ଜଣ ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୁବନେତା ରାଜେଶ ମହାପାତ୍ର, ବରିଷ୍ଠ କଂଗ୍ରେସ ନେତା ଗୌରାଙ୍ଗ ତ୍ରିପାଠୀ, ସତ୍ୟନାରାୟଣ ମହାପାତ୍ରଙ୍କ ସମେତ ବ୍ଲକ୍ର ୨୪ଟି ପଞ୍ଚାୟତରୁ ମୁଖ୍ୟ କର୍ମୀଙ୍କ ସହ ଯୁବ ଓ ଛାତ୍ର କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

## ବିଧାୟକଙ୍କ ଦ୍ୱାରା ସ୍ୱାସ୍ଥ୍ୟସେବା ଶିବିର ଉଦ୍ଘାଟିତ




**ତେଲକୋଇ,୧୧ା୨/ଏନ୍ଏନ୍ଏସ୍:** ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗଙ୍କ କେନ୍ଦୁପତ୍ର ସଂସ୍ଥା, ଏସ୍ବିଆଇ ଫାଉଣ୍ଡେସନ୍ ଓ କିଓ୍ୱର୍ ବେଞ୍ଚର ମିଳିତ ପ୍ରୟାସରେ କେନ୍ଦୁଝର କେନ୍ଦୁପତ୍ର ବନଖଣ୍ଡ ଅଧିନସ୍ଥ ଆକୁଳ ବନାଞ୍ଚଳର ମଲଣ୍ଡା ପ୍ରାଥମିକ ବିଦ୍ୟାଳୟରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ତେଲକୋଇ ନିର୍ବାଚନମଣ୍ଡଳୀର ବିଧାୟକ ଡାକ୍ତର ଫକୀରମୋହନ ନାଏକ ଯୋଗଦେଇ ଶିବିର ଉଦ୍ଘାଟନ କରି ଉପସ୍ଥିତ ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। କେନ୍ଦୁଝର କେନ୍ଦୁପତ୍ର ବନଖଣ୍ଡ ଅଧିକାରୀ ଏଚ୍ ଡି ଧନରାଜ ସ୍ୱାସ୍ଥ୍ୟସେବା ଶିବିରର ଆଭିମୁଖ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ଏସିଏଫ୍ ସ୍ୱାଗତିକା ସାହୁ, ଶିବାଜୀ ମୋହନ ରାଓ, କେନ୍ଦୁଝର ସାଂସଦଙ୍କ ତେଲକୋଇ ବ୍ଲକ୍ ପ୍ରତିନିଧି ହରିହର ପ୍ରଧାନ, ବିଧାୟକଙ୍କ ତେଲକୋଇ ବ୍ଲକ୍ ପ୍ରତିନିଧି ପଦ୍ମଲୋଚନ ସାହୁ, ଆକୁଳ ପଞ୍ଚାୟତ ସରପଞ୍ଚ କୁଳମଣି ଫୁଦୁକାର ଓ କ୍ୟାମ୍ପ ପ୍ରବନ୍ଧକ ସୁଜିତ କୁମାର ମଙ୍ଗଳ ପ୍ରମୁଖ ଯୋଗ ଦେଇଥିଲେ। ଡାକ୍ତର ଦେବବ୍ରତ ଉପାଧ୍ୟାୟ ଏବଂ ଡାକ୍ତର ମନମୋହନ ବେହେରା ମଲଣ୍ଡା, ବନ୍ଧନଝରୀ, ଆକୁଳ, କାନ୍ତଲସୁଆଁ, ପଡ଼ାଙ୍ଗ ଓ ଗୋପୀନାଥପୁର ଆଦି ଗ୍ରାମର ୨୧୦ ଜଣ ରୋଗୀଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପ୍ରଦାନ କରିଥିଲେ।

### ତିହିଡ଼ି ମହୋତ୍ସବର ତୃତୀୟ ସନ୍ଧ୍ୟା

# 'ମାଟିର ସନ୍ତାନମାନେ ନିଜ ପ୍ରତିଭା ବଳରେ ସମଗ୍ର ଓଡ଼ିଶାକୁ ଆଲୋକିତ କରିଛନ୍ତି'

**ତିହିଡ଼ି,୧୧ା୨/ଏନ୍ଏନ୍ଏସ୍:** ଭଦ୍ରକ ଜିଲ୍ଲା 'ତିହିଡ଼ି ମହୋତ୍ସବ'ର ତୃତୀୟ ସନ୍ଧ୍ୟା ବେଶ୍ ଉତ୍ସାହ ମଧ୍ୟରେ ସମ୍ପନ୍ନ ହୋଇଛି। ମହୋତ୍ସବ କମିଟିର ସଭାପତି ସୋମନାଥ ପାଢ଼ୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ପ୍ରବଚକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଓ ଭଦ୍ରକ ଅତିରିକ୍ତ ଆରକ୍ଷୀ ନିରୀକ୍ଷକ ଅଂଶୁମାନ ଦ୍ୱିବେଦୀ ଅତିଥିଭାବେ ଯୋଗଦେଇ ଏହି ମାଟିର ସନ୍ତାନମାନେ ନିଜ ପ୍ରତିଭା ବଳରେ ସମଗ୍ର ଓଡ଼ିଶାକୁ ଆଲୋକିତ କରିଛନ୍ତି ବୋଲି କହିଥିଲେ। ଏହି ଅବସରରେ ଐତିହାସିକ ଶ୍ୟାମା କ୍ଲବ୍ର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଏହାର ପ୍ରତିଷ୍ଠାର ମୁଖ୍ୟ କର୍ଣ୍ଣଧାର ବୃନ୍ଦାବନ ଜେନା, ହେମନ୍ତ ମହାପାତ୍ର ଓ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ କୃପାସିନ୍ଧୁ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ମନମୋହିଲା ଶାଶ୍ୱତ ଯୋଶୀଙ୍କ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ

ଏହି ଅବସରରେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଓଡ଼ିଶୀ ନୃତ୍ୟଶିଳ୍ପୀ ଶାଶ୍ୱତ ଯୋଶୀ ଏବଂ ଦେବଦାସୀର ସମସ୍ତ ବିଜେତାଙ୍କ ନୃତ୍ୟ କଳା ପ୍ରଦର୍ଶନ ମୁଖ୍ୟ ଆକର୍ଷଣ ଥିଲା। ସେମାନଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ ଏବଂ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ମୟୂରଭଞ୍ଜ କଳାକାରଙ୍କ ଛଉ ନୃତ୍ୟ ଦର୍ଶକଙ୍କ ମନ ଜିଣିଥିଲା। ଏଥିସହ ଡକ୍ଟର୍ ଅମୂଲ୍ୟ ସେନାପତି ଏବଂ ଯଯାତି କେଶରୀ ଦାସଙ୍କ ସଞ୍ଚାଳନରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ବିଭିନ୍ନ ଡ୍ୟାନ୍ସ ଗ୍ରୁପ୍ର ପିଲାମାନେ ମଧ୍ୟ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଉପସଭାପତି ଡକ୍ଟର ଲକ୍ଷ୍ମୀଧର ତ୍ରିପାଠୀ ସଞ୍ଚାଳନ କରିଥିଲେ। ଏହି ମହୋତ୍ସବକୁ ସଫଳ କରିବାରେ ଧୀରେନ୍ଦ୍ର ସାହୁ, ଗିରିଜା ରମଣ ଜେନା, ପ୍ରଭାତ ଜେନା, ମନୋଜ ସେନାପତି, ସଚ୍ଚିକାନ୍ତ ନାୟକ, ପ୍ରିୟବ୍ରତ ପାଢ଼ୀ, ମନୋଜ ପାଣିଗ୍ରାହୀ, ଡ. ଅମୂଲ୍ୟ କୁମାର ସେନାପତି, ମିଡିଆ ସଂଯୋଜକ ନିରଞ୍ଜନ ବାରିକ, କୈଳାସ ବେହେରା, ବିସ୍ମୟ ବିହାରୀ ସାହୁ, ପ୍ରତାପ ଜେନା, ବସନ୍ତ ମହାପାତ୍ର, ନୀଳମଣି ସାବତ, ମୃତ୍ୟୁଞ୍ଜୟ ଦାସ, ସଞ୍ଜୟ ଦାସ ଓ ଶୁଭମ୍ ସାର୍ଥକ ଜେନାଙ୍କ ସମେତ ସମସ୍ତ କର୍ମକର୍ତ୍ତା ତଥା ତିହିଡ଼ି ବ୍ଲକ୍ର ସାମାଜିକ ସଂଗଠନର କର୍ମକର୍ତ୍ତାମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସମ୍ପାଦକ ନାଟ୍ୟକାର ଚନ୍ଦ୍ରକାନ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ।



# ଅଷ୍ଟ୍ରେଲିଆର ବିଜୟୀ ଅଭିଯାନ

- ଆୟର୍ଲାଣ୍ଡକୁ ୬୭ ରନ୍‌ରେ ହରାଇଲା
- ଷ୍ଟୋଇନିସ୍‌ଙ୍କ ୪୫ ରନ୍, ଜାମ୍ପା-ଏଲିସ୍‌ଙ୍କୁ ୪-୪ ଓ୍ବିକେଟ୍



**କଲମ୍ବୋ,୧୧।୨/ଏଜେନ୍ସି:** ଅଷ୍ଟ୍ରେଲିଆ ଚଳିତ ଟି-୨୦ ବିଶ୍ୱକପ୍‌ରେ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଟିମ୍ ଟୁର୍ଣ୍ଣାମେଣ୍ଟର ୧୪ଶ ମ୍ୟାଚ୍‌ରେ ଆୟର୍ଲାଣ୍ଡକୁ ୬୭ ରନ୍‌ରେ ହରାଇ ଦେଇଛି। ବୁଧବାର ଆର୍. ପ୍ରେମଦାସା ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ଅଷ୍ଟ୍ରେଲିଆ ୬ ଓ୍ବିକେଟ୍ ବିନିମୟରେ ୧୮୨ ରନ୍ କରିଥିଲା। ଜବାବରେ ଆୟର୍ଲାଣ୍ଡ ୧୬.୫ ଓଭର୍‌ରେ ମାତ୍ର ୧୧୫ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ନାଥନ୍ ଏଲିସ୍ ଓ ଆଦମ୍ ଜାମ୍ପା ୪-୪ ଓ୍ବିକେଟ୍ ନେଇଥିବା ମେଳେ ମାଥ୍ୟୁ କୁହନେମନ୍‌ଙ୍କୁ ଗୋଟିଏ ସଫଳତା ମିଳିଥିଲା।

ଲକ୍ଷ୍ୟର ପିଛା କରୁଥିବା ଆୟର୍ଲାଣ୍ଡର କ୍ୟାପ୍‌ଟେନ୍ ପଲଲ୍ ଷ୍ଟର୍ଲି ପ୍ରଥମ ବଲ୍‌ରେ ରିଟାୟର୍ ହର୍ଟ ହୋଇଥିଲେ। ପରେ ସେ ବ୍ୟାଟିଂ ପାଇଁ ଆସିନଥିଲେ। ଟିମ୍ ପକ୍ଷରୁ ଜର୍ଜ ଡକ୍‌ରେଲ୍ ସର୍ବାଧିକ ୪୧ ରନ୍ କରିଥିବା ବେଳେ ଲୋର୍କାନ୍ ଟକର୍ ୨୪ ରନ୍‌ର ଯୋଗଦାନ ଦେଇଥିଲେ। ଓପ୍ନର୍ ରୋସ୍ ଆଡାୟର୍ ଓ ମାର୍କ ଆଡାୟର୍ ୧୨-୧୨ ରନ୍ କରିଥିବା ବେଳେ ଗାରେଥ୍ ଡେଲାନୀଙ୍କ ବ୍ୟାଟ୍‌ରୁ ୧୧ ରନ୍ ବାହାରିଥିଲା।

ଏହା ପୂର୍ବରୁ ଅଷ୍ଟ୍ରେଲିଆ ପକ୍ଷରୁ ମାର୍କସ୍ ଷ୍ଟୋଇନିସ୍ ସର୍ବାଧିକ ୪୫ ରନ୍ କରିଥିଲେ। ଜୋଶ୍ ଇଂଗ୍ଲିସ୍ ଓ ମ୍ୟାଟ୍ ରେନ୍‌ଶାଁ ୩୭-୩୭ ରନ୍ କରିଥିବା ବେଳେ ଟ୍ରାଭିସ୍ ହେଡ୍ (୬) ଶସ୍ତାରେ ଆଉଟ୍ ହୋଇଥିଲେ। କାମେରନ୍ ଗ୍ରୀନ୍ ୨୧ ରନ୍ କରିଥିଲେ। ଆୟର୍ଲାଣ୍ଡ ପକ୍ଷରୁ ମାର୍କ ଆଡାୟର୍ ୨ଟି ଓ୍ବିକେଟ୍ ନେଇଥିଲେ। ମାଥ୍ୟୁ ହମ୍ଫ୍ରିଜ୍, ଜର୍ଜ ଡକ୍‌ରେଲ୍ ଏବଂ ହ୍ୟାରୀ ଟେକ୍ଟର୍‌ଙ୍କୁ ୧-୧ ସଫଳତା ମିଳିଥିଲା।

# ଓ୍ବେଷ୍ଟଇଣ୍ଡିଜ୍‌ର ଲଗାତାର ଦ୍ୱିତୀୟ ବିଜୟ



## ୩୦ ରନ୍‌ରେ ହାରିଲା ଇଂଲଣ୍ଡ

**ମୁମ୍ବାଇ,୧୧।୨/ଏଜେନ୍ସି:** ଓ୍ବେଷ୍ଟଇଣ୍ଡିଜ୍ ଟି-୨୦ ବିଶ୍ୱକପ୍‌ରେ ଲଗାତାର ଦ୍ୱିତୀୟ ବିଜୟ ହାସଲ କରିଛି। ଟିମ୍ ଗ୍ରୁପ୍-ସି' ମ୍ୟାଚ୍‌ରେ ଇଂଲଣ୍ଡକୁ ୩୦ ରନ୍‌ରେ ହରାଇ ଦେଇଛି। କ୍ୟାରିବିୟାନ୍ ଟିମ୍‌ର ଟୁର୍ଣ୍ଣାମେଣ୍ଟରେ ୧୦ ବର୍ଷ ପରେ ଇଂଲଣ୍ଡ ବିପକ୍ଷରେ ଏହା ପ୍ରଥମ ବିଜୟ। ଶେଷଥର ପାଇଁ ଟିମ୍ ୨୦୧୬ ବିଶ୍ୱକପ୍ ଫାଇନାଲ୍‌ରେ ଇଂଲଣ୍ଡକୁ ହରାଇଥିଲା। ବୁଧବାର ସ୍ଥାନୀୟ ଓ୍ବାଙ୍ଖେଡେ ଷ୍ଟାଡିୟମ୍‌ରେ ୧୯୭ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ଇଂଲିଶ୍ ଟିମ୍ ୧୮.୫ ଓଭର୍‌ରେ ୧୬୬ ରନ୍ କରି ଅଲ୍‌ଆଉଟ୍ ହୋଇଛି। ସାମ୍ କରନ୍ ଅପରାଜିତ ୪୩ ରନ୍ କରିଥିଲେ। ଜ୍ୟାକବ୍ ବେଥେଲ୍ ୩୩ ଏବଂ ଫିଲ୍ ସଲ୍ଟ ୩୦ ରନ୍‌ର ଯୋଗଦାନ ଦେଇଥିଲେ। ଗୁଡ଼ାକେଶ ମୋତି ୩ଟି ଓ୍ବିକେଟ୍ ନେଇଥିବା ବେଳେ ରୋଷ୍ଟନ୍ ଚେଜ୍‌ଙ୍କୁ ଦୁଇଟି ସଫଳତା ମିଳିଥିଲା। ଅକିଲ୍ ହୁସେନ୍, ରୋମାରିଓ ଶେଫର୍ଡ ଓ ଶମାର ଜୋସେନ୍ ୧-୧ ଓ୍ବିକେଟ୍ ନେଇଥିଲେ। ଟସ୍ ହାରି ବ୍ୟାଟିଂ ପାଇଥିବା ଓ୍ବେଷ୍ଟଇଣ୍ଡିଜ୍ ୬ ଓ୍ବିକେଟ୍ ବିନିମୟରେ ୧୯୬ ରନ୍ କରିଥିଲା। ଟିମ୍ ପକ୍ଷରୁ ଶେରଫନ୍ ରଦରଫୋର୍ଡ ୪୨ ବଲ୍‌ରେ ୭ ଛକା ଓ ଦୁଇ ଚୌକା ସହାୟତାରେ ଅପରାଜିତ ୭୬ ରନ୍ କରିଥିଲେ। ଏହା ବ୍ୟତୀତ ଜେସନ୍ ହୋଲ୍ଡର୍ ୩୩, ରୋଷ୍ଟନ୍ ଚେଜ୍ ୩୪, ଶିମରନ୍ ହେଟ୍‌ମେୟାର୍ ୨୩ ଓ ରୋଭମାନ୍ ପୋଓେଲ୍ ୧୪ ରନ୍‌ର ଇନିଂସ୍ ଖେଳିଥିଲେ। ଇଂଲଣ୍ଡ ପକ୍ଷରୁ ଜେମି ଓଭରଟନ୍ ଓ ଆଦିଲ୍ ରଶିଦ୍ ୨-୨ ଓ୍ବିକେଟ୍ ନେଇଥିବା ବେଳେ ଜୋଫ୍ରା ଆର୍ଚର୍ ଓ ସାମ୍ କରନ୍‌ଙ୍କୁ ୧-୧ ସଫଳତା ମିଳିଥିଲା।

## ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ୨୦୨୫-୨୬

# ପ୍ରଥମ ମ୍ୟାଚ୍‌ରେ ହାରିଲା ଭାରତ



**ଭୁବନେଶ୍ୱର,୧୧।୨/ଏଜେନ୍ସି:** ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍‌ରେ ଚାଲିଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ରାଉରକେଲା ଚରଣରେ ନିଜର ପ୍ରଥମ ମ୍ୟାଚ୍‌ରେ ବୁଧବାର ଆୟୋଜକ ଭାରତ ୧-୩ ଗୋଲ୍‌ରେ ବେଲ୍‌ଜିୟମ୍‌ଠାରୁ ହାରି ଯାଇଛି। ବେଲ୍‌ଜିୟମ୍ ପକ୍ଷରୁ ନେଲ୍‌ସନ୍ ଓନାନା (୨୩ତମ), ଥୋମାସ୍ କ୍ରଲ୍ସ (୫୩ତମ) ଏବଂ ଆର୍ନୋ ଭାନ୍ ଡିଜେଲ୍ (୫୭ତମ ମିନିଟ୍) ଗୋଲ୍ ତିନିଟି ସ୍କୋର୍ କରିଥିଲେ। ଭାରତ ପକ୍ଷରୁ ଏକମାତ୍ର ଗୋଲ୍‌ଟି ଶିଳାନନ୍ଦ ଲାକ୍ରା ୨୯ତମ ମିନିଟ୍‌ରେ ଦେଇଥିଲେ। ମ୍ୟାଚ୍‌ର ପ୍ରଥମ କ୍ୱାର୍ଟର୍ ବହୁ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା। ବେଲ୍‌ଜିୟମ୍ ଦୁଇଟି ଏବଂ ଭାରତ ଗୋଟିଏ ପେନାଲ୍ଟି କର୍ଣ୍ଣର୍ ପାଇଥିଲେ ମଧ୍ୟ ଏହା ଗୋଲ୍‌ଶୂନ୍ୟ ଭାବେ ଶେଷ ହୋଇଥିଲା। ଦ୍ୱିତୀୟ କ୍ୱାର୍ଟର୍‌ର ୨୧ ଏବଂ ୨୩ତମ ମିନିଟ୍‌ରେ ବେଲ୍‌ଜିୟମ୍‌କୁ ଦୁଇଟି ପେନାଲ୍ଟି କର୍ଣ୍ଣର୍ ମିଳିଥିଲେ ମଧ୍ୟ ଭାରତୀୟ ଗୋଲ୍‌କିପର୍ ପଓ୍ବନ୍ ଏହାକୁ ଚମତ୍କାର ଭାବେ ରୋକିଥିଲେ। ତେବେ ୨୩ତମ ମିନିଟ୍‌ରେ ଥୋମାସ୍ କ୍ରଲ୍ସଙ୍କ ଏକ ପାସ୍‌ରୁ ନେଲ୍‌ସନ୍ ଓନାନା ଗୋଲ୍ କରି ବେଲ୍‌ଜିୟମ୍‌କୁ ୧-୦ରେ ଅଗ୍ରଣୀ କରିଥିଲେ। ୨୯ତମ ମିନିଟ୍‌ରେ ଭାରତ ଆକ୍ରମଣ କରି ଏକ ପେନାଲ୍ଟି କର୍ଣ୍ଣର୍ ପାଇଥିଲା। ଅମିତ ରୋହିଦାସଙ୍କ ହିଟ୍‌କୁ ବେଲ୍‌ଜିୟମ୍ ଖେଳାଳି ରୋକି ଦେଇଥିବା ବେଳେ ଶିଳାନନ୍ଦ ଦ୍ରୁତ ଭାବେ ବଲ୍‌କୁ ଗୋଲ୍‌ପୋଷ୍ଟକୁ ପଠାଇ ସ୍ଥିତି ସମାନ କରିଥିଲେ। ୫୩ତମ ମିନିଟ୍‌ରେ ଭାରତ ପାଇଁ ଏକ ଉତ୍ତମ ସୁଯୋଗ ରହିଥିଲା। ନୀଳକାନ୍ତ ଶର୍ମା ଦେଇଥିବା ଏକ ସୁନ୍ଦର ପାସ୍‌କୁ କାର୍ତ୍ତି ସେଲ୍‌ଭମ୍ ଠିକ୍ ସମୟରେ ଉପଯୋଗ କରିପାରିନଥିଲେ। ଏହାପରେ ବେସ୍‌ଲାଇନ୍‌ରୁ ଲୁକାସ୍ ବାଲ୍‌ଥାଜାର୍‌ଙ୍କ ଏକ ପର୍‌ଫେକ୍ଟ ପାସ୍‌ରୁ ଗୋଲ୍ କରି ଥୋମାସ୍ କ୍ରଲ୍ସ ବେଲ୍‌ଜିୟମ୍‌କୁ ଆଗୁଆ କରିଥିଲେ। ପରେ ୫୭ତମ ମିନିଟ୍‌ରେ ଥୋମାସ୍ କ୍ରଲ୍ସଙ୍କଠାରୁ ପାଇଥିବା ପାସ୍‌କୁ ଆର୍ନୋ ଭାନ୍ ଡିଜେଲ୍ ଗୋଲ୍‌ରେ ପରିଣତ କରି ବେଲ୍‌ଜିୟମ୍‌କୁ ବିଜୟୀ କରାଇଥିଲେ।

## ଟି-୨୦ ବିଶ୍ୱକପ୍‌ରେ ଡବଲ୍ ସୁପର୍ ଓଭର୍ ରୋମାଞ୍ଚ

# ଆଫଗାନିସ୍ତାନକୁ ହରାଇଲା ସାଉଥ୍ ଆଫ୍ରିକା



**ଅହମଦାବାଦ,୧୧।୨/ଏଜେନ୍ସି:** ସାଉଥ୍ ଆଫ୍ରିକା ଚଳିତ ଟି-୨୦ ବିଶ୍ୱକପ୍‌ରେ ଆଫଗାନିସ୍ତାନକୁ ଡବଲ୍ ସୁପର୍ ଓଭର୍‌ରେ ହରାଇ ଦେଇଛି। ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ବୁଧବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟୁର୍ଣ୍ଣାମେଣ୍ଟ ଇତିହାସର ପ୍ରଥମ ଡବଲ୍ ସୁପର୍ ଓଭର୍ ଦେଖିବାକୁ ମିଳିଥିଲା। ଗ୍ରୁପ୍-ଡି'ର ଏହି ମ୍ୟାଚ୍‌ର ଦ୍ୱିତୀୟ ସୁପର୍ ଓଭର୍‌ରେ ସାଉଥ୍ ଆଫ୍ରିକା ୬ ବଲ୍‌ରେ ୨୩ ରନ୍ କରି ଆଫଗାନିସ୍ତାକୁ ୨୪ ରନ୍‌ର ଲକ୍ଷ୍ୟ ଦେଇଥିଲା। ଲକ୍ଷ୍ୟର ପିଛା କରୁଥିବା ଆଫଗାନିସ୍ତାନ ଟିମ୍ ଦ୍ୱିତୀୟ ବଲ୍‌ରେ ହି ମହମ୍ମଦ ନବୀଙ୍କ ଓ୍ବିକେଟ୍ ହରାଇଥିଲା। ଏହାପରେ ରହମାନୁଲ୍ଲାହ ଗୁରବାଜ ତୃତୀୟ ଚତୁର୍ଥ ଓ ପଞ୍ଚମ ବଲ୍‌ରେ ଲଗାତାର ତିନି ଛକା ମାରିଥିଲେ। ମାତ୍ର ଅନ୍ତିମ ବଲ୍‌ରେ ଆଉଟ୍ ହୋଇଯାଇଥିଲେ। ଏହା ପୂର୍ବରୁ ଟ୍ରିଷ୍ଟନ୍ ଷ୍ଟବ୍ସ ଓ ଡେଭିଡ୍ ମିଲର୍ ତିନି ଛକା ସହିତ ସାଉଥ୍ ଆଫ୍ରିକା ପାଇଁ ୨୩ ରନ୍ କରିଥିଲେ।

ପ୍ରଥମ ସୁପର୍ ଓଭର୍‌ରେ ଦୁଇ ଟିମ୍ ୧୭-୧୭ ରନ୍ କରିଥିଲେ। ସାଉଥ୍ ଆଫ୍ରିକା ପକ୍ଷରୁ ଟ୍ରିଷ୍ଟନ୍ ଷ୍ଟବ୍ସ ଫଜଲହକ୍ ଫାରୁକିଙ୍କ ବଲ୍‌ରେ ଛକା ମାରି ସ୍କୋର୍ ବରାବର କରିଥିଲେ।

୧୮୮ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଆଫଗାନିସ୍ତାନକୁ ବିଜୟ ପାଇଁ ଅନ୍ତିମ ଓଭର୍‌ରେ ୧୩ ରନ୍‌ର ଆବଶ୍ୟକତା ଥିଲା। ଓଭର୍‌ର ପ୍ରଥମ ବଲ୍‌ରେ କାଗିସୋ ରବାଡା ନୋ-ବଲ୍ ପକାଇଥିଲେ। ଏଥିରେ କ୍ୟାଚ୍ ମଧ୍ୟ ହୋଇଥିଲା, କିନ୍ତୁ ବ୍ୟାଟର୍ ଆଉଟ୍ ହୋଇନଥିଲେ ଏବଂ ଫ୍ରି-ହିଟ୍ ମିଳିଥିଲା। ଏହାପରେ ଗୋଟିଏ ଓ୍ବାଇଡ୍ ଏବଂ ପୁଣି ଏକ ଫ୍ରି-ହିଟ୍ ସାଉଥ୍ ଆଫ୍ରିକା ଉପରେ ଚାପ ବୃଦ୍ଧି କରିଥିଲା। ଦ୍ୱିତୀୟ ବଲ୍‌ରେ ନୁର୍ ଅହମଦ ଛକା ମାରି ମ୍ୟାଚ୍ ଆଫଗାନିସ୍ତାନ ଆଡ଼କୁ ମୋଡ଼ି ଦେଇଥିଲେ। ଏବେ ୪ ବଲ୍‌ରେ ୫ ରନ୍ ଦରକାର ଥିଲା। ପରବର୍ତ୍ତୀ ବଲ୍ ଡଟ୍ ରହିଥିଲା ଏବଂ ଚତୁର୍ଥ ବଲ୍ ନୋ-ବଲ୍ ହୋଇଥିଲା। ଏଥିରେ ନୁର୍ ଅହମଦ ଦୁଇ ରନ୍ ନେଇ ଟିମ୍‌କୁ ବିଜୟର ବହୁ ନିକଟରେ ପହଞ୍ଚାଇଥିଲେ। ଏହାପରେ ୩ ବଲ୍‌ରେ ମାତ୍ର ୨ ରନ୍‌ର ଆବଶ୍ୟକତା ଥିଲା। ପରବର୍ତ୍ତୀ ବଲ୍‌କୁ ନୁର୍ ଅହମଦ ଲଙ୍ଗ-ଅନ୍ ଆଡ଼କୁ ଶଟ୍ ଖେଳି ଦୁଇ ରନ୍‌ର ସହଜ ସୁଯୋଗ ସୃଷ୍ଟି କରିଥିଲେ। ମାତ୍ର ଏହିଠାରେ ମ୍ୟାଚ୍ ଓଲଟି ଯାଇଥିଲା। ଦ୍ୱିତୀୟ ରନ୍ ନେବାବେଳେ ଫଜଲହକ୍ ଫାରୁକି ଧୀମା ହୋଇଯାଇଥିଲେ ଏବଂ କାଗିସେ ରବାଡା ଦ୍ରୁତ ଗତିରେ ବଲ୍ ଉଠାଇ ତାଙ୍କୁ ରନ୍ ଆଉଟ୍ କରିଥିଲେ।

ଏହା ପୂର୍ବରୁ ଦୁଇ ଟିମ୍ ମଧ୍ୟରେ ମ୍ୟାଚ୍ ଟାଇ ହୋଇଥିଲା। ସାଉଥ୍ ଆଫ୍ରିକା ପ୍ରଥମେ ୬ ଓ୍ବିକେଟ୍ ବିନିମୟରେ ୧୮୭ ରନ୍ କରିଥିବା ବେଳେ ଆଫଗାନିସ୍ତାନ ୧୯.୪ ଓଭର୍‌ରେ ୧୮୭ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସାଉଥ୍ ଆଫ୍ରିକା କ୍ୟାପ୍‌ଟେନ୍ ଏଡେନ୍ ମାର୍କରମ୍ (୫) ଶସ୍ତାରେ ହରାଇବା ପରେ କ୍ୱିଣ୍ଟନ୍ ଡିକକ୍ (୫୯) ଓ ର୍‍ୟାନ୍ ରିକେଲ୍‌ଟନ୍ (୬୧) ଇନିଂସ୍ ସମ୍ଭାଳି ଦ୍ୱିତୀୟ ଓ୍ବିକେଟ୍ ପାଇଁ ୬୧ ବଲ୍‌ରେ ଦ୍ରୁତ ୧୧୪ ରନ୍‌ର ପାର୍ଟନରଶିପ୍ କରିଥିଲେ। ଏହା ବ୍ୟତୀତ ଡେଓ୍ବାଲ୍ଡ ବ୍ରେଭିସ୍ ୨୩, ମାର୍କୋ ଜାନ୍‌ସେନ୍ ୧୬ ଏବଂ ଡେଭିଡ୍ ମିଲର୍ ଅପରାଜିତ ୨୩ ରନ୍‌ର ଯୋଗଦାନ ଦେଇଥିଲେ। ଆଫଗାନିସ୍ତାନ ପକ୍ଷରୁ ଅଜମତୁଲ୍ଲାହ ଉମରଜାଇ ୩ଟି, ରଶିଦ୍ ଖାନ୍ ୨ଟି ଏବଂ ଫଜଲ୍‌ହକ୍ ଫାରୁକି ଗୋଟିଏ ଓ୍ବିକେଟ୍ ନେଇଥିଲେ।

ଲକ୍ଷ୍ୟର ପିଛା କରୁଥିବା ଆଫଗାନିସ୍ତାନ ୫୨ ରନ୍‌ରେ ୩ଟି ଗୁରୁତ୍ୱପୂର୍ଣ୍ଣ ଓ୍ବିକେଟ୍ ହରାଇଥିଲା। ଇବ୍ରାହିମ୍ ଜାଦରାନ୍ ୧୨ ରନ୍ କରିଥିବା ବେଳେ ଗୁଲ୍‌ବଦିନ୍ ନାଇବ୍ ଏବଂ ସେଦିକୁଲ୍ଲା ଅଟଲ ଖାତା ଖୋଲିବାକୁ ପୂର୍ବରୁ ଆଉଟ୍ ହୋଇଥିଲେ। ଏହାପରେ ରହମନୁଲ୍ଲା ଗୁରବାଜ୍ ଚତୁର୍ଥ ଓ୍ବିକେଟ୍ ପାଇଁ ଦାରଓ୍ବିଶ୍ ରସୁଲି (୧୫)ଙ୍କ ସହ ୬୯ ରନ୍ କରି ଟିମ୍‌କୁ ସମ୍ଭାଳିଥିଲେ। ତେବେ ତାଙ୍କ ଆଉଟ୍ ପରେ ଟିମ୍ ରନ୍ ଗତି ଧୀମା ହୋଇଯାଇଥିଲା। ଗୁରବାଜ୍ ୪୨ ବଲ୍‌ରେ ୪ ଚୌକା ଓ ୭ ଛକା ବଳରେ ବିସ୍ଫୋରକ ୮୪ ରନ୍ କରିଥିଲେ। ରଶିଦ୍ ଖାନ୍ ୨୦ ଏବଂ ନୁର୍ ଅହମଦ ଅପରାଜିତ ୧୫ ରନ୍‌ର ଯୋଗଦାନ ଦେଇଥିଲେ। ସାଉଥ୍ ଆଫ୍ରିକା ପକ୍ଷରୁ ସର୍ବାଧିକ ୩ଟି ଓ୍ବିକେଟ୍ ନେଇଥିବା ବେଳେ ତିନିଜଣ ବ୍ୟାଟର୍ ରନ୍‌ଆଉଟ୍ ହୋଇଥିଲେ।

# ଷ୍ଟୋକ୍ସ ମୁହଁରେ ସଫଳ ସର୍ଜରୀ



**ଲଣ୍ଡନ,୧୧।୨/ଏଜେନ୍ସି:** ଇଂଲଣ୍ଡର ଟେଷ୍ଟ କ୍ୟାପ୍‌ଟେନ୍ ବେନ୍ ଷ୍ଟୋକ୍ସଙ୍କ ମୁହଁର ସଫଳ ସର୍ଜରୀ ହୋଇଛି। କ୍ରିକେଟ୍ ବଲ୍ ବାଜିବା ଫଳରେ ଷ୍ଟୋକ୍ସଙ୍କ ମୁହଁରେ ବହୁ ଆଘାତ ଲାଗିଥିଲା। ୩୪ ବର୍ଷୀୟ ଷ୍ଟୋକ୍ସ ମଙ୍ଗଳବାର ନିଜ ଇନ୍‌ଷ୍ଟାଗ୍ରାମ୍ ଷ୍ଟୋରୀ ଶେୟାର୍ କରି ଏହି ସୂଚନା ଦେଇଛନ୍ତି। ଗତ ସପ୍ତାହରେ ଷ୍ଟୋକ୍ସଙ୍କୁ ଏହି ଆଘାତ ଲାଗିଥିଲା। ରିପୋର୍ଟ ଅନୁସାରେ ଆଘାତ ଲାଗିବା ବେଳେ ସେ ବ୍ୟାଟିଂ କିମ୍ବା ବୋଲିଂ କରୁନଥିଲେ, ବରଂ ନେଟ୍ସ ସେସନ୍ ଅବସରରେ ପାର୍ଶ୍ୱରେ ଛିଡ଼ା ହୋଇଥିଲେ। ଅଲ୍‌ରାଉଣ୍ଡର୍ ଷ୍ଟୋକ୍ସ ଗତ ମାସରେ ସିଡ୍‌ନୀରେ ଅଷ୍ଟ୍ରେଲିଆ ବିପକ୍ଷ ପଞ୍ଚମ ତଥା ଅନ୍ତିମ ଆଶେସ୍ ଟେଷ୍ଟ ଅବସରରେ ଆଡ୍‌କ୍ଟର୍ ଇଞ୍ଜୁରୀ କାରଣରୁ ପଡ଼ିଆ ଛାଡ଼ିଥିଲେ। ଏହା ପରଠାରୁ ସେ କ୍ରିକେଟ୍‌ଠାରୁ ଦୂରରେ ରହିଛନ୍ତି। ସେହିପରି ୨୦୨୩ ବିଶ୍ୱକପ୍ ପରେ ସେ ଇଂଲଣ୍ଡ ପକ୍ଷରୁ କୌଣସି ହ୍ୱାଇଟ୍-ବଲ୍ କ୍ରିକେଟ୍ ମଧ୍ୟ ଖେଳିନାହାନ୍ତି। ଭାରତ ଏବଂ ଶ୍ରୀଲଙ୍କାରେ ଆୟୋଜିତ ଚଳିତ ଟି-୨୦ ବିଶ୍ୱକପ୍ ପାଇଁ ମଧ୍ୟ ତାଙ୍କୁ ଇଂଲଣ୍ଡ ଟିମ୍‌ରେ ସାମିଲ କରାଯାଇ ନାହିଁ। ଜୁନ୍‌ରେ ନ୍ୟୁଜିଲାଣ୍ଡ ବିପକ୍ଷ ଘରୋଇ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ତାଙ୍କର ପ୍ରତ୍ୟାବର୍ତ୍ତନ ଘଟିପାରେ। ଏହା ପୂର୍ବରୁ ସେ କାଉଣ୍ଟି ଚାମ୍ପିଅନ୍‌ଶିପ୍‌ରେ ଡରହାମ୍ ପକ୍ଷରୁ ଖେଳିପାରନ୍ତି।

# ଏସିଆନ୍ ଶୁଟିଂ ଚାମ୍ପିଅନ୍‌ଶିପ୍: ଅନୀଶଙ୍କୁ ବ୍ରୋଞ୍ଜ୍

**ନୂଆଦିଲ୍ଲୀ,୧୧।୨/ଏଜେନ୍ସି:** ଏଠାରେ ଚାଲିଥିବା ଏସିଆନ୍ ଶୁଟିଂ ଚାମ୍ପିଅନ୍‌ଶିପ୍‌ରେ ବୁଧବାର ଭାରତୀୟ ଶୁଟର୍ ଅନୀଶ୍ ଭାନ୍‌ଓ୍ବାଲା ପୁରୁଷ ୨୫ ମିଟର ର୍‍ୟାପିଡ୍ ଫାୟର ପିସ୍ତଲ୍ ଇଭେଣ୍ଟରେ ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ୨୩ ବର୍ଷୀୟ ଅନୀଶ୍ ଫାଇନାଲ୍‌ରେ ୨୩ ହିଟ୍ସ ସହ ତୃତୀୟ ସ୍ଥାନରେ ରହିଥିଲେ। ଜାପାନର ହୋଶିଓକା ଦାଇ ୩୧ ହିଟ୍ସର ବିଶ୍ୱ ରେକର୍ଡ ସ୍କୋର୍ ସହ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ କଜାଖସ୍ତାନର ନିକିତା ଚିର୍‌ୟୁକିନ୍ (୨୮ ହିଟ୍ସ) ରୌପ୍ୟ ପଦକ ନିଜ ନାମରେ କରିଛନ୍ତି। ୮ ଶୁଟର୍ ଫାଇନାଲ୍‌ରେ ସ୍ଥାନ ପାଇଥିବା ଅନ୍ୟତମ ଭାରତୀୟ ଆଦର୍ଶ ସିଂହ (୧୧) ୬ଷ୍ଠ ସ୍ଥାନରେ ରହିଥିଲେ। କ୍ୱାଲିଫିକେସନ୍ ରାଉଣ୍ଡରେ ଭବେଶ ଶେଖାଓ୍ବତ୍ (୫୭୭) ତୃତୀୟ ସ୍ଥାନରେ ରହିଥିଲେ। ତେବେ ସେ କେବଳ ର୍‍ୟାଙ୍କିଙ୍ଗ୍ ପଏଣ୍ଟ (ଆର୍‌ପିଓ) ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଫାଇନାଲ୍‌ରେ ଭାଗ ନେଇନଥିଲେ। ଅନୀଶ (୫୭୪) ଏବଂ ଆଦର୍ଶ (୫୭୩) ସପ୍ତମ ଓ ଅଷ୍ଟମ ସ୍ଥାନରେ ରହିଥିଲେ। ଜୁନିୟର୍ ପୁରୁଷ ଫାଇନାଲ୍‌ରେ ସୁରଜ ଶର୍ମା (୨୩) ରୌପ୍ୟ ପଦକ ଜିତିଥିବା ବେଳେ ମୁକେଶ ନେଲାଭଲ୍ଲି (୧୯) ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି। ଇଣ୍ଡୋନେସିଆର ମୁହମଦ ଫଓ୍ବାଜ୍ ଆଦିତିଆ ଫାରେଲ୍ ଜୁନିୟର୍ ବିଶ୍ୱ ରେକର୍ଡ ସ୍କୋର୍ ୨୯ ସହିତ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

## ଆଇସିସି ଟି-୨୦ ର୍‍ୟାଙ୍କିଙ୍ଗ୍

# ଅଭିଷେକ ଓ ବରୁଣ ଶୀର୍ଷରେ ସ୍ଥିର

**ଦୁବାଇ,୧୧।୨/ଏଜେନ୍ସି:** ଟି-୨୦ ବିଶ୍ୱକପ୍ ମଧ୍ୟରେ ଆଇସିସି ପକ୍ଷରୁ ସଦ୍ୟତମ ଟି-୨୦ ର୍‍ୟାଙ୍କି ଜାରି କରାଯାଇଛି। ଏଥିରେ ଭାରତୀୟ ଖେଳାଳିଙ୍କ ଦବ୍‌ଦବା ବଜାୟ ରହିଛି। ଓପ୍ନର୍ ଅଭିଷେକ ଶର୍ମା ବ୍ୟାଟର୍‌ଙ୍କ ସୂଚୀରେ ନମ୍ବର-୧ ସ୍ଥାନରେ ରହିଥିବା ବେଳେ ସ୍ପିନର୍ ବରୁଣ ଚକ୍ରବର୍ତ୍ତୀ ବୋଲର୍‌ଙ୍କ ର୍‍ୟାଙ୍କିଙ୍ଗ୍‌ର ଶୀର୍ଷରେ ରହିଛନ୍ତି। ଏହା ମଧ୍ୟ ଜିମ୍ବାଓ୍ବେ କ୍ୟାପ୍‌ଟେନ୍ ସିକନ୍ଦର ରଜା ଚମତ୍କାର ପ୍ରଦର୍ଶନ ଦମ୍‌ରେ ଅଲ୍‌ରାଉଣ୍ଡର୍ ର୍‍ୟାଙ୍କିଙ୍ଗ୍‌ର ପ୍ରଥମ ସ୍ଥାନ ହାସଲ କରିଛି।

## ସିକନ୍ଦର ରଜା ନମ୍ବର-୧ ଅଲ୍‌ରାଉଣ୍ଡର୍



ଭାରତୀୟ ଓପ୍ନର୍ ଅଭିଷେକ ଶର୍ମା ୯୦୯ ରେଟିଂ ପଏଣ୍ଟ ସହ ବ୍ୟାଟର୍‌ଙ୍କ ସୂଚୀର ଶୀର୍ଷ ସ୍ଥାନରେ ସ୍ଥିର ରହିଛନ୍ତି। ସେ ଇଂଲଣ୍ଡର ଫିଲ୍ ସଲ୍ଟ (୮୨୧), ପାକିସ୍ତାନର ସାହିବଜାଦା ଫରହାନ୍ (୭୬୯), ଇଂଲଣ୍ଡର ଜୋସ୍ ବଟ୍‌ଲର୍ (୭୬୬) ଏବଂ ଶ୍ରୀଲଙ୍କା ପଥୁମ ନିସାଙ୍କା (୭୫୪)ଙ୍କୁ ପଛରେ ପକାଇ ଦେଇଛନ୍ତି। ଅନ୍ୟ ଖେଳାଳିଙ୍କ ମଧ୍ୟରେ ଶ୍ରୀଲଙ୍କାର କୁସଳ ମେଣ୍ଡିସ୍ ୬ ସ୍ଥାନର ସୁଧାର ସହ ଦ୍ୱାଦଶରେ ପହଞ୍ଚିଛନ୍ତି। ସ୍କଟ୍‌ଲାଣ୍ଡର ଜର୍ଜ ମୁନ୍‌ସେ ଭାରତର ଇଶାନ୍ କିଶନ୍ ଏବଂ ନେଦରଲାଣ୍ଡସର ମାଇକେଲ୍ ଲେଭିଟ୍ ମଧ୍ୟ ଉଲ୍ଲେଖନୀୟ ସୁଧାର କରିଛନ୍ତି।

ବୋଲିଂ ର୍‍ୟାଙ୍କିଙ୍ଗ୍‌ରେ ବରୁଣ ଚକ୍ରବର୍ତ୍ତୀ ଶୀର୍ଷସ୍ଥାନ ବଜାୟ ରଖିଥିବା ବେଳେ ପାକିସ୍ତାନର ଅବରାର୍ ଅହମଦଙ୍କଠାରୁ ସାମାନ୍ୟ ଆଗୁଆ ଅଛନ୍ତି। ଶ୍ରୀଲଙ୍କାର ଓ୍ବାନିନ୍ଦୁ ହସରଙ୍ଗା ଗୋଟିଏ ସ୍ଥାନର ଲାଭ ସହିତ ପଞ୍ଚମରେ ପହଞ୍ଚିଛନ୍ତି। ଏହା ବ୍ୟତୀତ ଅର୍ଶଦୀପ ସିଂହ ୩ ସ୍ଥାନର ସୁଧାର ସହ ଏକାଦଶ, ସଲମାନ୍ ମିର୍ଜା ୯ ସ୍ଥାନ ଉପରକୁ ଉଠି ୧୩ଶ, ବ୍ରାଡ୍ ଇଭାନ୍ସ ୧୬ ସ୍ଥାନ ଉପରକୁ ଉଠି ୧୫ ନମ୍ବରରେ ପହଞ୍ଚିଛନ୍ତି। ସେହିପରି ମିଚେଲ୍ ସାଣ୍ଟନର୍ ଚାରିସ୍ଥାନ ଏବଂ ବ୍ରାଡ୍‌ଲି କରି ୨୫ ସ୍ଥାନର ଲମ୍ଫ ପ୍ରଦାନର କରି ୨୪ତମ ନମ୍ବରରେ ରହିଛନ୍ତି। ଟି-୨୦ ଅଲ୍‌ରାଉଣ୍ଡର୍ ର୍‍ୟାଙ୍କିଙ୍ଗ୍‌ରେ ଜିମ୍ବାଓ୍ବେ କ୍ୟାପ୍‌ଟେନ୍ ଶୀର୍ଷସ୍ଥାନ ହାସଲ କରିଛନ୍ତି। କଲମ୍ବୋରେ ଓମାନ୍ ବିପକ୍ଷ ଚଳିତ ବିଶ୍ୱକପ୍‌ରେ ବ୍ୟାଟ୍ ଏବଂ ବଲ୍‌ରେ ଉନ୍ନତ ଯୋଗଦାନ ଫଳରେ ତାଙ୍କୁ ଏହି ସୁଧାର ମିଳିଛି।

## ଆଜି ନାମ୍ବିୟାକୁ ଭେଟିବ ଭାରତ

# ଚର୍ଚ୍ଚାର କେନ୍ଦ୍ରରେ ଅଭିଷେକ, ବୁମ୍‌ରା ଓ ଓ୍ବାଶିଂଟନ୍




**ନୂଆଦିଲ୍ଲୀ,୧୧।୨/ଏଜେନ୍ସି:** ଚଳିତ ଟି-୨୦ ବିଶ୍ୱକପ୍‌ରେ ଭାରତ ନିଜର ଦ୍ୱିତୀୟ ଗ୍ରୁପ୍ ମ୍ୟାଚ୍‌ରେ ଗୁରୁବାର ସ୍ଥାନୀୟ ଅରୁଣ ଜେଟ୍‌ଲି ଷ୍ଟାଡିୟମ୍‌ରେ ନାମ୍ବିୟାକୁ ଭେଟିବ। ଏହି ଗ୍ରାଉଣ୍ଡରେ ନେଦରଲାଣ୍ଡସ ବିପକ୍ଷରେ ନାମ୍ବିୟା ମାତ୍ର ୧୫୬ ରନ୍ କରିପାରିଥିଲା ଏବଂ ନେଦରଲାଣ୍ଡସଠାରୁ ପରାଜିତ ହୋଇଥିଲା। ତେବେ ଆସନ୍ତାକାଲି ଟିମ୍ ଆଘାତ ସମସ୍ୟାରେ ସଂଘର୍ଷ କରୁଥିବା ଭାରତୀୟ ଟିମ୍ ବିପକ୍ଷରେ ନିଜ ଛାପ ଛାଡ଼ିବାକୁ ଚାହିଁ। ଏହି ମ୍ୟାଚ୍ ପୂର୍ବରୁ ଅଭିଷେକ ଶର୍ମା, ଜସ୍‌ପ୍ରୀତ୍ ବୁମ୍‌ରା ଏବଂ ଓ୍ବାଶିଂଟନ୍ ସୁନ୍ଦର ଚର୍ଚ୍ଚାର କେନ୍ଦ୍ରରେ ରହିଛନ୍ତି। ବୁମ୍‌ରା ଅସୁସ୍ଥତା କାରଣରୁ ଆମେରିକା ବିପକ୍ଷ ପ୍ରଥମ ମ୍ୟାଚ୍ ଖେଳିପାରି ନଥିଲେ। କିନ୍ତୁ ମଙ୍ଗଳବାର ସେ ଅଭ୍ୟାସ କରିଥିବା ଦେଖିବାକୁ ମିଳିଥିଲା। ନ୍ୟୁଜିଲାଣ୍ଡ ବିପକ୍ଷରେ ଆହତ ହୋଇଥିବା ଓ୍ବାଶିଂଟନ୍ ସୁନ୍ଦର ପ୍ରଥମ ମ୍ୟାଚ୍ ପରେ ଦିଲ୍ଲୀରେ ଟିମ୍ ସହିତ ଯୋଗ ଦେଇଛନ୍ତି ଏବଂ ମଙ୍ଗଳବାର ଅଭ୍ୟାସ ମଧ୍ୟ କରିଥିଲେ। ଭାରତୀୟ ଓପ୍ନର୍ ଅଭିଷେକ ଶର୍ମା ହସ୍ପିଟାଲ୍‌ରୁ ଛୁଟି ପାଇଥିଲେ ମଧ୍ୟ ତାଙ୍କ ଖେଳିବା ଉପରେ ଅନ୍ତିମ ନିଷ୍ପତ୍ତି ବାକି ରହିଛି। ଅବଶ୍ୟ ଭାରତ ନିକଟରେ ଏବେ ବି ଏକ ଶକ୍ତିଶାଳୀ ବ୍ୟାଟିଂ ଲାଇନ୍‌ଅପ୍ ରହିଛି। ଏହାକୁ ସମ୍ମୁଖୀନ ହେବ ନାମ୍ବିୟା ପାଇଁ ଏତେ ସହଜ ନୁହେଁ।

ମୁମ୍ବାଇରେ ଆମେରିକା ବିପକ୍ଷରେ ଭାରତୀୟ ଟିମ୍ ସଂଘର୍ଷ କରୁଥିବା ବେଳେ କ୍ୟାପ୍‌ଟେନ୍ ସୂର୍ଯ୍ୟକୁମାର ଯାଦବ ଅର୍ଦ୍ଧଶତକୀୟ ଇନିଂସ୍ ବଳରେ ଟିମ୍‌କୁ ଏକ ମ୍ୟାଚ୍ ବିଜୟୀ ସ୍କୋର୍‌ରେ ପହଞ୍ଚାଇଥିଲେ। ୨୦୨୫ରେ ଗୋଟିଏ ବି ଅର୍ଦ୍ଧଶତକୀୟ ଇନିଂସ୍ ଖେଳିପାରି ନଥିବା ସୂର୍ଯ୍ୟକୁମାର ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ୍‌ରେ ଲୟ ଫେରିପାଇଥିଲେ। ସେ ଏହି ଫର୍ମାଟ୍‌ରେ ସର୍ବାଧିକ ପ୍ଲେୟର୍ ଅଫ୍ ଦି ପୁରସ୍କାର ଜିତିଛନ୍ତି ଏବଂ ବିରାଟ କୋହଲିଙ୍କୁ ୧୬ ରେକର୍ଡକୁ ପଛରେ ପକାଇଛନ୍ତି।

ଅନ୍ୟପକ୍ଷରେ ନାମ୍ବିୟା ବର୍ଣ୍ଣାର୍ଡ ସ୍କଟ୍‌ଜଙ୍କଠାରୁ ନେଦରଲାଣ୍ଡସ ବିପକ୍ଷ ପ୍ରଦର୍ଶନ ପରି ପ୍ରଦର୍ଶନ ଆଶା କରିବ। ୧୫୬ ରନ୍‌ର ସ୍କୋର୍‌କୁ ଡିଫେଣ୍ଡ କରିବା ଅବସରରେ ଏହି ବାମହାତୀ ସ୍ପିନର୍ ଓପ୍ନର୍ ମ୍ୟାକ୍ସ ଓ'ଡାଉଡ୍‌ଙ୍କ ଓ୍ବିକେଟ୍ ହାସଲ କରିବା ସହିତ ଚାରି ଓଭର୍‌ରେ ମାତ୍ର ୨୭ ରନ୍ ବ୍ୟୟ କରିଥିଲେ।

## ବୁମ୍‌ରାଙ୍କ ବଲ୍‌ରେ ଈଶାନ୍ ଆହତ

ନାମ୍ବିୟା ବିପକ୍ଷ ଟି-୨୦ ବିଶ୍ୱକପ୍ ମ୍ୟାଚ୍ ପୂର୍ବରୁ ଟିମ୍ ଇଣ୍ଡିଆ ପାଇଁ ଭଲ ଖବର ସହିତ ଏକ ଖରାପ ଖବର ବି ମିଳିଛି। ଅଭିଷେକ ଶର୍ମା ଠିକ୍ ହୋଇସାରିଥିବା ବେଳେ ଈଶାନ୍ କିଶନ୍ ଆହତ ହୋଇଛନ୍ତି। ଭାରତୀୟ ଟିମ୍‌ର ଟ୍ରେନିଂ ସେସନ୍‌ରେ ଜସ୍‌ପ୍ରୀତ୍ ବୁମ୍‌ରାଙ୍କ ବଲ୍‌ରେ ବ୍ୟାଟିଂ କରୁଥିବା ବେଳେ ଈଶାନ୍ ଆହତ ହୋଇଛନ୍ତି। ତେବେ ତାଙ୍କ ଆଘାତ କେତେ ଗୁରୁତର ତାହା ଏବେ ଜଣାପଡ଼ି ନାହିଁ। ଈଶାନ୍‌ଙ୍କୁ ଆଘାତ ଲାଗିବା ମାତ୍ରେ ଫିଜିଓ ପଡ଼ିଆକୁ ଆସିଥିଲେ। ତେବେ କିଛି ସମୟ ପରେ ସେ ୫ ମିନିଟ୍ ପର୍ଯ୍ୟନ୍ତ ବ୍ୟାଟିଂ କରିଥିଲେ। ଶେଷରେ ଈଶାନ୍ ଫିଟ୍ ଥିବା ଦେଖିବାକୁ ମିଳିଥିଲା। ଟ୍ରେନିଂ ସେସନ୍‌ରେ ଭାରତୀୟ ଟିମ୍‌ର ସମସ୍ତ ଖେଳାଳି ଭାଗ ନେଇଥିବା ବେଳେ ମହମ୍ମଦ ସିରାଜ୍, ଅକ୍ଷର ପଟେଲ୍, ହାର୍ଦ୍ଦିକ ପାଣ୍ଡ୍ୟା, ଅର୍ଶଦୀପ୍ ସିଂହ ଏବଂ ଶିଭମ୍ ଦୁବେ ସାମିଲ ନଥିଲେ।

# ଆର୍‌ସିବିକୁ ଷ୍ଟାଡିୟମ୍ ଦେଲାନି ମୁମ୍ବାଇ ଇଣ୍ଡିଆନ୍ସ

**ମୁମ୍ବାଇ,୧୧।୨/ଏଜେନ୍ସି:** ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଆଇପିଏଲ୍ ୨୦୨୬ ସିଜନ୍‌ରେ ନଭି ମୁମ୍ବାଇର ଡିଓ୍ବାଇ ପାଟିଲ୍ ଷ୍ଟାଡିୟମ୍‌କୁ ନିଜର ହୋମ୍ ଗ୍ରାଉଣ୍ଡ କରିପାରିବ ନାହିଁ। ମୁମ୍ବାଇ ଇଣ୍ଡିଆନ୍ସ ଏହି ଷ୍ଟାଡିୟମ୍‌ର ବ୍ୟବହାର ପାଇଁ ଆବଶ୍ୟକ ମଞ୍ଜୁରୀ ଦେବାକୁ ମନା କରିଦେଇଛି। ଟାଇମ୍ସ ଅଫ୍ ଇଣ୍ଡିଆ ରିପୋର୍ଟ ଅନୁସାରେ ଆର୍‌ସିବିକୁ ମୁମ୍ବାଇ ଇଣ୍ଡିଆନ୍ସ ଆବଶ୍ୟକ ନୋ-ଅବ୍‌ଜେକ୍‌ସନ୍ ସାର୍ଟିଫିକେଟ୍ (ଏନ୍‌ଓସି) ଜାରୀ କରିନାହିଁ। ଫଳରେ ଏହି ବିକଳ୍ପ ପ୍ରାୟତଃ ଶେଷ ହୋଇଛି। ଯଦି କୌଣସି ଫ୍ରାଞ୍ଚାଇଜି ଅନ୍ୟ ଫ୍ରାଞ୍ଚାଇଜିର ହୋମ୍ ଗ୍ରାଉଣ୍ଡ ନିକଟରେ ନିଜର ହୋମ୍ ବେସ୍ କରିବାକୁ ଚାହେଁ, ତେବେ ତାକୁ ସେହି ଫ୍ରାଞ୍ଚାଇଜି ଠାରୁ ମଞ୍ଜୁରୀ ନେବାକୁ ହୋଇଥାଏ। ଓ୍ବାଙ୍ଖେଡେ ଷ୍ଟାଡିୟମ୍ ଏବଂ ଡିଓ୍ବାଇ ପାଟିଲ୍ ଷ୍ଟାଡିୟମ୍ ମଧ୍ୟରେ ଦୂରତା ବେଶୀ ନୁହେଁ। ଯଦି ଡିଓ୍ବାଇ ପାଟିଲ୍‌ରେ କୌଣସି ଫ୍ରାଞ୍ଚାଇଜି ବେସ୍ କରିବାକୁ ଚାହେଁ ତେବେ ଓ୍ବାଙ୍ଖେଡେରେ ଅପରେ୍ କରିଥିବା ଫ୍ରାଞ୍ଚାଇଜିର ଅନୁମତି ନେବା ଜରୁରୀ। ଗତବର୍ଷ ଜୁନ୍ ୪ ତାରିଖରେ ଆର୍‌ସିବିର ବିଜୟ ସମାରୋହ ବେଳେ ହୋଇଥିବା ଦଳାଚକଟାରେ ୧୧ ଲୋକଙ୍କ ମୃତ୍ୟୁ ଘଟିବା ପରେ ରାଜ୍ୟ ସରକାର ବେଙ୍ଗାଲୁରୁ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ବଡ଼ ଆୟୋଜନକୁ କଠୋର ମନୋଭାବ ଆପଣାଇଥିଲେ। ଅବଶ୍ୟ ଚଳିତ ବର୍ଷ ଜାନୁଆରୀ ୧୭ରେ କର୍ଣ୍ଣାଟକ ରାଜ୍ୟ କ୍ରିକେଟ୍ ସଂଘ (କେଏସ୍‌ସିଏ)କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଷ୍ଟାଡିୟମ୍‌ରେ ଆଇପିଏଲ୍ ଏବଂ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ ପାଇଁ ଅନୁମତି ମିଳିଥିଲା। ତେବେ କେତେକ ରିପୋର୍ଟ ଅନୁସାରେ ଆର୍‌ସିବି ସ୍ୱୟଂ ଏବେ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ନିଜର ମ୍ୟାଚ୍ କରାଇବାକୁ ଚାହୁଁନାହିଁ। ଏହି କାରଣରୁ ଆଇପିଏଲ୍ ୨୦୨୬ ପାଇଁ ଆର୍‌ସିବି ମ୍ୟାଚ୍ ଆୟୋଜନ ପାଇଁ ଗ୍ରାଉଣ୍ଡର୍ ସନ୍ଧାନରେ ରହିଛି।

ଆର୍‌ସିବି ଏହି କ୍ରମରେ ଗତମାସରେ ଛତିଶଗଡ଼ ସରକାରଙ୍କ ସହ ରାୟପୁରରେ ଅତିକମ୍‌ରେ ଦୁଇଟି ହୋମ୍ ମ୍ୟାଚ୍ କରାଇବା ପାଇଁ କଥାବାର୍ତ୍ତା କରିଥିଲା। ଡିଓ୍ବାଇ ପାଟିଲ୍ ଷ୍ଟାଡିୟମ୍ ନମିଳିବା ପରେ ଏବେ ଇନ୍ଦୋର ବାକି ପାଞ୍ଚ ମ୍ୟାଚ୍‌ର ଆୟୋଜନ ପାଇଁ ଶକ୍ତିଶାଳୀ ବିକଳ୍ପ ଭାବେ ଉଭା ହୋଇଛି।

# ୬୦୦ ବିଜୟରେ ମାରିନ୍ ସିଲିଚ୍ ଦ୍ୱିତୀୟ ସକ୍ରିୟ ଖେଳାଳି



**ଡଲାସ୍,୧୧।୨/ଏଜେନ୍ସି:** ମଙ୍ଗଳବାର ନେକ୍ସୋ ଡଲାସ୍ ଓପନ୍‌ରେ ଲର୍ନର୍ ଟିଏନ୍‌ଙ୍କୁ ହରାଇବା ପରେ ମାରିନ୍ ସିଲିଚ୍ ୬୦୦ ଟୁର୍-ଲେଭଲ୍ ବିଜୟରେ ବିଶ୍ୱର ଦ୍ୱିତୀୟ ସକ୍ରିୟ ଖେଳାଳି ହୋଇଛନ୍ତି। ୩୭ ବର୍ଷୀୟ କ୍ରୋଏସିଆ ଖେଳାଳି ଏହି ମାମଲାରେ କେବଳ ନୋଭାକ୍ ଜୋକୋଭିଚ୍ (୧୧୬୮ ବିଜୟ)ଙ୍କ ପଛରେ ରହିଛନ୍ତି। ନିଜର ୬୦୦ ଟୁର୍-ଲେଭଲ୍ ବିଜୟ ହାସଲ କରି ସିଲିଚ୍ ସର୍ବାଧିକ ବିଜୟ ହାସଲକାରୀ କ୍ରୋଏସିଆ ଖେଳାଳି ହୋଇଛନ୍ତି। ଏହି ମାମଲାରେ ସେ ପୂର୍ବତନ ବିଶ୍ୱ ନମ୍ବର-୧ ଗୋରାନ୍ ଇଭାନିସୋଭିଚ୍‌ଙ୍କୁ ପଛରେ ପକାଇ ଦେଇଛନ୍ତି। ଇଭାନିସୋଭିଚ୍‌ଙ୍କ ନାମରେ ୫୯୯ ବିଜୟ ରହିଛି। ୨୦୧୪ ସିଲିଚ୍‌ଙ୍କ କ୍ୟାରିୟର୍‌ର ସ୍ମରଣୀୟ ବର୍ଷ ଥିଲା। ସେହିପରି ୟୁଏସ୍ ଓପନ୍ ଫାଇନାଲ୍‌ରେ ଜାପାନର କେଇ ନିଶିକୋରୀଙ୍କୁ ହରାଇ ପ୍ରଥମ ଗ୍ରାଣ୍ଡସ୍ଲାମ (ବଡ଼ ଟ୍ରଫି) ଜିତିଥିଲେ। ଏହା ପୂର୍ବରୁ ସେମିଫାଇନାଲ୍‌ରେ ସେ ପାଞ୍ଚ ଥରର ଚାମ୍ପିଅନ୍ ରୋଜର୍ ଫେଡେରର୍‌ଙ୍କୁ ହରାଇଥିଲେ। ଏହି ବିଜୟ ଫେଡେରର୍‌ଙ୍କ ବିପକ୍ଷ ୧୧ ଏଟିପି ମ୍ୟାଚ୍‌ରେ ତାଙ୍କର ପ୍ରଥମ ବିଜୟ ଥିଲା।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra